ପୃଷ୍ଠା–୮+୮

48

# ଧରିତ୍ରୀ
DHARITRI

୪୮

ସମ୍ବଲପୁର, ମଙ୍ଗଳବାର, ନଭେମ୍ବର ୩୦/୨୦୨୧ (୮+୮=୧୬ ପୃଷ୍ଠା) | Sambalpur, Tuesday, November 30/2021 | ★★

୧୭ଶ ଭାଗ ୩୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ବିବେକଙ୍କ ପାଇଁ ୟୁଥ୍ ଅଲିମ୍ପିକ୍ସ ସ୍ମରଣୀୟ**

ଅନ୍ତର୍ଜାତୀୟ ହକିରେ ୟୁଥ୍ ଅଲିମ୍ପିକ୍ସ ମୋ ପାଇଁ ସ୍ମରଣୀୟ ଟୁର୍ନାମେଣ୍ଟ ବୋଲି ଭାରତୀୟ ଜୁନିୟର ହକି ଅଧିନାୟକ ବିବେକ ସାଗର ପ୍ରସାଦ କହିଛନ୍ତି।

୦୮

୦୭

**'ରନ୍‌ୱେ ୩୪'ରେ ଅଜୟ୍ ଦେବଗନ**

'ରନ୍‌ୱେ ୩୪'ରେ ନଜର ଆସିବେ ବଲିଉଡ୍ ଅଭିନେତା ଅଜୟ ଦେବଗନ। ବିଗ୍ ବି ଅମିତାଭ ବଚ୍ଚନ ଫିଲ୍ମର ପୋଷ୍ଟର ସୋସିଆଲ ମିଡିଆରେ ଶେୟାର କରିଛନ୍ତି।



# ବିଟ୍ କଏନ୍‌କୁ ମୁଦ୍ରା ମାନ୍ୟତା ନେଇ ପ୍ରସ୍ତାବ ନାହିଁ

**ନୂଆଦିଲ୍ଲୀ,୨୯।୧୧**



ଭର୍ଚୁଆଲ କରେନ୍ସି ବିଟ୍ କଏନକୁ ଦେଶ ମଧ୍ୟରେ ମୁଦ୍ରା ଭାବେ ମାନ୍ୟତା ଦେବାର ପ୍ରସ୍ତାବ ନାହିଁ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ଲୋକ ସଭାରେ ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ବିଟ୍ କଏନ ନେଣଦେଣ ସମ୍ପର୍କିତ ଡାଟା ସରକାର ସଂଗ୍ରହକରୁ ନ ଥିବା ମଧ୍ୟ ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ସରକାର କ୍ରିପ୍ଟୋକରେନ୍ସି ଆଣ୍ଡ ରେଗୁଲେଶନ ଅଫ୍ ଅଫିସିଆଲ ଡିଜିଟାଲ କରେନ୍ସି ବିଲ୍ ୨୦୨୧କୁ ଚଳିତ ଶୀତ ଅଧିବେଶନରେ ଉପସ୍ଥାପନ କରିବାର ଯୋଜନା ରଖିଛନ୍ତି। ଏହାଦ୍ୱାରା ଘରୋଇ କ୍ରିପ୍ଟୋକରେନ୍ସିକୁ ନିଷେଧ କରାଯିବା ପ୍ରସ୍ତାବ ରଖାଯାଇଛି। ଆର୍‌ବିଆଇ ଦ୍ୱାରା ଅଫିସିଆଲ ଡିଜିଟାଲ କରେନ୍ସିକୁ ଅନୁମତି ଦିଆଯିବ ବୋଲି ଜୋରଦାର ଚର୍ଚ୍ଚା ହେଉଛି। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସୀତାରାମନ କହିଛନ୍ତି, ଚଳିତ ଆର୍ଥିକ ବର୍ଷ ଏପ୍ରିଲ–ସେପ୍ଟେମ୍ବର ଅବଧିରେ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକ ୨.୨୯ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଖର୍ଚ୍ଚ କରିଛନ୍ତି। ଏହା ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୪୧%।

ଜାତୀୟ ଭିତ୍ତିଭୂମି ପାଇପ୍‌ଲାଇନରେ ଆଗାମୀ ୨୦୨୫ ସୁଦ୍ଧା ୧୦୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ଯୋଜନା ରଖାଯାଇଛି। ଏହାଦ୍ୱାରା ଦେଶ ମଧ୍ୟରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ସୁବିଧା ଯୋଗାଣ ଲକ୍ଷ୍ୟ ରହିଛି। ଏଥିରେ ୬,୮୩୫ ପ୍ରକଳ୍ପ ଆରମ୍ଭ କରାଯାଇଛି। ପ୍ରାୟ ୩୪ କ୍ଷେତ୍ରର ୯ ହଜାର ପ୍ରକଳ୍ପକୁ ଏହାକୁ ସମ୍ପ୍ରସାରଣ ଲକ୍ଷ୍ୟ ରଖାଯାଇଛି। ସେହିଭଳି ଗତି ଶକ୍ତି ଯୋଜନା ଦ୍ୱାରା ଦେଶର ବିଭିନ୍ନ ପ୍ରାନ୍ତକୁ ସଂଯୋଗ ବ୍ୟବସ୍ଥା କରାଯାଇଛି। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** | **ଓମିକ୍ରନ୍**

# ବିନା ଆଲୋଚନାରେ ପାରିତକୁ ବିରୋଧ

**କୃଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଗତ ବର୍ଷ ୩ ନୂଆ କୃଷି ଆଇନ ଆଣିଥିଲେ। ହେଲେ ଏହା କୃଷକ ବିରୋଧୀ ବୋଲି ଦର୍ଶାଇ ବିଭିନ୍ନ ଚାଷୀ ସଂଗଠନ ସମେତ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଆନ୍ଦୋଳନ ଲାଗି ରହିଥିଲା। ବର୍ଷକରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରତିବାଦ ଜାରି ରହିବା ସହ ପ୍ରାୟ ୭୫୦ କୃଷକ ପ୍ରାଣ ମଧ୍ୟ ହରାଇଲେ। ଏପରି କି ଏହି ବିରୋଧ ଏବଂ ଆନ୍ଦୋଳନର ପ୍ରଭାବ କିଛି ରାଜ୍ୟରେ ହୋଇଥିବା ଉପନିର୍ବାଚନ ଫଳାଫଳରେ ମଧ୍ୟ ଦେଖିବାକୁ ମିଳିଥିଲା। ତେଣୁ ଶେଷରେ ବାଧ୍ୟ ହୋଇ କେନ୍ଦ୍ର ସରକାର ସୋମବାର କୃଷି ଆଇନ ରଦ୍ଦ ବିଲ୍‌କୁ ସଂସଦରେ ପାରିତ କରିଛନ୍ତି। ଏବେ ରାଷ୍ଟ୍ରପତିଙ୍କ ମୋହରକୁ ଅପେକ୍ଷା।**

## କୃଷି ଆଇନ ରଦ୍ଦ ବିଲ୍ ଗୃହୀତ




**ନୂଆଦିଲ୍ଲୀ, ୨୯।୧୧**

ପାର୍ଲାମେଣ୍ଟର ଶୀତ ଅଧିବେଶନ ପ୍ରଥମ ଦିନରେ ୩ କୃଷି ଆଇନ ରଦ୍ଦ ଲାଗି ସରକାର ଆଣିଥିବା ବିଲ୍ ବିନା ଆଲୋଚନାରେ ଗୃହୀତ ହୋଇଛି। ଗତ ୨୪ ତାରିଖରେ କେନ୍ଦ୍ର କ୍ୟାବିନେଟରେ ଏହି ବିଲ୍ ମଞ୍ଜୁରୀ ପାଇଥିଲା। ସୋମବାର ଲୋକ ସଭାରେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କୃଷି ଆଇନ ରଦ୍ଦ ବିଲ୍ ୨୦୨୧ ଉପସ୍ଥାପନ କରିଥିଲେ। ଏହା ଉପରେ ଆଲୋଚନା ପାଇଁ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଦାବି କରିଥିଲେ ହେଁ ବାଚସ୍ପତି ଓମ୍ ବିର୍ଲା ଏଥିପାଇଁ ଅନୁମତି ଦେଇ ନ ଥିଲେ। ତିନି ବିବାଦୀୟ କୃଷି ଆଇନ– ଚାଷୀଙ୍କ ଉତ୍ପାଦିତ ସାମଗ୍ରୀର ବ୍ୟବସାୟ ଓ ବାଣିଜ୍ୟ (ପ୍ରୋତ୍ସାହନ ଓ ସରଳୀକରଣ) ଆଇନ, ୨୦୨୦, ଚାଷୀ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟ ପ୍ରତିଶ୍ରୁତି ଚୁକ୍ତି, କୃଷି ସେବା ଆଇନ, ୨୦୨୦ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ଆଇନ,୨୦୨୦ ରଦ୍ଦ ଲାଗି ଗୋଟିଏ ବିଲ୍ ଆଗତ କରାଯାଇଥିଲା। ବିରୋଧୀ ଦଳଗୁଡ଼ିକ ପକ୍ଷରୁ ପ୍ରବଳ ହଟ୍ଟଗୋଳ ସତ୍ତ୍ୱେ ବାଚନିକ ଭୋଟରେ ଏହାକୁ ପାରିତ କରାଯାଇଥିଲା। ପରେ ତୋମାର ଉକ୍ତ ବିଲ୍‌କୁ ରାଜ୍ୟ ସଭାରେ ଆଗତ କରିଥିଲେ। ଏହା ଗୃହୀତ ହେବା ☞ପୃଷ୍ଠା–୪

## ରାଜ୍ୟ ସଭାର ୧୨ ବିରୋଧୀ ସଦସ୍ୟ ନିଲମ୍ବିତ

**ନୂଆଦିଲ୍ଲୀ, ୨୯।୧୧**

ପାର୍ଲାମେଣ୍ଟର ଗତ ମୌସୁମୀ ଅଧିବେଶନର ଶେଷ ଦିନରେ ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ କୃଷି ଆଇନକୁ ବିରୋଧ କରି ପ୍ରବଳ ହଟ୍ଟଗୋଳ କରିବା ସହ ଗୃହ କାର୍ଯ୍ୟ ଚଳାଇ ଦେଇ ନ ଥିଲେ। ଖରାପ ବ୍ୟବହାର ଓ ବିଶୃଙ୍ଖଳିତ ଆଚରଣ ଲାଗି ରାଜ୍ୟ ସଭାର ୧୨ବିରୋଧୀ ଦଳ ସଦସ୍ୟଙ୍କୁ ମଙ୍ଗଳବାରଠାରୁ ଚଳିତ ଶୀତ ଅଧିବେଶନର ଅନ୍ୟ ସମସ୍ତ ଦିବସ ପାଇଁ ଗୃହରୁ ନିଲମ୍ବିତ କରାଯାଇଛି। ଏଥିରେ କଂଗ୍ରେସର ୬ ଜଣ, ଟିଏମ୍‌ସି ଏବଂ ଶିବସେନାରୁ ୨ଜଣ ଲେଖାଏ, ସିପିଆଇ ଏବଂ ସିପିଏମ୍‌ରୁ ଜଣେ ଲେଖାଏ ସଦସ୍ୟ ନିଲମ୍ବିତ ହୋଇଛନ୍ତି। ସେମାନେ ହେଲେ ☞ପୃଷ୍ଠା–୪

## ସରକାର ଭୟଭୀତ: ରାହୁଲ

**ନୂଆଦିଲ୍ଲୀ, ୨୯।୧୧**



ବିନା ଆଲୋଚନାରେ କୃଷି ଆଇନ ରଦ୍ଦ ବିଲ୍ ସୋମବାର ପାର୍ଲାମେଣ୍ଟରେ ଗୃହୀତ ହୋଇଯାଇଛି। ସରକାର ନିଜ ଭୁଲ୍ ବୁଝିବା ପରେ ଆଲୋଚନା ପାଇଁ ଭୟଭୀତ ଥିବା ଏଥିରୁ ସ୍ପଷ୍ଟ ହୋଇଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। କୃଷକ ଓ ଶ୍ରମିକମାନଙ୍କ ମିଳିତ ଶକ୍ତି ଆଗରେ ୩/୪ ଜଣ ପୁଞ୍ଜିପତିଙ୍କ ଶକ୍ତି ଟିକି ପାରିବ ନାହିଁ ଏବଂ ସରକାର ଆଇନକୁ ପ୍ରତ୍ୟାହାର କରିନେବାକୁ ବାଧ୍ୟ ହେବେ, ଏହା ପୂର୍ବରୁ ☞ପୃଷ୍ଠା–୪




# ଡେଲ୍ଟାଠୁ ୬ଗୁଣ ସଂକ୍ରାମକ ଓମିକ୍ରନ୍



**ହାଇଦାବାଦ, ୨୯।୧୧**

ସମଗ୍ର ବିଶ୍ୱକୁ ଡରାଇଥିବା କୋଭିଡ୍ ନୂଆ ଭାରିଆଣ୍ଟ ବି.୧.୧.୫୨୯ ବା 'ଓମିକ୍ରନ' ଦ୍ୱିତୀୟ ଲହରରେ ଆସିଥିବା 'ଡେଲ୍ଟା' ଭାରିଆଣ୍ଟଠାରୁ ୬ଗୁଣା ଅଧିକ ସଂକ୍ରାମକ। ମନୋକ୍ଲୋନାଲ ଆଣ୍ଟିବଡି ଥେରାପି କିମ୍ବା କକ୍‌ଟେଲ୍ ଚିକିତ୍ସା ଓମିକ୍ରନ ସଂକ୍ରମିତଙ୍କଠାରେ ପ୍ରଭାବୀ ହୋଇ ନ ପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ରୋଗ ପ୍ରତିରୋଧକ ଶକ୍ତିଠାରୁ ଏହା ଅଧିକ ପ୍ରଭବୀ। ଏହା ଭାକ୍ସିନ ବ୍ରେକ୍‌ଥ୍ରୁ ସଂକ୍ରମଣ ଘଟାଇପାରେ। ଡେଲ୍ଟା ପ୍ଲସ୍ ଉପରେ ଟିକାର ପ୍ରଭାବ ଅପେକ୍ଷାକୃତ କମ୍ ରହିଥିଲା। ଆଇଜିଆଇବିର ବିଶେଷଜ୍ଞ ମର୍ସି ରୋଫିନାଙ୍କ ଅନୁସାରେ, ଓମିକ୍ରନରେ ୩୨ ସ୍ପାଇକ୍ ସହ ମୋଟ ୫୩ ପ୍ରକାର ଭାରିଆଣ୍ଟ ରହିଛି। ସେଥିରୁ ଅଧିକାଂଶ ଭାରିଆଣ୍ଟ ରୋଗ ପ୍ରତିରୋଧକ ଶକ୍ତିକୁ ପ୍ରତିହତ କରିବାରେ ସକ୍ଷମ ବୋଲି ସେ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ଇସ୍ରାଏଲରେ ଚିହ୍ନଟ ଜଣେ ଓମିକ୍ରନ ସଂକ୍ରମିତ ପୂର୍ବରୁ ଟିକାର ସମସ୍ତ ଡୋଜ୍ ସମେତ ବୁଷ୍ଟର ଡୋଜ୍ ମଧ୍ୟ ନେଇଥିଲେ ବୋଲି ଜଣାପଡ଼ିଛି।

## 'ନେଗେଟିଭ ସତ୍ତ୍ୱେ ୭ଦିନ କ୍ୱାରାଣ୍ଟାଇନ'

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

### ୧୯୭ କରୋନା ଆକ୍ରାନ୍ତ ଚିହ୍ନଟ

ଓମିକ୍ରନ୍‌କୁ ନେଇ ଓଡ଼ିଶାରେ ମଧ୍ୟ ଭୟ ଘାରିଲାଣି। ଏହା ଉପରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ପ୍ରତିକ୍ରିୟା ରଖି କହିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହୁଛି ନୂଆ ଭାରିଆଣ୍ଟ ଉପରେ ଅଧିକ ଷ୍ଟଡିର ଆବଶ୍ୟକତା ରହିଛି। ଏହାର ସଂକ୍ରମଣ କରିବା, ରୋଗ କରିପାରିବା ଏବଂ ଭାକ୍ସିନ ଏହାକୁ ମୁକାବିଲା କରିବାରେ କେତେ କ୍ଷମତା ରଖିଛି, ଏପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଭାବରେ ତଥ୍ୟ ନାହିଁ। ଏନେଇ ପରୀକ୍ଷା ନିରୀକ୍ଷା ଚାଲିଛି। ଯେହେତୁ ଖବର ଆସୁଛି, ଏହା ଗୋଟିଏ ନୂଆ ଭାରିଆଣ୍ଟ ଓ ୧୩ରୁ ଅଧିକ ମ୍ୟୁଟେଶନ ରହିଛି ତେଣୁ ସମସ୍ତେ ସତର୍କ ରହିବା ଦରକାର। ସେ ଆହୁରି କହିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରବିବାର ଭାରିଏଣ୍ଟ ଅଫ୍ କନସର୍ନ ଘୋଷଣା କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହୁଛି ମ୍ୟୁଟେଶନ ପାଇଁ ଅଧିକ ସମୟ ଦରକାର, ସମସ୍ତେ ସତର୍କ ରୁହନ୍ତୁ ଯେମିତି ସ୍ପ୍ରେଡ ନ କରିବ। ଯେଉଁମାନେ ବିଦେଶରୁ ଆସିବେ ସେମାନେ ନେଗେଟିଭ ସାର୍ଟିଫିକେଟ ଆଣିବେ। ଏୟାରପୋର୍ଟରେ ତାଙ୍କର ଟେଷ୍ଟ ହେବ। ନେଗେଟିଭ ଆସିଲେ ବି ସାତଦିନ କ୍ୱାରାଣ୍ଟାଇନରେ ରହିବା ବାଧ୍ୟତାମୂଳକ। ଏୟାରପୋର୍ଟ ଅଥରିଟିଙ୍କୁ ଆମେ ସବୁଦିନେ ବିଦେଶରୁ ଆସୁଥିବା ଲୋକଙ୍କ ତାଲିକା ମାଗୁଛୁ। ପଜିଟିଭ୍ ଆସିଲେ ଜିନୋମ ସ୍ୱିକ୍ୱେନ୍ସିଂ ପାଇଁ ଯିବ। ତେବେ ଟିକାକରଣ ହେଉଛି ବଡ଼ ଅସ୍ତ୍ର। କମ୍ ସମୟ ଭିତରେ ସମସ୍ତଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯିବ। ଟିକା ହେଉଛି କୋଭିଡ୍ ବିରୋଧରେ ବଡ଼ ଅସ୍ତ୍ର। ଭାଇରସର ମ୍ୟୁଟେଶନ ହେବ, ତେଣୁ ☞ପୃଷ୍ଠା–୪




# ନାର୍କୋଟିକ୍ସ ବିରୋଧରେ କାର୍ଯ୍ୟଶୈଳୀର ସମୀକ୍ଷା




ପୋଲିସ ମୁଖ୍ୟାଳୟରେ ଡିଜିପି ଅଭୟ ଭିଡିଓ କନ୍‌ଫରେନ୍ସରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସମୀକ୍ଷା କରୁଛନ୍ତି।

କଟକ ଅଫିସ,୨୯।୧୧

## ଭିଡିଓ କନ୍‌ଫରେନ୍ସରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଡିଜିପିଙ୍କ ଆଲୋଚନା

ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ କଟକ ବକ୍ସିବଜାରସ୍ଥିତ ପୋଲିସ ମୁଖ୍ୟାଳୟରେ ସୋମବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଜିପି ଅଭୟ ଯୋଗଦେଇ ରାଜ୍ୟର ସମସ୍ତ ଏସ୍‌ପି, ରେଞ୍ଜ ଆଇଜି, ଡିଆଇଜି ଓ କଟକ-ଭୁବନେଶ୍ୱର ଡିସିପିଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରିଥିଲେ। ପ୍ରଥମେ ଅପରାଧ ସମ୍ପର୍କିତ ସର୍କୁଲାର ଅପ୍‌ଡେଟ ଓ ନାର୍କୋଟିକ୍ସ ବିରୋଧରେ କାର୍ଯ୍ୟଶୈଳୀର ସମୀକ୍ଷା କରାଯାଇଥିଲା। ପରେ ଆସନ୍ତା ବିଧାନସଭା ଅଧିବେଶନରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ସେହିପରି ମାଲଖାନା ମଡ୍ୟୁଲ୍ ଓ ଏସ୍‌ଆର୍ ମଡ୍ୟୁଲ୍ ଲାଗୁ, ନ୍ୟାଶନାଲ ଇଣ୍ଟେଲିଜେନ୍ସ ଗ୍ରୀଡ୍ ସମ୍ବନ୍ଧରେ ଉପସ୍ଥାପନା ଏବଂ ସିସିଟିଏନ୍‌ଏସ୍ ମାଧ୍ୟମରେ ଅପରାଧ ସମୀକ୍ଷା କରାଯାଇଥିଲା। ଏଥିସହ ସିଭିଲ୍ ପୋଲିସର ସୁଦୃଢ଼ୀକରଣ, ଓଡ଼ିଶା ପୋଲିସର ଫ୍ୟାମିଲି କ୍ୱାର୍ଟର୍ସ ସ୍ଥାପନ, କାର୍ଯ୍ୟାଳୟର ଆଦେଶ ମୁତାବକ ବଦଳି ତଥା ପଦୋନ୍ନତି ଲାଗୁ, ପୋଲିସ କର୍ମଚାରୀଙ୍କ ଅଭିଯୋଗ, ମେଡାଲ୍ ଅପ୍‌ଡେଟ୍, ପରବର୍ତ୍ତୀ ବରିଷ୍ଠ ପୋଲିସ ଅଫିସର୍ସ ସମ୍ମିଳନୀ ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ ସହକାରୀ ଡ୍ରାଇଭର ଓ କନଷ୍ଟେବଳ ନିଯୁକ୍ତି ସଂକ୍ରାନ୍ତରେ ସମୀକ୍ଷା କରାଯାଇଥିଲା। ବୈଠକରେ କଟକ-ଭୁବନେଶ୍ୱରର ପୋଲିସ କମିଶନର, ରେଳ ବିଭାଗର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ, ଏସ୍‌ସିଆର୍‌ବି ନିର୍ଦ୍ଦେଶକ, ଗୋଇନ୍ଦା ନିର୍ଦ୍ଦେଶକ, ଆଇଜି (ଅପରେଶନ), ଡିଆଇଜି (ଏସ୍.ଆଇ.ଡବ୍ଲ୍ୟୁ), ଡିଆଇଜି. (ଗୋଇନ୍ଦା), ଡିଆଇଜି ଏସ୍‌ଟିଏଫ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ କ୍ରାଇମବ୍ରାଞ୍ଚ ଓ ଆଇଜି କ୍ରାଇମବ୍ରାଞ୍ଚ ପ୍ରମୁଖ ଭିଡିଓ କନଫରେନ୍ସରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା), ଆଇଜି (ମୁଖ୍ୟାଳୟ), ଆଇଜି (ପର୍ସନେଲ୍) ପ୍ରମୁଖ ପୋଲିସ୍ ମୁଖ୍ୟାଳୟରେ ଉପସ୍ଥିତ ଥିଲେ।

# ଧ୍ୱଂସ ହେବ ପାରାଭାଡ଼ି ପାହାଡ଼

■ ଅବଢ଼ା ଯୋଜନା ପାଇଁ ବିପଦରେ ବୌଦ୍ଧ ଐତିହ୍ୟ, କୀର୍ତ୍ତିରାଜି
■ ଖନନ ନିଷ୍ପତ୍ତିକୁ ବିଭିନ୍ନ ମହଲରେ ବିରୋଧ
■ ପୁଣି ଥରେ ହାଇକୋର୍ଟ ଯିବ 'ବୁଦ୍ଧାୟନ'




ଚଣ୍ଡିଖୋଲ,୨୯।୧୧(ଡି.ଏନ.ଏ.)

ରାଜ୍ୟ ସରକାର ଅବଢ଼ା ଯୋଜନାରେ ପୁରୀର ସୌନ୍ଦର୍ଯ୍ୟକରଣ ପାଇଁ ଯାଜପୁର ଜିଲାର ଐତିହାସିକ ପାହାଡ଼ ପାରାଭାଡ଼ିକୁ ଖନନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ବନ୍ଦରେଶ୍ୱର ଓ କେଶରାଇପୁର ଅଞ୍ଚଳରୁ ଏହି ପାହାଡ଼କୁ ଖନନ କରାଯିବ। ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଏହାକୁ ଖନନ କରି ସେହି ପଥର ପୁରୀକୁ ପଠାଇବ। ସେଥିପାଇଁ ଶୁଖୁଆପଡ଼ାର ୧୧୪ଏକର ପରିମିତ ସ୍ଥାନରୁ ପ୍ରାଥମିକ ପର୍ଯ୍ୟାୟରେ ଖନନ କରାଯିବା ପାଇଁ ସ୍ଥିର ହୋଇଛି। ଏଥିପାଇଁ ଓଏମ୍‌ସି ତରଫରୁ ପରିବେଶ ମଞ୍ଜୁରୀ ପାଇଁ ଆବେଦନ କରାଯାଇଛି। ହେଲେ ଖନନକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି।

ବୁଦ୍ଧାୟନର ସଭାପତି ଆଡ଼ଭୋକେଟ୍ ପ୍ରଦୀପ୍ତ କୁମାର ଭୂୟାଁ କହିଛନ୍ତି, ଏହି ପାହାଡ଼ର ଶୀର୍ଷଦେଶରେ ରହିଛି ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ପାରାଭାଡ଼ି ସ୍ତୁପ। ବୌଦ୍ଧ ଯୁଗୀୟ ଏହି ସ୍ତୁପକୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ନିଜ ଅଧୀନକୁ ନେଇଛି। ଏହି ପ୍ରାଚୀନ ବୌଦ୍ଧ ସ୍ତୁପ ଦେଶରେ ବିରଳ। ଯାହାକୁ ନେଇ ଚୀନ ପରିବ୍ରାଜକ ହୁଏନ୍‌ସାଂ ତାଙ୍କ ପୁସ୍ତକରେ ଏହି ସ୍ତୁପ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ସେଥିପାଇଁ ୨୦୦୫ରେ ସମ୍ପୃକ୍ତ ପାହାଡ଼କୁ ଲିଜ୍ ଦିଆଯାଇଥିଲା। ସେହି ଲିଜ୍ ବାତିଲ କରିବା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ବୁଦ୍ଧାୟନ ତରଫରୁ ୨୩।୨।୨୦୦୫ ଓ ୨୯।୦୯।୨୦୦୫ରେ ଦୁଇଟି ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁରର ତତ୍କାଳୀନ ଜିଲାପାଳ ଶାଶ୍ୱତ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ କ୍ଷେତ୍ର ପରିଦର୍ଶନ କରି ପାହାଡ଼ର କୌଣସି ଅଂଶ ଖୋଳାଯାଇ ପାରିବ ନାହିଁ ବୋଲି ରିପୋର୍ଟ ଦେଇଥିଲେ। ପରେ ସମ୍ପୃକ୍ତ ପାହାଡ଼ର କିଛି ଅଂଶକୁ ଦିଆଯାଇଥିବା ଲିଜ୍‌କୁ ବାତିଲ କରାଯାଇଥିଲା। ଏପରି କି ଏହି ପାହାଡ଼ଟି ୩ଟି ରାଜସ୍ୱ ମୌଜାରେ ଅନ୍ତର୍ଭୁକ୍ତ। ଯାଜପୁର ଜିଲାର ବନ୍ଦରେଶ୍ୱର ଓ କେଶରାଇପୁର ଅଞ୍ଚଳରେ ପାହାଡ଼ର ୮୦ଭାଗ ଥିବାବେଳେ କଟକ ଜିଲାର ଲଳିତଗିରି ମୌଜାରେ ପାହାଡ଼ର ୨୦ଭାଗ ରହିଛି। ଏହି ପାହାଡ଼ର ଶୀର୍ଷ ଦେଶରେ ବୌଦ୍ଧ ସ୍ତୁପ ପାରାଭାଡ଼ି ରହିଥିବା ବେଳେ କେଶରାଇପୁର ମୌଜାରେ ହାତୀ ଖାଲ ଭାବେ ପରିଚିତ ଷଷ୍ଠ ଓ ସପ୍ତମ ଶତାବ୍ଦୀର ବୌଦ୍ଧ କିର୍ତ୍ତୀରାଜି ରହିଛି। ଏହା ସହିତ ଓଡ଼ିଶା ପର୍ଯ୍ୟଟନ ବିଭାଗ ଅଧୀନରେ ଲଙ୍ଗୁଳି ମଠ ରହିଛି। ପ୍ରାଚୀନ ଐତିହ୍ୟ କୀର୍ତ୍ତିରାଜି ପୂର୍ଣ୍ଣ ପାହାଡ଼କୁ ଭାରତୀୟ ପ୍ରତ୍ନତତ୍ତ୍ୱବିଭାଗ ନିଜ ଅଧୀନକୁ ନେଇଥିବା ବେଳେ ଏହାର ଉତ୍‌ଖନନ ଆଜି ପର୍ଯ୍ୟନ୍ତ କରାଯାଇନାହିଁ।

ବିଶିଷ୍ଟ ବୌଦ୍ଧ ଗବେଷକ ତଥା ଐତିହାସିକ ଡ. ହରିଶ୍ଚନ୍ଦ୍ର ପୃଷ୍ଟି କୁହନ୍ତି, କେବଳ ପାରାଭାଡ଼ି ଓ ହାତୀଖାଲ ଅଛି ତାହା ନୁହେଁ ଏହି ପାହାଡ଼ରୁ ବହୁ ବୌଦ୍ଧ କିର୍ତ୍ତିରାଜି ଆବିଷ୍କୃତ ହୋଇଛି, ଯାହାକି ଏବେ ବି ମ୍ୟୁଜିୟମରେ ଅଛି। ବୌଦ୍ଧ ଯୁଗୀୟ ମୂର୍ତ୍ତି ଓ ଶିଳାଲେଖ ତନ୍ମଧ୍ୟରୁ ଅନ୍ୟତମ। ସେଥିପାଇଁ ଏହି ପାହାଡ଼ ଖନନ କରାଯାଇ ଯେଉଁ ଖଣ୍ଡୋଲାଇଟ୍ ପଥର ଉତ୍ତୋଳନ ପାଇଁ ଯୋଜନା କରାଯାଇଛି ତାହା ଠିକ୍ ନୁହେଁ। ଏଥିଯୋଗୁ ପାହାଡ଼ଟି ଧ୍ୱଂସ ପାଇବାର ସମ୍ଭାବନା ସୃଷ୍ଟି ହୋଇଛି। ଓଏମ୍‌ସି ତରଫରୁ ବନ୍ଦରେଶ୍ୱର ମୌଜାରୁ ୧୧୪ ଏକର ପରିମିତ ସ୍ଥାନରୁ ପଥର ଖନନ ପାଇଁ ଯୋଜନା କରାଯାଇଥିବା ବେଳେ କେଶରାଇପୁର ମୌଜାର ୪୭ ଏକର ସ୍ଥାନରୁ ପାହାଡ଼ ଖନନ ପାଇଁ ସ୍ଥିର କରାଯାଇଛି। ଯଦି ପାହାଡ଼ ଖନନ ଆରମ୍ଭ କରାଯାଏ ତେବେ ବୁଦ୍ଧାୟନ ପୁଣିଥରେ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ସଭାପତି ଭୂୟାଁ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି। ତେବେ ବୌଦ୍ଧ କୀର୍ତ୍ତିରାଜି ଅଞ୍ଚଳକୁ ଛାଡ଼ି ଅବଶିଷ୍ଟ ଅଂଶରେ ଖନନ କରାଯିବ।













































**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୨୦,୩୦,୪୪୭ | ୫୨,୨୦,୮୨୪ | ୨୩,୬୬,୫୭,୮୧୮ |
| ଭାରତ | ୩,୪୫,୮୦,୮୩୨ | ୪,୬୮,୭୯୦ | ୩,୪୦,୦୮,୧୮୩ |
| ଓଡ଼ିଶା | ୧୦,୪୮,୮୮୦ | ୮୪୦୯(+୫୩) | ୧୦,୩୮,୩୦୬ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




## ସଂକ୍ଷେପରେ

### ଟିକା ନେଇ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

**ଅନୁଗୋଳ ଅଫିସ, ୨୯।୧୧:** ଅନୁଗୋଳ ଜିଲା ଜରପଡ଼ା ଥାନା କଞ୍ଚରାସ୍ଥିତ ଟିକାକରଣ କେନ୍ଦ୍ରରେ ସୋମବାର ପ୍ରଥମ ଡୋଜ୍ ଟିକା ନେଇ ସେହି ଗ୍ରାମର ଦିଗାମ୍ବର ବେହେରା(୬୦)ଙ୍କ ମୃତ୍ୟୁ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରେ ମୃତକଙ୍କ ଜ୍ୱାଇଁ ଜିତୁ ବାରିକ ଦର୍ଶାଇଛନ୍ତି, କଞ୍ଚରା ଗ୍ରାମରେ ହୋଇଥିବା ଟୀକାକରଣ କେନ୍ଦ୍ରକୁ ପୂର୍ବାହ୍ନ ୧୧ଟାରେ ଶ୍ୱଶୁର ଦିଗାମ୍ବର ଟିକା ନେବାକୁ ଯାଇଥିଲେ। ସେଠାରେ ଟିକା ନେବା ପରେ ମାତ୍ର ୫ଶହ ମିଟର ଦୂରରେ ଥିବା ଘରକୁ ଚାଲିକରି ଆସୁଥିଲେ। ତେବେ ଘର ଦୁଆର ମୁହଁରେ ଶ୍ୱଶୁର ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ପରିବାର ଲୋକେ ଟିକାକରଣ କେନ୍ଦ୍ରକୁ ଯୋଗାଯୋଗ କରିବାରୁ ତାଙ୍କୁ ତୁରନ୍ତ ମରାଦିରା ମେଡିକାଲକୁ ନେବା ପାଇଁ ପରାମର୍ଶ ଦିଆଯାଇଥିଲା। ପରିବାର ଲୋକେ ସେଠାକୁ ନେବାପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅନୁଗୋଳରେ ଡାକ୍ତର ଦିଗାମ୍ବରଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ କହିଛନ୍ତି, ଟିକା ନେଇ ମୃତ୍ୟୁ ଅଭିଯୋଗ ଆସିଥିବାରୁ ନିୟମ ଅନୁଯାୟୀ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଯିବ।

### ଆବାସିକ କଲେଜର ୪ ଛାତ୍ର ପଜିଟିଭ୍

**ଢେଙ୍କାନାଳ ଅଫିସ,୨୯।୧୧:** ଢେଙ୍କାନାଳ ସହର କୁଞ୍ଜକାନ୍ତଠାରେ ଥିବା ସାଇକୃପା ଆବାସିକ ମହାବିଦ୍ୟାଳୟର ୪ ଛାତ୍ରୀଛାତ୍ର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏହି ଖବର ମିଳିବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ମହାବିଦ୍ୟାଳୟ ହଷ୍ଟେଲରେ ରହୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ସୋମବାର ଆରଟିପିସିଆର୍ ଟେଷ୍ଟ କରାଯାଇଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। କଲେଜ ପରିଚାଳନା କମିଟି ଅଧକ୍ଷ ଅନ୍ନଦା ମହାନ୍ତି କହିଛନ୍ତି, ହଷ୍ଟେଲରେ ରହୁଥିବା ଅବସ୍ଥାରେ କୌଣସି ଛାତ୍ରୀଛାତ୍ର କରୋନା ଚିହ୍ନଟ ହୋଇନାହାନ୍ତି। ଘରକୁ ଯାଇଥିବା ବେଳେ କେତେଜଣ ଛାତ୍ରୀଛାତ୍ର କୋଭିଡ୍ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ହଷ୍ଟେଲରେ ରହୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ଆର୍‌ଟିପିସିଆର୍ ଟେଷ୍ଟ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର କହିଛନ୍ତି, ସାଇକୃପା କଲେଜର ୪ଜଣ ଛାତ୍ରୀଛାତ୍ର କରୋନା ଚିହ୍ନଟ ହୋଇଥିବା ଜଣାପଡିବା ପରେ ହଷ୍ଟେଲରେ ରହୁଥିବା ଅନ୍ୟମାନଙ୍କ ଆର୍‌ଟିପିସିଆର୍ ଟେଷ୍ଟ କରାଯାଇଛି।

# ଖବରକାଗଜ ବିତରକଙ୍କ ଦାବି ପୂରଣ ହେବ

- ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆଲୋଚନା କଲେ ୫-ଟି ସଚିବ
- ମିଳିବ ସ୍ୱାସ୍ଥ୍ୟବୀମା, ବାସଗୃହ, ଋତୁ ଅନୁକୂଳ ସହାୟତା
- ଗଠନ ହେବ ଖବରକାଗଜ ବିତରକ କଲ୍ୟାଣ ବୋର୍ଡ

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ଖବରକାଗଜ ବିତରକମାନଙ୍କୁ ମିଳିବ ସ୍ୱୀକୃତି। ସେମାନଙ୍କୁ ସାମାଜିକ ସୁରକ୍ଷା ବଳୟକୁ ଅଣାଯିବା ସହ ବାସଗୃହ, ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ଖୁବ୍‌ଶୀଘ୍ର ଏ ସମ୍ପର୍କରେ ବିଧିବଦ୍ଧ ଘୋଷଣା କରାଯିବ। ରାଜ୍ୟ ସରକାର ଏଥିଲାଗି ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଖବରକାଗଜ ବିତରକମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟର ମାନ୍ୟତା ପାଇବାକୁ ଯାଉଛି।

ସୋମବାର ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଖବରକାଗଜ ବିତରକମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ନିମନ୍ତେ ଭୁବନେଶ୍ୱର ଆସିବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ସେମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିତରକମାନେ ସେମାନଙ୍କର ନିର୍ଦ୍ଦିଷ୍ଟ କିଛି ଦାବି ସମ୍ପର୍କରେ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ବିତରକମାନଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ସାମିଲ କରିବା ସହ ସେମାନଙ୍କୁ ପରିଚୟପତ୍ର ପ୍ରଦାନ, ଗୃହହୀନ ବିତରକଙ୍କୁ 'ଆବାସ' ଯୋଜନାରେ ସାମିଲ କରିବା, ସ୍ୱାସ୍ଥ୍ୟବୀମା ଯୋଗାଇଦେବା, ବିଭିନ୍ନ ସ୍ଥାନରେ ଖବରକାଗଜ ମଣ୍ଡିରେ ଶେଡ୍ ନିର୍ମାଣ, ଜିଲା ମୁଖ୍ୟାଳୟ ଓ ରାଜଧାନୀରେ ସଂଘର କାର୍ଯ୍ୟାଳୟ ନିମନ୍ତେ ଜମି ପ୍ରଦାନ ଆଦି ପ୍ରସ୍ତାବ ଦେଇଥିଲେ।

୫-ଟି ସଚିବ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ବିତରକମାନଙ୍କ ପ୍ରତି ସରକାରଙ୍କ ସହାନୁଭୂତି ରହିଛି ଏବଂ ସେମାନଙ୍କର ସମସ୍ତ ଦାବି ସରକାର ଗ୍ରହଣ କରିଛନ୍ତି ବୋଲି ସୂଚନା ଦେଇଥିଲେ। ଦିନେ ଦୁଇଦିନ ମଧ୍ୟରେ ଏ ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ଏବଂ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅନୁରୂପ ଖବରକାଗଜ ବିତରକ କଲ୍ୟାଣ ବୋର୍ଡ ଗଠନ କରାଯାଇ ସେମାନଙ୍କ ସମସ୍ୟା ସମାଧାନ କରାଯିବ ବୋଲି ପାଣ୍ଡିଆନ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସେମାନଙ୍କ ପରିବାରକୁ ମାଗଣା ସ୍ୱାସ୍ଥ୍ୟ ସେବା, ଆବାସ ଯୋଜନାରେ ବାସଗୃହ ଯୋଗାଇ ଦିଆଯିବ। ସବୁ ଜିଲା ଓ ରାଜଧାନୀରେ କାର୍ଯ୍ୟାଳୟ ନିମନ୍ତେ ଜମି, ଖବରକାଗଜ ମଣ୍ଡିରେ ଶେଡ୍ ନିର୍ମାଣ ସହ କୋଭିଡ୍‌ରେ ପ୍ରାଣ ହରାଇଥିବା ବିତରକଙ୍କ ପରିବାରକୁ ଆବଶ୍ୟକ ସହାୟତା ପ୍ରଦାନ କରାଯିବ ବୋଲି ମଧ୍ୟ ଘୋଷଣା କରିଥିଲେ। ରାଜ୍ୟ ସରକାରଙ୍କ ଗଣମାଧ୍ୟମ ଉପଦେଷ୍ଟା ମାନସ ମଙ୍ଗରାଜ ଏହିସବୁ କାର୍ଯ୍ୟକ୍ରମର ସଂଯୋଜନା କରିବେ ବୋଲି ମଧ୍ୟ ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଡି.ଏସ୍.କୁଟ୍ଟେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ରାଜ୍ୟ ହକର୍ ସଂଘର ରାଜ୍ୟ ଉପସଭାପତି ସତ୍ୟ ମହାନ୍ତି କହିଛନ୍ତି, ଆଜି ଆମ ପାଇଁ ଏକ ଐତିହାସିକ ଦିବସ। ହଜାର ହଜାର ହକର୍‌ଙ୍କ ମୌଳିକ ସମସ୍ୟା ଦୂର କରିବା ସହିତ ଜୀବନ ଜୀବିକାକୁ ସୁରକ୍ଷା ଦେବା ପାଇଁ ଦାବି କରି ଆସୁଥିଲୁ। ତାହାକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ସମେତ ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜଙ୍କୁ ଅଶେଷ କୃତଜ୍ଞତା ଜଣାଇଛନ୍ତି। ତେବେ ମଙ୍ଗରାଜ କହିଛନ୍ତି, ରାଜ୍ୟର ହକର୍‌ମାନଙ୍କର ଦୀର୍ଘଦିନର ଦାବିଗୁଡ଼ିକୁ ପୂରଣ ପାଇଁ ଆଜି ହକର୍ ସଂଘର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କର ଦାବିଗୁଡ଼ିକୁ ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱୀକୃତି ପ୍ରଦାନ କରିଛନ୍ତି। ଗଣମାଧ୍ୟମକୁ ସୁଦୃଢ଼ କରିବାରେ ହକର୍‌ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଅଣଦେଖା କରାଯାଇ ପାରିବ ନାହିଁ। ସେମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ସହିତ କାର୍ଯ୍ୟକ୍ଷେତ୍ରରେ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।



**ଶୀତ ଆସିଛି:** କେନ୍ଦୁଝର ସଦର ବ୍ଲକ ଗୁମୁରା ଗାଁରେ ଲୋକେ ନିଆଁ ପୁଇଁ ହେଉଛନ୍ତି।

### ପ୍ରେସ୍ ଗ୍ୟାଲେରିକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅନୁମତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନରସିଂହ

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

କୋଭିଡ୍ କଟକଣା ଯୋଗୁ ପ୍ରାୟ ୨ ବର୍ଷ ହେବ ବିଧାନସଭା ଭିତରେ ଥିବା ପ୍ରେସ୍ ଗ୍ୟାଲେରିକୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବାରଣ କରାଯାଇଛି। ଏହି ପ୍ରସଙ୍ଗକୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସୋମବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଉଠାଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶ ଅନୁମତି ଦେବାକୁ ଅନୁରୋଧ କରିଥିଲେ। ମାତ୍ର ତାଙ୍କର ଏହି ଅନୁରୋଧକୁ ବାଚସ୍ପତି ଗ୍ରହଣ କରିନାହାନ୍ତି। ଏ ନେଇ ନରସିଂହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ସେ ଚିଠିରେ ଦର୍ଶାଇଛନ୍ତି ଯେ ଗଣମାଧ୍ୟମ ଚତୁର୍ଥ ସ୍ତମ୍ଭ ବୋଲି ସମ୍ବିଧାନରେ ଉଲ୍ଲେଖ କରାଯାଇଛି। ମୁକ୍ତ ଅବାଧ ଗଣମାଧ୍ୟମ ବିନା ଗଣତନ୍ତ୍ର ତିଷ୍ଠି ପାରିବ ନାହିଁ। ଆମେ ବିଧାୟକମାନେ ରାଜ୍ୟର ଲୋକଙ୍କ ସ୍ୱରର ପ୍ରତିନିଧିତ୍ୱ କରୁଛୁ। ଗୃହ ଭିତରେ ଆମେମାନେ କେଉଁ ପ୍ରସଙ୍ଗ ଉଠାଉଛୁ ତାହା ଲୋକଙ୍କ ନିକଟରେ ପହଞ୍ଚିବା ଅତ୍ୟନ୍ତ ଆବଶ୍ୟକ। ଏଥିପାଇଁ ଗଣମାଧ୍ୟମ ହେଉଛି ଏକମାତ୍ର ମାଧ୍ୟମ। ଗୃହର ନେତା ଭାବେ ଏହି ବିଷୟରେ ହସ୍ତକ୍ଷେପ କରିବାକୁ ନରସିଂହ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ନୂଆପଡାରେ ଧାନକିଣା ଆରମ୍ଭ

**ନୂଆପଡ଼ା ଅଫିସ,୨୯।୧୧**

ନୂଆପଡା ଜିଲାରେ ସୋମବାରଠାରୁ ଖରିଫ ୨୦୨୧-୨୨ ପାଇଁ ମଣ୍ଡି ଶୁଭାରମ୍ଭ ହୋଇ ଧାନ କିଣା ଆରମ୍ଭ ହୋଇଛି। ଜିଲାପାଳ ସ୍ୱାଧାଦେବ ସିଂ ଆନୁଷ୍ଠାନିକ ଭାବେ ଖରିଆର ରୋଡ ନିୟନ୍ତ୍ରୀତ ବଜାର କମିଟି ପରିସରରେ ଧାନମଣ୍ଡି ଉଦ୍‌ଘାଟନ କରିଛନ୍ତି। ଚାଷୀ ନିଜର ଉର୍ପାଜିତ ଧାନ ଫସଲକୁ ସୁରୁଖୁରୁରେ ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ ବିକ୍ରୟ କରି ଲାଭାନ୍ୱିତ ହେବା ପାଇଁ ସରକାର ମଣ୍ଡିର ବ୍ୟବସ୍ଥା କରିଛନ୍ତି। ଜିଲାରେ ଚଳିତ ଖରିଫରେ ୩୬ ହଜାର ୨୧୧ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି। ୨୬ଟି ପ୍ୟାକ୍ସ, ୧୭ଟି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୭୩ ମଣ୍ଡିରେ ଧାନ କିଣାଯିବ। ୨୭ଜଣ ମିଲର୍ସ ଧାନ କିଣିବା ପାଇଁ ଚୁକ୍ତି କରିଥିବା ବେଳେ ୨୧ଜଣ ମିଲର୍ସଙ୍କୁ ଜିଲା ପ୍ରଶାସନ ଧାନ କିଣିବା ପାଇଁ ଦାୟିତ୍ୱ ଦେଇଛନ୍ତି। ଚଳିତ ଖରିଫରେ ୧୨ ଲକ୍ଷ ୭୫ ହଜାର ମେଟ୍ରିକ ଟନ ଧାନ କିଣିବା ଲକ୍ଷ୍ୟ ଧାର୍ଯ୍ୟ ରହିଛି। ସୋମବାର ପ୍ରଥମ ଦିନରେ ୪ଜଣ ଚାଷୀଠାରୁ ୪୫୮ବସ୍ତା ଧାନ କ୍ରୟ ହୋଇଥିବା ଜଣାପଡ଼ିଛି। ଉଦ୍‌ଘାଟନ ସମାରୋହରେ ଜିଲାପାଳଙ୍କ ସମେତ ଜିଲା ଯୋଗାଣ ଅଧିକାରୀ ଜି.ପ୍ରଭାକର ପାତ୍ରୋ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିବେକାନନ୍ଦ ମହାନନ୍ଦ, ଏଆରସିଏସ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ରାମତାଣ୍ଡି, ନୂଆପଡା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଚିନିଲାଲ ସାହୁ, ଚାଷୀ, କୃଷି ସେବା ସମବାୟ ସମିତି ସମ୍ପାଦକମାନେ, ମିଲର୍ସମାନେ ଉପସ୍ଥିତ ଥିଲେ।

## ଫୁଟବଲ: କଟକ ଚାମ୍ପିୟନ

**ବାଉଁଶୁଣୀ,୨୯।୧୧(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ବୁରକଟା ଗଦବସା ପଡ଼ିଆରେ ମା' ମାହେଶ୍ୱରୀ ମହିଳା ଫୁଟବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲା ଫୁଟବଲ ଆସୋସିଏଶନ ସମ୍ପାଦକ ଯୁଗଳ କିଶୋର ସାମଲ, ସମ୍ମାନିତ ଅତିଥି ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ଲମ୍ବୋଦର ପୁରୋହିତ, ସ୍ୱେଚ୍ଛାସେବୀ ସୁରମଣି ମିଶ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିଠାରୁ ଏହି ପଡ଼ିଆରେ ଯେତିକି ଟୁର୍ନାମେଣ୍ଟ ହେବ ସ୍ୱାଧୀନ ମେମୋରିଆଲ ନାମରେ ନାମିତ କରିବା ପାଇଁ କମିଟି ପକ୍ଷରୁ ଘୋଷଣା କରା ଯାଇଥିଲା। ଫାଇନାଲ ମ୍ୟାଚ କଟକ ଓ ଦେବଗଡ଼ ମଧ୍ୟରେ ହୋଇଥିଲା। ଏଥିରେ କଟକର ପ୍ରିୟଦର୍ଶିନୀ ବେହେରା ୧-୦ ଗୋଲ ଦେଇ ଦଳକୁ ବିଜୟ ଦେଇ ଚାମ୍ପିୟନ କରାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଙ୍କ ଦ୍ୱାରା ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅମ୍ବରେଶ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ରେଫରି ଭାବରେ ତାପସ ଭୁକ୍ତା ଥିବା ବେଳେ ଲାଇନସ ମେନ ବେଦବ୍ୟାସ ବେହେରା, ଅମିତ ନାଏକ ସହଯୋଗ କରିଥିଲେ। ମା' ମାହେଶ୍ୱରୀ ଫୁଟବଲ ଆସୋସିଏଶନ ବୁରକଟାର ପୁଷ୍ପରାଜ ପ୍ରଧାନ, ସମୀର ପ୍ରଧାନ, ସଲିଲ ପ୍ରଧାନ, ସୁଶାନ୍ତ ପ୍ରଧାନ,ସଚ୍ଚି କର୍ମୀ, କୈଳାସ ଅମାତ, ଅଜିତ ପ୍ରଧାନ ଏବଂ ବୁରକଟା ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ ଭାର୍ଗବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଅନ୍ତର୍ରାଷ୍ଟ୍ରୀୟ ସ୍ତରରେ ଓଡ଼ିଶାର ଯୁବ ଗବେଷିକା

**ଡକ୍ଟର ନୀତି ସାହୁଙ୍କ କୃତିତ୍ୱ**



ଓଡ଼ିଶା ଯୁବ ଗବେଷିକା କୁମାରୀ ଡକ୍ଟର ନୀତି ସାହୁ ଆଣ୍ଠୁ ଗଣ୍ଠିଜନିତ ବାତରୋଗ ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର Stanford Universityରେ ଗବେଷଣା କରୁଛନ୍ତି। ସେ VIT, ଭେଲୋରରୁ Bio-Technologyରେ B.Tech କରିବା ପରେ IIT ଖଡ଼ଗପୁରରୁ M.Tech, Indian Institute of Immunity, New Delhiରେ Bone Tissue Repair ଏବଂ Cell Culture ଉପରେ ଗବେଷଣା କରିବା ପରେ ଆମେରିକାର Dept. of Chemical Engineering, University of Lincoln Nebraskaରେ ପ୍ରଫେସର ଅନୁ ସୁବ୍ରମଣ୍ୟମ୍‌ଙ୍କ ତତ୍ତ୍ୱାବଧାନରେ Tissue Repair ଉପରେ ଗବେଷଣା କରି ପିଏଚ୍.ଡି. ଡିଗ୍ରୀ (୨୦୧୯) ଲାଭ କରିଛନ୍ତି। ତାଙ୍କ ଲେଖା ବିଶ୍ୱମାନ୍ୟତା ପ୍ରାପ୍ତ ବିଜ୍ଞାନ ପତ୍ରିକାମାନଙ୍କରେ ପ୍ରକାଶିତ ହୋଇଛି। ଅଧୁନା ସେ Dept. of Orthopedic Surgery, Stanford School of Medicineରେ ରକ୍ତକଣିକାର ବିଶ୍ଳେଷଣ କରି Osteo Arthritisର ଉପଚାର ପଦ୍ଧତି ଉପରେ ଗବେଷଣା କରୁଛନ୍ତି।

କୁମାରୀ ଡକ୍ଟର ନୀତି ସାହୁ ଜଣେ ମେଧାବୀ ଛାତ୍ରୀ ଭାବରେ ପ୍ରାରମ୍ଭିକସ୍ତରରୁ ନିଜକୁ ପ୍ରତିପାଦିତ କରିଛନ୍ତି। ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଲିଙ୍ଗମାର୍ଣ୍ଣ ମୂଳ ନିବାସୀ ତଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନର ପ୍ରଫେସର ଡକ୍ଟର ବାସୁଦେବ ସାହୁ ଓ ଅବସରପ୍ରାପ୍ତ ଇତିହାସ ବିଭାଗର ସହଯୋଗୀ ପ୍ରଫେସର ଡକ୍ଟର ସତ୍ୟବତୀ ପ୍ରଧାନଙ୍କ କନ୍ୟା ଓ ବରଗଡ଼ର ଟ୍ୟାକ୍ସ ଏଡ୍‌ଭୋକେଟ୍ ପ୍ରଦୀପ ସାହୁଙ୍କ ଝିଆରୀ ଅଟନ୍ତି।

## କୋଭିଡ୍ ୩ୟ ଲହର ଲାଗି ସତର୍କ ରହିବାକୁ ଧର୍ମେନ୍ଦ୍ରଙ୍କ ଅନୁରୋଧ

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

କରୋନାର ନୂଆ ଭାରିଆଣ୍ଟ ଭୂତାଣୁ ଓମିକ୍ରନ୍ ପାଇଁ ଭୟଭୀତ ନ ହୋଇ ଏହି ଭାଇରସ୍‌କୁ ଧୈର୍ଯ୍ୟର ସହ ମୁକାବିଲା କରିବା ପାଇଁ ଓଡ଼ିଶା ସମେତ ଦେଶର ସମସ୍ତ ନାଗରିକଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ବାର୍ତ୍ତା ଜାରିକରି ଧର୍ମେନ୍ଦ୍ର କହିଛନ୍ତି, ଟିକା ନେଇ ନ ଥିବା ବ୍ୟକ୍ତିଙ୍କୁ ଟିକା ନେବା ପାଇଁ ପ୍ରୋତ୍ସାହିତ କରିବା ସହ ସମସ୍ତେ ମାସ୍କ ପିନ୍ଧିବା ଓ ସରକାରଙ୍କ କୋଭିଡ୍ ନିୟମ ପାଳନ କରିବା ଆବଶ୍ୟକ। ବର୍ତ୍ତମାନ ସୁଦ୍ଧା ମାନବଜାତି କୋଭିଡ୍ ମହାମାରୀର ପ୍ରକୋପରୁ ନିଜକୁ ସମ୍ଭାଳି ଆସିଛନ୍ତି। ଜୀବନଜୀବିକା ସ୍ୱାଭାବିକ ହୋଇଛି, କିନ୍ତୁ ଦେଶର ନାଗରିକମାନେ ଏବେ ବି ମହାମାରୀ ସହ ସଂଘର୍ଷ ଜାରି ରଖିଛନ୍ତି। ଏଭଳି ସ୍ଥିତିରେ ବିଶ୍ୱକୁ ନୂଆ ଭାରିଆଣ୍ଟ ଓମିକ୍ରନ୍ ଲୋକଙ୍କୁ ଚିନ୍ତାରେ ପକାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହାକୁ ଭାରିଆଣ୍ଟ ଅଫ୍ କନସର୍ନ୍ ତଥା ଚିନ୍ତାଜନକ ଭାରିଆଣ୍ଟ ବୋଲି ବିବେଚନା କରିଛି। ସମ୍ଭାବ୍ୟ ୩ୟ ଲହରର ମୁକାବିଲା ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ସେବି ବିରୋଧରେ ସାହାରା କର୍ମଚାରୀଙ୍କ ଆନ୍ଦୋଳନ

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ବିରୋଧରେ ସାହାରାର କର୍ମଚାରୀ ଓ ନିବେଶକମାନେ ସୋମବାର ସ୍ଥାନୀୟ ଲୋୟର ପିଏମ୍‌ଜିଠାରେ ଆନ୍ଦୋଳନ କରିଛନ୍ତି। ସେମାନଙ୍କ କହିବାନୁସାରେ, କର୍ମଚାରୀମାନେ ୨୫ରୁ ୩୦ ବର୍ଷ ହେବ ସାହାରା ସହ ଜଡ଼ିତ ରହିଥିଲେ ମଧ୍ୟ ସାହାରା-ସେବିର ବିବାଦ ପାଇଁ ୮ ବର୍ଷ ହେବ ଦେୟରେ ବିଳମ୍ବ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଯାହା କର୍ମଚାରୀଙ୍କ ରୋଜଗାରକୁ ବହୁ ମାତ୍ରାରେ ପ୍ରଭାବିତ କରୁଛି। କାର୍ଯ୍ୟକର୍ତ୍ତାମାନେ ଅନାହାର ଓ ବେକାରୀର ସମ୍ମୁଖୀନ ହେଉଛନ୍ତି। ୨୦୧୮ ମାର୍ଚ୍ଚ ୨୬ରେ ପ୍ରକାଶିତ ସେବିର ବିଜ୍ଞାପନର ପ୍ରତିକ୍ରିୟାରେ ଏହା ୧୯,୫୯୮ ଜଣ ନିବେଶକଙ୍କଠାରୁ ପରିଶୋଧ ଆବେଦନ ଗ୍ରହଣ କରିଛି। ତେବେ ଏଗୁଡ଼ିକ ମୂଳ ଆବେଦନ ସହିତ ଆସିଥିଲା। ପରେ ସେବି ଆସିଥିବା ୧୬,୬୬୩ ଜଣ ଆବେଦନକାରୀଙ୍କୁ ସୁଧ ସହିତ ୧୨୫ କୋଟି ଟଙ୍କା ପରିଶୋଧ କରିଥିଲା। ଏହା ଦର୍ଶାଉଛି ଯେ, ସମସ୍ତ ନିବେଶକମାନେ ସେବିକୁ ପରିଶୋଧ ପାଇଁ ଆବେଦନ କରି ନ ଥିଲେ। ସେବିର ଜିଦ୍ ମନୋଭାବ ଯୋଗୁ ଲକ୍ଷ ଲକ୍ଷ କର୍ମକର୍ତ୍ତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ନିବେଶକଙ୍କ କୌଣସି ବକେୟା ପରିଶୋଧ ନାହିଁ, ତେବେ ସେବି ଏହାକୁ ସତ୍ୟପାଠ ଦାଖଲ କରି ସ୍ପଷ୍ଟ କରିବା ଉଚିତ ଥିବା କର୍ମଚାରୀମାନେ କହିଛନ୍ତି। ଏ ନେଇ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ସାହାରାର ସମସ୍ତ କମ୍ପାନୀ ଏବଂ ସାହାରା-ସେବି ଆକାଉଣ୍ଟରୁ ସାହାରା ସୁଧ ସହିତ ୨୪,୦୦୦ କୋଟି ଟଙ୍କା ଗ୍ରହଣ କରିବା ଉପରେ ଲାଗିଥିବା ପ୍ରତିବନ୍ଧକକୁ ହଟାଯାଇପାରେ। ଫଳରେ ସମସ୍ତ ନିବେଶକ ଓ ଜମାକାରୀଙ୍କୁ ନିୟମିତ ପରିଶୋଧ କରାଯାଇପାରିବ।




ସେବି ବିରୋଧରେ ସାହାରାର କର୍ମଚାରୀ ଓ ନିବେଶକ ସୋମବାର ସ୍ଥାନୀୟ ଲୋୟର ପିଏମ୍‌ଜିଠାରେ ଆନ୍ଦୋଳନ କରୁଛନ୍ତି।

### ଟ୍ରାକ୍ଟର ଧକ୍କାରେ ଜଳିଗଲା ବାଇକ୍, ୨ ମୃତ



ଟ୍ରାକ୍ଟର ଧକ୍କାଦେବା ପରେ ବାଇକ୍‌ରେ ନିଆଁ ଲାଗିଯାଇଛି।

**ଭବାନୀପାଟଣା,୨୯।୧୧(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା-ଥୁଆମୂଳରାମପୁର ରାସ୍ତା ସିଆରପିଏଫ୍ କ୍ୟାମ୍ପ ନିକଟରେ ସୋମବାର ସନ୍ଧ୍ୟାରେ ଏକ ଟ୍ରାକ୍ଟର ଓ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏହି ଧକ୍କା ଏତେ ଜୋରରେ ହୋଇଥିଲା ଯେ ଘଟଣାସ୍ଥଳରେ ବାଇକ୍‌ରେ ନିଆଁ ଲାଗି ଯାଇଥିଲା। ବାଇକ୍‌ରେ ବସିଥିବା ୩ଜଣଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ଗୁରୁତର ଥିବା ବ୍ୟକ୍ତି ଜଣକ ଥୁଆମୂଳରାମପୁର ବ୍ଲକ କର୍ଲାପାଟ ଅଞ୍ଚଳର ବଣ୍ଡେଲଗୁଡା ଗ୍ରାମର ସନାତନ ମାଝି ବୋଲି ଜଣାପଡିଛି।

## ୩ ଫେରାର ଅଭିଯୁକ୍ତ ଏବେ ୱାଣ୍ଟେଡ୍

**ବିଭିନ୍ନ ଠକେଇ ମାମଲାରେ ସମ୍ପୃକ୍ତ**

- ସୂଚନା ଦେଲେ ମିଳିବ ପୁରସ୍କାର
- ଇଓଡବ୍ଲ୍ୟୁ ଜାରି କଲା ଫୋନ୍ ନମ୍ବର

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ରାଜ୍ୟରେ ବିଭିନ୍ନ ଠକେଇ ମାମଲାରେ ସମ୍ପୃକ୍ତ ଥାଇ ଫେରାର ୩ ଅଭିଯୁକ୍ତଙ୍କୁ ୱାଣ୍ଟେଡ ଘୋଷଣା କରିଛି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ଏମାନଙ୍କ ସମ୍ବନ୍ଧରେ ସୂଚନା ଦେବା ପାଇଁ ଇଓଡବ୍ଲ୍ୟୁ ଫୋନ୍ ନମ୍ବର ଜାରି କରିଛି। ସୂଚନା ଦେଲେ ପୁରସ୍କାର ଦିଆଯିବ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ ସୋମବାର ବିଜ୍ଞପ୍ତି ଜାରି କରାଯାଇଛି। ଏଥିସହ ସୂଚନାଦାତାଙ୍କ ନାମ ଗୋପନ ରଖାଯିବ ବୋଲି କୁହାଯାଇଛି। ସମ୍ପୃକ୍ତ ୩ ୱାଣ୍ଟେଡ ହେଲେ ଚିଟ୍‌ଫଣ୍ଡ ସଂସ୍ଥା ଷ୍ଟାର୍ କନ୍‌ସଲ୍‌ଟାନ୍ସି ସର୍ଭିସ୍ ପ୍ରାଇଭେଟ ଲିଃ. ନିର୍ଦ୍ଦେଶକ ଭଦ୍ରକ ଜିଲା ଧୁଷୁରୀ ଥାନା ଅଞ୍ଚଳର ତ୍ରିବେଣୀ କୁମାର ମହାନ୍ତି ଓରଫ ଟିନ୍ନୁ, ସିଷ୍ଟେମାଟିକ୍ସ ଫାଇନାନ୍‌ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିଃ.ର ନିର୍ଦ୍ଦେଶକ ଆଦିତ୍ୟ ଦାସ ଏବଂ ଜ୍ୟୋତି ଟ୍ରେଡିଙ୍ଗ୍ ଏଣ୍ଡ୍ କୋ. ର ମାଲିକ କଟକ ଜିଲା



ଆଦିତ୍ୟ ଦାସ



ଜ୍ୟୋତି ରଞ୍ଜନ ବେହେରା



ତ୍ରିବେଣୀ କୁମାର ମହାନ୍ତି

ଚୌଦ୍ୱାର ଥାନା ଅଞ୍ଚଳର ଜ୍ୟୋତି ରଞ୍ଜନ ବେହେରା ଓରଫ୍ ଗୋଲ୍ଡେନ୍ ବାବା। ଏମାନଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ୩ଟି ପୃଥକ ନମ୍ବର ଜାରି କରାଯାଇଛି। ଏହି ନମ୍ବର ବ୍ୟତୀତ ଅନ୍ୟ କୌଣସି ମାଧ୍ୟମରେ ସୂଚନା ଗ୍ରହଣ କରାଯିବ ନାହିଁ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

ଷ୍ଟାର୍ କନ୍‌ସୁଲଟାନ୍ସି ସର୍ଭିସ୍ ପ୍ରାଇଭେଟ ଲିଃ. ନିର୍ଦ୍ଦେଶକ ତ୍ରିବେଣୀଙ୍କ ଶେଷ ଠିକଣା ଥିଲା ଭୁବନେଶ୍ୱର ଖଣ୍ଡଗିରି ଥାନା ବରମୁଣ୍ଡା ହାଉସିଙ୍ଗ ବୋର୍ଡ କଲୋନୀ। ସେ ଏହି ସଂସ୍ଥା ଦ୍ୱାରା ୧୩ କୋଟି ଟଙ୍କା ଟଙ୍କା ଠକେଇ କରିଥିଲେ। ତାଙ୍କ ନାମରେ ଏକ କେସ୍ (ନଂ. ୨୫/୨୦୧୨) ରହିଛି। ମାମଲା ରୁଜୁ ପରଠାରୁ ସେ ଫେରାର ଅଛନ୍ତି। ତ୍ରିବେଣୀଙ୍କ ସମ୍ବନ୍ଧରେ ସୂଚନା ପାଇଁ ୭୦୦୮୧୬୦୧୧୪ ମୋବାଇଲ ନମ୍ବର ଜାରି କରାଯାଇଛି।

ସେହିପରି ସିଷ୍ଟେମାଟିକ୍ସ ଫାଇନାନ୍‌ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିଃ. ନିର୍ଦ୍ଦେଶକ ଆଦିତ୍ୟ ପୁରୀ ଜିଲା ସମୁଦ୍ରକୂଳ ଥାନା ଅଧୀନ ବାଲିସାହିରେ ଶେଷଥର ପାଇଁ ରହିଥିଲେ। ସେ ଚିଟ୍‌ଫଣ୍ଡ ସଂସ୍ଥା ଦ୍ୱାରା ୨୦କୋଟି ଟଙ୍କା ଠକି ନେଇଛନ୍ତି। ତାଙ୍କ ନାମରେ ଏକ ମାମଲା (ନଂ. ୨୨/୨୦୧୩) ରହିଛି। ଆଦିତ୍ୟଙ୍କ ସମ୍ବନ୍ଧରେ ସୂଚନା ପାଇଁ ୯୪୩୭୦୯୭୬୬୨ ନମ୍ବର ଜାରି ହୋଇଛି। ସେହିପରି ଜ୍ୟୋତି ଟ୍ରେଡିଙ୍ଗ୍ ଏଣ୍ଡ୍ କୋ. ମାଲିକ ଜ୍ୟୋତି ରଞ୍ଜନ ଓରଫ୍ ଗୋଲ୍ଡେନ୍ ବାବା ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ନିଳାଦ୍ରୀ ବିହାରରେ ଶେଷଥର ପାଇଁ ରହିଥିଲେ। ସେ ଲୁହାପଥର କାରବାରରେ ୪କୋଟି ଟଙ୍କା ଠକେଇ କରିଥିଲେ। ତାଙ୍କ ନାମରେ (ନଂ.୨/୨୦୧୯) ମାମଲା ରୁଜୁ ହୋଇଛି। ଗୋଲ୍ଡେନ୍ ବାବାଙ୍କ ସମ୍ପର୍କରେ ସୂଚନା ପାଇଁ ୯୪୩୮୧୨୯୬୧୨ ନମ୍ବର ଜାରି କରାଯାଇଛି।

**ଆଜିର ମନ୍ତବ୍ୟ**

"ବର୍ଷେରୁ ଅଧିକ ସମୟ ଧରି ଆନ୍ଦୋଳନ ପରେ କୃଷି ଆଇନ ହଟିଛି। ଏହା ଗଣତନ୍ତ୍ରର ବିଜୟ ଏବଂ ସରକାରଙ୍କ ପାଇଁ ଏକ ଶିକ୍ଷା।

– ମାୟାବତୀ, ବିଏସ୍‌ପି ଅଧ୍ୟକ୍ଷା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଅଭିପ୍ସା
ପରିବାରବର୍ଗ


ଡୁଗୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତଳ ତଳିଆ ତୋରାଣି ପାଣି**
**ଭାତ ଗୋଟି ଗୋଟି ନଉଛି ଛାଣି।**

ଦିନହୀନ ଦରିଦ୍ର ବ୍ୟକ୍ତିଙ୍କ ଜୀବନ ହାହୁତାଶମୟ।କେବେ ଖାଇବାକୁ ମୁଠେ ଦାନା ନ ଥାଏ ତ କେବେ ପିନ୍ଧିବାକୁ ଖଣ୍ଡେ କନା ମିଳି ନ ଥାଏ। ପେଟର କ୍ଷୁଧା ବା ଭୋକର ଜ୍ୱାଳା କ'ଣ ତାହା କେବଳ ଜଣେ ଅନୁଭବି ହିଁ ଜାଣିଥାଏ। ଗରିବ ଗୁରୁବାଙ୍କ ପକ୍ଷେ ତୋରାଣି ହିଁ ସବୁକିଛି। ଭୋକ ବିକଳରେ ତୋରାଣି କଂସାରୁ ଭାତ ସାଉଁଟି ବା ଛାଣି ଖାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତୋର ଛାର ପୁରୁଷକୁ**
**ମୋର ନାହିଁରେ ଡର**
**ଡୋଲାବାଡ଼ ସଜକର**
**ଯିବି ବାପଘର।**

ଉତ୍କଟ ଦାରିଦ୍ର୍ୟ ଅବସ୍ଥା। ସ୍ୱାମୀ ଯେବେ ଅଯୋଗ୍ୟ ଅପାରଗ ହୁଏ ସେତେବେଳେ ଘରର ଆର୍ଥିକ ସ୍ଥିତି ଦୋହଲିଯାଏ। ଘରର ଅଭାବ ପୂରଣ କରିବା କଷ୍ଟସାଧ୍ୟ ହୋଇଯାଏ। ଏପରିସ୍ଥଳେ ସ୍ୱାମୀର ଅଯୋଗ୍ୟପଣକୁ ଧିକ୍କାର କରି ବାପଘରକୁ ପଳେଇବା ନେଇ ମନବଳେଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ବିନା ଆଲୋଚନାରେ...

ପ୍ରଥମ ପୃଷ୍ଠାରୁ...

ପୂର୍ବରୁ ଗୃହର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ୨ ମିନିଟ ପାଇଁ କହିବାର ସୁଯୋଗ ଦେଇଥିଲେ। ନିକଟରେ ଶେଷ ହୋଇଥିବା ଉପନିର୍ବାଚନ ଫଳାଫଳକୁ ସମୀକ୍ଷା କରିବାପରେ ଆଗକୁ ୫ ରାଜ୍ୟ ବିଧାନସଭା ନିର୍ବାଚନ ଥିବାରୁ ସରକାର କୃଷି ଆଇନ ରଦ୍ଦ କରିବା ଲାଗି ନିଷ୍ପତ୍ତି ନେଇଥିବା ଖାର୍ଗେ କହିଥିଲେ। ଅନ୍ୟ ପକ୍ଷରେ ତୋମାର କହିଥିଲେ, ଚାଷୀମାନଙ୍କ ଫାଇଦା ପାଇଁ ସରକାର ୩ କୃଷି ଆଇନ ଆଣିଥିଲେ। ତେବେ ଆନ୍ଦୋଳନରତ ଚାଷୀଙ୍କୁ ସରକାର ଆଇନର ଉପକାରିତା ସମ୍ପର୍କରେ ବୁଝାଇବାରେ ସମର୍ଥ ହୋଇ ନ ଥିବାରୁ ଏଥିପାଇଁ କୃଷିମନ୍ତ୍ରୀ ଦୁଃଖପ୍ରକାଶ କରିଥିଲେ। ଉଭୟ ସରକାରୀ ଓ ବିରୋଧୀ ଦଳ ଆଇନ ପ୍ରତ୍ୟାହାର ଚାହୁଁଥିବାରୁ ଏହା ଉପରେ ଆଲୋଚନାର ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ। ନିମ୍ନ ସଦନ ଭଳି ଉଚ୍ଚ ସଦନରେ ମଧ୍ୟ ବିନା ଆଲୋଚନାରେ ଧ୍ୱନି ମତରେ ବିଲ୍ ଗୃହୀତ ହୋଇଥିଲା।

ବିନା ଆଲୋଚନାରେ ବିଲ୍ ଗୃହୀତ ହେବାକୁ ନେଇ କଂଗ୍ରେସ ଓ ଟିଏମ୍‌ସିର କେତେଜଣ ସଦସ୍ୟ ଗୃହ ମଧ୍ୟଭାଗକୁ ଆସି ପ୍ରତିବାଦ କରିଥିଲେ। ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କୃଷି ଆଇନ ପ୍ରତ୍ୟାହାର ଲାଗି ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଏମ୍‌ପିମାନେ ପାର୍ଲାମେଣ୍ଟ ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଇନ ରଦ୍ଦ ଲାଗି ବିଲ୍ ଗୃହୀତ ହୋଇଥିବାରୁ କୃଷକ ନେତା ରାକେଶ ଟିକାଏତ ଏହାକୁ ସ୍ୱାଗତ କରିଛନ୍ତି। ଆନ୍ଦୋଳନରେ ଜୀବନ ଦେଇଥିବା ୭୫୦ ଚାଷୀଙ୍କ ପାଇଁ ଏହା ଶ୍ରଦ୍ଧାଞ୍ଜଳି ବୋଲି ସେ କହିଥିଲେ। ତେବେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ସରକାର ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନ ଥିବାରୁ ଆନ୍ଦୋଳନ ଜାରି ରହିବ। କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଷୀମାନେ ଦିଲ୍ଲୀ ସୀମାର ବିଭିନ୍ନ ସ୍ଥାନରେ ବର୍ଷେରୁ ଉର୍ଦ୍ଧ୍ୱ ସମୟ ହେଲା ଆନ୍ଦୋଳନ ଚଳାଇଆସୁଛନ୍ତି। ଗତ ୧୯ ତାରିଖରେ ପ୍ରଧାନମନ୍ତ୍ରୀ ଦୂରଦର୍ଶନ ମାଧ୍ୟମରେ ରାଷ୍ଟ୍ରକୁ ଉଦ୍‌ବୋଧନ ଦେଇ ୩ ଆଇନ ରଦ୍ଦ ହେବ ବୋଲି ଘୋଷଣା କରିଥିଲେ। ଗତ ୨୪ ତାରିଖରେ କେନ୍ଦ୍ର କ୍ୟାବିନେଟ ଏଥିପାଇଁ ଅଣାଯିବାକୁ ଥିବା ବିଲ୍‌କୁ ଅନୁମୋଦନ କରିଥିଲା। କୃଷକ ସଂଗଠନ ପୂର୍ବ ପ୍ରସ୍ତାବିତ ଟ୍ରାକ୍ଟର ରାଲିକୁ ସ୍ଥଗିତ ରଖିଥିଲେ ମଧ୍ୟ ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ଓ ଅନ୍ୟାନ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

## ରାଜ୍ୟ ସଭାର ୧୨...

କଂଗ୍ରେସ ଏମ୍‌ପି ଫୁଲୋ ଦେବୀ ନେତମ୍, ଛାୟା ବର୍ମା, ରିପୁନ୍ ବୋରା, ରାଜାମଣି ପଟେଲ, ସୟେଦ ନାସିର ହୁସେନ ଏବଂ ଅଖିଳେଶ ପ୍ରସାଦ ସିଂ। ସେହିପରି ଶିବସେନାର ପ୍ରିୟଙ୍କା ଚତୁର୍ବେଦୀ, ଅନିଲ ଦେଶାଇ, ଟିଏମ୍‌ସିରୁ ଦୋଳ ସେନ୍ ଓ ଶାନ୍ତା ଛେତ୍ରି, ସିପିଏମ୍‌ରୁ ଏଲାମାରାମ କରିମ୍ ଏବଂ ସିପିଆଇରୁ ବିନୟ ବିଶ୍ୱମ୍ ଅଧିବେଶନର ଅବଶିଷ୍ଟ ଦିନ ପାଇଁ ନିଲମ୍ବିତ ହୋଇଛନ୍ତି। ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ସେମାନଙ୍କ ନିଲମ୍ବନ ସମ୍ପର୍କରେ ଘୋଷଣା କରିବା ପରେ ଗୃହକୁ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

## ସରକାର ଭୟଭୀତ...

ତାଙ୍କ ଦଳକୁ ଜଣାଥିଲା ବୋଲି ରାହୁଲ ଖବରଦାତାମାନଙ୍କୁ କହିଛନ୍ତି। ଆଇନ ପ୍ରତ୍ୟାହାର ହେବା ଚାଷୀମାନଙ୍କ ତଥା ଦେଶର ସଫଳତା। ତେବେ ବିନା ଆଲୋଚନାରେ ବିଲ୍ ଗୃହୀତ ହେବା ଦୁର୍ଭାଗ୍ୟଜନକ। କୃଷି ଆଇନ ପଛରେ ପ୍ରକୃତରେ କେଉଁମାନଙ୍କ ହାତ ଥିଲା ତାହା ଜାଣିବା ପାଇଁ କଂଗ୍ରେସ ଆଲୋଚନା ଚାହୁଁଥିଲା ବୋଲି ରାହୁଲ କହିଛନ୍ତି।

## ବିଟ୍ କଏନ୍‌କୁ ମୁଦ୍ରା...

ଦରଦାମ ନିୟନ୍ତ୍ରଣ କରିବା ଲାଗି ସରକାର ବିଭିନ୍ନ ସମୟରେ ପଦକ୍ଷେପ ଗ୍ରହଣ କରୁଥିବା ସେ ମତ ପ୍ରକାଶ କରିଛନ୍ତି। ଦରଦାମ କମାଇବା ଲାଗି ଯୋଗାଣ ଦୃଷ୍ଟିକୋଣରୁ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ପେଟ୍ରୋଲ ଏବଂ ଡିଜେଲ ଦର କମାଇବା ଲାଗି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଟିକସ କମାଇଛନ୍ତି। ଅତିରିକ୍ତ ପଦକ୍ଷେପ ଭାବେ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭରୁ ୫ ନିୟୁତ ବ୍ୟାରେଲ ବ୍ୟବହାର କରିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ବିଶ୍ୱର ପ୍ରମୁଖ ଶକ୍ତି ବ୍ୟବହାରକାରୀ ଦେଶଗୁଡ଼ିକ ସହ ସହ ସରକାର ଆଲୋଚନା କରୁଥିବା ଅର୍ଥମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

## 'ନେଗେଟିଭ ସତ୍ତ୍ୱେ...

ଆମକୁ ସତର୍କ ରହିବାକୁ ପଡ଼ିବ। ଅପରପକ୍ଷରେ ରାଜ୍ୟରେ ଦିନକରେ ୧୯୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ସଂକ୍ରମଣ ହାର ୦.୩୮%କୁ ବଢ଼ିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୨୫ଜଣ ୧୮ବର୍ଷରୁ କମ୍ ବୟସ୍କ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡ଼ିଛି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦,୪୮,୮୮୦ରେ ପହଞ୍ଚିଛି। ସେହିପରି ରାଜ୍ୟରେ ଆଉ ୨ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକ ଦୁଇଜଣ ବରଗଡ଼ର ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୪୦୯କୁ ବୃଦ୍ଧି ପାଇଛି। ସୋମବାର ରାଜ୍ୟରେ ଆଉ ୨୨୧ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆରୋଗ୍ୟଙ୍କ ସଂଖ୍ୟା ୧୦,୩୮,୩୦୬ରେ ପହଞ୍ଚିଥିବା ବେଳେ ଏବେ ୨,୧୧୨ଜଣ ସକ୍ରିୟ ରୋଗୀ ରହିଛନ୍ତି।

# ଭୁବନେଶ୍ୱରରେ ନନ୍ ସିଡ୍ୟୁଲ ବିମାନ ଅବତରଣ ମନା

**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

## ଓମିକ୍ରନ ଭୟ

### ଏବେ ବିଦେଶରୁ ସିଡ୍ୟୁଲ ବିମାନ ଆସୁନାହିଁ

ଡିସେମ୍ବର ୧୫ରୁ ଅନ୍ତର୍ଜାତୀୟ ବିମାନ ଯାତ୍ରା ପାଇଁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। କିନ୍ତୁ କରୋନାର ନୂଆ ଭାରିଆଣ୍ଟ 'ଓମିକ୍ରନ୍' ପାଇଁ ଏବେ ସରକାର ଚିନ୍ତାରେ ପଡ଼ିଯାଇଛନ୍ତି। ଡେଲଟା ଭାରିଆଣ୍ଟଠାରୁ 'ଓମିକ୍ରନ୍' ଅଧିକ ମାରାତ୍ମକ ହୋଇଥିବାରୁ ୧୫ରୁ ଅନ୍ତର୍ଜାତୀୟ ବିମାନ ଯାତ୍ରା ଆରମ୍ଭ ହେବ କି ନାହିଁ ସେ ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଭର୍ଚୁଆଲ ମୋଡ୍‌ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ବେଉରିଆ ଯୋଗଦେଇ କହିଛନ୍ତି, ତାଲିକାଭୁକ୍ତ ଦେଶରୁ ଆସୁଥିବା ବିମାନକୁ ଏବେ ନିଷେଧ କରାଯାଇଛି। ଏବେ ବିଦେଶରୁ ସିଡ୍ୟୁଲ ବିମାନ ଭୁବନେଶ୍ୱରକୁ ଆସୁନାହିଁ। କୋଭିଡ୍ ସଂକ୍ରମଣ ପରଠାରୁ ସିଡ୍ୟୁଲ ବିମାନ ଚଳାଚଳ ବନ୍ଦ ରହିଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ଡିସେମ୍ବର ୧୫ରେ ଅନ୍ତର୍ଜାତୀୟ ବିମାନ ଯାତ୍ରା ଆରମ୍ଭ ହେବା ପରେ ବିଦେଶରୁ ସିଡ୍ୟୁଲ ବିମାନ ଆସିବାର ସମ୍ଭାବନା ରହିଛି। ତେବେ ଭୁବନେଶ୍ୱରକୁ ମାସେ ମଧ୍ୟରେ ସିଡ୍ୟୁଲ ବିମାନ ଆସିବାର ପ୍ରସ୍ତାବ ନାହିଁ। ଯଦି ଆସେ ତେବେ ଯାତ୍ରୀଙ୍କ କରୋନା ପରୀକ୍ଷା କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବୁ। ହେଲେ ନନ୍-ସିଡ୍ୟୁଲ ବିମାନ ଆସିଲେ ଏହାକୁ ଭୁବନେଶ୍ୱରରେ ଅବତରଣ କରିବାକୁ ଦିଆଯିବ ନାହିଁ ବୋଲି ବେଉରିଆ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ଯାତ୍ରୀଙ୍କର ସ୍କ୍ରିନିଂ କରାଯାଉଛି। ଯଦି ଲକ୍ଷଣ ଦେଖାଯାଏ, ତେବେ ସେଠାରେ ସେମାନଙ୍କୁ ଅଟକାଇ ଦିଆଯିବ। ଏଭଳି ସ୍ଥିତିରେ ସଂକ୍ରମଣ ଓଡ଼ିଶା ଆସିବାର ସମ୍ଭାବନା କମ୍।

# କୋଲକାତା ଚାଲାଣ ପୂର୍ବରୁ ୪୩ କଇଁଛ ଜବତ, ଜଣେ ଗିରଫ



**ଚଣ୍ଡିଖୋଲ, ୨୯।୧୧(ଡି.ଏନ.ଏ.)**

### ମୁଖ୍ୟ ଅଭିଯୁକ୍ତ ଫେରାର

କୋଲକାତା ଚାଲାଣ ପୂର୍ବରୁ ଯାଜପୁର ଜିଲା ବୈରୀ ପୋଲିସ ସୋମବାର ୪୩ କଇଁଛ ଜବତ କରିଛି। ଏହି ଘଟଣାରେ ଅଜୟ କୁମାର ମଲ୍ଲିକ ନାମକ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଏହି ର୍‍ୟାକେଟ୍‌ର ମୁଖ୍ୟ କୁହାଯାଉଥିବା ଶୁକଦେବ ମଣ୍ଡଳ ଫେରାର ଅଛନ୍ତି। ପୋଲିସ ତାଙ୍କୁ ଗିରଫ ପାଇଁ ତନାଘନା ଚଳାଇଛି। ଜବତ କଇଁଛ ଓ ଅଜୟଙ୍କୁ ପୋଲିସ ବନ ବିଭାଗକୁ ହସ୍ତାନ୍ତର କରିଛି। ବିଦେଶକୁ କଇଁଛ ଚୋରା ଚାଲାଣ କରୁଥିବା ଅଭିଯୋଗରେ ଅଜୟଙ୍କୁ ଗିରଫ କରାଯାଇଛି।

ସୂଚନା ଅନୁଯାୟୀ, ଚଣ୍ଡିଖୋଲ ଥାନା ଛତିଆ ଫାଣ୍ଡି ଅଧୀନ ମୂଳିଝର ଗ୍ରାମରେ ୨ ବ୍ୟକ୍ତି ୪୩ଟି କଇଁଛଙ୍କୁ ରଖି କୋଲକାତା ଚାଲାଣ ପାଇଁ ରବିବାର ପ୍ରସ୍ତୁତି ଚଳାଇଥିଲେ। ଛତିଆ ଫାଣ୍ଡି ଅଧିକାରୀ ଗୋବର୍ଦ୍ଧନ ନାୟକ କୌଣସି ସୂତ୍ରରୁ ଖବର ପାଇ କଇଁଛଗୁଡ଼ିକୁ ଜବତ କରିଥିଲେ। ତେବେ ର୍‍ୟାକେଟ୍‌ର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶୁକଦେବ ଫେରାର ହୋଇଯାଇଥିଲା ବେଳେ ତାଙ୍କ ସହଯୋଗୀ ଅଜୟଙ୍କୁ ପୋଲିସ ଗିରଫ କରିଥିଲା। ବୈରୀ ଡ଼ାଲିଯୋଡ଼ା ଫରେଷ୍ଟର ସରୋଜ କୁମାର ମଲ୍ଲିକଙ୍କୁ ପୋଲିସ ଅଜୟ ଓ ଜବତ କଇଁଛଗୁଡ଼ିକୁ ହସ୍ତାନ୍ତର କରିଛି। ଜବତ କଇଁଛଗୁଡ଼ିକର ଓଜନ ୫୦କେଜିରୁ ଉର୍ଦ୍ଧ୍ୱ ହେବ ବୋଲି ବନବିଭାଗ ସୂଚନା ଦେଇଛି। ପୋଲିସର ସୂଚନା ମୁତାବକ ଶୁକଦେବ ଦୀର୍ଘଦିନ ହେବ କଇଁଛ ବ୍ୟବସାୟ କରିଆସୁଛନ୍ତି। ସେ କୋଲକାତା ବ୍ୟତୀତ ଅନ୍ୟାନ୍ୟ ସହରକୁ କଇଁଛ ଚାଲାଣ କରୁଛନ୍ତି। ଆଖପାଖ ଗାଁ ପୋଖରୀରୁ ଧରାଯାଉଥିବା କଇଁଛକୁ ସେ ସଂଗ୍ରହ କରି ଅଧିକ ମୂଲ୍ୟରେ ବିକ୍ରି କରିଥାନ୍ତି। କଇଁଛର ମାଂସ ଓ ଠୋପର ଚଢ଼ାଦାମ୍‌ରେ ବିକ୍ରି ହେଉଥିବା ବନବିଭାଗ ସୂଚନା ଦେଇଛି। ତେବେ କଇଁଛର ଠୋପର କେଉଁ କାମରେ ବ୍ୟବହାର କରାଯାଉଛି ବୋଲି ପ୍ରଶ୍ନ କରାଯିବାରୁ ବନବିଭାଗ ତରଫରୁ ଠିକ୍ ଉତ୍ତର ମିଳିନାହିଁ। ସୋମବାର ଅଜୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# କିଟ୍-କିସ୍ ଓ ଏନ୍‌ଜିଏମ୍‌ଏ ମଧ୍ୟରେ ବୁଝାମଣା



**ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)**

କିଟ୍-କିସ୍ ଓ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅଧୀନରେ ଥିବା ରାଷ୍ଟ୍ରୀୟ ଆଧୁନିକ କଳା ସଂଗ୍ରହାଳୟ (ଏନ୍‌ଜିଏମ୍‌ଏ) ମଧ୍ୟରେ ନୂଆଦିଲ୍ଲୀଠାରେ ସୋମବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ରାଜ୍ୟସଭା ସଦସ୍ୟ ତଥା ଶିକ୍ଷା, ମହିଳା, ଶିଶୁ ଏବଂ ଯୁବ ଓ କ୍ରୀଡ଼ା ସମ୍ପର୍କିତ ସଂସଦୀୟ ସ୍ଥାୟୀ କମିଟିର ଅଧ୍ୟକ୍ଷ ଡ. ବିନୟ ସହସ୍ରବୁଦ୍ଧେ, ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦର ମହାନିର୍ଦ୍ଦେଶକ ଦୀନେଶ କୁମାର ପଟ୍ଟନାୟକ ଓ କିସ୍ ପରାମର୍ଶଦାତା ଡ. ସୁରଜ କୁମାରଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ରରେ କିଟ୍-କିସ୍ ପକ୍ଷରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ ଏନ୍‌ଜିଏମ୍‌ଏ ପକ୍ଷରୁ ମହାନିର୍ଦ୍ଦେଶକ ଅଦ୍ୱୈତ ଗଡ଼ନାୟକ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ସାମନ୍ତ କହିଲେ, କିଟ୍-କିସ୍ ଇତିହାସରେ ଏଭଳି ବୁଝାମଣା ପ୍ରଥମ। ଆଜିର କଳ୍ପନା ଆସନ୍ତା କାଲିର ଉଦ୍ଭାବନ। କଳା ହେଉଛି ଏକ କଳ୍ପନା ଯାହା ପ୍ରେରଣା ଦ୍ୱାରା ବାସ୍ତବରେ ପରିଣତ ହୋଇଥାଏ ବୋଲି ସାମନ୍ତ କହିଥିଲେ। ଏହି ବୁଝାମଣା ପତ୍ର ଅନୁସାରେ କିଟ୍-କିସ୍ ଓ ଏନ୍‌ଜିଏମ୍‌ଏ ମିଳିତ ଭାବେ ଜନଜାତି କଳା, ସଂସ୍କୃତି, ହସ୍ତକଳା ଆଦିର ସୁରକ୍ଷା, ସଂରକ୍ଷଣ ଓ ପ୍ରୋତ୍ସାହନ ଦିଗରେ କାର୍ଯ୍ୟ କରିବେ। ଏଥିପାଇଁ ଉଭୟ ଅନୁଷ୍ଠାନ ମିଳିତ ଭାବେ ଗବେଷଣା, ଅଭିଲେଖ ପ୍ରସ୍ତୁତି, ସମସାମୟିକ ଜନଜାତି କଳାର ପ୍ରଦର୍ଶନୀ, ଆଲୋଚନାଚକ୍ର, ସମ୍ମିଳନୀ ଆଦି ଆୟୋଜନ କରିବେ। ଏହି ବୁଝାମଣା ହେଉଛି ଯୁବ ଜନଜାତି କଳାକାରଙ୍କ ମଧ୍ୟରେ ଜନଜାତି କଳା, ହସ୍ତକଳା ଓ ପରମ୍ପରାକୁ ପୁନର୍ଜୀବିତ କରିବା ଦିଗରେ ଏକ ପ୍ରୟାସ। ଏହା ଛଡ଼ା ଉଭୟ ଅନୁଷ୍ଠାନ ଲୁପ୍ତ ଜନଜାତି-ସଙ୍ଗୀତ, ନୃତ୍ୟ, ନାଟକ, ସାହିତ୍ୟ, ଲଳିତ କଳା ଆଦିକୁ ପ୍ରୋତ୍ସାହନ, ପ୍ରସାର ଓ ପ୍ରଚାର କରିବେ। ଜନଜାତି କଳା ଇତିହାସ କ୍ଷେତ୍ରରେ ଉଚ୍ଚତର ଶିକ୍ଷା ଓ ଗବେଷଣା ପାଇଁ କିଟ୍-କିସ୍‌କୁ ଏନ୍‌ଜିଏମ୍‌ଏ ସମସ୍ତ ବୈଷୟିକ ସହାୟତା ଯୋଗାଇ ଦେବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା ବନ୍ଧୁଙ୍କ ପରାମର୍ଶ ପାଇବା ଯୋଗୁଁ ମନ ଖୁସି ରହିବ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାବଧାନ ରହିବା ଭଲ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ପରିବାରରେ ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତାରେ ବ୍ୟସ୍ତତା ପରିଲକ୍ଷିତ ହେବ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ସଭାସମିତିରେ ଅଥବା ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବାର ଆଶଙ୍କା ରହିଛି।

**ମିଥୁନ** ଆପଣ ଚେଷ୍ଟା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ଅପ୍ରୀତିକର ପରିସ୍ଥିତିର ସାମନା କରିପାରେ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଅବଶ୍ୟ ଆପଣ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ।

**କର୍କଟ** କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ,ଏଣୁ ସାବଧାନତା ଆବଶ୍ୟକ। ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ** କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ଆପଣ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିପାରନ୍ତି। ସାମାଜିକ ସ୍ତରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲ ରହିବ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଯେସାକୁ ତେସା ନୀତିରେ କାମ କରିବାକୁ ଇଚ୍ଛା କରିବେ। ଘର ଲୋକଙ୍କୁ ଉପେକ୍ଷା କଲେ ପରେ ଅନୁତାପ କରିବାକୁ ପଡ଼ିପାରେ। ମହିଳାମାନେ ଅର୍ଥାଭାବରୁ କୌଣସି କାମ କରିବାରେ ପଛେଇ ଯାଇପାରନ୍ତି।

**ତୁଳା** ଆଜି କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବ ପ୍ରକାଶ କରିବାରେ ପଛେଇ ଯିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋଷ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଅତୀତ ଘଟଣା କିମ୍ବା ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। କିନ୍ତୁ କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। କାମ ହାସଲ ପାଇଁ ଅନ୍ୟର ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି।

**ଧନୁ** ଆଜି ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥାରୁ ପରିବାରରେ କଳହ ଦେଖାଦେଇପାରେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ ଏବଂ ବିବାଦର ସମାଧାନ ହେବାର ଆଶା ମଧ୍ୟ ରହିଛି। ଖଳଲୋକମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** ଆଜି ଘରର କେତେକ ଅତ୍ୟାବଶ୍ୟକ ଜିନିଷଗୁଡ଼ିକୁ ଆଣିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖାଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କେତେକ କ୍ଷେତ୍ରରେ କାରଣ ନ ଥାଇ ମଧ୍ୟ ଦୋଷୀ ସାବସ୍ତ ହେବେ।

**କୁମ୍ଭ** ଆଜି ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ କିଛି ଅସୁବିଧା ହେବ ନାହିଁ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ** ପାଖ ପଡ଼ୋଶୀଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହେବେ। ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। କେତେକ କ୍ଷେତ୍ରରେ ଜିଦ୍‌ଖୋର ମନୋବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି।


## classifieds Everyday
0674-2580101, 2549302

real estate

SALE

ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner-9090963952. D-71746

Layer poultry farm for Lease/Sale 70km. from Bhubaneswar. Contact: 7008566481. D-22420

Boundarywall gharabari sthitiban corner plot sale near CV Raman Engg. College, Bhubaneswar. 7008643668. D-71747

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call-9827119799. D-71909

Bhubaneswar infocity-2 200ft. road side near Cancer Hospital ପାଖରେ yellowzone ପ୍ଲଟ୍ ମିଳୁଛି। 9337284117. D-71741

Gharabari land 1410sqft. at Jharapada, Bhubaneswar @ 3200/-sqft. for sale. Contact: 9438376959. D-71440

Bhubaneswar ବରମୁଣ୍ଡାରୁ ୧୫କି.ମି. ଦୂରରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- (୨୦ଟା ପ୍ଲଟ୍ ବିକ୍ରିହେବ)। 9938016295. D-71745

Gharabari residential plot for sale at Balianta, 5k.m. distance from Hanspal, 11k.m. distance from Vani Vihar, immediate possession and registration. 7789912004, 9348577408. D-68284

ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300 mtr distance ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8908122121. D-71729

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9439660381. D-22344

ଭୁବନେଶ୍ୱର ଚନ୍ଦକାରେ Nalanda/BCCST College ପାଖରେ road, electricity, water, boundary ଥାଇ ବାସୋପଯୋଗୀ plot ପୋଜେସନ ଥାଇ ମିଳୁଛି। 9348870771, 9090543542. D-71742

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

to-let

10BHK independent house within large compound in Khandagiribari Bhubaneswar for Office/ Hostel/ Godown. 9437055725, 9861067046. D-22391

To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040. D-22211

healthcare

Newly open SPA Offer Price @ 699/-, positively health benefits. 7846814019. D-71444

Refreshing your mind and body with the best therapy. 7873794731. D-71913

One hour any therapy by expert therapist @800 only. 9078484455. D-71443

Newly open SPA Offer Price @ 599/-, positively health benefits. 8455987557. D-71445

@1199 full body massage, mind refreshing joint pain, positively give health benefit by expert therapist, ladies/gents. Contact: 7205058838. D-71910

Newly open full body massage ladies and gents. 8327740003. D-71824

AFFIDAVIT

Before Executive Magistrate, Bhubaneswar I, PRAGYANA PARAMITA RAUTARAY, Residing, Tower 4, 1301, Tata Ariana, Kalinga Nagar, Bhubaneswar-751029 Changed my Name after marriage to SURYAKANT KAHALSINGH. Henceforth I shall be known as PRAGYAN PARIMITA KAHALSINGH for all purposes. D-22421

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ‘ଭାଜପା ସହ ମିଶି ସରକାର ଗଢ଼ିବୁ’

ଚଣ୍ଡିଗଡ଼, ୨୯।୧୧(ପି.ଟି.)

ଭାଜପା ଏବଂ ଅକାଳୀ ଦ ଳର ଗୋଟିଏ ଗୋଷ୍ଠୀ ସହ ମିଶି ତାଙ୍କ ଦଳ ପଞ୍ଜାବରେ ପରବର୍ତ୍ତୀ ସରକାର ଗଢ଼ିବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ସୋମବାର କହିଛନ୍ତି। ସେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟରଙ୍କ ସହ ଅଚାନକ ବୈଠକରେ ଯୋଗଦେଇଥିଲେ। ତେବେ ଏହା ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସାକ୍ଷାତ୍ ଥିଲା ଓ ଏହା ପଛରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନାହିଁ ବୋଲି ଅମରିନ୍ଦର କହିଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ତାଙ୍କ ଦଳ ପଞ୍ଜାବ ଲୋକ କଂଗ୍ରେସରେ କୌଣସି ବଡ଼ ନେତା ଯୋଗଦେବେ କି ବୋଲି ପ୍ରଶ୍ନର ଉତ୍ତରରେ ଅମରିନ୍ଦର କହିଥିଲେ, ଅପେକ୍ଷା କର। ସବୁ ଠିକ୍‌ଠାକ୍ ଚାଲିଛି ଓ ଦଳର ସଭ୍ୟସଂଗ୍ରହ ଅଭିଯାନ ଜାରି ରହିଛି ବୋଲି ସେ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ପ୍ରଦେଶ କଂଗ୍ରେସ କମିଟି ସଭାପତି ନବଜ୍ୟୋତ ସିଂ ସିଦ୍ଧୁଙ୍କ ସହ କ୍ଷମତା କନ୍ଦଳ କାରଣରୁ ଅମରିନ୍ଦର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ଦଳ ଛାଡ଼ିଥିଲେ। କୃଷି ଆଇନ ପ୍ରତ୍ୟାହାର ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେବା ଦିନ ସେ ଖଟ୍ଟରଙ୍କୁ ଭେଟିଥିବାରୁ ଏହାକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଅମରିନ୍ଦର ଦିଲ୍ଲୀ ଯାଇ ଭାଜପାର କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟିବେ ବୋଲି ସୂଚନା ଦେଇଛନ୍ତି। କୃଷି ଆଇନ ରଦ୍ଦ ଲାଗି ବିଲ୍ ଗୃହୀତ ହୋଇଯାଇଛି। ଚାଷୀମାନଙ୍କର ଆଉ ୬/୭ଟି ଦାବି ସମ୍ପର୍କରେ ବିଚାର କରିବାକୁ ସରକାର ରାଜି ହୋଇଛନ୍ତି। ତେଣୁ ସେମାନଙ୍କର ଆଉ କୌଣସି ପ୍ରସଙ୍ଗ ନାହିଁ ବୋଲି ଅମରିନ୍ଦର କହିଥିଲେ।


ଅମରିନ୍ଦର ସିଂ

# ସାବରମତି ଆଶ୍ରମ ପ୍ରକଳ୍ପକୁ ବିରୋଧ

## ସଂସଦର ହସ୍ତକ୍ଷେପ ଦାବିରେ ଧାରଣା

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରତିଷ୍ଠିତ ସାବରମତି ଆଶ୍ରମର ପୁନଃ ନିର୍ମାଣ ପାଇଁ ଗୁଜରାଟ ସରକାର ଓ କେନ୍ଦ୍ର ସରକାର ୧୨୪୬ କୋଟି ଟଙ୍କା ବ୍ୟୟରେ ଏହାକୁ ୭ ତାରକା ବିଶିଷ୍ଟ ହୋଟେଲରେ ପରିଣତ କରିବାକୁ ଯାଉଛନ୍ତି। ଏହା ଗାନ୍ଧିଜୀଙ୍କ ଐତିହ୍ୟକୁ ସବୁଦିନ ପାଇଁ ଲୋପ କରିଦେବାର ଏକ ଷଡ଼ଯନ୍ତ୍ର ବୋଲି ସାବରମତି ବଞ୍ଚାଅ ଅଭିଯାନ ଅଭିଯୋଗ ଆଣିଛି। ଏହି ପ୍ରକଳ୍ପରେ ସଂସଦର ହସ୍ତକ୍ଷେପ ଦାବିକରି କଂଗ୍ରେସ ପକ୍ଷରୁ ସୋମବାର ସ୍ଥାନୀୟ ଜନତା ମଇଦାନସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିରେ ବିଶିଷ୍ଟ ଗାନ୍ଧିବାଦୀ ଭଗବାନ ପ୍ରକାଶ ଅଧ୍ୟକ୍ଷତା କରି ଉକ୍ତ ପ୍ରକଳ୍ପର ସମାଲୋଚନା କରିଥିଲେ। ସେହିପରି ଆବାହକ ରବି ବେହେରା ଏହି ପ୍ରକଳ୍ପକୁ ବାଘର ସୁନା କଙ୍କଣ ବୋଲି ମତ ଦେଇଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସାବରମତୀ ପୁନଃନିର୍ମାଣ ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ଗାନ୍ଧୀବାଦର ଐତିହ୍ୟ ଉପରେ ଚରମ ଆକ୍ରମଣ ବୋଲି ଅଭିହିତ କରିଥିଲେ। ଗାନ୍ଧିବାଦୀ ପ୍ରସ୍ତାବ ସିଂ ସାବରମତୀ ଆଶ୍ରମର ଐତିହ୍ୟ ବିଷୟରେ ଆଲୋକପାତ ସହ ପ୍ରକଳ୍ପକୁ ବିରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ନେତା ତଥା ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ସମାଜବାଦୀ ପାର୍ଟି ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ସିପିଆଇ (ଏମ୍ଏଲ) ନେତା ମହେନ୍ଦ୍ର ପରିଡ଼ାଙ୍କ ସମେତ ସୁଧାଂଶୁ ଶେଖର ମହାପାତ୍ର, ସୁବାସ ଚନ୍ଦ୍ର ପଣ୍ଡା, ଅଭୟ ଜେନା, ଚିତ୍ତରଞ୍ଜନ ବେହେରା, ସିଦ୍ଧାର୍ଥ ରଥ, ପ୍ରଫୁଲ୍ଲ ଦାସ, ନାରୀନେତ୍ରୀ ମନୋରମା ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ଏହି ପ୍ରକଳ୍ପ ବିରୋଧରେ ଜନମତ ସୃଷ୍ଟି କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।


ଭୁବନେଶ୍ୱର ଜନତା ମଇଦାନସ୍ଥିତ ଗାନ୍ଧୀମୂର୍ତ୍ତି ନିକଟରେ ଧାରଣାରତ ବିଭିନ୍ନ ଦଳର ନେତୃବୃନ୍ଦ।

## ଏ ପର୍ଯ୍ୟନ୍ତ ପିପିଲି ପୀଡ଼ିତାଙ୍କୁ ନ୍ୟାୟ ମିଳିନି: କଂଗ୍ରେସ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ): ବହୁ ଚର୍ଚ୍ଚିତ ପିପିଲିର ବେବିନା ଗଣବଳାତ୍କାର ଘଟଣାକୁ ସୋମବାର ୧୦ବର୍ଷ ପୂରିଛି। ହେଲେ ଏପର୍ଯ୍ୟନ୍ତ ଅପରାଧିମାନେ ଦଣ୍ଡ ପାଇନାହାନ୍ତି କି ତଦନ୍ତ କମିଶନ ରିପୋର୍ଟ ବିଧାନସଭାରେ ଉପସ୍ଥାପନ ହୋଇନାହିଁ ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ସୋମବାର ରାଜ୍ୟ କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ନିଶିକାନ୍ତ ମିଶ୍ର ଏହି ଘଟଣାର ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଛନ୍ତି। ତଦନ୍ତରେ ଅବହେଳା, ପ୍ରଶାସନିକ ଅବ୍ୟବସ୍ଥା ଏବଂ ସରକାରୀ ଦଳର ସମ୍ପୃକ୍ତି ଯୋଗୁ ଅପରାଧୀ ଦଣ୍ଡ ପାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ନିଶିକାନ୍ତ କହିଛନ୍ତି, ଘଟଣାର ତଦନ୍ତ କରୁଥିବା ଜଷ୍ଟିସ ପି.କେ. ମହାନ୍ତି କମିଶନ ୨୦୧୬ ମାର୍ଚ୍ଚ ୩୦ରେ ଚୂଡ଼ାନ୍ତ ରିପୋର୍ଟ ଗୃହ ବିଭାଗ ନିକଟରେ ଦାଖଲ କରିଥିଲେ। ରିପୋର୍ଟ ଦାଖଲର ୬ବର୍ଷ ବିତିଯାଇଥିଲେ ବି ମୁଖା ଖୋଲିଯିବା ଭୟରେ ତଦନ୍ତ ରିପୋର୍ଟକୁ ରାଜ୍ୟ ସରକାର ବିଧାନସଭାରେ ଆଗତ କରୁନାହାନ୍ତି। ଏଣୁ ଚଳିତ ବିଧାନସଭା ଶୀତ ଅଧିବେଶନରେ ତଦନ୍ତ କମିଶନ ରିପୋର୍ଟ ଉପସ୍ଥାପନ ପାଇଁ କଂଗ୍ରେସ ଦାବି କରିଛି। ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାଶ, ପ୍ରଶାନ୍ତ ଶତପଥି, ଜ୍ଞାନଦେବ ବେଉରା ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି, ୨୦୧୧ ନଭେମ୍ବର ୨୯ରେ ପୁରୀ ଜିଲା ପିପିଲି ଥାନା ଅଞ୍ଚଳରେ ଏହି ଗଣବଳାତ୍କାର ଘଟଣା ଘଟିଥିଲା।

# ବ୍ଲକ ସମ୍ମୁଖରେ କଂଗ୍ରେସର ଗଣଧାରଣା

## ମମିତା ମେହେର, ଗ୍ୟାସ୍ ଦର ବୃଦ୍ଧି ପ୍ରସଙ୍ଗ



ଧର୍ମଗଡ ବ୍ଲକ ସମ୍ମୁଖରେ କଂଗ୍ରେସର ଗଣଧାରଣା।

ଧର୍ମଗଡ଼/ଗୋଲାମୁଣ୍ଡା/କୋକସରା,୨୯।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ, ଗୋଲାମୁଣ୍ଡ ଓ କୋକସରା ବ୍ଲକ ସମ୍ମୁଖରେ ସୋମବାର କଂଗ୍ରେସ ପକ୍ଷରୁ ଗଣଧାରଣା ଦିଆଯାଇଛି। ମମିତା ମେହେରଙ୍କୁ ନ୍ୟାୟ ପ୍ରଦାନ, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବରଖାସ୍ତ, ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ ଦର ବୃଦ୍ଧି ହ୍ରାସ ଓ କୃଷକମାନଙ୍କ ଧାନ ବିକ୍ରୟ ପାଇଁ ଲୋକାଲ ଟୋକନ ବ୍ୟବସ୍ଥା ଆଦି ଦାବି ନେଇ ଦଳ ପକ୍ଷରୁ ଏହି ଗଣଧାରଣା ଦିଆଯାଇଛି। ଧର୍ମଗଡ ବ୍ଲକ ଓ ନଗର କଂଗ୍ରେସ କମିଟି ପକ୍ଷରୁ ଗଣଧାରଣାରେ ବ୍ଲକ ସଭାପତି ପ୍ରେମଲାଲ ସାଗର, ନଗର ସଭାପତି ଅକ୍ରୁର ନାଏକ, ବରିଷ୍ଠ ନେତା ତୁଷାର ପଟ୍ଟଯୋଷୀ, ରବି ପଟ୍ଟଯୋଷୀ, ଦିଗାମ୍ବର ଦୁରିଆ, ଡାକେ ଲହଜଲ ପ୍ରମୁଖ ଉପସ୍ଥିତ ଥିଲେ। ଗୋଲାମୁଣ୍ଡା ବ୍ଲକରେ ଜିଲା ଯୁବ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ବ୍ଲକ ସଭାପତି ଶରତ ଭୋଇ, ବ୍ଲକ ସଭାନେତ୍ରୀ ପୁଷ୍ପଲତା ବିହାରୀ, ବରିଷ୍ଠ କଂଗ୍ରେସ ନେତା ଶଙ୍କର ପାନକା, ନରହରି ବାଗ ପ୍ରମୁଖ ଧାରଣାସ୍ଥଳରେ ଉପସ୍ଥିତ ରହିଥିଲେ। ସେହିପରି କୋକସରା ବ୍ଲକ କଂଗ୍ରେସ ସଭାପତି ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଏଥିରେ ଯୁବନେତା ତ୍ରିଭୁବନ ନାଏକ, ଜିଲା ଯୁବମୋର୍ଚ୍ଚା ଉପସଭାପତି ଲିଙ୍ଗରାଜ ବେହେରା, ବ୍ଲକ ସମ୍ପାଦକ ତ୍ରିଲୋଚନ ମହାନନ୍ଦ, ବ୍ଲକ କୃଷକ ମୋର୍ଚ୍ଚା ସଭାପତି ଘନଶ୍ୟାମ ଜାଲ, କେଶବ ଚନ୍ଦ୍ର ନାଏକ, ନାରିନେତ୍ରୀ ଫୁଲତୋଳା ଖମାରି, ମାଧୁରୀ ନିଆଲଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ ରାଜ୍ୟ ଓ କେନ୍ଦ୍ର ସରକାର ଦାବି ଉପରେ କୌଣସି ପଦକ୍ଷେପ ନ ନେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଛି।


**ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

**ସିପିଆର୍‌ଏମ୍‌ଏସ୍‌ଇ ସଦସ୍ୟଙ୍କ ଡିଜିଟାଲ୍ ଜୀବନ ପ୍ରମାଣପତ୍ର**

ଏତଦ୍ୱାରା ଏମ୍‌ସିଏଲ୍/ଅନ୍ୟ ଅନୁଷଙ୍ଗୀ ସଂସ୍ଥା (ଯେଉଁମାନେ ଏମ୍‌ସିଏଲ୍‌କୁ ଚୟନ କରିଛନ୍ତି)ରୁ ଅବସରପ୍ରାପ୍ତ ସମସ୍ତ ଅଧିକାରୀ ବା ସେମାନଙ୍କର ଜୀବନସାଥୀ (ଅବସରପ୍ରାପ୍ତ ଅଧିକାରୀଙ୍କ ଦେହାନ୍ତ ହୋଇଥିବା ସ୍ଥିତିରେ) ଯେଉଁମାନେ ସିପିଆର୍‌ଏମ୍‌ଏସ୍‌ଇର ସଦସ୍ୟ ଅଛନ୍ତି, ପ୍ରତିବର୍ଷ ଦାଖଲ କରୁଥିବା ସେମାନଙ୍କର ଜୀବନ ପ୍ରମାଣପତ୍ର ଡିସେମ୍ବର ମାସ ପରିବର୍ତ୍ତେ ନଭେମ୍ବର ମାସରେ ହିଁ ସଂଶୋଧିତ ଫର୍ମାଟ୍ ଅନୁସାରେ ଦାଖଲ କରିବା ନିମନ୍ତେ ପରାମର୍ଶ ଦିଆଯାଉଅଛି। ଚିକିତ୍ସାଗତ ସୁବିଧା ପାଇବା ପାଇଁ ପ୍ରତିବର୍ଷ ଆବଶ୍ୟକ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଏଣିକି ଅନ୍‌ଲାଇନ୍‌ରେ ଦାଖଲ କରାଯାଇପାରିବ। ନିକଟସ୍ଥ ଜନସେବା କେନ୍ଦ୍ର ଅଥବା ବ୍ୟାଙ୍କ୍ ଶାଖା କିମ୍ବା କୌଣସି ସରକାରୀ କାର୍ଯ୍ୟାଳୟ ଯେଉଁମାନଙ୍କର ସବିଶେଷ ବିବରଣୀ https://jeevanpraman.gov.in ରେ ଉପଲବ୍ଧ, ସେଠାକୁ ଯିବା ପାଇଁ ପରାମର୍ଶ ଦିଆଯାଉଛି। ଲାଭାର୍ଥୀମାନେ ସେମାନଙ୍କର ଜୀବନ ପ୍ରମାଣପତ୍ର ବ୍ୟକ୍ତିଗତ ଭାବେ/ଇମେଲ ଆଇଡି: mclcprmse@gmail.com କୁ ଇମେଲ୍ କରି କିମ୍ବା ଜିଏମ୍(ଇଇ), ଏମ୍‌ସିଏଲ୍ ମୁଖ୍ୟାଳୟ, ସା/ପୋ: ଜାଗୃତି ବିହାର, ବୁର୍ଲା, ସମ୍ବଲପୁର-୭୬୮୦୨୦ (ଓଡ଼ିଶା) ଠିକଣାରେ ଡାକ ଯୋଗେ ଅଫ୍‌ଲାଇନ୍ ଦାଖଲ କରିପାରିବେ। ସଦସ୍ୟମାନେ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ନିମନ୍ତେ ଆବଶ୍ୟକ ସଂଶୋଧିତ ଜୀବନ ପ୍ରମାଣପତ୍ର ଫର୍ମ ଏବଂ ଉପଯୋଗ ପୁସ୍ତିକା ଏମ୍‌ସିଏଲ୍ ୱେବ୍‌ସାଇଟ୍ www.mahanadicoal.inରୁ ପାଇପାରିବେ।

**ଦ୍ରଷ୍ଟବ୍ୟ:** ଜଣାଯାଇଛି ଯେ ଅଦ୍ୟାବଧି ଅନେକ ସଦସ୍ୟ ସେମାନଙ୍କର ଜୀବନ ପ୍ରମାଣପତ୍ର ଦାଖଲ କରି ନାହାନ୍ତି। ସେମାନଙ୍କୁ ଉପରଲିଖିତ ନିର୍ଦ୍ଦେଶ ଅନୁସାରେ ଯଥାଶୀଘ୍ର ତାହା ଦାଖଲ କରିବା ପାଇଁ ପରାମର୍ଶ ଦିଆଯାଉଅଛି।

R-5084



**ନିୟନ୍ତ୍ରିତ ବଜାର କମିଟି, କୁଚିଣ୍ଡା**

ଏତଦ୍ୱାରା କୁଚିଣ୍ଡା ଉପଖଣ୍ଡର ସମସ୍ତ ଧାନଚାଷୀମାନଙ୍କୁ ଜଣାଇ ଦିଆଯାଉଛି ଯେ, ଚଳିତ ଖରିଫ ୨୦୨୧-୨୨ ବର୍ଷ ପାଇଁ ୯ ଗୋଟି ଲ୍ୟାମ୍ପ୍ସ ଓ ୭ ଗୋଟି WSHG ଦ୍ୱାରା ୫୨ଗୋଟି କ୍ରୟ କେନ୍ଦ୍ରରେ ତା୦୧।୧୨।୨୦୨୧ରିଖଠାରୁ ଧାନ କ୍ରୟ କରାଯିବ। ଏଣୁ ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ, ସେମାନେ ତାଙ୍କର ଉତ୍ପାଦିତ ଧାନକୁ ଭଲ ଭାବରେ ସଫାକରି (FAQ) ମାନର ଉନ୍ନୀତ କରାଇ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକ୍ରୟ କରିବାକୁ ଅନୁରୋଧ।

**ଧାନର ମାନ ନିର୍ଦ୍ଧାରଣ – F.A.Q.**

| କ୍ର.ନଂ. | ମିଶ୍ରିତ ଦ୍ରବ୍ୟ ବିବରଣୀ | ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|---|
| ୧. | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧% |
| ୨. | କାଠି, କୁଟା, ଭୁଷି, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧% |
| ୩. | ଖରାପ, ବେରଙ୍ଗୀ, ପାନିପୋଲା, ପୋକା ଇତ୍ୟାଦି | ୫% |
| ୪. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୫. | ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ ‘ଏ’ ପାଇଁ ପ୍ରଯୁଜ୍ୟ) | ୬% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% |

**ଧାନର ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟ**

| | |
|---|---|
| ସାଧାରଣ ଶ୍ରେଣୀ (FAQ) | ଟ.୧୯୪୦.୦୦ (ପ୍ରତି କୁଇଣ୍ଟାଲ) |
| କ ଶ୍ରେଣୀ ଧାନ | ଟ.୧୯୬୦.୦୦ (ପ୍ରତି କୁଇଣ୍ଟାଲ) |

ବି.ଦ୍ର.: ଓଡ଼ିଶା ସରକାରଙ୍କ (Toll Free Number - 1967) ସମସ୍ତ ପ୍ରକାରର ତଥ୍ୟ ଜାଣିବା ପାଇଁ ଚାଷୀ ପଞ୍ଜୀକୃତ ମୋବାଇଲ ନମ୍ବରରେ Call କରିବାକୁ ଅନୁରୋଧ।

ନିୟନ୍ତ୍ରିତ ବଜାର କମିଟି, କୁଚିଣ୍ଡା



**ଫର୍ମ ନଂ. ଆଇଏନ୍‌ସି-୨୬**
[କମ୍ପାନୀ (ଇନ୍‌କର୍ପୋରେଶନ) ନିୟମାବଳୀ, ୨୦୧୪ର ନିୟମ ୩୦ ଆଧାରରେ]
**କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ “ଓଡ଼ିଶା ରାଜ୍ୟ”ରୁ “ଦିଲ୍ଲୀ ରାଜ୍ୟ”କୁ ପରିବର୍ତ୍ତନ କରିବା ପାଇଁ ଖବରକାଗଜରେ ପ୍ରକାଶିତ ହେବାକୁ ଥିବା ବିଜ୍ଞାପନ**
**ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ (କେନ୍ଦ୍ର ସରକାର)ଙ୍କ ସମ୍ମୁଖରେ**
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ର ଉପଧାରା (୪) ଏବଂ କମ୍ପାନୀ (ଇନ୍‌କର୍ପୋରେଶନ) ନିୟମାବଳୀ, ୨୦୧୪ର ନିୟମ ୩୦ର ଉପ-ନିୟମ (୫)ର ଦଫା (କ) ମାମଲାରେ
**ଏବଂ**
**ଏଆର୍‌ଏସ୍‌ଏସ୍ ବସ୍ ଟର୍ମିନାଲ ପ୍ରାଇଭେଟ୍ ଲିମିଟେଡ୍,** ପଞ୍ଜୀକୃତ କାର୍ଯ୍ୟାଳୟ: ସି-୭୯, ବିଡିଏ ଡୁପ୍ଲେକ୍ସ, ଏୟାରପୋର୍ଟ ନିକଟ, ପଳାଶପଲ୍ଲୀ, ଭୁବନେଶ୍ୱର, କଟକ, ଓଡ଼ିଶା-୭୫୧୦୨୦ ମାମଲାରେ
.......ବାଦୀ

ଏତଦ୍ୱାରା ସର୍ବସାଧାରଣଙ୍କୁ ନୋଟିସ ପ୍ରଦାନ କରାଯାଉଛି ଯେ କମ୍ପାନୀ ନଭେମ୍ବର ୨୩, ୨୦୨୧ରେ ଅନୁଷ୍ଠିତ ଅତିରିକ୍ତ ସାଧାରଣ ବୈଠକରେ ଗୃହୀତ ସ୍ୱତନ୍ତ୍ର ସଂକଳ୍ପ ଅନୁଯାୟୀ କମ୍ପାନୀର ସଂସ୍ଥା ଜ୍ଞାପକରେ ସଂଶୋଧନ ଲାଗି ଅନୁମତି ପାଇଁ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ ଅଧୀନରେ ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ ଖଣ୍ଡପୀଠ (କେନ୍ଦ୍ର ସରକାର)ଙ୍କ ନିକଟରେ ଆବେଦନ କରିବାର ପ୍ରସ୍ତାବ ରଖୁଛି, ଯାହା କମ୍ପାନୀକୁ ଏହାର ପଞ୍ଜୀକୃତ କାର୍ଯ୍ୟାଳୟକୁ “ଓଡ଼ିଶା ରାଜ୍ୟ”ରୁ “ଦିଲ୍ଲୀ ରାଜ୍ୟ”କୁ ପରିବର୍ତ୍ତନ କରିବାରେ ସକ୍ଷମ କରିବ।

କମ୍ପାନୀର ପ୍ରସ୍ତାବିତ ପଞ୍ଜୀକୃତ କାର୍ଯ୍ୟାଳୟ ପରିବର୍ତ୍ତନ କାରଣରୁ ଯଦି କୌଣସି ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥ ପ୍ରଭାବିତ ହେବା ସମ୍ଭାବନା ଥାଏ ତେବେ ସେ ଏମ୍‌ସିଏ-୨୧ ପୋର୍ଟାଲ (www.mca.gov.in) ରେ ନିବେଶକ ଅଭିଯୋଗ ଫର୍ମ ଦାଏର କରିପାରିବେ କିମ୍ବା ତାଙ୍କର ସ୍ୱାର୍ଥ ତଥା ଆପତ୍ତିର କାରଣ ଦର୍ଶାଇ ସତ୍ୟପାଠ ସହିତ ନିଜର ଆପତ୍ତିକୁ ପଞ୍ଜୀକୃତ ଡାକ ମାଧ୍ୟମରେ ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ, ନିଜାମ ପ୍ୟାଲେସ୍, II ଏମ୍‌ଏସ୍‌ଓ ବିଲ୍ଡିଂ, ୩ୟ ମହଲା, ୨୩୪/୪ ଏ.ଜେ.ସି. ବୋଷ ରୋଡ୍, କୋଲକାତା ୭୦୦୦୨୦ ଠିକଣାରେ ଏହି ନୋଟିସ ପ୍ରକାଶନ ତାରିଖରୁ ୧୪ ଦିନ ମଧ୍ୟରେ ପଠାଇବାର ବ୍ୟବସ୍ଥା କରିବା ସହିତ ଏହାର ଏକ ପ୍ରତିଲିପି ଆବେଦନକାରୀ କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣାରେ ପ୍ରେରଣ କରିବେ।

ଏଆର୍‌ଏସ୍‌ଏସ୍ ବସ୍ ଟର୍ମିନାଲ ପ୍ରାଇଭେଟ୍ ଲିମିଟେଡ୍
ପାଇଁ ଏବଂ ତରଫରୁ
ସ୍ୱା./-
ଭିନୁ ସଞ୍ଜୟ
(ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ)
ଡିଆଇଏନ୍: ୦୭୪୭୦୩୩୯
ତାରିଖ: ୨୯।୧୧।୨୦୨୧
ସ୍ଥାନ: ମୁମ୍ବାଇ


# ଓବିସିଙ୍କ ପାଇଁ ଆନ୍ଦୋଳନ କରିବ ଭାଜପା

## ଦଳର ରାଜ୍ୟ ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ)

ଓଡ଼ିଶାରେ ପଛୁଆ ବର୍ଗ ଅବହେଳିତ। ଓବିସିମାନଙ୍କୁ କେବଳ ୧୧.୨୫% ସଂରକ୍ଷଣ କଥା କହି ବାସ୍ତବ କ୍ଷେତ୍ରରେ ରାଜ୍ୟ ସରକାର ମାତ୍ର ୨ରୁ ୩ ପ୍ରତିଶତ ସଂରକ୍ଷଣ ଦେଉଛନ୍ତି। ସ୍କୁଲ କଲେଜରେ ଓବିସି ଛାତ୍ରୀଛାତ୍ରଙ୍କୁ ସଂରକ୍ଷଣ ବ୍ୟବସ୍ଥାରୁ ବଞ୍ଚିତ ରଖାଯାଉଛି। ଓଡ଼ିଶା ଜନସଂଖ୍ୟାର ୫୪ ପ୍ରତିଶତ ପଛୁଆ ବର୍ଗଙ୍କ ପ୍ରତି ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସମ୍ପୂର୍ଣ୍ଣ ଅନ୍ୟାୟ କରାଯାଇଛି। ମଣ୍ଡଳ କମିଶନ ସୁପାରିସ ଆଧାରରେ ରାଜ୍ୟ ସରକାର ୨୭% ସଂରକ୍ଷଣ ଦେଉନାହାନ୍ତି। ଭାଜପା ଏଥିପାଇଁ ଆଗକୁ ଆନ୍ଦୋଳନ କରିବ ଏବଂ ପଛୁଆବର୍ଗର ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରଖିବ ବୋଲି ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ କେ.ଲକ୍ଷ୍ମଣ କହିଛନ୍ତି। ସୋମବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଓବିସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ଲକ୍ଷ୍ମଣ କହିଛନ୍ତି, ଦେଶର ପଛୁଆ ବର୍ଗଙ୍କ ବିକାଶ ପାଇଁ ମୋଦି ସରକାର ବହୁ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ନିଜ ମନ୍ତ୍ରିମଣ୍ଡଳରେ ଓବିସି ବର୍ଗକୁ ପ୍ରତିନିଧିତ୍ୱ କରୁଥିବା ୨୭ ଜଣଙ୍କୁ ସ୍ଥାନିତ କରି ପଛୁଆ ବର୍ଗକୁ ସମ୍ମାନ ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାରଙ୍କ ସମସ୍ତ ଜନ ଓ ଗରିବ କଲ୍ୟାଣ ଯୋଜନାର ସୁଫଳକୁ ସାଧାରଣ ଜନତାଙ୍କ ପାଖକୁ ପହଞ୍ଚାଇବା ଓବିସି ମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ମୁଖ୍ୟ ଦାୟିତ୍ୱ ବୋଲି ସେ କହିଛନ୍ତି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ରାଜ୍ୟର ୮ ଜିଲାରେ ଗୋଟିଏ ବି ଜିଲା ପରିଷଦ ଅଧ୍ୟକ୍ଷ ସ୍ଥାନ ଓବିସିମାନଙ୍କ ପାଇଁ ସଂରକ୍ଷିତ ନାହିଁ। ଏହା ଅତ୍ୟନ୍ତ ବେଆଇନ ଓ ପଛୁଆବର୍ଗଙ୍କ ବିକାଶ ବିରୋଧୀ ମାନସିକତା ନୁହେଁ ତ ଆଉ କ’ଣ ବୋଲି କାର୍ଯ୍ୟକାରିଣୀ ପ୍ରଶ୍ନ କରିଛି। କାର୍ଯ୍ୟକାରିଣୀରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଋଣଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ସମ୍ବଲପୁର
ସା: ହୁସେନ୍ ହାଉସ୍, ପୋ: ଅଇଁଠାପାଲି, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୪

**ଡ଼ିମାଣ୍ଡ ନୋଟିସ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ (୨)ଅନୁଯାୟୀ ଡିମାଣ୍ଡ ନୋଟିସ

ଏତଦ୍‌ଦ୍ୱାରା ଋଣଗ୍ରହୀତା : **ଶ୍ରୀମତୀ ପଦ୍ମା ଟୀଗାଲାରାଓ**ଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ ମାଧ୍ୟମରେ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଅବଗତ କରାଗଲା।

| ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ.: | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ସର୍ବମୋଟ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀମତୀ ପଦ୍ମା ଟୀଗାଲାରାଓ**, ସ୍ୱାମୀ: ଟୀଗାଲା କ୍ରିଷ୍ଣା ରାଓ, ସା: କ୍ୱାର୍ଟର ନଂ.: ବି/୪୭, ଆନନ୍ଦ ବିହାର, ଏମ୍‌ସିଏଲ୍, ବୁର୍ଲା-୭୬୮୦୨୦, ଜିଲ୍ଲା: ସମ୍ବଲପୁର, ଓଡ଼ିଶା। **ସିସି ଆକାଉଣ୍ଟ ନଂ.: ୩୮୩୪୫୯୫୫୯୪୬।** | **ଶ୍ରୀମତୀ ପଦ୍ମା ଟୀଗାଲାରାଓ**ଙ୍କ ନାମରେ ଥିବା ସେମି-ଫିନିସଡ୍ ବାସଉପଯୋଗୀ ଫ୍ଲାଟ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି ଫ୍ଲାଟ୍ ନଂ.: ୩୦୩, ତୃତୀୟ ମହଲା, ବିଲ୍ଟ ଅପ ଏରିଆ: ୧୨୦୫.୦୦ ବର୍ଗଫୁଟ (କମନ୍ ଏରିଆ | ୧୦.୧୧.୨୦୨୧ | ୧୬.୦୪.୨୦୨୧ | ୦୯.୧୧.୨୦୨୧ ସୁଦ୍ଧା ଟ.୧୭,୧୦,୮୧୬/- |

ସହିତ ଗୋଟିଏ କାର ପାର୍କିଙ୍ଗ ଏରିଆ), ୪୧.୮ ବର୍ଗ ମିଟର ସହିତ ସମାନ୍ତରାଳ ଭାବରେ ୫୦.୦୦ ବର୍ଗ ୟାର୍ଡ ଜମିର ଅବିଭକ୍ତ ଅଂଶ ସହିତ (୭୫୬.୦୦ ବର୍ଗ ୟାର୍ଡ ମଧ୍ୟରୁ) ଯାହାକି “ଏସ୍‌ଭି ଏନ୍‌କ୍ଲେଭ” ଆପାର୍ଟମେଣ୍ଟ ନାମରେ ଜଣାଶୁଣା, ଯାହାକି ଘର ନଂ.: ୧-୧୧ ପରିସର, ପ୍ଲଟ୍ ନଂ.: ୧, ସର୍ଭେ ନଂ.: ୧୩ ଉପରେ ନିର୍ମିତ ହୋଇଛି, ଯାହା ଆକବରଯାହା ଗ୍ରାମ, ମାଛ ବୋଲାରମ, ଗ୍ରେଟର ହାଇଦ୍ରାବାଦ ମ୍ୟୁନିସିପାଲ କର୍ପୋରେସନ୍ ଅଲୱାଲ ସର୍କଲ ଅନ୍ତର୍ଗତ, ସେଡେବେଲ୍ଲର ମାଲକାଜଗିରି ମଣ୍ଡଳ, ରଙ୍ଗା ରେଡ୍ଡି ଜିଲ୍ଲା, ବର୍ତ୍ତମାନର ନୂଆ ଅଲୱାଲ ମଣ୍ଡଳ, ମେଡକାଲ-ମାଲକାଜଗିରି ଜିଲ୍ଲାରେ ଅବସ୍ଥିତ ଏବଂ ଚୌହଦୀ-ଉତ୍ତର-ଖୋଲା ଆକାଶ, ଦକ୍ଷିଣ: ଫ୍ଲାଟ୍ ନଂ.: ୩୦୨, ପୂର୍ବ: କୋରିଡର, ପଶ୍ଚିମ: ଖୋଲା ଆକାଶ।

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଜଣାଇଦିଆଯାଉଛି କି ସେମାନେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସେମାନଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାର ଋଣଗ୍ରହୀତା ଏବଂ ଜାମିନଦାରଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟାମାଧ୍ୟମ ଦ୍ୱାରା ସେମାନେ ହସ୍ତାନ୍ତରିତ କରିପାରିବେ ନାହିଁ। ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ।

ତାରିଖ: ୨୯.୧୧.୨୦୨୧, ସ୍ଥାନ: ସମ୍ବଲପୁର — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ବି.ଦ୍ର.: ଉକ୍ତ ନୋଟିସ୍‌ରେ ଇଂରାଜୀର ଆକ୍ଷରିକ ଅନୁବାଦରେ ତ୍ରୁଟି ଥିଲେ ଏହି ନୋଟିସ୍‌ଟି ଇଂରାଜୀରେ ତା ୩୦.୧୧.୨୦୨୧ ରିଖରେ ‘ ORISSA POST’ରେ ପ୍ରକାଶିତ ବିଜ୍ଞାପନକୁ ଗ୍ରହଣ କରାଯିବ।


# ଆଜି ସବୁ ଦଳର ବିଧାୟକଙ୍କ ବୈଠକ

## ଭାଜପାକୁ ଜବାବ ଦେବା ଲାଗି ବିଜେଡିର ଆନ୍ଦୋଳନ ନକ୍ସା ପ୍ରସ୍ତୁତ



ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

ବିଧାନସଭାର ଶୀତ ଅଧିବେଶନ ଡିସେମ୍ବର ପହିଲାରୁ ଆରମ୍ଭ ହେବ। ଏଥିରେ ମୋଟ ୨୬ଟି କାର୍ଯ୍ୟଦିବସ ରହିଛି। ଅଧିବେଶନର ଆରମ୍ଭ ଦିନ ରାଜ୍ୟ ସରକାର ଅତିରିକ୍ତ ବଜେଟ ଆଗତ କରିବେ। ହେଲେ ଏହା ପୂର୍ବରୁ ଶାସକ ଦଳକୁ ଘେରିବା ଲାଗି ଏକାଧିକ ପ୍ରସଙ୍ଗକୁ ଏକାଠିକରି ପ୍ରସ୍ତୁତ ହେଉଛନ୍ତି ବିରୋଧୀ। ଏଥିପାଇଁ ଭାଜପା ଏବଂ କଂଗ୍ରେସ ବିଧାୟକଙ୍କ ବୈଠକ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଯାଉଛି। ଅନ୍ୟପଟେ ଶାସକ ଦଳ ପକ୍ଷରୁ ମଧ୍ୟ ବିରୋଧୀଙ୍କୁ ଜବାବ ଦେବା ଲାଗି ଯୋଜନା ପ୍ରସ୍ତୁତ ସରିଛି। ଏନେଇ ଦଳ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯିବ।

ଭାଜପା ବିଧାୟକ ଦଳ ବୈଠକ ପୂର୍ବାହ୍ନ ୧୧ଟା ସମୟରେ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ଲାଗି ଲକ୍ଷ୍ୟ ରଖିଛି। ମୁଖ୍ୟତଃ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦଳ ମୁଖ୍ୟ ପ୍ରସଙ୍ଗ କରିବ। ଏହା ଭିତରେ ରାଜ୍ୟର ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡକୁ ପ୍ରଥମେ ଦଳ ଗୃହରେ ଉପସ୍ଥାପିତ କରିବାକୁ ଯୋଜନା ରଖିଛି। ଏହାସହ ଏଥିରେ ମାହାଙ୍ଗା ଡବଲ ମର୍ଡର ଘଟଣାକୁ ମଧ୍ୟ ଦଳ ପକ୍ଷରୁ ଜୋରଦାର କରାଯିବ। ଏହି ଦୁଇ ପ୍ରସଙ୍ଗରେ ଭାଜପା ସଦସ୍ୟମାନେ ଉକ୍ତ ଘଟଣାରେ ସମ୍ପୃକ୍ତି ଅଭିଯୋଗ ଆସୁଥିବା ୨ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏବଂ ପ୍ରତାପ ଜେନାଙ୍କୁ ବହିଷ୍କାର ଦାବି ନେଇ ବ୍ୟାନର ପ୍ରସ୍ତୁତ କରିଛନ୍ତି। ଏହି ବ୍ୟାନର ଧରି ଭାଜପା ସଦସ୍ୟ ଗୃହ ମଧ୍ୟଭାଗକୁ ଆସି ହୋହଲ୍ଲା କରିବାର ଯୋଜନା ରଖିଛନ୍ତି। ସେହିପରି ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା ପ୍ରସଙ୍ଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡରେ ରୋଗୀଙ୍କୁ ଠିକ୍ ସେବା ନ ମିଳିବା ଏବଂ ଆୟୁଷ୍ମାନ ଭାରତ ଯୋଜନା ରାଜ୍ୟରେ ଲାଗୁ କରିବା, ଧାନମଣ୍ଡି ସମସ୍ୟା ଆଦି ଭାଜପା ଉଠାଇବାକୁ ଯୋଜନା କରୁଥିବା ଜାଣିବାକୁ ମିଳିଛି।

ରାଜ୍ୟରେ ଦୀର୍ଘଦିନ ଧରି ମମିତା ମେହେର ହତ୍ୟା ଘଟଣାରେ ଭାଜପା ପକ୍ଷରୁ ବିଜେଡିକୁ ଟାର୍ଗେଟ କରାଯାଉଥିବା ବେଳେ ବିଜେଡି ମଧ୍ୟ ଏହାର ଜବାବ ଦେବାର ଉପାୟ ବାହାର କରିସାରିଛି। ନିକଟରେ ବିଜେଡି ଯୁବ, ଛାତ୍ର ଏବଂ ମହିଳା କର୍ମୀଙ୍କ ପକ୍ଷରୁ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ରାଜ୍ୟରେ ଆନ୍ଦୋଳନ ପ୍ରତିବାଦ କରାଯାଇଥିଲା। ସେହି ଅନୁଯାୟୀ ଆସନ୍ତା ୩୦ ସୁଦ୍ଧା ଗ୍ୟାସ୍ ଦର ହ୍ରାସ କରାଇବାକୁ ବିଜେଡି ଦାବି ମଧ୍ୟ କରିଥିଲା। ଯଦି କେନ୍ଦ୍ର ସରକାର ଏହା ନ କରନ୍ତି ତେବେ ଆନ୍ଦୋଳନକୁ ଓହ୍ଲାଇବାର ଚେତାବନୀ ଦେଇଥିଲା। ଗୃହରେ ଭାଜପା ମମିତା ପ୍ରସଙ୍ଗରେ ହୋହଲ୍ଲା କଲେ ଏହାର ସାମ୍ନା ଲାଗି ବିଜେଡି ରାଜଭବନ ସମ୍ମୁଖରେ ଗ୍ୟାସ୍ ଦରବୃଦ୍ଧି, ପେଟ୍ରୋଲ ଏବଂ ଡିଜେଲ ଦର ଆହୁରି ହ୍ରାସ କରିବା, ବେକାରି ସମସ୍ୟା ପ୍ରସଙ୍ଗକୁ ନେଇ ଧାରଣା ଦେବାକୁ ଚୂଡ଼ାନ୍ତ କରିଥିବା ସୂଚନା ମିଳିଛି। ବିଧାନସଭାରୁ ବିଜେଡି ବିଧାୟକମାନେ ବାହାରି ସିଧା ରାଜଧାନୀ ରାସ୍ତାରେ ଦରବୃଦ୍ଧି କଥା ନେଇ ଭାଜପାକୁ ଟାର୍ଗେଟ କରିବେ। ଏଥିସହ ଅନ୍ୟ ସବୁ ପ୍ରସଙ୍ଗ ମଙ୍ଗଳବାର ଅପରାହ୍ନ ୫ଟା ୪୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ବିଧାୟକ ଦଳ ବୈଠକରେ ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି। କଂଗ୍ରେସ ମଧ୍ୟ ଦରବୃଦ୍ଧି, ମମିତା ମେହେର ହତ୍ୟା ପ୍ରସଙ୍ଗ, ଧାନମଣ୍ଡି ସମସ୍ୟା, ବେକାରି ସମସ୍ୟା, ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରସଙ୍ଗରେ ଉଭୟ ବିଜେଡି ଓ ଭାଜପାକୁ ଟାର୍ଗେଟ କରିବାର ଯୋଜନା ପ୍ରସ୍ତୁତ କରିଛି। ଏନେଇ ଅପରାହ୍ନ ୫ଟା ସମୟରେ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ହେବ ବୋଲି ଜଣାପଡ଼ିଛି।


**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କର ଏକ ଉଦ୍ୟୋଗ)
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ: ୦୬୭୪-୨୫୪୦୦୩୨

**ଦଖଲ ନୋଟିସ୍**

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ରୁଲ ୩ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ ।)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଆକାଉଣ୍ଟର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଧାରା ୧୩(୨)ରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନୋଟିସ ପ୍ରାପ୍ତିର **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଋଣଗ୍ରହୀତାମାନେ ଆମ୍ଭ ଦ୍ୱାରା ଦାବୀ କରାଯାଇଥିବା ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହେବାରୁ ଋଣଗ୍ରହୀତା/ବନ୍ଧକଦାତା/ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩(୪) ସହିତ କଥିତ ନିୟମର ନିୟମ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିକୁ ଦଖଲକୁ ନିଆଯାଇଛି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ** ନିକଟରେ ନିମ୍ନରେ ଦର୍ଶିତ ଅର୍ଥରାଶି ବିଯୁକ୍ତ (-) ଡିମାଣ୍ଡ ନୋଟିସ୍ ଜାରିପରେ ପୈଠ ରାଶି ଏବଂ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ। ।

**ଏତଦ୍‌ଦ୍ୱାରା ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଶାଖା / ଋଣଗ୍ରହୀତା / ବନ୍ଧକଦାତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ପର୍ଯ୍ୟନ୍ତ ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଯୋଡା ଶାଖା, ଫୋନ୍ : ୦୬୭୬୭-୨୭୨୫୩୮** ଋଣଗ୍ରହୀତା/ବନ୍ଧକଦାତା: ସ୍ୱ କାମେଶ୍ୱର ପ୍ରସାଦ, ପିତା: ସ୍ୱ ରାମ ଚନ୍ଦ୍ର ପ୍ରସାଦ, ସା: ହୁଡ଼ିସାହି, ଯୋଡ଼ା, ଥାନା/ପୋ: ଯୋଡ଼ା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା-୭୫୮୦୩୪, ଆଇନଗତ ଉତ୍ତରାଧିକାରୀମାନେ: (୧) ଶ୍ରୀମତୀ କଳାବତୀ ଦେବୀ (ଜାମିନ୍‌ଦାର), ସ୍ୱାମୀ: ସ୍ୱ କାମେଶ୍ୱର ପ୍ରସାଦ, (୨) ଶ୍ରୀ ରଞ୍ଜିତ କୁମାର, ପିତା: ସ୍ୱ କାମେଶ୍ୱର ପ୍ରସାଦ, (୩) ଶ୍ରୀମତୀ କାଞ୍ଚନ | ୧୭.୦୪.୨୦୨୧ ସୁଦ୍ଧା ଟ.୨୦,୯୭,୪୩୪/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୭.୦୪.୨୦୨୧ (୦୨.୦୬.୨୦୨୧ ଖବର କାଗଜ ପ୍ରକାଶିତ ) / ୨୪.୧୧.୨୦୨୧ | ସ୍ୱ କାମେଶ୍ୱର ପ୍ରସାଦଙ୍କ ନାମରେ ଥିବା ବାସୋପଯୋଗୀ, ଫ୍ରିହୋଲ୍ଡ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜ: କମାରଯୋଡ଼ା (ୟୁନିଟ୍ ନଂ.: ୦୩), ଥାନା: ଯୋଡ଼ା, ପୋ: ଯୋଡ଼ା, ତହସିଲ/ଏସ୍‌ଆରଓ: ବଡ଼ବିଲ, ଜିଲ୍ଲା: କେନ୍ଦୁଝର, ଓଡ଼ିଶା-୭୫୮୦୩୪, ଖାତା ନଂ.: ୧୭୪/୩୭୧, ପ୍ଲଟ ନଂ.: ୪୭୪/୧୩୦୮, କ୍ଷେତ୍ର: ଏକର ୦.୦୫୦ ଡିସିମିଲ, ଚୌହଦୀ-ପୂର୍ବ: ପ୍ଲଟ ନଂ.: ୪୭୪/୧୩୦୮, ପଶ୍ଚିମ: ପ୍ଲଟ ନଂ.: ୪୭୪/୧୩୦୯, ଉତ୍ତର: କମନ୍ ରୋଡ଼/ଲକ୍ଷ୍ମଣ ପାତ୍ର, ଦକ୍ଷିଣ: ହିରା ଆପଟଙ୍କ ସମ୍ପତ୍ତି। |
| ଗୁପ୍ତା, ପିତା: ସ୍ୱ କାମେଶ୍ୱର ପ୍ରସାଦ, (୪) ଶ୍ରୀ ପଙ୍କଜ କୁମାର, ପିତା: ସ୍ୱ କାମେଶ୍ୱର ପ୍ରସାଦ, ସମସ୍ତଙ୍କ ଠିକଣା-ସା: ଆଜାଦ୍ ବସ୍ତି, ପୋ/ଥାନା: ଯୋଡ଼ା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା-୭୫୮୦୩୪, (୫) ଶ୍ରୀ ଅମରଦୀପ କୁମାର, ପିତା: ସ୍ୱ କାମେଶ୍ୱର ପ୍ରସାଦ, ସା: ହୁଡ଼ିସାହି, ଯୋଡ଼ା, ଥାନା/ପୋ: ଯୋଡ଼ା, ଜିଲ୍ଲା: କେନ୍ଦୁଝର, ଓଡ଼ିଶା-୭୫୮୦୩୪ | | | |
| **ଚଣ୍ଡିଖୋଲ ଶାଖା, ଫୋନ୍ : ୦୬୭୨୫-୨୨୦୨୫୬** ଋଣଗ୍ରହୀତା: ଶ୍ରୀ ହେମେନ୍ଦ୍ର କୁମାର ଓଝା, ପିତା: ରାମଚନ୍ଦ୍ର ଓଝା, ଜାମିନ୍‌ଦାର: ଶ୍ରୀ ହରେ କୃଷ୍ଣ ଓଝା, ପିତା: ହେମନ୍ତ ଓଝା, ଉଭୟଙ୍କ ଠିକଣା-ସା: ପୁରୁଷୋତ୍ତମପୁର, ପୋ: ବାଜପୁର, ଜିଲ୍ଲା: ଯାଜପୁର-୭୫୪୦୨୩, ଓଡ଼ିଶା। | ୧୭.୦୪.୨୦୨୧ ସୁଦ୍ଧା ଟ.୧୧,୩୬,୭୯୭/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୭.୦୪.୨୦୨୧ (୦୨.୦୬.୨୦୨୧ ଖବର କାଗଜ ପ୍ରକାଶିତ ) / ୨୬.୧୧.୨୦୨୧ | ଶ୍ରୀ ହେମନ୍ତ କୁମାର ଓଝାଙ୍କ ନାମରେ ଥିବା ଫ୍ରିହୋଲ୍ଡ ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜ: ପୁରୁଷୋତ୍ତମପୁର, ଥାନା: ବଡ଼ଚଣା, ପୋ: ବାଜପୁର, ତହସିଲ୍: ଦର୍ପଣ, ଜିଲ୍ଲା: ଯାଜପୁର-୭୫୪୦୨୩, ଓଡ଼ିଶା, ଖାତା ନଂ.: ୪୧, ପ୍ଲଟ ନଂ.: ୩୮, କ୍ଷେତ୍ର: ଏକର ୦.୦୪ ଡିସିମିଲ, ଚୌହଦୀ-ପୂର୍ବ: ବାବାଜୀ ସ୍ୱାଇଁ, ପଶ୍ଚିମ: ହେମନ୍ତ କୁମାର ଓଝା, ଉତ୍ତର: ରାସ୍ତା, ଦକ୍ଷିଣ: ବାବାଜୀ ସ୍ୱାଇଁ। |

ତାରିଖ: ୨୯.୧୧.୨୦୨୧, ସ୍ଥାନ: ଭୁବନେଶ୍ୱର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

"ଆମେ ଯାହାକୁ ହିନ୍ଦୁ ଧର୍ମ କହୁ– ତାହା ହେଉଛି ପ୍ରକୃତରେ ଶାଶ୍ୱତ ବା ସନାତନ ଧର୍ମ। କାରଣ– ଏହା ହେଉଛି ବିଶ୍ୱଜନୀକ ଧର୍ମ, ଯାହାକି ଅନ୍ୟ ସମସ୍ତ ଧର୍ମକୁ ଆଲିଙ୍ଗନ କରେ। କୌଣସି ଧର୍ମ ଯଦି ବିଶ୍ୱଜନୀନ ନୁହେଁ– ତେବେ ତାହା ସନାତନ ହୋଇ ପାରେନା। –ଶ୍ରୀଅରବିନ୍ଦ



# ଓମିକ୍ରନ୍

କୋଭିଡ୍‌ର ନୂଆ ରୂପ 'ଓମିକ୍ରନ୍' ଡେଲ୍‌ଟାଠାରୁ ୬ ଗୁଣ ଦ୍ରୁତ ସଂକ୍ରମଣଶୀଳ ବୋଲି କୁହାଯାଉଛି। ଦକ୍ଷିଣ ଅଫ୍ରିକାରେ ଦେଖାଦେଇଥିବା ଏହି ନୂଆ ଭାରିଆଣ୍ଟ ବୋତ୍ସ୍ୱାନା, ନେଦରଲାଣ୍ଡ୍‌ସ, ଡେନ୍‌ମାର୍କ, ବେଲ୍‌ଜିୟମ୍, ହଂକଂ, ଅଷ୍ଟ୍ରେଲିଆ, ଇସ୍ରାଏଲ, ବ୍ରିଟେନ ଆଦି ୧୫ଟି ଦେଶରେ ତା'ର ଉପସ୍ଥିତି ଜାହିର କଲାଣି। ଇତିମଧ୍ୟରେ ଅନେକ ରାଷ୍ଟ୍ର ଦକ୍ଷିଣ ଆଫ୍ରିକା ସମେତ ଓମିକ୍ରନ୍ ଦେଖାଦେଇଥିବା ଦେଶ ସହ ଅନ୍ତର୍ଜାତୀୟ ଉଡ଼ାଣକୁ ବନ୍ଦ କରିଛନ୍ତି। ଭାରତ ଡିସେମ୍ବର ୧୫ରୁ ଅନ୍ତର୍ଜାତୀୟ ଉଡ଼ାଣ ସ୍ୱାଭାବିକ କରିବା ନେଇ ଯେଉଁ ନିଷ୍ପତ୍ତି ନେଇଥିଲା ସେଥିରେ ପରିବର୍ତ୍ତନ କରିଛି। ଓମିକ୍ରନ୍‌କୁ ଦୃଷ୍ଟିରେ ରଖି ଦକ୍ଷିଣ ଆଫ୍ରିକା, ବୋତ୍ସ୍ୱାନା, ବ୍ରିଟେନ୍, ଫ୍ରାନ୍ସ, ଚାଇନା ଓ ଜର୍ମାନୀ ଭଳି ୧୪ଟି ଦେଶ ସହ ବିମାନ ଉଡ଼ାଣ ସ୍ୱାଭାବିକ କରିବ ନାହିଁ ବୋଲି କହିଛି। ଏଭଳି ସ୍ଥିତିରେ ଭାରତ ଅନ୍ତର୍ଜାତୀୟ ଯାତ୍ରୀଙ୍କୁ ନିମନ୍ତ୍ରଣ କରିବା ଠିକ୍ ନୁହେଁ। କାରଣ କୋଭିଡ୍–୧୯ର ପ୍ରାରମ୍ଭରେ ଭାରତ ଅନ୍ତର୍ଜାତୀୟ ବିମାନ ଉଡ଼ାଣ ଜାରି ରଖିବାରୁ ଦେଶରେ ସଂକ୍ରମଣ ଆରମ୍ଭ ହୋଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୨୦ରେ ଯେତେବେଳେ ନୂତନ ଭାବେ କରୋନା ଭାଇରସ୍‌ର ପ୍ରାଦୁର୍ଭାବ ବୃଦ୍ଧି ପାଇଲା ସେତେବେଳେ ଦେଶରେ ଥିବା ନାଗରିକଙ୍କ ସୁରକ୍ଷା ପରିବର୍ତ୍ତେ ବିଦେଶରୁ ପ୍ରବାସୀମାନଙ୍କୁ ବିମାନ ଯୋଗେ ଘରକୁ ଫେରାଇ ଆଣିବା ହୋଇଯାଇଥିଲା ଭାରତ ସରକାରଙ୍କ ମୂଳ ଲକ୍ଷ୍ୟ। 'ବନ୍ଦେ ଭାରତ ମିଶନ୍' ନାମରେ ସଂକ୍ରମିତ ଦେଶଗୁଡ଼ିକରୁ ଫେରି ଆସିଥିବା ପ୍ରବାସୀମାନେ ଆଭ୍ୟନ୍ତରୀଣ ସ୍ଥିତିକୁ ଅସମ୍ଭାଳ କରିଦେଇଥିଲେ।

ଓମିକ୍ରନ୍‌ର ସଂକ୍ରମଣ ହାର ଅତି ଭୟଙ୍କର ବୋଲି ଯାହା କୁହାଯାଉଛି, ତାହା ଭାରତ ଭଳି ଦେଶରେ ଦେଖାଦେଲେ ସ୍ଥିତି ବିଗିଡ଼ିଯିବ। ଅଦ୍ୟାବଧି ଭାରତରେ ୧୨୨ କୋଟି ଲୋକଙ୍କୁ କୋଭିଡ୍ ପ୍ରତିଷେଧକ ଟିକା ଦିଆଯାଇଛି ବୋଲି ସରକାରଙ୍କ ତରଫରୁ ପ୍ରଚାର କରାଯାଉଛି। ଏତେସଂଖ୍ୟକ ଭାରତୀୟ ଦୁଇଟି ଯାକ ଟିକା ପାଇସାରିଲେଣି ବୋଲି ବିଶ୍ୱାସ କରିବା କଷ୍ଟକର। ଏଥିସହିତ ଦିଲ୍ଲୀ ଏମ୍ସର ନିର୍ଦ୍ଦେଶକ ଡାକ୍ତର ରଣଦୀପ ଗୁଲେରିଆଙ୍କ କହିବା ଅନୁଯାୟୀ ଟିକା ନେଇଥିବା ବ୍ୟକ୍ତି ମଧ୍ୟ ଓମିକ୍ରନ୍ ସଂକ୍ରମଣଠାରୁ ରକ୍ଷା ପାଇବା ସୁନିଶ୍ଚିତ ନୁହେଁ। ବିକଶିତ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ନାଗରିକଙ୍କୁ ଦୁଇ ଡୋଜ୍ ଟିକା ଦେଇଥିବା ବେଳେ କେତେକ ଦେଶରେ ତୃତୀୟ ବୁଷ୍ଟର ଡୋଜ୍ ଆରମ୍ଭ ହେଲାଣି। ଅନ୍ୟପକ୍ଷରେ ଅନେକ ଆଫ୍ରିକୀୟ ଦେଶରେ ଲୋକେ ପ୍ରଥମ ଡୋଜ୍ ଟିକା ପାଇପାରି ନାହାନ୍ତି। ଗରିବ ରାଷ୍ଟ୍ରଗୁଡ଼ିକ ଏଥିପାଇଁ ଅର୍ଥ ଖର୍ଚ୍ଚ କରିପାରୁ ନ ଥିବାରୁ କୋଭିଡ୍ ଭୟ ଲାଗି ରହିଛି। ଏଭଳି ସମୟରେ ନୂଆ ଭାରିଆଣ୍ଟ ଓମିକ୍ରନ୍ ସେମାନଙ୍କ ପାଇଁ ଆହୁରି ବିପଦ ଆଣିଦେଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅନ୍ତର୍ଜାତୀୟ ଓ ଜାତୀୟ ଔଷଧ ନିର୍ମାତା କମ୍ପାନୀଗୁଡ଼ିକ କେବଳ ଟିକା ଉପରେ ଜୋର ଦେଉଛନ୍ତି। କୋଭିଡ୍ ଟିକା ଏକ ପ୍ରତିଷେଧକ ମାତ୍ର। କିନ୍ତୁ ଏହି କମ୍ପାନୀଗୁଡ଼ିକ ହୁଏତ ନିଜର ଲାଭକୁ ଦୀର୍ଘମିଆଦୀ କରାଇବା ପାଇଁ ଟିକା ସହିତ ଔଷଧ ଦିଗରେ ଗବେଷଣା କରାଉନାହାନ୍ତି। କୋଭିଡ୍ ସଂକ୍ରମିତ ବ୍ୟକ୍ତିଙ୍କ ଆରୋଗ୍ୟ ପାଇଁ ଏପର୍ଯ୍ୟନ୍ତ କୌଣସି ଔଷଧ ପ୍ରସ୍ତୁତ ହୋଇନାହିଁ। କେବଳ ପ୍ରତିଷେଧକ ହେଲେ ହେବ ନାହିଁ, ଆରୋଗ୍ୟର ଉପାୟ ବାହାରିଲେ ଯାଇ କୋଭିଡ୍ କୋପ କମିବ। ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ବିଶ୍ୱରେ ଟିକା ଅସମାନତା ଲାଗି ରହିଛି। କେଉଁ ଦେଶରେ ପର୍ଯ୍ୟାପ୍ତ ଟିକା ମିଳୁଥିବା ବେଳେ ଆହୁରି ଅନେକ ରାଷ୍ଟ୍ରରେ ଏହାର ଘୋର ଅଭାବ। ପୂର୍ବରୁ କୁହାଯାଇଛି ଯେ, ଯଦି ବିଶ୍ୱର କୌଣସି କୋଣରେ କାହାଠାରେ କୋଭିଡ୍ ଭୂତାଣୁ ରହିଯିବ, ତାହା ହେଲେ ସମଗ୍ର ପୃଥିବୀ କଦାପି ନିରାପଦ ରହିପାରିବ ନାହିଁ। କାରଣ ଏହା ମ୍ୟୁଟେଟ୍ ବା ପରିବର୍ତ୍ତନ ହୋଇ ଚାଲିବ। ତେଣୁ ଜି୨୦ ବା ଧନୀ ରାଷ୍ଟ୍ରଗୁଡ଼ିକ ଗରିବ ଦେଶଗୁଡ଼ିକରେ ଟିକା ପହଞ୍ଚାଇବାର ଉଦ୍ୟମ କରିବା ଉଚିତ। ଦ୍ୱିତୀୟ ଲହର ବେଳେ ଏହି ପ୍ରସଙ୍ଗ ବିଶ୍ୱବ୍ୟାପୀ ବିତର୍କ ସୃଷ୍ଟି କରିଥିଲା। ଏବେ ଓମିକ୍ରନ୍ ତା'ର କାୟା ବିସ୍ତାର କରିବାରୁ ପୁନଶ୍ଚ ସେହି ଆଲୋଚନା ଜୋର ଧରିଲାଣି। ଯେହେତୁ କୋଭିଡ୍–୧୯ ଦ୍ୱିତୀୟ ଲହର ଯାଏ ହିସାବ କରାଯାଇ ଟିକା ପ୍ରସ୍ତୁତ କରାଯାଇଛି, ତାହାର ଶକ୍ତି ଓମିକ୍ରନ୍ ଭଳି ନୂଆ ରୂପକୁ କାଟିବା ସନ୍ଦେହ ସୃଷ୍ଟି କରୁଛି। ତେଣୁ ଏଭଳି ସ୍ଥଳେ ଭାରତ ନୂଆ ଭାରିଆଣ୍ଟକୁ ପ୍ରତିହତ କରିବା ଲାଗି ବୁଷ୍ଟର ଡୋଜ୍ ଉପରେ ଗୁରୁତ୍ୱ ଦେବା ଦରକାର। ଏଥିସହିତ ଅନ୍ତର୍ଜାତୀୟ ଉଡ଼ାଣ ଅତିଶୀଘ୍ର ସମ୍ପୂର୍ଣ୍ଣ ବନ୍ଦ କରାଯିବା ଉଚିତ। ଏହା କେବଳ ବ୍ୟବସାୟିକ ଉଡ଼ାଣରେ ସୀମିତ ରହିବା ପରିବର୍ତ୍ତେ ଘରୋଇ ଉଡ଼ାଣ ଉପରେ ମଧ୍ୟ କଟକଣା ଜାରି ହେବା ଆବଶ୍ୟକ।

କରୋନାର ଦ୍ୱିତୀୟ ଲହର ପରେ ଭୂତାଣୁର ପ୍ରାଦୁର୍ଭାବ କମିଯିବାରୁ ସରକାର ବିଭିନ୍ନ ସ୍ତରରେ କଟକଣାକୁ କୋହଳ କଲେ। କିନ୍ତୁ ନିଜ ଚରିତ୍ରକୁ ବଦଳାଇବା ପରିବର୍ତ୍ତେ ନାଗରିକମାନେ ଏହି କୋହଳକୁ ଦେଖି ଭାବିନେଲେ ଯେ ଭୂତାଣୁ ଦୁର୍ବଳ ହୋଇଗଲା। ସେଥିପାଇଁ ଅନେକେ ମୁହଁରେ ମାସ୍କ ପିନ୍ଧୁ ନାହାନ୍ତି ଓ ଭିଡ଼ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏବେ ଯେତେବେଳେ ଓମିକ୍ରନ୍ ବଡ଼ ବିପଦ ଭାବେ ଉଭା ହେଲାଣି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଜଣାଇ ଦେଇଛି, ସେହି ଦୃଷ୍ଟିରୁ ଜନସାଧାରଣ ଅଧିକ ସତର୍କ ହେବା ଜରୁରୀ ହୋଇପଡ଼ିଲାଣି। 'ନେଡ଼ି ଗୁଡ଼ କହୁଣିକୁ ବହିଯିବା' ଭଳି ପରେ ଭାବିଲା ବେଳକୁ ଗାତରେ ପଡ଼ିଯାଇଥିବା।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 9 | | | |
| 3 | | | 1 | | | 9 | | 4 |
| | 1 | | 3 | 7 | | 5 | | |
| | | | | 5 | | 3 | | 8 |
| | | | 7 | 4 | | | | |
| | | 5 | | | | | | |
| 8 | | 2 | | | | | 5 | 3 |
| | | 7 | 9 | | 2 | | | |
| | | 6 | | 3 | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 3 | 8 | 2 | 7 | 4 | 9 | 1 |
| 7 | 1 | 4 | 6 | 3 | 9 | 5 | 8 | 2 |
| 9 | 8 | 2 | 4 | 1 | 5 | 3 | 6 | 7 |
| 6 | 4 | 5 | 7 | 9 | 8 | 1 | 2 | 3 |
| 1 | 2 | 7 | 3 | 5 | 6 | 8 | 4 | 9 |
| 8 | 3 | 9 | 2 | 4 | 1 | 6 | 7 | 5 |
| 3 | 9 | 6 | 5 | 7 | 4 | 2 | 1 | 8 |
| 2 | 7 | 8 | 1 | 6 | 3 | 9 | 5 | 4 |
| 4 | 5 | 1 | 9 | 8 | 2 | 7 | 3 | 6 |

ଗତକାଲିର ଉତ୍ତର

# ରାଜଦ୍ରୋହ ଆଇନ ଉଚ୍ଛେଦର ଯଥାର୍ଥତା



ସର୍ବେଶ୍ୱର ବେହେରା

ଗତବର୍ଷ ଦେଶରେ ପାଞ୍ଚଟି ରାଜ୍ୟର ନିର୍ବାଚନ ପୂର୍ବରୁ ବରିଷ୍ଠ ସାମ୍ବାଦିକ ବିନୋଦ ଦୁଆ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭର୍ତ୍ସନା କରିଥିଲେ। ଦୁଆ ପାଞ୍ଚ ମିନିଟ୍ ପଇଁଚାଳିଶ ସେକେଣ୍ଡର ଏକ ୟୁଟ୍ୟୁବ ଭିଡିଓ ଜାରିକରି ପ୍ରଚାର କରିଥିଲେ ଯେ, ଦେଶର ପ୍ରଧାନମନ୍ତ୍ରୀ କରୋନା ସଂକ୍ରମଣକୁ ପ୍ରତିହତ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଦେଶର ଚିକିତ୍ସାଳୟଗୁଡ଼ିକରେ ଠିକ୍ କରୋନା ପରୀକ୍ଷା କରାଯାଉ ନାହିଁ, ଚିକିତ୍ସକଙ୍କ ନିକଟରେ ଯଥେଷ୍ଟ ପରିମାଣରେ ପିପିଇ କିଟ୍ ନାହିଁ, ଚିକିତ୍ସାଳୟଗୁଡ଼ିକରେ ଭେଣ୍ଟିଲେଟରର ସୁବିଧା ନାହିଁ , କରୋନାରେ ସଂକ୍ରମିତ ରୋଗୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି, ଫଳରେ ବହୁ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି। ଏପରି ସ୍ଥଳେ ପ୍ରଧାନମନ୍ତ୍ରୀ ମୋଦି ଶବର କୁଢ଼ା ଉପରେ ଦଣ୍ଡାୟମାନ ହୋଇ ଭୋଟ ଭିକ୍ଷା କରିବା ଲଜ୍ଜାଜନକ କଥା। ପ୍ରଧାନମନ୍ତ୍ରୀ ମୃତ୍ୟୁର ଆତଙ୍କ ସୃଷ୍ଟି କରୁଛନ୍ତି।

ଏହି ପ୍ରକାରର ଦୃଶ୍ୟଶ୍ରାବ୍ୟ ଜାରିକରିବା ଆଦୌ ଶୋଭନୀୟ ନୁହେଁ ବୋଲି କହି ସଚେତନ ନାଗରିକ ମତପୋଷଣ କରିଥିଲେ। ଏହାଦ୍ୱାରା ସରକାରଙ୍କ ବିରୋଧରେ ଜନସାଧାରଣ ହିଂସା ଆଚରଣ କରିବା ପାଇଁ ପ୍ରୋତ୍ସାହିତ ହେବେ। ଏଣୁ ବିନୋଦ ଦୁଆଙ୍କ ବିରୋଧରେ ହିମାଚଳ ପ୍ରଦେଶର ସିମ୍‌ଲାଠାରେ ଥିବା କୁମାରସେଁ ଥାନାରେ ଅଜୟ ଶ୍ୟାମ ନାମକ ଜନୈକ ବ୍ୟକ୍ତି ଏତଲା ଦାଏର କରିଥିଲେ। ଅଜୟ ଏତଲାରେ ଉଲ୍ଲେଖ କରିଥିଲେ ଯେ ବିନୋଦ ଦୁଆଙ୍କ ଆରୋପ ମିଥ୍ୟା, ଭିତ୍ତିହୀନ ଓ କପୋଳକଳ୍ପିତ। ପ୍ରଧାନମନ୍ତ୍ରୀଙ୍କ ପ୍ରତି କେବଳ ଅସୂୟା ପ୍ରଣୋଦିତ ହୋଇ ଏପରି ଏକ କୁତ୍ସିତ ଦୃଶ୍ୟଶ୍ରାବ୍ୟ ପ୍ରଚଳନ କରାଯାଇଛି। ଏହା ଏକ ରାଜଦ୍ରୋହ ମାମଲା। ଏଣୁ ଦୁଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସଂପୃକ୍ତ ଥାନାର ତଦନ୍ତକାରୀ ପୋଲିସ ଅଧିକାରୀ ଦୁଆଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୧୨୪ (କ), ୨୬୮, ୫୦୧ ଓ ୫୦୫ରେ ମକଦ୍ଦମା ରୁଜୁ କରି ତାଙ୍କୁ ଥାନାରେ ହାଜର ହୋଇ ତଦନ୍ତରେ ସହଯୋଗ କରିବା ପାଇଁ ନୋଟିସ ଜାରି କରିଥିଲେ।

ଏହି ନୋଟିସ ବିରୋଧରେ ବିନୋଦ ଦୁଆ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। କେନ୍ଦ୍ର ସରକାରଙ୍କୁ ପକ୍ଷ କରି ସେ ଦରଖାସ୍ତରେ ଉଲ୍ଲେଖ କରିଥିଲେ ଯେ, ସେ କୌଣସି ରାଜଦ୍ରୋହ କରିନାହାନ୍ତି। ଦେଶର ନାଗରିକ ତଥା ସାମ୍ବାଦିକମାନଙ୍କର ସ୍ୱାଧୀନ ମତପୋଷଣ କରିବାର ଅଧିକାର ଅଛି। ଏଣୁ ତାଙ୍କ ବିରୋଧରେ ଯେଉଁ ରାଜଦ୍ରୋହ ମାମଲା ରୁଜୁ କରାଯାଇଛି ତାହାକୁ ରଦ୍ଦ କରାଯାଉ। ବିନୋଦ ଦୁଆଙ୍କ ସହିତ ଅନ୍ୟ କେତେ ଜଣ ସାମାଜିକ କର୍ମୀ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟରେ ଜନହିତ ଦରଖାସ୍ତ ଦାଏର କରି ୧୨୪(କ) ଧାରାର ସାମ୍ବିଧାନିକ ଔଚିତ୍ୟକୁ ସମାପ୍ତ କରିବା ପାଇଁ ଆବେଦନ କରିଥିଲେ। ସେମାନଙ୍କ ମତରେ ଏହି ଧାରା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧) (କ)ରେ ପ୍ରଦତ୍ତ ଅଭିବ୍ୟକ୍ତିର ସ୍ୱାଧୀନତାକୁ ଉଲ୍ଲଂଘନ କରୁଛି। ଏକ ସଭ୍ୟ ସମାଜରେ ଅଭିବ୍ୟକ୍ତିର ସ୍ୱାଧୀନତାକୁ କଣ୍ଠରୋଧ କରା ନ ଯାଉ।

ସର୍ବୋଚ୍ଚ ନ୍ୟାୟାଳୟର ଖଣ୍ଡପୀଠ ଏହାକୁ ଗ୍ରହଣ କରି କେନ୍ଦ୍ର ସରକାରଙ୍କ ବିରୋଧରେ ନୋଟିସ ଜାରି କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କ ଓକିଲ ଆର୍ଟର୍ନି ଜେନେରାଲଙ୍କୁ ପ୍ରଶ୍ନ କରିଥିଲେ ଯେ, ଏହି ୧୨୪(କ) ଧାରା ପରାଧୀନତା କାଳରେ ଇଂରେଜମାନେ ମହାତ୍ମା ଗାନ୍ଧୀ, ଗୋଖଲେ, ତିଲକ ଆଦିଙ୍କ ବିରୋଧରେ ରୁଜୁକରି ସ୍ୱାଧୀନତା ସଂଗ୍ରାମୀମାନଙ୍କ ଆନ୍ଦୋଳନକୁ ରାଜଦ୍ରୋହ ବିବେଚନା କରିଥିଲେ ଓ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ସ୍ୱାଧୀନତାର ୭୫ ବର୍ଷ ପରେ ଏହି ଧାରା ବଳବତ୍ତର ରହିବା କେତେଦୂର ଯଥାର୍ଥ?

ଆର୍ଟର୍ନି ଜେନେରାଲ କେ.କେ.ବେଣୁଗୋପାଳ ଏହି ଧାରାର ଔଚିତ୍ୟକୁ ପ୍ରତିପାଦନ କରି କହିଥିଲେ ଯେ, କେତେଜଣ ଦେଶ ବିଘଟନକାରୀ ବ୍ୟକ୍ତି ଅଭିବ୍ୟକ୍ତି ସ୍ୱାଧୀନତା ନାମରେ ସରକାରଙ୍କୁ କୁତ୍ସାରଟନା କରିବା ସହିତ ଦେଶ ବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏଣୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏହି ଧାରାର ଅପପ୍ରୟୋଗ ଉପରେ ଅଙ୍କୁଶ ଲଗାଇବା ପାଇଁ ମାର୍ଗଦର୍ଶିକା ଜାରି କରିପାରିବେ।

ସର୍ବୋଚ୍ଚ ନ୍ୟାୟାଳୟ ଉଭୟ ପକ୍ଷରୁ ଶୁଣାଣି କରି ୧୯୬୨ ମସିହା ଜାନୁୟାରୀ ୨୦ ତାରିଖରେ ପ୍ରକାଶ ପାଇଥିବା ସର୍ବୋଚ୍ଚ ନ୍ୟାୟାଳୟ ପାଞ୍ଚ ସଦସ୍ୟ ବିଶିଷ୍ଟ ସାମ୍ବିଧାନିକ ଖଣ୍ଡପୀଠ କେଦାରନାଥ ସିଂହ ବନାମ ବିହାର ସରକାରର ରାୟକୁ ଉଦ୍ଧୃତ କରିଥିଲେ। ଏହି ରାୟରେ ସ୍ପଷ୍ଟ ଉଲ୍ଲେଖ ଥିଲା ଯେ ଯେଉଁମାନେ ସମାଜରେ ହିଂସାକୁ ଉସୁକାଇବେ ତଥା ସାର୍ବଜନୀନ ଶାନ୍ତି ଭଙ୍ଗ କରିବେ ସେମାନଙ୍କ ବିରୋଧରେ ଏହି ପିଙ୍ଗଳ କୋଡ୍ ଧାରା ୧୨୪(କ) ରାଜଦ୍ରୋହ ମାମଲା ରୁଜୁ ହୋଇପାରିବ। କିନ୍ତୁ ସରକାରଙ୍କ କାର୍ଯ୍ୟକୁ ସମାଲୋଚନା କରିବା ବ୍ୟକ୍ତି ବିରୋଧରେ ରାଜଦ୍ରୋହ ମାମଲା ରୁଜୁ ହୋଇପାରିବ ନାହିଁ । ଏହା ବ୍ୟକ୍ତିର ଅଭିବ୍ୟକ୍ତିର ସ୍ୱାଧୀନତାକୁ ବିରୁଦ୍ଧାଚରଣ କରୁଛି। ସର୍ବୋଚ୍ଚ ନ୍ୟାୟାଳୟ ଏହି ପରିପ୍ରେକ୍ଷୀରେ ଜମ୍ମୁ–କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଫାରୁକ ଅବଦୁଲ୍ଲାଙ୍କ ବିରୋଧରେ ରାଜଦ୍ରୋହ ମାମଲାକୁ ଖାରଜ କରିଦେଇଥିଲେ। ଶେଷରେ ବିନୋଦ ଦୁଆଙ୍କ ଦରଖାସ୍ତ ଉପରେ ଶୁଣାଣି କରି ଅଦାଲତ ଦରଖାସ୍ତକୁ ମଞ୍ଜୁର କରିଥିଲେ।

ସର୍ବୋଚ୍ଚ ନ୍ୟାୟାଳୟ ଏହିପରି ରାଜଦ୍ରୋହ ଆଇନକୁ ରଦ୍ଦ କରିଦେଇଛନ୍ତି। ପ୍ରକାଶଥାଉ କି ଏହି ରାଜଦ୍ରୋହ ମାମଲା ପରିଚାଳନା ସମୟରେ ଆର୍ଟର୍ନି ଜେନେରାଲ ଯେଉଁ ମହତ୍ତ୍ୱପୂର୍ଣ୍ଣ ଜବାବ ସୁଆଲ କରିଥିଲେ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେତେଜଣ ଦେଶ ବିଘଟନକାରୀ ବ୍ୟକ୍ତି ବା ସଂଗଠନର ମୁଖିଆମାନେ ସରକାରଙ୍କୁ କୁତ୍ସାରଟନା କରିବା ସହିତ ଦେଶବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ସେମାନଙ୍କ ବିରୋଧରେ କେଉଁ ମାମଲା ରୁଜୁ ହେବ? ଦେଶର କେତେକ ସ୍ଥାନରେ ବିଘଟନକାରୀ ଶକ୍ତିମାନେ ପଡ଼ୋଶୀ ଶତ୍ରୁ ଦେଶକୁ ମୁକ୍ତ କଣ୍ଠରେ ପ୍ରଶଂସା କରୁଛନ୍ତି, ସେହି ଦେଶ ସପକ୍ଷରେ ସ୍ଲୋଗାନ ଦେଉଛନ୍ତି ଓ ଭାରତ ବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ପଡ଼ୋଶୀ ଦେଶର ବିଜୟରେ ଏଠାରେ ବାଣ ଫୁଟାଯାଇ ଉତ୍ସବ ଆୟୋଜନ ହେଉଛି। ତାହା କ'ଣ ରାଜଦ୍ରୋହ ନୁହେଁ?

ବିନୋଦ ଦୁଆଙ୍କ ସହିତ ଯେଉଁ କେତେଜଣ ସାମାଜିକ କର୍ମୀ ଓ ସାମାଜିକ ସଙ୍ଗଠନ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ଦାଏର କରିଥିଲେ, ସେମାନଙ୍କ ଭୂମିକା ସନ୍ଦେହସ୍ପଦ। ଗତ ୭୫ ବର୍ଷ ଧରି ଏହି ସଙ୍ଗଠନଗୁଡ଼ିକର ମଙ୍ଗୁଆଳମାନେ କେଉଁଠାରେ ଥିଲେ। ୧୯୭୫ ମସିହା ଜରୁରିକାଳୀନ ପରିସ୍ଥିତିରେ ସରକାରଙ୍କୁ ଯେଉଁମାନେ ବିରୋଧ କରୁଥିଲେ ସେମାନଙ୍କୁ ରାଜଦ୍ରୋହ ମାମଲାରେ ଗିରଫ କରାଯାଇ ଜେଲଦଣ୍ଡ ଦିଆଯାଇଥିଲା। ସମସ୍ତ ବିରୋଧୀ ଦଳର ନେତା ଓ ସାମାଜିକ ସଂଗଠନର ନେତାଙ୍କୁ ଗିରଫ କରାଯାଇଥିଲା। ଖବରକାଗଜ କାର୍ଯ୍ୟାଳୟକୁ ସିଲ୍ କରିଦିଆଯାଇଥିଲା। ଏହିପରି ଗତ ୭୫ ବର୍ଷ ମଧ୍ୟରେ ଅନେକ କ୍ଷେତ୍ରରେ ସରକାରଙ୍କୁ ଯେଉଁମାନେ ବିରୋଧ କରୁଥିଲେ ସେମାନଙ୍କ ବିରୋଧରେ ରାଜଦ୍ରୋହ ମାମଲା ରୁଜୁ କରାଯାଇ ଜେଲଦଣ୍ଡ ଦିଆଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପରି ବୃହତ୍ ସାମାଜିକ ସଂଗଠନ ଉପରେ ତିନିଥର କଟକଣା ଜାରି କରାଯାଇ ସେମାନଙ୍କର କାର୍ଯ୍ୟକର୍ତ୍ତାମାନଙ୍କୁ ଜେଲଦଣ୍ଡ ଦିଆଯାଇଛି। ସେହି ସମୟରେ ଏହି ସାମାଜିକ କର୍ମୀମାନେ କେଉଁଠାରେ ଥିଲେ। ସେତେବେଳେ କ'ଣ ଅଭିବ୍ୟକ୍ତିର ସ୍ୱାଧୀନତାର କଣ୍ଠରୋଧ କରାଯାଇ ନ ଥିଲା ?

ଗତ ୭୫ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଏହି ଧାରା ବଳରେ ଅନେକ ମକଦ୍ଦମା ରୁଜୁ କରିଛନ୍ତି। କେବଳ ଗତ ଦଶନ୍ଧି ମଧ୍ୟରେ ଦେଶରେ ସର୍ବମୋଟ ୮୩୮ଟି ରାଜଦ୍ରୋହ ମାମଲା ରୁଜୁ ହୋଇଛି। ୨୦୧୦ରୁ ୨୦୧୪ ମଧ୍ୟରେ ଉପା ସରକାର ଅମଳରେ ୨୭୯ଟି ମକଦ୍ଦମା ଓ ୨୦୧୪ରୁ ୨୦୨୦ ମଧ୍ୟରେ ୫୫୯ଟି ରାଜଦ୍ରୋହ ମକଦ୍ଦମା ରୁଜୁ ହୋଇଛି। ଏଥିରୁ ଏପର୍ଯ୍ୟନ୍ତ କେବଳ ୧୦ଟି ମକଦ୍ଦମାରେ ଅଭିଯୁକ୍ତ ଦଣ୍ଡନୀୟ ହୋଇଛନ୍ତି।

ଆଡ୍‌ଭୋକେଟ, ଖଟବିନ୍ ସାହି, କଟକ
ମୋ:୯୪୩୭୦୧୬୩୮୪

## ଏଇ ଭାରତରେ

କୌଣସି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଲାଗି ସକାରାତ୍ମକ ଭାବନା ଓ ନିଷ୍ଠା ଜରୁରୀ, ଯାହା ଦେଖିବାକୁ ମିଳେ ଗୁଜରାଟର ଡ୍ରାଇଭର ଜଗମଲଭାଇ ଡାଙ୍ଗରଙ୍କ ଜୀବନରେ। ଡାଙ୍ଗର ରାଜକୋଟ ଜିଲା ଉପଲେଟା ବ୍ଲକର ମଜେଠୀ ଗାଁରେ ରହୁଛନ୍ତି ଓ ନିଜସ୍ୱ ଉଦ୍ୟମରେ ଏକ ଛୋଟ ଜଙ୍ଗଲ କରିଛନ୍ତି। ଅଦରକାରୀ ଜିନିଷ ବ୍ୟବହାର କରି ପିଲାମାନଙ୍କ ଲାଗି ଏକ ସୁନ୍ଦର ପାର୍କ ମଧ୍ୟ ନିର୍ମାଣ କରିଛନ୍ତି। ସେ ଜଙ୍ଗଲରେ ୫,୦୦୦ ଗଛ ଲଗାଇଛନ୍ତି । ଡାଙ୍ଗର ଯୁବାବସ୍ଥାରେ ଟ୍ରକ, ଟ୍ରାକ୍ଟର, ଜିପ୍ ଆଦି ଗାଡ଼ି ଚଳାଇ ସେହି ଆୟରେ ୧୮ ବର୍ଷ ପୂର୍ବେ ସେ ଜମି କିଣି ସେଥିରେ ଗଛ ଲଗାଇବା ଆରମ୍ଭ କରିଥିଲେ। ଏବେ ଜଙ୍ଗଲରେ ବିଭିନ୍ନ ପ୍ରକାର ଫଳ ଓ ଔଷଧୀୟ ବୃକ୍ଷ ଶୋଭା ପାଉଛି। ଶ୍ମଶାନରୁ ମାଟି ହାଣ୍ଡିକୁ ସଂଗ୍ରହ କରି ଜଙ୍ଗଲରେ ପକ୍ଷୀଙ୍କ ପାଇଁ ବସା ତିଆରି କରୁଛନ୍ତି। ଜଙ୍ଗଲୀ ପଶୁ ପାଣି ପିଇବା ଲାଗି ଛୋଟ ପୋଖରୀ ମଧ୍ୟ ଖୋଳିଛନ୍ତି। ୨୦୧୬ ଉରି ଆକ୍ରମଣ ଘଟଣା ପରେ ସେ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧୮ଟି ବରଗଛ ଲଗାଇଛନ୍ତି। ବନୀକରଣ ପାଇଁ ଚାରା ଉତାରି ମାଗଣାରେ ଲୋକମାନଙ୍କୁ ବାଣ୍ଟୁଛନ୍ତି। ପ୍ରତିଦିନ ୧୨ଟା ଯାଏ ଚାଷ କାମ କରନ୍ତି ଓ ପରେ ଜଙ୍ଗଲ ଏବଂ ପାର୍କ କାର୍ଯ୍ୟରେ ଲାଗିଯାଆନ୍ତି। ବହୁ ଦିନରୁ ଡାଙ୍ଗର ଏମିତି ଜୀବନ କଟାଉଛନ୍ତି । ଏମିତି କି ବହୁ ସମୟରେ ମାସ ମାସ ଧରି ଗାଁକୁ ନ ଆସି ଜଙ୍ଗଲ କୁଡ଼ିଆରେ ରହିଯାଉଛନ୍ତି।

# ଏକ ନୀରବ ବିପ୍ଳବ



ସୁଧିରାଜ ରାଉତ

ଆମ ଗାଁ ସ୍କୁଲକୁ ଦୂର ଗ୍ରାମଗୁଡ଼ିକରୁ ପିଲାମାନେ ପଢ଼ିବାକୁ ଆସୁଥିଲେ। ସେମାନଙ୍କ ଗ୍ରାମରେ ସ୍କୁଲ୍, ଭଲ ସ୍କୁଲ୍ ଥିବା ସତ୍ତ୍ୱେ ଅଭିଭାବକମାନେ ଆମ ଗାଁ ସ୍କୁଲକୁ ତାଙ୍କ ପିଲାଙ୍କୁ ପଠାଉଥିଲେ କେବଳ ଏଇଥିପାଇଁ ବିନ ସାର୍ ଏ ସ୍କୁଲ୍ ପ୍ରଧାନଶିକ୍ଷକ। ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବହୁ ଶିକ୍ଷକଙ୍କ ସମ୍ପର୍କରେ ଆସିବା ପରେ ବିନ ସାର୍ ଏଭଳି କୌଣସି ପୁରସ୍କାର ପାଇନାହାନ୍ତି ବୋଲି ସାମାନ୍ୟ ଅବସୋସ ଅନୁଭବି ନାହିଁ, ଆଜି କିନ୍ତୁ ବହୁ ସାଧାରଣ ଅଥଚ ଅସାଧାରଣ ମଣିଷଙ୍କୁ ପଦ୍ମଶ୍ରୀ ପଦକ ପ୍ରାପ୍ତ ହେଉଥିବା ଦେଖି ବିନ ସାର୍ ଖୁବ୍ ମନେପଡ଼ିଲେ। ତାଙ୍କ ଉଜ୍ଜ୍ୱଳ ମୁଖ, ତେଜୋମୟ ଦୃଷ୍ଟି, ପୃଥିବୀର ଅଗୋଚରରେ ଶିକ୍ଷକତା ଏବଂ ଶିକ୍ଷା ପ୍ରତି ତାଙ୍କର ଅସାଧାରଣ ଅବଦାନ ମନେପଡ଼ିଲା।

ସୋସିଆଲ୍ ମିଡିଆରେ ଥରେ ଅବଦୁଲ୍ କଲାମ୍ ପ୍ରଶ୍ନ କରିଥିଲେ, ଭାରତକୁ ବିଶ୍ୱରେ ଶ୍ରେଷ୍ଠ ଦେଶ ହେବାରେ ତୁମେ କିଭଳି ସାହାଯ୍ୟ କରିବ ? ହଜାର ନୁହେଁ ଲକ୍ଷେ ଉତ୍ତର ମଧ୍ୟରୁ କଲାମ୍ ସାହାବ ଏହି ଉତ୍ତର ବାଛିଥିଲେ, ମୁଁ ଜଣେ ଶିକ୍ଷକ ହୋଇ। ଜଣେ ଶିକ୍ଷକ କେତେ ଅସାଧାରଣ ଏବଂ ଗୁରୁଦାୟିତ୍ୱର ଅଧିକାରୀ ଏହି ସହଜ କଥାରୁ ବୁଝିହେବ। ମହାନ୍ ଶିକ୍ଷାବିତ୍ ଭାସିଲି ସୁଖୋମ୍ଲିନ୍ସ୍କି କହୁଥିଲେ, ଶିକ୍ଷକର ବିବେକ ଓ ଚରିତ୍ର ଉପରେ ପ୍ରତ୍ୟେକ ପିଲାର ଭାଗ୍ୟ ନିର୍ଭରଶୀଳ ହୋଇରହିଛି। ପୁଣି କହୁଥିଲେ, ଛାତ୍ରମାନଙ୍କୁ ଜ୍ଞାନର କ୍ଷଣିକ ଆଲୋକ ଦେବା ପାଇଁ ଶିକ୍ଷକଙ୍କୁ ଆଲୋକର ସମୁଦ୍ର ବହନ କରିବାକୁ ପଡ଼ିବ। ଏଇ ଦୁଇ ଉକ୍ତିକୁ ଯେବେ ଏକ ସଙ୍ଗେ ଦେଖେ – ଯେଉଁ ଦେବସଭା ମୋ ମାନସରେ ପ୍ରକଟ ହୁଅନ୍ତି ସେ ମୋ ଗାଁ ସ୍କୁଲ୍ ପ୍ରଧାନଶିକ୍ଷକ ବିନ ସାର୍।

ସାର୍ ଭଲ ଇଂଲିଶ ପଢ଼ାନ୍ତି, ସାର୍ ନିଜେ ଏକ ଗଣିତାଗାର ; ବହି ନ ଧରି ଶହଶହ ନୁହେଁ ହଜାରେ ଗଣିତ ଡାକିପାରନ୍ତି। ସଭିଙ୍କ ଅନୁଭବ ସବୁ ପାଠ ପଢ଼ାଇବାରେ ସେ ପଟୁ ଥିଲେ। ପ୍ରାର୍ଥନା ପୂର୍ବରୁ ସ୍କୁଲର ମୁଖ୍ୟ ଫାଟକ ବନ୍ଦ ହୋଇଯାଏ। ଯେଉଁ ପିଲାମାନେ ଏବଂ ଶିକ୍ଷକ ବିଳମ୍ବରେ ଆସନ୍ତି ସେମାନେ ସେଇଠି ଅପେକ୍ଷା କରନ୍ତି। ସୂର୍ଯ୍ୟଙ୍କର ହୁଏତ କେବେ ବିଳମ୍ବ ହୋଇପାରେ ଆସିବା, ମାତ୍ର ବିନ ସାର୍‌ଙ୍କ ଠିକ୍ ସମୟରେ ସ୍କୁଲ୍ ପହଞ୍ଚିବା କେବେ ବିଳମ୍ବ ହୋଇନି। ସାର୍ ପ୍ରାର୍ଥନା ପରେ ପୂର୍ବଭଳି ନିଜ ସ୍ଥାନରେ ଠିଆ ହୋଇଥାନ୍ତି, ପିଲାମାନେ ଶ୍ରେଣୀଗୃହକୁ ଚାଲିଯାଆନ୍ତି ଏବଂ ଯେଉଁ ପିଲାମାନେ ଗତକାଲି ସ୍କୁଲ୍ ଆସି ନ ଥିଲେ ସେମାନେ ଲାଇନକରି ଠିଆ ହୁଅନ୍ତି। ପିଅନ ଧାଇଁଯାଇ ମୁଖ୍ୟ ଫାଟକ ଫିଟାଇଦିଏ। ସାର୍ ସେଇଠି ଠିଆହୋଇ ବିଳମ୍ବରେ ଆସିଥିବା ସଭିଙ୍କ ପ୍ରତି ଦୃଷ୍ଟି ପକାନ୍ତି। ଏହା ନିଶ୍ଚିତ ସେ ଦୃଷ୍ଟିରେ ଏତିକି ସାମର୍ଥ୍ୟ ଥାଏ ବିଳମ୍ବରେ ଆସିଥିବା ଛାତ୍ର ଏବଂ ଶିକ୍ଷକ କେହିବି ଆଗାମୀ ଦିନରେ ଆଉ ବିଳମ୍ବରେ ଆସିବାକୁ ସାହସ ଜୁଟାଇ ପାରିବେ ନାହିଁ ଏବଂ ନିଜ ମଧ୍ୟରେ ଏକ ନୈତିକ ଚାପ ଅନୁଭବିବେ ଠିକ୍ ସମୟରେ ସ୍କୁଲରେ ପହଞ୍ଚିବାକୁ । ଏହାପରେ ଗତକାଲି ସ୍କୁଲ୍ ଆସି ନ ଥିବା ଛାତ୍ରୀଛାତ୍ରମାନେ ବିନ ସାର୍‌ଙ୍କ ସମୀପରେ ଠିଆହୋଇ,ତାଙ୍କ ଅନ୍ତର୍ଭେଦୀ ଚକ୍ଷୁ ଦୁଇକୁ ଚାହିଁ ନ ଆସିବାର କାରଣମାନ କହନ୍ତି । ତମାମ୍ ବର୍ଷ, ପ୍ରତିଦିନ ଏହା ଘଟେ। ଏହାର ପରିଣାମ ସ୍ୱରୂପ ଦୀର୍ଘ ଚାଳିଶ ବର୍ଷ ତଳେ ଗୋଟିଏ ନିପଟ ମଫସଲ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତି ହାର ସର୍ବାଧିକ ୨–୩ ମଧ୍ୟରେ ସୀମିତ ରହୁଥିଲା। ପ୍ରତି ସୋମବାର ବିନସାର୍ ପିଲାମାନଙ୍କୁ ନେଇ ଅସାଧାରଣ ପ୍ରୟୋଗଶାଳା ଗଢୁଥିଲେ। ପ୍ରାର୍ଥନା ପରେ ସାର୍ ସେଇଭଳି ଠିଆ ହୋଇ ରୁହନ୍ତି, ପ୍ରତ୍ୟେକ ପିଲା ବିନା ଶବ୍ଦରେ ଜଣେ ପରେ ଜଣେ ସେମାନଙ୍କ ଶାର୍ଟ ପ୍ୟାଣ୍ଟ ସଫା ଅଛି ଏବଂ ବୋତାମ ସବୁ ଠିକ୍ ଅଛି ଦେଖାଇବାକୁ ହୁଏ। ଦେଖାଇବାକୁ ହୁଏ ହାତ ଓ ଗୋଡ଼ର ନଖ କଟା ହୋଇଛି, ଦାନ୍ତଗୁଡ଼ିକ ସଫା ଅଛି ଏବଂ ଜିଭ ସଫା ଅଛି । ଆଜି ତାହା ଭାବି ଆଶ୍ଚର୍ଯ୍ୟ ଲାଗୁଛି, ଏହି କାର୍ଯ୍ୟ ଗୋଟିଏ ଶବ୍ଦ ବିନା ୨୦, ୨୫ ମିନିଟ୍ ମଧ୍ୟରେ ସମାପନ ହେଉଥିଲା ଏବଂ ଏହାପରେ ପଢ଼ାବେଲ୍ ବାଜୁଥିଲା।

ପ୍ରାୟ ସବୁ ଶିକ୍ଷକ ଟ୍ୟୁଶନ୍ କଲାଭଳି ବିନ ସାର୍ ସକାଳେ ଏବଂ ସଂଧ୍ୟାରେ ଦେଢ଼ ଘଣ୍ଟା ଆଗ୍ରହୀ ଛାତ୍ରୀଛାତ୍ରଙ୍କୁ ବିନା ପାଉଣାରେ ପାଠ ପଢ଼ାଉଥିଲେ। ତାଙ୍କ ପକା ବାରଣ୍ଡାରେ ୪୦ ବର୍ଷତଳେ ପାଞ୍ଚଟି ଗାଁର ଆଗ୍ରହୀ ସବର୍ଣ୍ଣ, ଅସବର୍ଣ୍ଣ ପିଲା ମେଳି ହୋଇବସି ପାଠ ପଢ଼ିବାର ପବିତ୍ର ଦୃଶ୍ୟ ଆଜି ଅନୁଭବ ହେଉଛି ସତେଅବା ତାହା ଅନ୍ଧାର ମଧ୍ୟରେ ସୂର୍ଯ୍ୟୋଦୟ ଥିଲା। ତେଣୁ ଆମ ପିଲାଙ୍କ ମଧ୍ୟରେ ଛୁଆଁ, ଅଛୁଆଁର ଅଳନ୍ଧୁ କେବେ ଘର କରି ନ ଥିଲା। ପାଠପଢ଼ା ବାରଣ୍ଡାକୁ ଲାଗି ଗୋଟିଏ ପ୍ରଶସ୍ତ କୋଠରି ଥିଲା, ଯେଉଁଠି ନିକଟ ଗ୍ରାମରୁ ପାଠପଢ଼ି ଆସୁଥିବା ପିଲାମାନେ ରାତିରେ ସେଇଠି ଶୋଉଥିଲେ ଏବଂ ଅନେକ ସମୟରେ ସାନବୋଉ ହାତରନ୍ଧା ଅମୃତ ଆହାର ଖାଇବାର ସୌଭାଗ୍ୟ ପାଉଥିଲେ। ସାନବୋଉ କହିଲେ ବିନ ସାର୍‌ଙ୍କ ଶକ୍ତି ବା ପତ୍ନୀ । ଦଶଟି ଗାଁର ପିଲା, ବଡ଼ ସମସ୍ତେ ତାଙ୍କୁ ସାନବୋଉ ଡାକୁଥିଲେ। ବିନ ସାର୍ କେବେବି କାହାକୁ ପାଠ ପାଇଁ ମାରୁ ନ ଥିଲେ କିନ୍ତୁ ଗୋଟିଏ ଦୁଷ୍ଟାମିକୁ ବାରମ୍ବାର ପୁନରାବୃତ୍ତି କଲେ ଖୁବ୍ ମାଡ଼ ହେଉଥିଲା। ସାର୍‌ଙ୍କ ମାଡରୁ ଯିଏ ଆମକୁ ଅକ୍ଳେଶରେ ରକ୍ଷା କରିପାରୁଥିଲେ ସେ କେବଳ ସାନବୋଉ ଥିଲେ। ଛାତ୍ର ଭିତର ଅନୁସନ୍ଧିତ୍ସୁ ମନୋଭାବ ପ୍ରତି ସେ ସଚେତନ ଏବଂ ସମ୍ବେଦନ ଥିଲେ।

ତାଙ୍କର ଶିକ୍ଷା ବିଦ୍ୟାଳୟ ଅବା ବହିର ପରିସୀମା ମଧ୍ୟରେ ସୀମିତ ନ ଥିଲା । ସେ ଆମକୁ ମଞ୍ଜିଟିଏ କିଭଳି ପୋତିବାକୁ ହୁଏ, ଗଛର କିଭଳି ଯତ୍ନ ନେବାକୁ ହୁଏ, ଦା' ଟିଏ, କୋଦାଳଟିଏ, ଝାଡୁଟିଏ କିଭଳି ଧରିବାକୁ ଏବଂ ବ୍ୟବହାର କରିବାକୁ ହୁଏ ଖୁବ୍ ନିଷ୍ଠାର ସହ ଶିଖାଇଥିଲେ। ସେ ନିଜେ ପାଇଖାନା ସଫାକରି କିଭଳି ଏହା ସଫାକରିବାକୁ ହୁଏ ଶିଖାଇଥିଲେ, ଗାଧୋଇବା ବେଳେ ଚକ୍ଷୁର ନୀରୋଗ ପାଇଁ ପାଟିରେ ପାଣି ଭରି ଆଖିରେ ଛାଟିବାକୁ ହୁଏ ଶିଖାଇଥିଲେ, ଲୁଗାପଟାକୁ ସାବୁନ୍ ମାରି କିଛି ସମୟ ଛାଡ଼ିବାକୁ ହୁଏ ଏବଂ କେଉଁ ଢଙ୍ଗରେ କାଚିବା ଠିକ୍, ନିଜେ କରି ଶିଖାଇଥିଲେ। ବିନ ସାର୍‌ଙ୍କ ଶିକ୍ଷା ପଢ଼ାବହିରୁ ପରିବ୍ୟାପ୍ତ ହୋଇରହିଥିଲା ସମଗ୍ର ଜୀବନକୁ । ସେ ଟଲଷ୍ଟୟଙ୍କ ଭଳି ବୁଝିଥିଲେ, ପିଲାଟିଏ କେବଳ ଶ୍ରେଣୀଗୃହରୁ ଶିଖେନାହିଁ, ବଳକା ପୃଥିବୀରୁ ବହୁତ କିଛି ଶିଖେ। ଅନେକ ଥର ଦେଖିଛି, କେବଳ ଆମେ ପିଲା ନୁହେଁ ବଡ଼ମାନେ,ବୁଢ଼ାମାନେ କୌଣସି କାରଣରୁ ଝଗଡ଼ା, ପାଟିଗୋଳ କରୁଥିଲେ ସାର୍‌ଙ୍କ ଆସିବା ଦେଖିଲେ ସବୁ ଶାନ୍ତ ହୋଇଯାଉଥିଲା। ତାଙ୍କ ବ୍ୟକ୍ତିତ୍ୱ ବହୁ ଉପଦେଶଠାରୁ ଅସାଧାରଣ ଭାବେ ପ୍ରଭାବଶାଳୀ ଥିଲା।

ଭୂଗୋଳ ପୋଥିପତ୍ରରେ ପଛେ ନ ଥାଉ ତା'ର ନାଁଟି /ଛୋଟ ମୋର ଗାଁ ଟି ... ଭଳି ଇତିହାସରେ, ବିଶ୍ୱ ଶିକ୍ଷା ବାତାୟନରେ ବିନ ସାର୍‌ଙ୍କ ନାମ ନ ଥିଲେ ବି ତାଙ୍କ ଅନନ୍ୟ ଅବଦାନ ଆମ ଜ୍ଞାତ, ଅଜ୍ଞାତରେ ସମଗ୍ର ଶିକ୍ଷା ଆନ୍ଦୋଳନ ପାଇଁ ଅସାଧାରଣ ପ୍ରେରଣାର ସ୍ପନ୍ଦନ ହୋଇ ରହିବ।

ଇନ୍ଦ୍ରାବତୀ, ନବରଙ୍ଗପୁର,
ମୋ: ୯୮୬୧୯୬୯୬୭୮

## ୨୫ ବର୍ଷ ତଳର ଧରିତ୍ରୀ

୩୦ ନଭେମ୍ବର ୧୯୯୬

- ସୀମାନ୍ତରେ ମୁତୟନ ଥିବା ସୈନ୍ୟମାନଙ୍କ ସଂଖ୍ୟା ସର୍ବନିମ୍ନ ସ୍ତରକୁ ହ୍ରାସ କରିବା, ପରସ୍ପର ପ୍ରତି ସାମରିକ ଶକ୍ତି ପ୍ରୟୋଗରୁ ନିବୃତ୍ତ ରହିବା ପାଇଁ ଚୀନ ଓ ଭାରତ ମଧ୍ୟରେ ଏକ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ।
- ଏକ ପୃଥକ୍ ଗୋର୍ଖା ରାଜ୍ୟ ଗଠନ ଦାବିକରି ସିପିଏମ୍‌ର ଦାର୍ଜିଲିଂ ଜିଲା କମିଟିରୁ ୨୫ ବିଦ୍ରୋହୀ ନେତାଙ୍କ ଇସ୍ତଫା ପ୍ରଦାନ।
- ରାଜ୍ୟର ୫ଟି ଜିଲାରେ ପ୍ରାଥମିକ ଶିକ୍ଷା ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ୧୪୬ କୋଟି ଟଙ୍କା ମଞ୍ଜୁର।

## ଚିରନ୍ତନୀ

ମଣିଷ ନ ମାରି ଜୀଇଁପାରେ ଏଥି ନର
ସେହି କଥା ତୁମେ କହିଲ ଥରକୁ ଥର।
କହିଲ, 'ଜାଗରେ ସକଳ ଆହତ' ହତ
'ଜାଗିଉଠ ଆରେ ଏ ଭବର ଭବିଷ୍ୟତ।'
ଦୀନବେଶ ଘେନି ଦୁଇ ହାତ କରି ଖାଲି
ଦୁନିଆ ଭିତରେ ତୁମେଟି ଜାଣିଲ ଚାଲି!
–(ତୁମେଟି ଚାଲିବା ଜାଣ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜୈବିକ ଖତ ଦିଆଯାଉ

ମହାଶୟ,

ଆଜିକାଲି ପ୍ରାୟତଃ କୃଷକମାନେ ଗୋପାଳନ କରୁନାହାନ୍ତି। ଯେଉଁ କେତେକ ଚାଷୀ ଗୋରୁ ରଖୁଛନ୍ତି, ସେମାନେ ଗୋବର ଘଷି କରି ଜାଳେଣି ଭାବେ ବ୍ୟବହାର କରୁଛନ୍ତି। କମ୍ପୋଷ୍ଟ କୁଣ୍ଡ କରିବା ଓ ଅଳିଆ ଆବର୍ଜନା ପକାଇବା ନିମନ୍ତେ ସିମେଣ୍ଟ କୁଣ୍ଡ ସହାୟତା ଦିଆଯାଉଥିଲେ ମଧ୍ୟ ତାହା ଅଦୃଶ୍ୟ ଏବଂ କାର୍ଯ୍ୟକାରୀ ହେଉନାହିଁ। ଗୋବରରୁ ଖତ ପ୍ରସ୍ତୁତ ନ କରି ଚାଷୀମାନେ ଜମିରେ କେବଳ ରାସାୟନିକ ସାର ପ୍ରୟୋଗ କରୁଛନ୍ତି। ଏହାଦ୍ୱାରା ଜମି ଅନୁର୍ବର ହୋଇଯାଉଛି। ଏଣୁ ଚାଷୀମାନେ ଗୋବର ଖତ ପ୍ରସ୍ତୁତ କରି ତାହାକୁ ଜମିରେ ପ୍ରୟୋଗ କରିବା ନିହାତି ଦରକାର।

–ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ରିଲାଏନ୍ସ କ୍ୟାପିଟାଲ ବୋର୍ଡ ରଦ୍ଦ

**ନୂଆଦିଲ୍ଲୀ,୨୯।୧୧:** ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ରିଲାଏନ୍ସ କ୍ୟାପିଟାଲ ବୋର୍ଡକୁ ରଦ୍ଦ କରିଦେଇଛି। ଋଣ ଯୋଗାଣକାରୀଙ୍କୁ ପେମେଣ୍ଟରେ ଅକ୍ଷମତା ଏବଂ ଗଭର୍ନାନ୍ସ ଅବମାନନା ଭଳି ବିଭିନ୍ନ ଦିଗକୁ ବିଚାର କରି କେନ୍ଦ୍ରୀୟ ବ୍ୟାଙ୍କ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି କମ୍ପାନୀ ବିରୋଧରେ ଶୀଘ୍ର ଦେବାଳିଆ ପ୍ରକ୍ରିୟା ଆରମ୍ଭ କରାଯିବ। ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)ର ମୁମ୍ବାଇ ବେଞ୍ଚ୍‌ରେ ଏଥିଲାଗି ଆବେଦନ କରାଯିବ। ଇନ୍‌ସଲଭେନ୍ସି ରିଜଲ୍ୟୁଶନ ପ୍ରଫେସନାଲ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଗ୍ରହଣ କରାଯିବ। ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନାଗେଶ୍ୱର ରାଓଙ୍କୁ ରିଲାଏନ୍ସ କ୍ୟାପିଟାଲର ଆଡମିନିଷ୍ଟ୍ରେଟର ଭାବେ ନିଯୁକ୍ତ କରାଯିବ। କୌଣସି ଏନ୍‌ବିଏଫ୍‌ସି କ୍ଷେତ୍ରରେ ଇନ୍‌ସଲଭେନ୍ସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଏହା ତୃତୀୟ ମାମଲା। ପୂର୍ବରୁ ଦେୱାନ ହାଉସିଂ ଫାଇନାନ୍ସ ଲିମିଟେଡ ଏବଂ ଶ୍ରେଇ ଗ୍ରୁପ କମ୍ପାନୀ ବିରୋଧରେ ସମାନ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ରିଲାଏନ୍ସ ଧୀରୁଭାଇ ଅମ୍ବାନୀ ଗ୍ରୁପ ଦ୍ୱାରା ରିଲାଏନ୍ସ କ୍ୟାପିଟାଲ ପରିଚାଳିତ ହେଉଥିଲା। କମ୍ପାନୀର ଆକାଉଣ୍ଟିଂ ପଦ୍ଧତିକୁ ନେଇ ୨୦୧୯ ଜୁନରେ ଅଡିଟରମାନେ ଗଭୀର ଚିନ୍ତା ପ୍ରକଟ କରିଥିଲେ। ତାପରଠାରୁ ବିଭିନ୍ନ ଋଣ ପେମେଣ୍ଟ ପ୍ରଦାନ କରିବାରେ ଏହି କମ୍ପାନୀ ଅକ୍ଷମତା ପ୍ରକାଶ କରିଥିଲା।

# ନିଜସ୍ୱ ଡିଜିଟାଲ କରେନ୍ସି ଲାଗି ଆର୍‌ବିଆଇ ଯୋଜନା

**ନୂଆଦିଲ୍ଲୀ,୨୯।୧୧**




ଆର୍‌ବିଆଇ ନିଜସ୍ୱ ଡିଜିଟାଲ କରେନ୍ସି ଆଣିବା ଲାଗି ଯୋଜନାକୁ ତ୍ୱରାନ୍ୱିତ କରିଛି। ଅର୍ଥ ରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧରୀ ଏସମ୍ପର୍କରେ ସୋମବାର ଲୋକସଭାକୁ ଲିଖିତ ଭାବେ ସ୍ପଷ୍ଟ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରୀୟ ବ୍ୟାଙ୍କ ଅର୍ଥ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦେଇଛି। ଯୋଜନାକୁ ପର୍ଯ୍ୟାୟ ଭିତ୍ତିରେ କାର୍ଯ୍ୟକାରୀ କରାଇବା ଲାଗି ଆର୍‌ବିଆଇ ଆଇନ ୧୯୩୪ରେ ସଂଶୋଧନ କରିବାକୁ ଏହା ଗତ ମାସରେ ପ୍ରସ୍ତାବ ଦେଇଥିଲା। ବ୍ୟାଙ୍କ ନୋଟର ସଂଜ୍ଞାକୁ ନେଇ ରହିଥିବା ପରିସରକୁ ବୃଦ୍ଧି କରାଯାଇ ଡିଜିଟାଲ ଭାବେ ମୁଦ୍ରାକୁ ଯୋଗକରାଯିବ ବୋଲି ଜଣାପଡ଼ିଛି।

ଆର୍‌ବିଆଇ ପର୍ଯ୍ୟାୟ ଭିତ୍ତିରେ କୌଶଳ ଆପଣାଇବ ବୋଲି ଚୌଧୁରୀ କହିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ କରେନ୍ସି (ସିବିଡିସି) ଆଣିବ। ଏହାକୁ କିଭଳି ଭାବେ କାର୍ଯ୍ୟକାରୀ କରାଯିବ ସେ ନେଇ ବିଭିନ୍ନ ଦିଗ ଉପରେ ପ୍ରଥମେ ପରିକ୍ଷାନୀରିକ୍ଷା କରାଯିବ। ଏହା ଲାଗୁ ହେଲେ କ୍ୟାଶ ଉପରେ ନିର୍ଭରତା କମିବ। ସେହିଭଳି ନେଣଦେଣ ଲାଗି ମଧ୍ୟ ଖର୍ଚ୍ଚ ଉଠାଇବାକୁ ପଡ଼ିବନାହିଁ। ସେହିଭଳି ସେଟେମେଣ୍ଟ ରିସ୍କ ମଧ୍ୟ ରହିବ ନାହିଁ। ଏହା ଦକ୍ଷ, ବିଶ୍ୱାସଯୋଗୀ ଏବଂ ନିୟନ୍ତ୍ରିତ ଭାବେ ପରିଚାଳିତ ହେବ। ଏକ୍ଷେତ୍ରରେ ରହିଥିବା ରିସ୍କକୁ ମଧ୍ୟ ଅନୁଧ୍ୟାନ କରାଯିବ ବୋଲି ଚୌଧୁରୀ ମତ ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାର ଚଳିତ ଶୀତ ଅଧିବେଶନରେ ଅଫିସିଆଲ ଡିଜିଟାଲ କରେନ୍ସି ବିଲ୍ ଆଣିବାକୁ ପ୍ରସ୍ତାବ ରଖିଛନ୍ତି। ଘରୋଇ କ୍ରିପ୍ଟୋକରେନ୍ସି କାରବାର ଉପରେ ଏହା ଦ୍ୱାରା କଟକଣା ଲାଗୁ କରାଯିବା ସହ କେନ୍ଦ୍ରୀୟ ବ୍ୟାଙ୍କର ଡିଜିଟାଲ କରେନ୍ସିକୁ ଗୁରୁତ୍ୱ ମିଳିବ। ଆର୍‌ବିଆଇ ଡିଜିଟାଲ କରେନ୍ସି ଲାଗି ମଧ୍ୟ ଟେକ୍ନୋଲୋଜି ଉପରେ କାର୍ଯ୍ୟକ୍ରମ ଜାରି କରାଯିବ। ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କ୍ରିପ୍ଟୋକରେନ୍ସିକୁ ଭାରତରେ ଲାଗୁ କରିବା ସପକ୍ଷରେ ନ ଥିଲେ। ଏହା କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇ ନ ଥିବା ଯୋଗୁ ଦେଶର ଫାଇନାନ୍ସ ସିଷ୍ଟମ ପ୍ରତି ବିପଦ ସୃଷ୍ଟି କରିବ ବୋଲି ସେ ଚେତାଇ ଦେଇଥିଲେ।

### କାର୍ଯ୍ୟାନ୍ୱୟନ ଲାଗି ପର୍ଯ୍ୟାୟ ଭିତ୍ତିରେ କୌଶଳ

ବର୍ତ୍ତମାନ ବିଟ୍‌କଏନ ଭଳି କ୍ରିପ୍ଟୋକରେନ୍ସି କାରବାର ବଢୁଥିବାରୁ ଏହାକୁ ନଜରରେ ରଖି ନିଜସ୍ୱ ଡିଜିଟାଲ କରେନ୍ସି ଆଣିବାକୁ ରିଜର୍ଭ ବ୍ୟାଙ୍କ ଆଗଭର ହୋଇଛି। ଗତ ଗୋଟିଏ ଦଶନ୍ଧି ହେବ ଘରୋଇ ଡିଜିଟାଲ କରେନ୍ସି, ଭର୍ଚୁଆଲ କରେନ୍ସି ବା କ୍ରିପ୍ଟୋକରେନ୍ସି ଲୋକପ୍ରିୟତା ହାସଲ କରିବାରେ ଲାଗିଛି। ଏହି କରେନ୍ସିଗୁଡ଼ିକରେ କାରବାରକୁ ନେଇ ସରକାର ଆଶଙ୍କା ପ୍ରକଟ କରୁଛନ୍ତି। ବର୍ତ୍ତମାନ ଚାଇନା ଏହାର ଡିଜିଟାଲ କରେନ୍ସିକୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଇଛି। ସେହିଭଳି ବ୍ୟାଙ୍କ ଅଫ୍ ଇଂଲଣ୍ଡ ଏବଂ ୟୁଏସ୍ ଫେଡେରାଲ ରିଜର୍ଭ ଏ ଦିଗରେ ରହିଥିବା ବିଭିନ୍ନ ଦିଗକୁ ବିଚାର କରୁଛନ୍ତି। ନିଜସ୍ୱ ଡିଜିଟାଲ କରେନ୍ସି ପର୍ଯ୍ୟାୟ ଭିତ୍ତିରେ ଲାଗୁ କରିବା ନେଇ ବିଚାର କରାଯିବ ବୋଲି ଆର୍‌ବିଆଇ ଡେପୁଟି ଗଭର୍ନର ଟି.ରବି ଶଙ୍କର କହିଛନ୍ତି।

## ତନିସ୍କର ସର୍ବୋତ୍ତମ ଅଫର




**ଭୁବନେଶ୍ୱର,୨୯।୧୧**

ତନିସ୍କ ବିବାହ ଋତୁରେ ସର୍ବୋତ୍ତମ ଅଫର ଆଣିଛି। ଗ୍ରାହକ ସୁନାଗହଣାର ଗଢ଼ା ମୂଲ୍ୟରେ ଏବଂ ହୀରା ଗହଣା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହା ସହିତ ପୁରୁଣା ଗହଣା ବଦଳରେ ଶତ ପ୍ରତିଶତ ମୂଲ୍ୟ ପାଇବେ। ରାଜ୍ୟର ସମସ୍ତ ତନିସ୍କ ଷ୍ଟୋରରେ ଏହି ଅଫର ନଭେମ୍ବର ୧୮ରୁ ଆରମ୍ଭ ହୋଇଥିବାବେଳେ ଏହା ଡିସେମ୍ବର ୧୮ ଯାଏ ବଳବତ୍ତର ରହିବ। ଗ୍ରାହକ କମ୍ପାନୀର ବ୍ୟାପକ ସମ୍ଭାର ଲାଭ କରିପାରିବେ। ଗହଣା କଲେକ୍ସନରେ 'ରିଭା' ସମ୍ଭାରଠାରୁ ଆରମ୍ଭକରି ତନିସ୍କର ସମସ୍ତ ଅତ୍ୟାଧୁନିକ ଡିଜାଇନ ଅନ୍ତର୍ଭୁକ୍ତ। 'ରିଭା' ଡାଏମଣ୍ଡ ବ୍ରାଇଡ୍ସ କଲେକ୍ସନ ଗ୍ରାହକଙ୍କ ଲାଗି ରହିଛି। ହୀରାର ଚମକ, ରଙ୍ଗବେରଙ୍ଗ ରତ୍ନପଥର ମଧ୍ୟ ବଧୂର ଗହଣା ବାକ୍ସରେ ଉପଯୁକ୍ତ ବିକଳ୍ପ ସାଜିବ। ଅନ୍ୟାନ୍ୟ କଲେକ୍ସନ ମଧ୍ୟରେ ଉତ୍ସାହ, ଆରମ୍ଭ ଏବଂ ବିରାସତ ରହିଛି।

**ନବମ ଜନ୍ମଦିନର ଶୁଭେଚ୍ଛା**




ଆରିୟନ୍ ପ୍ରିୟଦର୍ଶନ ପଟ୍ଟନାୟକ (ଢୁଗୁ)
ବାଙ୍କୁଆଳ, ଭୁବନେଶ୍ୱର
ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ଜେଜେମା', ଅଜା, ଆଈ, ବାବା, ମାମା, ଦାଦା, ମିନିଅପା, ଅଳୁ ପିଇସା, ମାମି ଅପା, ଟୁଟୁ ପିଇସା, ମାନୁ ଅପା, ନବ ପିଇସା, ରାନୁ ଅପା, ଟିଲୁ ପିଇସା, ଲିପୁ ଭାଇ, ନବ୍ୟା, ଲିନା, ବନ୍ଧୁ ଓ ପରିବାରବର୍ଗ।
ଧ-୨୨୪୧୮

**ଇଞ୍ଜିନିୟର ଶିକ୍ଷା ସାହୁଙ୍କ ପିଏଚ୍.ଡି ଲାଭ**



ଓଡ଼ିଆ ଛାତ୍ରୀ ଶିକ୍ଷା ସାହୁ, ଚଳିତ ବର୍ଷ ଆମେରିକାର ନିଉୟର୍କ ସ୍ଥିତ କର୍ଣ୍ଣେଲ ୟୁନିଭରସିଟି ତରଫରୁ ପିଏଚ୍.ଡି ଡିଗ୍ରୀରେ ସମ୍ମାନିତ ହୋଇଛନ୍ତି। ସେ ପ୍ରଫେସର ମାଇକେଲ ଲାଉଜ୍‌ଙ୍କ ତତ୍ତ୍ୱାବଧାନରେ ଆମେରିକାର ଜାତୀୟ ମହାକାଶ ଗବେଷଣା ସଂସ୍ଥା (NASA)ଠାରେ ତାଙ୍କର ସନ୍ଦର୍ଭ (Fluid spreading on International Space Station in Micro Gravity) ବିଷୟରେ ଗବେଷଣା କରି ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। ଏହା ସହିତ ସେ ଆମେରିକାର ସିଲିକନ୍‌ଭେଲିସ୍ଥିତ ଇନ୍‌ଟେଲ୍ କର୍ପୋରେସନ୍‌ରେ ବାର୍ଷିକ ଏକ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଦରମାରେ ବୈଜ୍ଞାନିକ ଭାବେ ନିଯୁକ୍ତି ପାଇଛନ୍ତି। ଏହା ପୂର୍ବରୁ ଶିକ୍ଷା ସାହୁ ଆଇ.ଆଇ.ଟି. ଦିଲ୍ଲୀରୁ ଏମ୍‌ଟେକ୍ (ମେକାନିକାଲ)ରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ସି.ଏଚ.ଏସ୍.ଇ. ଓଡ଼ିଶା ଦ୍ୱାରା ପରିଚାଳିତ +୨ ବିଜ୍ଞାନ ପରୀକ୍ଷାରେ ଓଡ଼ିଶାରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେ ଯାଜପୁର ଜିଲ୍ଲା ବରୀ ବ୍ଲକ୍ ଅନ୍ତର୍ଗତ ରମ୍ଭା ଗ୍ରାମ ନିବାସୀ ତଥା ଗ୍ରୀଡ୍‌କୋର ଅବସର ପ୍ରାପ୍ତ ମୁଖ୍ୟ ଆର୍ଥିକ ଅଧିକାରୀ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଶ୍ରୀ ବ୍ରଜବନ୍ଧୁ ସାହୁ ଓ ଶ୍ରୀମତୀ ପ୍ରଭାତୀ ସାହୁଙ୍କ ଜ୍ୟେଷ୍ଠା କନ୍ୟା ତଥା ଯାଜପୁର ଟାଉନ୍‌ସ୍ଥିତ ବିରଜା ମହିଳା ମହାବିଦ୍ୟାଳୟର ରିଡର ଶ୍ରୀ ପ୍ରଦୀପ କୁମାର ସାହୁଙ୍କର ଭାଣିଜୀ। ତାଙ୍କର ଏହି ସଫଳତାରେ ସହଯୋଗ କରିଥିବାରୁ ଶିକ୍ଷା ସାହୁ ମହାକାଶଚାରୀ କମାଣ୍ଡର ଲୁକା ପର୍ମିଟାନୋ, କେମିଷ୍ଟ୍ରି ପ୍ରଫେସର ଓମୋୟୁନିମି ଓ ସମସ୍ତ ଶୁଭେଚ୍ଛୁଙ୍କ ନିକଟରେ ଧନ୍ୟବାଦ ଅର୍ପଣ କରିଛନ୍ତି।
ଧ-୨୨୪୧୯

# ମୁଥୁଟ୍ ଗ୍ରୁପ୍‌ର ସିଏସ୍‌ଆର୍ ପଦକ୍ଷେପ

**ନୂଆଦିଲ୍ଲୀ,୨୯।୧୧**




ମୁଥୁଟ୍ ଗ୍ରୁପ ପ୍ରତିଷ୍ଠାତା ସ୍ୱର୍ଗତ ଏମ୍.ଜି.ଜର୍ଜ ମୁଥୁଟଙ୍କ ଜନ୍ମବାର୍ଷିକି ପାଳନ ଅବସରରେ ଗ୍ରୁପ ପକ୍ଷରୁ ବିଭିନ୍ନ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ନିରନ୍ତର ଶକ୍ତି ଉତ୍ପାଦନ, ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କୁ ସହାୟତା, ମେଡିକାଲ ଇମର୍ଜେନ୍ସି, ସ୍ୱାସ୍ଥ୍ୟ ସେବା, ଛାତ୍ରୀଛାତ୍ରଙ୍କୁ ସ୍କଲାରଶିପ ପ୍ରଦାନ, ନିଯୁକ୍ତି ଯୋଗାଣ ଦ୍ୱାରା ନିରନ୍ତର ଜିବିକା ବିକାଶ, ସ୍ୱଚ୍ଛ ଭାରତ ମିଶନ ଅଧୀନରେ ପରିମଳ କାର୍ଯ୍ୟକ୍ରମ ଏବଂ ଖାଦ୍ୟ ସାମଗ୍ରୀ ଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ୱାସ୍ଥ୍ୟ ସୁବିଧା କ୍ଷେତ୍ରରେ ସ୍ନେହାଶ୍ରୟ ହେଲଥ ଚେକ୍ ଅପ୍ ଭ୍ୟାନ, ମୁମ୍ବାଇରେ କ୍ୟାନସର ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ସେବା, ଆଶା କର୍ମୀଙ୍କୁ ବ୍ୟାଗ୍ ପ୍ରଦାନ, ରେଡ୍‌କ୍ରସ ସହଯୋଗରେ ରକ୍ତଦାନ କାର୍ଯ୍ୟକ୍ରମ ଆୟୋଜନ ଏବଂ କୋଭିଡ୍ ଯୋଦ୍ଧାକୁ ସମ୍ମାନିତ କରାଯାଇଥିଲା। ସେହିଭଳି ବିଭିନ୍ନ ବୃଦ୍ଧାଶ୍ରମ, ଆଶ୍ରମ, ମନ୍ଦିର ଏବଂ ଅନାଥାଶ୍ରମରେ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ବାତ୍ୟା ପ୍ରଭାବିତ ଲୋକଙ୍କ ଲାଗି ୨୦୧ ଘର ନିର୍ମାଣ କରାଯାଇ ଏହାର ଚାବି ହସ୍ତାନ୍ତର କରାଯାଇଛି। ଗ୍ରେଟର ନଏଡାରେ ୨୦୦ ଛାତ୍ରୀଛାତ୍ରଙ୍କ ଲାଗି ପ୍ରସ୍ତୁତ ହୋଇଥିବା ଟଏଲେଟକୁ ମଧ୍ୟ କାର୍ଯ୍ୟକ୍ଷମ କରାଯାଇଛି। ୩୯ ହ୍ୱିଲ ଚେୟାର, ୨୫ ଟ୍ରାଇସାଇକେଲ କାର୍ଟ, ୧୦ ମାନୁଆଲ ସାଇକେଲ ରିକ୍ସା, ୨୦ ଚାରି ଚକିଆ ଉଡେନ ପୁସ୍ କାର୍ଟ, ୫ ଇଲେକ୍ଟ୍ରିକ ସିଲେଇ ମେଶିନ ଏବଂ ୧୫୦ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିବା ଗ୍ରୁପ ପକ୍ଷରୁ ସୂଚନା ମିଳିଛି।

## କ୍ରମ୍ପଟନର ନୂଆ ୱାଟର ହିଟର

**ନୂଆଦିଲ୍ଲୀ,୨୯।୧୧**

କ୍ରମ୍ପଟନ ଗ୍ରିଭସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ ଲିମିଟେଡ୍ ନୂଆ ସୋଲାରିୟମ କ୍ୟୁବ୍ ପ୍ଲସ୍ ୱାଟର ହିଟର ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। କ୍ରମ୍ପଟନର ସମ୍ପୂର୍ଣ୍ଣ ନୂତନ ସୋଲାରିୟମ କ୍ୟୁବ ପ୍ଲସ୍ ଗ୍ରାହକଙ୍କର ଗରମପାଣି ସମସ୍ୟାର ସମାଧାନ କ୍ଷେତ୍ରରେ ଠିକ୍ ସମାଧାନ ହୋଇପାରିଛି। ଏହାର ସ୍ମାର୍ଟ ଏଲ୍‌ଇଡି ତାପମାତ୍ର ଡିସ୍‌ପ୍ଲେ, ପ୍ରିସିସନ ହଟ୍ ୱାଟର ପ୍ରଯୁକ୍ତି ଏବଂ ଏହାର ଶକ୍ତି ସଞ୍ଚୟକାରୀ ଇନ୍‌ସିଟୁ ପିୟୁଏଫ୍ ଯୋଗୁ ବିଦ୍ୟୁତ୍ ବିଲ୍ ପାଇଁ ଚିନ୍ତିତ ନ ହୋଇ ଏହି ସଦ୍ୟତମ ଉଦ୍ଭାବନ ଶୀତଋତୁରେ ଏକ ଆରାମ ପ୍ରଦାନକାରୀ ଗାଧୁଆ ନିମନ୍ତେ ନିତାନ୍ତ ଆବଶ୍ୟକ ବସ୍ତୁ ପାଲଟିଛି। ଏହି ଉତ୍ପାଦ ବର୍ଗ ୧୫ ଲିଟର କ୍ଷମତାରେ ୧୪ ହଜାର ଟଙ୍କା ମୂଲ୍ୟରେ ଏବଂ ୨୫ ଲିଟର କ୍ଷମତା ୧୬,୨୦୦ ଟଙ୍କାରେ ଉପଲବ୍ଧ ହେଉଛି। ସାରା ଭାରତର ବଜାରରେ ଏହା ମିଳୁଛି।

## ଅନୁଗୋଳରେ ହୋଣ୍ଡା ବିଙ୍ଗ୍‌ୱିଙ୍ଗ୍ ଡିଲରଶିପ୍



**ଅନୁଗୋଳ ଅଫିସ, ୨୯।୧୧**

ହୋଣ୍ଡା ମୋଟରସାଇକେଲ ଓ ସ୍କୁଟର ଇଣ୍ଡିଆର ବିଙ୍ଗ୍‌ୱିଙ୍ଗ୍ ଡିଲରସିପ୍ ସ୍ଥାନୀୟ ପଞ୍ଚମହଲାଠାରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ରମେଶଚନ୍ଦ୍ର ବାମଲିଆ ଏବଂ ଲକ୍ଷ୍ମୀଦେବୀ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଶୋ'ରୁମ୍‌ରେ କମ୍ପାନୀର ହାଇନେକ୍ସ ୩୫୦, ୩୫୦ ଆର୍‌ଏସ୍, ସିବି ୧୦୦୦ ଆର୍‌ପ୍ଲସ, ସିବିଆର୍ ୧୦୦୦ ଆର୍‌ଆର୍, ଆଫ୍ରିକାନ୍ ଟୁଇନ୍ ଏବଂ ଗୋଲ୍ଡ ୱିଙ୍ଗ୍ ଭଳି ମଡେଲ ସହ ସର୍ଭିସ୍ ସୁବିଧା ମିଳିବ। ଗ୍ରାହକ ଫାଇନାନ୍ସ ସୁବିଧା ମଧ୍ୟ ପାଇପାରିବେ। ଗ୍ରାହକ ପୁରୁଣା ମୋଟରସାଇକେଲ ବଦଳାଇ ନୂଆ ମୋଟରସାଇକେଲ ନେଇପାରିବେ। ଏହି ଅବସରରେ ବିଙ୍ଗ୍‌ୱିଙ୍ଗ୍ ଅନୁଗୋଳର ସ୍ୱତ୍ୱାଧିକାରୀ ସୁଜିତ୍ କୁମାର ଅଗ୍ରୱାଲ ଓ ବିକ୍ରମ ଅଗ୍ରୱାଲ ଉପସ୍ଥିତି ଅତିଥି ଏବଂ ଗ୍ରାହକଙ୍କୁ ଧନ୍ୟବାଦ ଦେଇଥିଲେ। ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ସଂକଳ୍ପବଦ୍ଧ ବୋଲି ସେ କହିଥିଲେ।

**ଫୁରସତ୍**

## ଗାଈକୁ ସ୍ୱାମୀ ଭାବୁଛନ୍ତି ମହିଳା

**ଫୋନମ୍‌ପେନ୍ହ:** ଦୁନିଆରେ ଅନେକ ଲୋକ ପୁନର୍ଜନ୍ମରେ ବିଶ୍ୱାସ ରଖନ୍ତି। ମୃତ୍ୟୁ ପରେ ଜଣେ ବ୍ୟକ୍ତି ପୃଥିବୀରେ ଯେ କୌଣସି ରୂପରେ ଜନ୍ମ ନେଇଥାଏ ବୋଲି ସେମାନେ ଭାବିଥାନ୍ତି। କାମ୍ବୋଡିଆର ଜଣେ ମହିଳା ମଧ୍ୟ ଠିକ୍ ଏଇୟା ଅନୁଭବ କରିଛନ୍ତି। ଏହି ବିଶ୍ୱାସରେ ସମ୍ପୃକ୍ତ ମହିଳାଙ୍କ କାର୍ଯ୍ୟକଳାପ ଏବେ ବେଶ୍ ଚର୍ଚ୍ଚାରେ ରହିଛି। ଏହି ମହିଳା ଜଣକ ଏକ ଗାଈକୁ ତାଙ୍କର ମୃତ ସ୍ୱାମୀ ଭାବି ବିବାହ କରିଛନ୍ତି। ସେ ବିଶ୍ୱାସ କରନ୍ତି ଯେ, ତାଙ୍କ ସ୍ୱାମୀ ଗାଈ ରୂପରେ ପୁନଃଜନ୍ମ ନେଇଛନ୍ତି। ଏହି ଅନନ୍ୟ ବିବାହ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଲୋକେ ମହିଳାଙ୍କ ଏପରି ପଦକ୍ଷେପରେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଏଥିସହିତ ସମ୍ପୃକ୍ତ ମହିଳା ବିଶ୍ୱାସ କରନ୍ତି ଯେ, ଗାଈର ସମସ୍ତ ଗୁଣ ତାଙ୍କ ମୃତ ସ୍ୱାମୀଙ୍କ ପରି। ମହିଳା ଜଣକ କୁହନ୍ତି, ଗାଈଟି ତାଙ୍କୁ ତାଙ୍କ ସ୍ୱାମୀଙ୍କ ଭଳି ଭଲ ପାଏ। ଗାଈର ସ୍ନେହ ମମତା ଦେଖି ସେ ଭାବନ୍ତି ତାଙ୍କ ସ୍ୱାମୀ ଯେମିତି ତାଙ୍କ ନିକଟକୁ ଫେରି ଆସିଛନ୍ତି। ସେ ଗାଈକୁ ତାଙ୍କ କୋଠରିରେ ରଖୁଛନ୍ତି। ଏଥିସହିତ ସେ ତାଙ୍କ ପିଲାମାନଙ୍କୁ କହିଛନ୍ତି, ଏହି ଗାଈକୁ କେବେ ବିକ୍ରି କରିବ ନାହିଁ, ତାକୁ ଭଲ ଭାବରେ ଖାଇବାକୁ ଦେବ। ତା'ର ମୃତ୍ୟୁ ପରେ ମଣିଷର ଯେପରି ମୃତଦାହ କରାଯାଏ ସେମିତି କରିବ। ମହିଳାଙ୍କର ଏପରି ଅଜବ ପଦକ୍ଷେପ ସମସ୍ତଙ୍କୁ ଚକିତ କରିଛି।

## 'ରନ୍‌ୱେ ୩୪'ରେ ଅଜୟ




**ମୁମ୍ବାଇ:** ପୁଣିଥରେ ବଡ ପରଦାରେ ନଜର ଆସିବେ ବଲିଉଡ୍ ଅଭିନେତା ଅଜୟ ଦେବଗନ। ତାଙ୍କ ଅଭିନୀତ ଫିଲ୍ମ 'ରନୱେ ୩୪'ର ପୋଷ୍ଟର ରିଲିଜ ହୋଇଛି। ପ୍ରଥମେ ଏହି ଫିଲ୍ମର ନାଁ 'ମେ ଡେ' ଥିବା ବେଳେ ଏବେ ଏହା ପରିବର୍ତ୍ତନ ହୋଇ 'ରନୱେ ୩୪' ହୋଇଛି। ଏଥିରେ ବିଗ୍ ବିଙ୍କ ଅଭିନୟ ଆକର୍ଷଣୀୟ ହେବ। ୨୦୨୨ ଏପ୍ରିଲ ୨୯, ଇଦରେ ଏହା ରିଲିଜ ହେବ ବୋଲି ଜଣାପଡିଛି। ଅମିତାଭ ବଚ୍ଚନ ଏହାର ପୋଷ୍ଟର ସୋସିଆଲ ମିଡିଆରେ ଶେୟାର କରି ଲେଖିଛନ୍ତି, ସମସ୍ତେ ଚେୟାରରେ ବେଲ୍ଟ ବାନ୍ଧି ବସି ପଡନ୍ତୁ। ଏପ୍ରିଲରେ ଲ୍ୟାଣ୍ଡ କରିବ 'ରନୱେ ୩୪'। ଏଥିରେ କ୍ୟାରୀମିନଟି, ବୋମନ ଇରାନୀ ଓ ରକୁଲ ପ୍ରୀତ ସିଂଙ୍କୁ ମଧ୍ୟ ଦେଖିବାକୁ ମିଳିବ। ୨୦୧୫ରେ ଦୋହା-କୋଚିନ ବିମାନ ଉଡାଣ ଘଟଣା ଉପରେ ଏହା ଆଧାରିତ। ମଙ୍ଗଳବାର ୧୮ ଅଗଷ୍ଟ ୨୦୧୫ ସକାଳେ ଫ୍ଲାଇଟଟି ପ୍ରାୟ ୧୪୧ ଯାତ୍ରୀ ଓ ୮ କ୍ରିୟୁ ମେମ୍ବରଙ୍କୁ ନେଇ ଉଡାଣ ଆରମ୍ଭ କରିଥିଲା। ହେଲେ କୋଚିରେ କମ୍ ଭିଜିବିଲିଟି ଯୋଗୁ ବିମାନଟି ଲ୍ୟାଣ୍ଡ୍ କରିପାରି ନ ଥିଲା। ବିମାନକୁ ପୁଣି ତ୍ରିଭେନ୍ଦ୍ରମ ଫେରାଇ ନେବାକୁ ପଡିଥିଲା। ମାତ୍ର ୨୫୦ କିଲୋ ଇନ୍ଧନ ସହ ବିମାନଟି ତ୍ରିଭେନ୍ଦ୍ରମ ବିମାନ ବନ୍ଦରରେ ଅବତରଣ କରିଥିଲା। ଏଥିରେ ପାଇଲଟଙ୍କ ସାହସକୁ ପ୍ରଶଂସା କରାଯାଇଥିଲା। ରକୁଲପ୍ରିତ ଲେଡି ପାଇଲଟ ଭୂମିକାରେ ରହିଛନ୍ତି।

## ଦିନକୁ ଖାଆନ୍ତି ଅଧକିଲୋ ବାଲି

ବାରାଣସୀ: ଉତ୍ତରପ୍ରଦେଶର ବାରାଣସୀରେ ରହୁଥିବା ଜଣେ ୮୦ ବର୍ଷୀୟା ବୃଦ୍ଧା କୁସମାବତୀ ଦେବୀଙ୍କ ଏକ ଅଦ୍ଭୁତ ନିଶା ଏବେ ଚର୍ଚ୍ଚାରେ ରହିଛି। କୁସମାବତୀ ପ୍ରତିଦିନ ଅଧାକିଲୋ ବାଲି ଖାଉଛନ୍ତି। ସେ ୧୮ ବର୍ଷ ବୟସରୁ ଏହା କରୁଛନ୍ତି। ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏଥିଯୋଗୁ ତାଙ୍କ ଶରୀରରେ କୌଣସି କ୍ଷତି ହୋଇନାହିଁ। କୁସମାବତୀ ପ୍ରତିଦିନ ଜଳଖିଆ ଖାଇବା ପରେ ବାଲି ଖାଇଥାନ୍ତି। ସେ କୁହନ୍ତି, ତାଙ୍କୁ ଯେତେବେଳେ ୧୮ ବର୍ଷ ହୋଇଥିଲା, ସେତେବେଳେ ସେ ଥରେ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହୋଇଥିଲେ। ସେ ପାଉଁଶ ଖାଉଥିଲେ। ପାଉଁଶ ଖାଇବା ପରେ ଧିରେ ଧିରେ ବାଲି ଖାଇବା ଅଭ୍ୟାସ ଜାରି ରଖିଲେ। ଏବେ ସେ ଦିନକୁ ୫୦୦ ଗ୍ରାମର ବାଲି ଖାଉଛନ୍ତି। ଦିନେ ବାଲି ନ ଖାଇଲେ ତାଙ୍କୁ ରାତିରେ ନିଦ ହୁଏ ନାହିଁ। ତାଙ୍କର ଏହି ଅଦ୍ଭୁତ ଅଭ୍ୟାସ, ତାଙ୍କୁ ସାରା ବିଶ୍ୱରେ ଜଣାଶୁଣା କରିପାରିଛି। ବର୍ତ୍ତମାନ କୁସମାବତୀ ଏକ କୁକୁଡ଼ା ଫାର୍ମ ଚଳାଇ ରୋଜଗାର କରୁଛନ୍ତି।

Invitation to become a Health Partner of
TATA 1mg
Join India's trusted e-Health platform to spread the message of Tata 1mg to your community and earn on every order you help generate.
Visit: 1mg.com/healthpartner to know more & apply
9311124394
affiliate@1mg.com

CLASSIFIED DISPLAY
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

ADMISSION OPEN 2021-23
Acharya Nagarjuna University
B.Ed
Admission in Top 15 B.Ed Colleges (Guntur Township) with current NCTE & University affiliation.
MBA,MCA,M.Sc,M.Com,MA & PG Dip.
Odisha's Most Reliable
KALINGA B.ED ACADEMY
H.O. 359, 2nd Floor, Rupali Square, BBSR
Ph : 8895760756, 9937233156
Branch - PURI, Ph- 7008529726

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637
Whatsapp: 8902923601

କେମିତି ମଦ ଛାଡିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯, ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ. ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାକ, ବସ୍‌ଷ୍ଟାଣ୍ଡ ନିକଟ. ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ. ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରେଖାମଣି ସାହୁ
କଡ଼ତିରା, ମଣିଜଙ୍ଗା, ଜଗତ୍‌ସିଂହପୁର
ଆବିର୍ଭାବ: ୧୯୨୫
ତିରୋଧାନ:୨୦।୧୧।୨୦୨୧
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସୁରେନ୍ଦ୍ର ସାହୁ, ରାଜେନ୍ଦ୍ର ସାହୁ, ମହେନ୍ଦ୍ର ସାହୁ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ।
ଧ-୨୨୪୨୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ସ୍ୱର୍ଣ୍ଣଲତା ପ୍ରଧାନ
ସା- ଚାନ୍ଦପଡ଼ାବଳାକିତପୁର, କଣାସ, ପୁରୀ
ଆବିର୍ଭାବ: ୦୭।୦୬।୧୯୬୧
ତିରୋଧାନ: ୧୧।୧୨।୨୦୨୦
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଣାମ ଜଣାଉଛୁ।
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ, ପରିବାରବର୍ଗ,
ସୌଜନ୍ୟ ଭ୍ରମର ବର ସ୍ମୃତି ପରିଷଦ
ଧ-୨୨୪୧୭

ପଞ୍ଚମ ଶ୍ରାଦ୍ଧବାର୍ଷିକୀ



୰ ପ୍ରେମଚନ୍ଦ ରାୟ
ରମାବଲ୍ଲଭ ରୋଡ୍, ପୁରୀ
ଆବିର୍ଭାବ: ୧୩.୧୦.୧୯୩୨
ତିରୋଧାନ-୨୪.୧୧.୨୦୧୬
ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରୀଜଗନ୍ନାଥଙ୍କ ନିକଟରେ କରୁଣ ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ।
ଶୋକସନ୍ତପ୍ତ
ପୁତ୍ର, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ଆତ୍ମୀୟସ୍ୱଜନ, ଛାତ୍ରଛାତ୍ରୀ, ଓ ପରିବାରବର୍ଗ
ଧ-୭୦୯୭୮

ତୃତୀୟ ଶ୍ରାଦ୍ଧବାର୍ଷିକୀ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପୂର୍ଣ୍ଣାତୋୟା ସଞ୍ଜୟ
ଆବିର୍ଭାବ : ୧୪.୧୧.୧୯୮୨
ତିରୋଧାନ : ୦୪.୧୨.୨୦୧୮
ଚାହୁଁ ଚାହୁଁ ୩ ବର୍ଷ ବିତିଗଲା। ତୁମର ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ କ୍ଷତି ଘଟାଇବା ସହ ଶୂନ୍ୟତା ଭରି ଦେଇଛି। ତୁମର ସ୍ମୃତି ଆମ ହୃଦୟରେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ବିଦ୍ୟମାନ ହେବ। ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଆମ ସମସ୍ତଙ୍କର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚ୍ଛାମୁରେ ପ୍ରାର୍ଥନା।
ଶୋକସନ୍ତପ୍ତ
ସଞ୍ଜୟ କୁମାର (ସ୍ୱାମୀ), ଅପର୍ଣ୍ଣା (ଝିଅ), ଯଶରାଜ (ପୁଅ) ଏବଂ ସମସ୍ତ ପରିବାରବର୍ଗ।
ଧ-୭୧୯୯୨

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।






# ୨୪ ମ୍ୟାଚ, ୧୯୭ ଗୋଲ

ଭୁବନେଶ୍ୱର, ୨୯।୧୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍‌ର ଲିଗ୍ ମ୍ୟାଚ ରବିବାର ଶେଷ ହୋଇଛି। ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟରେ ୫ ଦିନ ମଧ୍ୟରେ ୨୪ ମ୍ୟାଚରୁ ୧୯୭ ଗୋଲ ସ୍କୋର ହୋଇଛି। ଯାହାକି ମ୍ୟାଚ ପିଛା ୮.୨୧ ଆଭରେଜ। କେବଳ ଦ୍ୱିତୀୟ ଦିବସରେ ୭୦ ଗୋଲ ହୋଇଥିଲା। ୧୯୭ ଗୋଲ ମଧ୍ୟରେ ୧୧୩ ଫିଲ୍ଡ, ୭୬ ପେନାଲ୍ଟି ଏବଂ ୮ଟି ପେନାଲ୍ଟି ଷ୍ଟ୍ରୋକ୍ ଗୋଲ ସାମିଲ। ଦଳଗତ ଭାବରେ ଦେଖିବାକୁ ଗଲେ ନେଦରଲାଣ୍ଡ୍ସ ୩ ମ୍ୟାଚରୁ ସର୍ବାଧିକ ୨୯ଟି ଗୋଲ ଦେଇଛି। ସ୍ପେନ ୨୮, ଭାରତ ୨୫, ଫ୍ରାନ୍ସ ୨୩, ଆର୍ଜେଣ୍ଟିନା ୨୦, ଜର୍ମାନୀ ୧୯, ଦକ୍ଷିଣ କୋରିଆ ୧୦, ବେଲଜିୟମ ୯, ଦକ୍ଷିଣ ଆଫ୍ରିକା ୯ ଓ ପାକିସ୍ତାନ ୮ଟି ଗୋଲ ଦେଇ ଟପ୍-୧୦ରେ ରହିଛନ୍ତି। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ମାଲେସିଆ ୭, ପୋଲାଣ୍ଡ ୪, କାନାଡ଼ା ୨, ଚିଲି ୨, ଇଜିପ୍ଟ ୧ ଓ ଆମେରିକା ଗୋଟିଏ ଗୋଲ ସ୍କୋର କରିଛି। ଗୋଲ ସ୍କୋରିଂରେ ଆଗରେ ରହିଥିବା ନେଦରଲାଣ୍ଡ୍ସ ୧୯ ଫିଲ୍ଡ ଗୋଲ ଦେଇଥିବାବେଳେ ୮ ପେନାଲ୍ଟି କର୍ନର ଓ ୨ ପେନାଲ୍ଟି ଷ୍ଟ୍ରୋକ୍ ଗୋଲ ସ୍କୋର କରିଥିଲା। ସ୍ପେନ ୨୧ ଫିଲ୍ଡ, ୬ ପେନାଲ୍ଟି କର୍ନର ଓ ଗୋଟିଏ ପେନାଲ୍ଟି ଷ୍ଟ୍ରୋକ୍ ଗୋଲ ଏବଂ ଭାରତ ୧୨ ଫିଲ୍ଡ, ୧୨ ପେନାଲ୍ଟି ଏବଂ ଗୋଟିଏ ପେନାଲ୍ଟି ଷ୍ଟ୍ରୋକ୍ ଗୋଲ ଦେଇଥିଲା।

### ଆଗରେ ବୁକେନ୍ସ

ବ୍ୟକ୍ତିଗତ ଗୋଲ ସ୍କୋର କ୍ଷେତ୍ରରେ ଆଗରେ ରହିଛନ୍ତି ନେଦରଲାଣ୍ଡ୍ସର ମାଇଲ୍ସ ବୁକେନ୍ସ। ସେ ମୋଟ ୧୧ଟି ଗୋଲ ସ୍କୋର କରିଛନ୍ତି। ଏହା ମଧ୍ୟରେ ୮ ଫିଲ୍ଡ ଓ ୩ ପେନାଲ୍ଟି କର୍ନର ଗୋଲ ସାମିଲ। ଫ୍ରାନ୍ସର କ୍ଲିମେଣ୍ଟ ଟିମୋଥି ଓ ଭାରତର ସଞ୍ଜୟ ୮ଟି ଲେଖାଏ ଗୋଲ ଦେଇ ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନରେ ଥିବାବେଳେ ୩ ଜଣ ଖେଳାଳି ୫ଟି ଲେଖାଏ ଗୋଲ ଦେଇଛନ୍ତି। ସେମାନେ ହେଲେ ଫ୍ରାନ୍ସର କୋରେଣ୍ଟିନ ସେଲର, ଭାରତର ଅରିଜିତ ସିଂ ହୁଣ୍ଡାଲ ଓ ନେଦରଲାଣ୍ଡ୍ସର ବ୍ରେଣ୍ଟ ଭାନ୍ ବିଜନେନ। ଏହା ବ୍ୟତୀତ ୯ ଖେଳାଳି ୪ଟି ଲେଖାଏ, ୮ ଖେଳାଳି ୩ଟି ଲେଖାଏ ଏବଂ ୨୩ ଖେଳାଳି ୨ଟି ଲେଖାଏ ଗୋଲ ଦେଇ ପଛକୁ ପଛ ରହିଛନ୍ତି। ଖେଳାଳିଙ୍କ ପ୍ରଦର୍ଶନକୁ ଭିତ୍ତିକରି

### ଲିଗ୍ ପର୍ଯ୍ୟାୟ ରାଉଣ୍ଡ ଅପ୍

ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ମୋଟ ୮୯ଟି କାର୍ଡ ପ୍ରଦର୍ଶିତ ହୋଇଛି। ଏହା ମଧ୍ୟରେ ୬୫ ଗ୍ରୀନ୍ ଏବଂ ୨୪ ୟେଲୋ କାର୍ଡ ସାମିଲ। ତେବେ କୌଣସି ଖେଳାଳିଙ୍କୁ ରେଡ୍‌କାର୍ଡ ହୋଇନାହିଁ। ଆକ୍ରମଣାତ୍ମକ ପ୍ରଦର୍ଶନ କ୍ଷେତ୍ରରେ ଭାରତ ଆଗରେ ରହିଛି। ଭାରତୀୟ ଦଳ ୧୧୬ ଥର ପ୍ରତିପକ୍ଷ ସର୍କଲ ଏଣ୍ଟ୍ରି କରିଛି। ସେହିପରି ସବୁଠାରୁ ରକ୍ଷଣାତ୍ମକ ପ୍ରଦର୍ଶନ କରିଛି ଆମେରିକା।

### ମୋଟ ଗୋଲ

୨୪ ମ୍ୟାଚରୁ ୧୯୭ ଗୋଲ
୧୧୩ ଫିଲ୍ଡ, ୭୬ ପେନାଲ୍ଟି,
୮ଟି ପେନାଲ୍ଟି ଷ୍ଟ୍ରୋକ୍

**ଦଳଗତ ସର୍ବାଧିକ (ଟପ୍-୧୦)**

**ନେଦରଲାଣ୍ଡ୍ସ:** ୨୯ ଗୋଲ
**ସ୍ପେନ:** ୨୮ ଗୋଲ
**ଭାରତ:** ୨୫ ଗୋଲ
**ଫ୍ରାନ୍ସ:** ୨୩ ଗୋଲ
**ଆର୍ଜେଣ୍ଟିନା:** ୨୦ ଗୋଲ
**ଜର୍ମାନୀ:** ୧୯ ଗୋଲ
**ଦକ୍ଷିଣ କୋରିଆ:** ୧୦ ଗୋଲ
**ବେଲଜିୟମ:** ୯ ଗୋଲ
**ଦକ୍ଷିଣ ଆଫ୍ରିକା:** ୯ ଗୋଲ
**ପାକିସ୍ତାନ:** ୮ ଗୋଲ

**ବ୍ୟକ୍ତିଗତ ଟପ୍-୩**

**ମାଇଲ୍ସ ବୁକେନ୍ସ (ନେଦରଲାଣ୍ଡ୍ସ):** ୧୧ ଗୋଲ
**କ୍ଲିମେଣ୍ଟ ଟିମୋଥି (ଫ୍ରାନ୍ସ):** ୮ ଗୋଲ
**ସଞ୍ଜୟ (ଭାରତ):** ୮ ଗୋଲ



ସୁଦୀପ ଚିରମାକୋ

### କ୍ୱାର୍ଟର ଫାଇନାଲ ଚୂଡ଼ାନ୍ତ କାର୍ଯ୍ୟସୂଚୀ

(ଡିସେମ୍ବର ୧)

**ପ୍ରଥମ କ୍ୱାର୍ଟର ଫାଇନାଲ:** ଜର୍ମାନୀ ବନାମ ସ୍ପେନ, ସମୟ: ପୂର୍ବାହ୍ନ ୧୦ଟା ୩୦
**ଦ୍ୱିତୀୟ କ୍ୱାର୍ଟର ଫାଇନାଲ:** ନେଦରଲାଣ୍ଡ୍ସ ବନାମ ଆର୍ଜେଣ୍ଟିନା, ସମୟ: ଅପରାହ୍ନ ୧ଟା ୩୦
**ତୃତୀୟ କ୍ୱାର୍ଟର ଫାଇନାଲ:** ଫ୍ରାନ୍ସ ବନାମ ମାଲେସିଆ, ସମୟ: ଅପରାହ୍ନ ୪ଟା ୩୦
**ଚତୁର୍ଥ କ୍ୱାର୍ଟର ଫାଇନାଲ:** ଭାରତ ବନାମ ବେଲ୍‌ଜିୟମ, ସମୟ: ରାତି ୭ଟା ୩୦

### ଗୋଲ ସ୍କୋରିଂ ତାଲିକାରେ ଓଡ଼ିଶାର ସୁଦୀପ ଓ ଅଭିଷେକ

ଜୁନିୟର ହକି ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ଶେଷସୁଦ୍ଧା ଭାରତ ୨୫ଟି ଗୋଲ ସ୍କୋର କରିଛି। ଘରୋଇ ପରିବେଶରେ ଓଡ଼ିଶାର ୨ ଖେଳାଳିଙ୍କ ଅବଦାନ ମଧ୍ୟ ଏଥିରେ ରହିଛି। ଏହି ଦୁଇ ଓଡ଼ିଆ ଖେଳାଳି ହେଲେ ସୁଦୀପ ଚିରମାକୋ ଓ ଅଭିଷେକ ଲାକ୍ରା। ଭାରତ ପକ୍ଷରୁ ସଞ୍ଜୟ ସର୍ବାଧିକ ୮ଟି ଗୋଲ ଦେଇଥିଲେ। ଏହା ମଧ୍ୟରେ ୧ ଫିଲ୍ଡ, ୬ ପେନାଲ୍ଟି କର୍ନର ଏବଂ ଗୋଟିଏ ପେନାଲ୍ଟି ଷ୍ଟ୍ରୋକ୍ ଗୋଲ ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଅରିଜିତ ସିଂ ହୁଣ୍ଡାଲ ୫ (୩ ଫିଲ୍ଡ, ୨ ପେନାଲ୍ଟି କର୍ନର), ଉତ୍ତମ ସିଂ ୪ (ସବୁ ଫିଲ୍ଡ ଗୋଲ), ସର୍ଦ୍ଧାନନ୍ଦ ତିୱାରୀ ୩ (ପେନାଲ୍ଟି କର୍ନର), ସୁଦୀପ ଚିରମାକୋ ୨(ଫିଲ୍ଡ ଗୋଲ), ଅଧିନାୟକ ବିବେକ ସାଗର ପ୍ରସାଦ ୧ (ଫିଲ୍ଡ), ମନିନ୍ଦର ସିଂ ୧ (ଫିଲ୍ଡ) ଏବଂ ଅଭିଷେକ ଲାକ୍ରା ୧(ପେନାଲ୍ଟି କର୍ନର) ଗୋଲ ସ୍କୋର କରିଥିଲେ।




ବ୍ୟକ୍ତିଗତ ଗୋଲ ସ୍କୋର ତାଲିକାର ଶୀର୍ଷରେ ଥିବା ନେଦରଲାଣ୍ଡ୍ସର ମାଇଲ୍ସ ବୁକେନ୍ସ ।



ଯୁଗ୍ମ ଦ୍ୱିତୀୟ ସ୍ଥାନରେ ରହିଥିବା ଭାରତର ସଞ୍ଜୟ।

### ଭାରତ ପୁଣି ଫ୍ରାନ୍ସକୁ ଭେଟିବା ସମ୍ଭାବନା

ଚଳିତ ଜୁନିୟର ହକି ବିଶ୍ୱକପରେ ଭାରତ ପୁଲ୍ ପର୍ଯ୍ୟାୟରେ ପ୍ରଥମେ ଫ୍ରାନ୍ସକୁ ଭେଟିଥିଲା। ଆରମ୍ଭରୁ ଫ୍ରାନ୍ସ ପ୍ରଭାବୀ ପ୍ରଦର୍ଶନ କରିଥିଲେ ମଧ୍ୟ ଶେଷ କ୍ୱାର୍ଟରରେ ଭାରତ କଡ଼ା ଟକ୍କର ଦେଇଥିଲା। ତେବେ ଏହି ମ୍ୟାଚରେ ଭାରତ ୪-୫ ଗୋଲରେ ହାରିଯାଇଥିଲା। ଚଳିତ ଟୁର୍ନାମେଣ୍ଟରେ ଭାରତ ପୁଣି ଫ୍ରାନ୍ସକୁ ଭେଟିବା ସମ୍ଭାବନା ରହିଛି। କାରଣ କ୍ୱାର୍ଟର ଫାଇନାଲ କାର୍ଯ୍ୟସୂଚୀ ଅନୁସାରେ ତୃତୀୟ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସ-ମାଲେସିଆ ଏବଂ ୪ର୍ଥ କ୍ୱାର୍ଟରରେ ଭାରତ-ବେଲଜିୟମ ମ୍ୟାଚ ହେବ। ଯଦି ୩ୟ କ୍ୱାର୍ଟରରେ ଫ୍ରାନ୍ସ ଏବଂ ୪ର୍ଥ କ୍ୱାର୍ଟର ଫାଇନାଲରେ ଭାରତ ବିଜୟୀ ହୁଏ ତେବେ ଦୁଇ ଦଳ ଦ୍ୱିତୀୟ ସେମିଫାଇନାଲରେ ପରସ୍ପରକୁ ଭେଟିବେ। ତେଣୁ ଏହି ମ୍ୟାଚରେ ଫ୍ରାନ୍ସକୁ ହରାଇ ଭାରତ ନିକଟରେ ଲିଗ୍ ପରାଜୟର ମଧୁର ପ୍ରତିଶୋଧ ନେବାକୁ ସୁଯୋଗ ରହିବ। ତେବେ ଏଥିପାଇଁ ଭାରତକୁ ପ୍ରଥମେ ଉତ୍ସାହୀ ପ୍ରଦର୍ଶନ କରିଥିବା ବେଲଜିୟମ ବାଧା ଅତିକ୍ରମ କରିବାକୁ ହେବ। ୨୦୧୬ରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ଓ ବେଲଜିୟମ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ୨-୧ ଗୋଲରେ ବିଜୟୀ ହୋଇଥିଲା। ଆଗାମୀ କ୍ୱାର୍ଟର ଫାଇନାଲ ଗତ ସଂସ୍କରଣ ଫାଇନାଲର ରିମ୍ୟାଚ ସଦୃଶ। ତେଣୁ ବେଲ୍‌ଜିୟମ ମଧ୍ୟ ଭାରତକୁ ହରାଇ ପ୍ରତିଶୋଧ ନେବାକୁ ରଣନୀତି ପ୍ରସ୍ତୁତ କରୁଥିବା ସ୍ୱାଭାବିକ।

## ଜୁନିୟର ହକି ବିଶ୍ୱକପରେ ୩୦ରୁ ଊର୍ଦ୍ଧ୍ୱ ୟୁଥ୍ ଅଲିମ୍ପିକ୍ସ ଖେଳାଳି

ଭୁବନେଶ୍ୱର, ୨୯।୧୧(କ୍ରୀଡ଼ା ପ୍ରତିନିଧି)

୨୦୧୮ରେ ଅନୁଷ୍ଠିତ ୟୁଥ୍ ଅଲିମ୍ପିକ୍ ଗେମ୍ସରେ ଖେଳିଥିବା ୩୦ରୁ ଊର୍ଦ୍ଧ୍ୱ ଖେଳାଳି ସମ୍ପ୍ରତି କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପରେ ଖେଳୁଛନ୍ତି। ଏହା ମଧ୍ୟରେ ୪ ଦଳର ଅଧିନାୟକ ସାମିଲ ଅଛନ୍ତି। ସେମାନେ ହେଲେ ଭାରତର ବିବେକ ସାଗର ପ୍ରସାଦ, ଆର୍ଜେଣ୍ଟିନାର ଫାକୁଣ୍ଡୋ ଜରାଟେ, ପୋଲାଣ୍ଡର ଗ୍ରାକଜାନ ଜାଜିନସ୍କି ଓ ମାଲେସିଆର ଅଖିମୁଲ୍ଲା ଅନୁଆର। ୟୁଥ୍ ଅଲିମ୍ପିକ୍ ଗେମ୍ସରେ ୫-ଏ-ସାଇଡ ଫର୍ମାଟରେ ଖେଳ ହୋଇଥାଏ। ପ୍ରତି ଦଳରେ ୫ ଜଣ ଲେଖାଏ ଖେଳାଳି ରହିଥାନ୍ତି। ଫଳରେ ଏହି ମ୍ୟାଚରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆକ୍ସନ ଭରପୂର ହୋଇ ରହିଥାଏ। ମ୍ୟାଚ ଅବଧି ୨x୧୦ ମିନିଟ ରହିଥାଏ। ''୨୦୧୮ ୟୁଥ୍ ଅଲିମ୍ପିକ୍ସରେ ମୋର ଅନେକ ସ୍ମରଣୀୟ ସ୍ମୃତି ରହିଛି। ବୁଏନ୍ସ ଆରିଜରେ ପହଞ୍ଚିବାମାତ୍ରେ ମୁଁ ବହୁତ ଖୁସି ହୋଇ ଯାଇଥିଲି। କାରଣ ଅଧିନାୟକଭାବେ ଏହା ମୋର ପ୍ରଥମ ବହୁ ଦଳୀୟ ଟୁର୍ନାମେଣ୍ଟ ଥିଲା। ହକିର ୫-ଏ ଫର୍ମାଟ ଖେଳିବାରେ ବହୁତ କିଛି ଶିଖିବାକୁ ମିଳିଥାଏ ଏବଂ ଏହାକୁ ମୁଁ ଉପଭୋଗ କରିଛି। ଆମେ ସେହି ଟୁର୍ନାମେଣ୍ଟରେ ରୌପ୍ୟ ପଦକ ପାଇଥିଲୁ। ଏହା ଅନ୍ତର୍ଜାତୀୟ ହକିରେ ମୋ ପାଇଁ ଅନ୍ୟତମ ଶ୍ରେଷ୍ଠ ଟୁର୍ନାମେଣ୍ଟ'' ବୋଲି ବିବେକ ପ୍ରକାଶ କରିଛନ୍ତି। ପୋଲାଣ୍ଡ ଅଧିନାୟକ କହିଛନ୍ତି ଯେ, ''ମୁଁ ଏବଂ ମୋ ଟିମ୍‌ମେଟଙ୍କ ପାଇଁ ୟୁଥ୍ ଅଲିମ୍ପିକ୍ସ ବହୁ ଉପାଦେୟ ଥିଲା। ଏଥିରୁ ଆମେ ଅଭିଜ୍ଞତା ହାସଲ କରିଛୁ। ଏଥିରେ ଆମେ ପୂର୍ବରୁ କେବେ ଭେଟି ନ ଥିବା ଭାରତ, ଆର୍ଜେଣ୍ଟିନା କିମ୍ବା ମାଲେସିଆ ପରି ଦଳ ବିପକ୍ଷରେ ଖେଳିବା ସୁଯୋଗ ପାଇଥିଲୁ। ଆମେ ଭୁବନେଶ୍ୱରରେ ପୁଣି ପରସ୍ପରକୁ ବଡ଼ ପଡ଼ିଆରେ ଭେଟିଛୁ। ହକି ୫-ଏସ୍ ମୋ ହିଟିଂ ଟେକ୍ନିକରେ ଉନ୍ନତି ଆଣିବାରେ ସହାୟକ ହୋଇଛି। ଡିଫେଣ୍ଡିଂ ଦକ୍ଷତା ମଧ୍ୟ ବଢ଼ାଇଛି''।

''ଯେଉଁ ଦେଶରେ ହକି ଖେଳିବା ଆରମ୍ଭ କରାଯାଉଛି ସେହି ଦେଶ ଗୁଡ଼ିକପାଇଁ ହକି ୫-ଏସ୍ ବିଶେଷ ଫଳପ୍ରଦ ହେବ ବୋଲି ଭାବି ଆମେ ଏହାକୁ ଆରମ୍ଭ କରିଥିଲୁ। ଛୋଟ ପଡ଼ିଆ, ସରଳ ନିୟମ ଏବଂ ଅଳ୍ପ ଖେଳାଳି ଥିବାରୁ ହକି ଆରମ୍ଭ କରୁଥିବା ଦେଶ ଗୁଡ଼ିକ ସହଜରେ ଏହାକୁ ବୁଝି ପାରିବେ। ମାତ୍ର ଏବେ ହକି ସମୃଦ୍ଧ ଦେଶ ଭାରତ, ଆର୍ଜେଣ୍ଟିନା, ମାଲେସିଆ, କାନାଡ଼ା ଓ ପୋଲାଣ୍ଡ ଆଦି ଦଳ ଏହାକୁ ଖେଳୁଥିବାରୁ ବହୁତ ଭଲ ଲାଗୁଛି। ଛୋଟ ଫର୍ମାଟରୁ ଆସି ଏବେ ସେମାନେ ବଡ଼ ଫର୍ମାଟରେ ସେମାନଙ୍କ ଦକ୍ଷତା ଦେଖାଉଛନ୍ତି'' ବୋଲି ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ୍) କ୍ରୀଡ଼ା ନିର୍ଦ୍ଦେଶକ ତଥା ଡବଲ ଅଲିମ୍ପିଆନ ଜନ୍ ୱାଇଚ ପ୍ରକାଶ କରିଛନ୍ତି। ହକି ୫-ଏସ୍‌କୁ ବିଶ୍ୱସ୍ତରୀୟ କରିବା ପାଇଁ ଏଫ୍‌ଆଇଏଚ୍ ଏହି ଫର୍ମାଟରେ ଏକ ବିଶ୍ୱକପ କରିବାକୁ ଯାଉଛି। ଏହାର ପ୍ରଥମ ସଂସ୍କରଣ ୨୦୨୪ରେ ଓମାନରେ ହେବ। ଏହା ବ୍ୟତୀତ ନିକଟ ଅତୀତରେ ହକି ୫-ଏସ୍ ୱାର୍ଲ୍ଡ ଟୁର୍ ପାଇଁ ମଧ୍ୟ ଯୋଜନା ଚାଲିଛି। ୟୁଥ୍ ଅଲିମ୍ପିକ୍ସରେ ଖେଳି ବର୍ତ୍ତମାନ ଭୁବନେଶ୍ୱରରେ ଜୁନିୟର ହକି ବିଶ୍ୱକପ ଖେଳୁଥିବା ଖେଳାଳିମାନେ ହେଲେ ଆର୍ଜେଣ୍ଟିନାର ହେର୍ନାଣ୍ଡୋ ନେହୁଏନ, ଜରାଟେ ଫାକୁଣ୍ଡୋ, ମାର୍କୁକି ଟାଡେଓ, ଇବାରା ଇଗ୍ନାସିଓ, ଗାରୋନେ ଗାସ୍ପର, ସାର୍ଟୋ ଫାକୁଣ୍ଡୋ, କାବାନା ଅଗଷ୍ଟିନ, କାନାଡ଼ାର ଧିଲୋନ ରୂପକୁମାର, ଚିଲ୍‌ଡ୍ସ ରୋୱାନ, ଭାରତର ପ୍ରଶାନ୍ତ ଚୌହାନ, ରାହୁଲ କୁମାର ରାଜଭାର, ମନିନ୍ଦର ସିଂ, ସଞ୍ଜୟ, ସୁଦୀପ ଚିରମାକୋ, ପୱନ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର, ଅଧିନାୟକ ବିବେକ ସାଗର ପ୍ରସାଦ, ମାଲେସିଆର ଆହିର ହମିଜ, ସାଉପି ଶହରୁଲ, ଆଖାର ଅମିରୁଲ, ଇଶାକ ଅରିଫ, ମ୍ୟାଟ ଶ୍ୟାରମାନ, କମରୁଦ୍ଦିନ ମୁହିବୁଦ୍ଦିନ, ରୋସଡି ଫିରାଡୁସ, ଅନୁଆର ଅଖିମୁଲ୍ଲା ଏବଂ ପୋଲାଣ୍ଡର ଗେବ୍‌ଲେର ଜାକୁବ, ବେମ୍ନେନେକ ଟୋମାସ୍‌ଜ, ଅଧିନାୟକ ଜର୍ଜିନସ୍କି ଗ୍ରାକଜାନ, ଚୁମେନଚୁକ୍ ଜାକୁବ ଓ ବେମ୍ନେନେକ ଏରିକ।



ୟୁଥ୍ ଅଲିମ୍ପିକ୍ସପରେ ଜୁନିୟର ହକି ବିଶ୍ୱକପରେ ଭାରତୀୟ ଦଳର ନେତୃତ୍ୱ ନେଉଥିବା ବିବେକ ସାଗର ପ୍ରସାଦ।



ଲିଗ୍ ପର୍ଯ୍ୟାୟରେ ଗୋଲ ସ୍କୋର ପରେ ଉଲ୍ଲସିତ ସ୍ପେନ ଦଳର ଖେଳାଳି।

## ସ୍ପେନ୍‌ର ରେକର୍ଡ

ନଭେମ୍ବର ୨୫ରେ ଅନୁଷ୍ଠିତ ଆମେରିକା ବିପକ୍ଷ ମ୍ୟାଚରେ ସ୍ପେନ୍ ଗୋଲ ସ୍କୋର୍‌ରେ ରେକର୍ଡ କରିଥିଲା। ଏହି ମ୍ୟାଚରେ ସ୍ପେନ ୧୭-୦ ଗୋଲରେ ୱାଇଲ୍ଡ କାର୍ଡ ଏଣ୍ଟ୍ରି ପାଇଥିବା ଆମେରିକାକୁ ପରାସ୍ତ କରିଥିଲା। ଜୁନିୟର ହକି ବିଶ୍ୱକପ୍‌ର କୌଣସି ଏକ ମ୍ୟାଚରେ ଗୋଟିଏ ଟିମ୍ ଏତେ ଗୋଲ ଦେବା ପ୍ରଥମ ଦୃଷ୍ଟାନ୍ତ ଥିଲା। ପୂର୍ବରୁ ୧୯୮୨ରେ କୁଆଲାଲମ୍ପୁରଠାରେ ଅନୁଷ୍ଠିତ ବିଶ୍ୱକପରେ ସିଙ୍ଗାପୁର ବିପକ୍ଷରେ ଭାରତ ସର୍ବାଧିକ ୧୩-୦ ଗୋଲରେ ବିଜୟୀ ହୋଇ ରେକର୍ଡର ଅଧିକାରୀ ଥିଲା। ଏହି ରେକର୍ଡକୁ ପ୍ରଥମେ ୨୦୨୧ ବିଶ୍ୱକପରେ ଆର୍ଜେଣ୍ଟିନା ଭାଙ୍ଗିଥିଲା। ସ୍ପେନ ବିପକ୍ଷ ମ୍ୟାଚ ପୂର୍ବରୁ ଆର୍ଜେଣ୍ଟିନା ୧୪-୦ ଗୋଲରେ ଇଜିପ୍ଟକୁ ହରାଇ ରେକର୍ଡର ଅଧିକାରୀ ହୋଇଥିଲା। ମାତ୍ର ଏହାକି କିଛି ଘଣ୍ଟା ପରେ ସ୍ପେନ ଏହି ରେକର୍ଡକୁ ନିଜ ନାମରେ କରାଇ ନେଇଥିଲା। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପର ଆଉ ଏକ ମ୍ୟାଚରେ ୧୭ ଗୋଲ ହୋଇଥିଲା। ମାତ୍ର ପୁଲ୍ 'ସି'ର ଏହି ମ୍ୟାଚରେ ନେଦରଲାଣ୍ଡ୍ସ ୧୨ ଏବଂ ଦକ୍ଷିଣ କୋରିଆ ୫ ଗୋଲ ଦେଇଥିଲା। ସେହିପରି ଆଉ ୨ଟି ମ୍ୟାଚରେ ୧୪ ଗୋଲ ସ୍କୋର ହୋଇଥିଲା। ୨୮ ତାରିଖରେ ଅନୁଷ୍ଠିତ ମ୍ୟାଚରେ ନେଦରଲାଣ୍ଡ୍ସ ଆମେରିକାକୁ ୧୪-୦ ଗୋଲରେ ହରାଇଥିଲା। ସେହିପରି ୨୫ ତାରିଖରେ ଭାରତ ୧୩-୧ ଗୋଲରେ କାନାଡ଼ାକୁ ପରାସ୍ତ କରିଥିଲା।

## ଆଜିଠାରୁ କ୍ଲାସିଫିକେଶନ ରାଉଣ୍ଡ

ଭୁବନେଶ୍ୱର ୨୯।୧୧ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପର କ୍ଲାସିଫିକେଶନ ରାଉଣ୍ଡ ମଙ୍ଗଳବାରଠାରୁ ଆରମ୍ଭ ହେବ। ଲିଗ୍ ପର୍ଯ୍ୟାୟରେ ଖେଳିଥିବା ୪ଟି ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୩ୟ ଓ ୪ର୍ଥ ସ୍ଥାନରେ ରହିଥିବା ଦଳଗୁଡ଼ିକୁ ନେଇ ଏହି କ୍ଲାସିଫିକେଶନ ରାଉଣ୍ଡ ଖେଳାଯିବ। ଏହି ପର୍ଯ୍ୟାୟରେ ପୂର୍ବାହ୍ନ ୧୦ଟା ୩୦ରେ ଦକ୍ଷିଣ ଆଫ୍ରିକା ଓ କାନାଡ଼ା ମଧ୍ୟରେ ମୁକାବିଲା ହେବ। ଅପରାହ୍ନ ୧ଟା ୩୦ରେ ପାକିସ୍ତାନକୁ ଭେଟିବ ଆମେରିକା। ସେହିପରି ଅପରାହ୍ନ ୪ଟା ୩୦ ମ୍ୟାଚରେ ପୋଲାଣ୍ଡ-ଚିଲି ଓ ରାତି ୭ଟା ୩୦ ମ୍ୟାଚରେ ଦକ୍ଷିଣ କୋରିଆ-ଇଜିପ୍ଟ ପରସ୍ପରକୁ ଭେଟିବେ। ପୁଲ୍ 'ଏ'ରେ ଦକ୍ଷିଣ ଆଫ୍ରିକା ଓ ଚିଲି, ପୁଲ୍ 'ବି'ରେ ପୋଲାଣ୍ଡ ଓ କାନାଡ଼ା, ପୁଲ୍ 'ସି'ରେ ଦକ୍ଷିଣ କୋରିଆ ଓ ଆମେରିକା ଏବଂ ପୁଲ୍ 'ଡି'ରେ ପାକିସ୍ତାନ ଓ ଇଜିପ୍ଟ ଯଥାକ୍ରମେ ତୃତୀୟ ଓ ୪ର୍ଥ ସ୍ଥାନରେ ରହିଥିଲେ। କ୍ଲାସିଫିକେଶନ ରାଉଣ୍ଡ ସହିତ କ୍ରସ୍ ଓଭର ରାଉଣ୍ଡ ମଧ୍ୟ ଅନୁଷ୍ଠିତ ହେବ। ଏହାପରେ ବିଭିନ୍ନ ସ୍ଥାନ ପାଇଁ ପୋଜିଶନ ସ୍ଥିର ହେବ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୮+୮ 48 ଧରିତ୍ରୀ DHARITRI ୪୮

ସମ୍ବଲପୁର, ମଙ୍ଗଳବାର, ନଭେମ୍ବର ୩୦/୨୦୨୧ (୮+୮=୧୬ ପୃଷ୍ଠା) Sambalpur, Tuesday, November 30/2021 ପୃଷ୍ଠା-୧




## ସଂକ୍ରମଣ ରୋକିବାକୁ ଏକାଠି ହେବାକୁ ପଡ଼ିବ

ଓମିକ୍ରନ ସଂକ୍ରମଣ ରୋକିବା ପାଇଁ ସମସ୍ତ ଦେଶକୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି କହିଛନ୍ତି ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଅଧନୋମ ଘେବ୍ରେୟସ୍। ୦୭

୦୮

## ହରଭଜନଙ୍କୁ ପଛରେ ପକାଇଲେ ଅଶ୍ୱିନ

ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ହରଭଜନ ସିଂଙ୍କୁ ପଛରେ ପକାଇ ଭାରତର ତୃତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ହୋଇଛନ୍ତି।



# ଚିନ୍ତା ବଢ଼ାଇଲାଣି ଲଘୁଚାପ



- ଧାନ ନେଇଯିବାକୁ ଚାଷୀଙ୍କୁ ପରାମର୍ଶ
- ଜିଲାପାଳଙ୍କୁ ସତର୍କ କଲେ ଏସ୍ଆର୍‌ସି
- ୪-୫ ପ୍ରବଳରୁ ଅତି ପ୍ରବଳ ବର୍ଷା

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ସମ୍ଭାବ୍ୟ ଲଘୁଚାପ ଚାଷୀକୁଳ ଚିନ୍ତା ବଢ଼ାଇ ଦେଇଛି। ବିଲରେ ପାଚିଲା ଧାନ ଲହଡି ଭାଙ୍ଗୁଛି। ଗତ ୨ଦିନ ହେବ ଚାଷୀମାନେ ପାଚିଲା ଓ ଦରପାଚିଲା ଧାନକୁ କାଟି ଖଳାକୁ ବୋହିବାରେ ଲାଗିଛନ୍ତି। ଚାଷୀମାନଙ୍କର ନିଦ ହଜିଯାଇଛି। କେବଳ ଧାନ ନୁହେଁ ବିରି, ମୁଗ, ଚିନାବାଦାମ, ଆଳୁ ଏବଂ ଅନ୍ୟାନ୍ୟ ପନିପରିବା ଚାଷ ମଧ୍ୟ ବର୍ଷା ପବନ ମାଡ଼ରେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଗତ କିଛିଦିନ ତଳେ ହୋଇଥିବା ଲଘୁଚାପ ବର୍ଷାର ଓଦା ଶୁଖି ନ ଥିବା ବେଳେ ଆଉ ଏକ ଲଘୁଚାପ ପରିସ୍ଥିତିକୁ ଆହୁରି ଜଟିଳ କରିବା ଆଶଙ୍କା ସୃଷ୍ଟି ହୋଇଛି।

ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ମଙ୍ଗଳବାର ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ଅଧିକ ଘନୀଭୂତ ହୋଇ ବାତ୍ୟାର ରୂପ ନେଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପ ପ୍ରଭାବରେ ରାଜ୍ୟର ଆଭ୍ୟନ୍ତରୀଣ ଏବଂ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଡିସେମ୍ବର ୩ ତାରିଖ ଲଘୁଚାପ ଘନୀଭୂତ ହୋଇ ଉପକୂଳମୁହାଁ ହେବ। ଏହା ୪ ତାରିଖରେ ଆନ୍ଧ୍ର ଉପକୂଳ ଅତିକ୍ରମ କରିବା ସମ୍ଭାବନା ରହିଛି। ଉପକୂଳ ଛୁଇଁବା ବେଳକୁ ପବନର ଗତି ଘଣ୍ଟାପ୍ରତି ୭୦ରୁ ୮୦ କି.ମି. ହେବ ବୋଲି ପୂର୍ବାନୁମାନ କରାଯାଇଛି। ଓଡ଼ିଶା ଉପକୂଳରେ ୪୫ରୁ ୫୦ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି। ୩ ତାରିଖ ରାତିରୁ ଗଞ୍ଜାମ, ଗଜପତି, ରାୟଗଡ଼ା ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଡିସେମ୍ବର ୪ ଓ ୫ ତାରିଖରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା, ପୁରୀ, ଢେଙ୍କାନାଳ, ଅନୁଗୋଳ, ନୟାଗଡ଼, ଗଞ୍ଜାମ, କନ୍ଧମାଳ, ଗଜପତି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପୁରୀ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, କେନ୍ଦ୍ରାପଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଅର୍ଥାତ୍ ୧୦ ସେଣ୍ଟିମିଟରରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀଙ୍କୁ ୨ ତାରିଖ ପୂର୍ବରୁ ସମୁଦ୍ରରୁ ଫେରିଆସିବାକୁ ପରାମର୍ଶ ଦିଆଯାଇଛି। ତେବେ ରାଜ୍ୟର କେଉଁ ଜିଲାରେ କେତେ ବର୍ଷା ହେବା ସମ୍ଭାବନା ରହିଛି, ତାହା ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ସ୍ପଷ୍ଟ ହେବ। ଏବେ ଧାନ ପାଚି ଅମଳ ସମୟ ହୋଇଥିବାରୁ ଏହି ବର୍ଷା ଚାଷୀ ଓ ଚାଷ କାର୍ଯ୍ୟ ପାଇଁ ଘାତକ ହେବ ବୋଲି ଆଶଙ୍କା କରାଯାଉଛି।

ପବନ ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ପକ୍ଷରୁ ଚାଷୀମାନଙ୍କୁ କେତେକ ପରାମର୍ଶ ଦିଆଇଛି। ବର୍ଷା ପୂର୍ବରୁ ୮୫ ପ୍ରତିଶତ ପାଚି ଯାଇଥିବା ଧାନ କାଟି ଆଣିବା ସହ କଟାଯାଇଥିବା ଧାନକୁ ତୁରନ୍ତ ସୁରକ୍ଷିତ ସ୍ଥାନରେ ରଖି ପଲିଥିନ ଘୋଡ଼ାଇବାକୁ କୁହାଯାଇଛି। ଧାନ ଜମିରୁ ବଳକା ପାଣି ନିଷ୍କାସନ ପାଇଁ ନାଳି କରିବା ଦରକାର। ଧାନ ଗଛ ପଡ଼ିଯାଇଥିଲେ ବର୍ଷା ପରେ ହଳା କରି ଠିଆ କରିବାକୁ କୁହାଯାଇଛି। ବର୍ଷା ଛାଡ଼ି ଖରା ହେଲେ କେଣ୍ଡାକଟା ପୋକ ଲାଗିବା ସମ୍ଭାବନା ରହିଛି। ରବି ଫସଲ ବୁଣିବା ବା ଲଗାଇବା କାର୍ଯ୍ୟକୁ ସାମୟିକ ସ୍ଥଗିତ ରଖିବାକୁ ଓୟୁଏଟି ପରାମର୍ଶ ଦେଇଛି।

ସମ୍ଭାବ୍ୟ ଲଘୁଚାପ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସତର୍କ ସୂଚନା ଜାରି କରିଛନ୍ତି। ଏଥିରେ ଜିଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଧାନକଟା ସମୟ ଚାଲିଥିବାରୁ ବର୍ତ୍ତମାନ ବିଲରେ ଧାନ ପଡିରହିଛି। କେତେକ ଜିଲାରେ କଟା ମଧ୍ୟ ଜାରି ରହିଛି । ଲଘୁଚାପ ସୃଷ୍ଟି ହେଲେ ଆସନ୍ତା ୩ରୁ ୫ ତାରିଖ ଯାଏ ବର୍ଷା ହେବ । ଏହା ପୂର୍ବରୁ ଚାଷୀମାନେ ସେମାନଙ୍କ ଜମିରୁ ଧାନ କାଟିଆଣିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆର୍‌ସି) ପ୍ରଦୀପ ଜେନା ପରାମର୍ଶ ଦେଇଛନ୍ତି। ଅନ୍ୟ ପକ୍ଷରେ ରାଜ୍ୟରେ ଗତ ଦୁଇଦିନ ହେବ ଶୀତ ବୃଦ୍ଧି ପାଇଛି। ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସି ଯାଇଛି। ଉତ୍ତର ଦିଗରୁ ରାଜ୍ୟକୁ ଥଣ୍ଡା ବାୟୁ ପ୍ରବାହିତ ହେଉଥିବାରୁ ଶୀତ ବଢ଼ିଛି। ଆସନ୍ତା ୨ ତାରିଖ ଯାଏ ଏଭଳି ପାଗ ରହିବ ବୋଲି ପାଣିପାଗ ବିଭାଗ ☞ପୃଷ୍ଠା-୩

# 'ସରକାରୀ ସ୍କୁଲରେ ପଢ଼ିବାର ଗର୍ବ ଅନୁଭବ କରୁଛୁ'



## ସରିଲା ପ୍ରଥମ ପର୍ଯ୍ୟାୟ ସ୍କୁଲ ରୂପାନ୍ତର ପର୍ବ

- ମୋଟ ୧୦୭୮ ସ୍କୁଲ ଲୋକାର୍ପିତ

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ଅଗଷ୍ଟରୁ ଗଞ୍ଜାମ ଜିଲା ହିଞ୍ଜିଳିକାଟୁରୁ ଆରମ୍ଭ ହୋଇଥିବା ୫-ଟି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଲୋକାର୍ପଣ ପର୍ବ ସୋମବାର ଯାଜପୁର ବିରଜା ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୩୦ ଜିଲାରେ ୧୦୭୮ ସ୍କୁଲ ରୂପାନ୍ତର ହୋଇଛି। ଶେଷ ଦିବସରେ କୋରାପୁଟ, ଗଜପତି, ଢେଙ୍କାନାଳ, ଅନୁଗୋଳ, ବରଗଡ଼ ଓ ଯାଜପୁର ଜିଲାର ୨୪୦ ରୂପାନ୍ତରିତ ସ୍କୁଲକୁ ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଆମ ରାଜ୍ୟର ପିଲା ନୂଆ ନୂଆ ବୈଷୟିକ ଜ୍ଞାନ ବିଷୟରେ ଜାଣନ୍ତୁ। ବଡ଼ ବଡ଼ ସ୍ୱପ୍ନ ଦେଖନ୍ତୁ ଏବଂ ଜୀବନର ସବୁ ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ଆତ୍ମବିଶ୍ୱାସର ☞ପୃଷ୍ଠା-୩

# ଟାୟାର ଫାଟି ଦୋକାନ ମାଲିକ ମୃତ

**ବଣାଇଁ, ୨୯।୧୧(ସ୍ୱ.ପ୍ର)**

ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅନ୍ତର୍ଗତ ନରେନ୍ଦ୍ର ଗାଁ ନିକଟ ୧୪୩ ନଂ. ଜାତୀୟ ରାଜପଥ କଡରେ ଥିବା ଟାୟାର ଦୋକାନରେ ଏକ ଭାଇବ୍ରେଟର ରୋଲର ଚକରେ ପମ୍ପ ଦେବା ବେଳେ ଫାଟିଯିବାରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟାୟାର ଦୋକାନ ମାଲିକ ବଣାଇଁ ଥାନା ଅନ୍ତର୍ଗତ ଘୁଷୁରା ଗ୍ରାମର ବିକ୍ରମ ପାତ୍ର (୨୨)। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ସୋମବାର ଗାୟତ୍ରୀ କନ୍‌ଷ୍ଟ୍ରକଶନର ଏକ ଭାଇବ୍ରେଟର ରୋଲର (ନଂ.ଓଆର୧୭/୨୪୭୩) ଚକରେ ପମ୍ପ ଦେବା ପାଇଁ ଉକ୍ତ ଦୋକାନକୁ ଆସିଥିଲା। ☞ପୃଷ୍ଠା-୩



ବିଭିନ୍ନ ଦାବି ନେଇ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଲୋକାୟୁକ୍ତଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିଲେ ସୁପ୍ରିମକୋର୍ଟ

## ହାଇକୋର୍ଟ ଆଦେଶକୁ ଜାଲିଆତି କରିବା ଅଭିଯୋଗ



**ନୂଆଦିଲ୍ଲୀ,୨୯।୧୧**

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ମାମଲାରେ ହାଇକୋର୍ଟ ଆଦେଶକୁ ଜାଲିଆତି କରିବା ଅଭିଯୋଗରେ ସୁପ୍ରିମକୋର୍ଟ ସୋମବାର ଓଡ଼ିଶା ଲୋକାୟୁକ୍ତଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। ଦୁର୍ନୀତି ଅଭିଯୋଗରେ ବିଧାୟକ ପାଣିଗ୍ରାହୀଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ କରିବାକୁ ଲୋକାୟୁକ୍ତ ୨୦୨୦ ଡିସେମ୍ବରରେ ନିର୍ଦ୍ଦେଶ ଦେଇଥିଲେ। ତାହାକୁ ଓଡ଼ିଶା ହାଇକୋର୍ଟ ଗତ ଫେବୃୟାରୀରେ ଖାରଜ କରିଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଲୋକାୟୁକ୍ତ ସୁପ୍ରିମକୋର୍ଟରେ ଏକ ସ୍ପେଶାଲ ଲିଭ୍ ପିଟିଶନ (ଏସ୍ଏଲ୍‌ପି) ଦାଖଲ କରିଥିଲେ। ହେଲେ ଉକ୍ତ ଏସ୍ଏଲ୍‌ପିରେ ଲୋକାୟୁକ୍ତ ଓଡ଼ିଶା ହାଇକୋର୍ଟଙ୍କ ୬ ପୃଷ୍ଠାର ଆଦେଶକୁ ସଂଲଗ୍ନ କରିଥିଲେ, ଯାହାକି ଅସ୍ତିତ୍ୱହୀନ ଥିଲା। ଅର୍ଥାତ୍ ହାଇକୋର୍ଟ ☞ପୃଷ୍ଠା-୩

# ଦେଶୀ ଡଙ୍ଗାରେ ବାଲି ଚାଲାଣ

## ମାଫିଆଙ୍କ ନୂଆ ଉପାୟ

- ଗାଁ ଆଡକୁ ମାଡ଼ିଆସୁଛି ବିପଦ

**ବାଲିଆପାଳ, ୨୯।୧୧(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ପଶ୍ଚିମବଙ୍ଗ ସୀମାନ୍ତରେ ବାଲିଆପାଳ ଓ ଭୋଗରାଇ ତହସିଲ ମଧ୍ୟ ଦେଇ ପ୍ରବାହିତ ହେଉଛି ସୁବର୍ଣ୍ଣରେଖା ନଦୀ। ଏହାର ମୂଲ୍ୟବାନ ବାଲି ଉପରେ ମାଫିଆଙ୍କ କୁଦୃଷ୍ଟି ରହିଆସିଛି। ଏହି ନଦୀପଠାରୁ ବେଆଇନ ଭାବେ ବାଲି ଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମାଫିଆମାନେ ପୂର୍ବରୁ ସ୍ୱମ୍ପପମ୍ପ ଜରିଆରେ ରାତିଅଧିଆ ଶହ ଶହ ଟ୍ରକ୍ ବାଲି ଉଠାଇ ଚାଲାଣ କରିଆସୁଥିଲେ। ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ପ୍ରଶାସନ ପକ୍ଷରୁ ବାରମ୍ବାର ଚଢ଼ାଉ କରାଯିବାରୁ ଚୋରାଚାଲାଣକାରୀଙ୍କ ମଧ୍ୟରେ ଭାଳେଣି ପଡିଯାଇଥିଲା। ସେମାନେ ଏବେ ବାଲି ଚୋରି କରିବାକୁ ନୂଆ ଉପାୟ ଅବଲମ୍ବନ କରିଛନ୍ତି। ଶହ ଶହ ଦେଶୀ ଡଙ୍ଗାରେ ଦିନ ରାତି ବାଲି ଚୋରି କରି ପଶ୍ଚିମବଙ୍ଗକୁ ଚାଲାଣ କରୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବାଲିଆପାଳ ତହସିଲ ଅଧୀନ ସୁବର୍ଣ୍ଣରେଖା ନଦୀ ଇକଡପାଳଠାରେ। ବେଆଇନ ବାଲି ଚାଲାଣ ଯୋଗୁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇବା ସହ ନଦୀ ଗତିପଥ ବଦଳାଇ ଗାଁ ଆଡ଼କୁ ମାଡି ଆସୁଛି। ଆଖପାଖ ୧୦ ଖଣ୍ଡ ଗାଁର ଲୋକେ ଏବେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

ସୁବର୍ଣ୍ଣରେଖା ନଦୀପଠାରୁ ୩୦ରୁ ଅଧିକ ବାଲି ଉତ୍ସ ସରକାର ନିଲାମ ଦେଇ କୋଟି କୋଟି ରାଜସ୍ୱ ପାଉଥିଲେ ମଧ୍ୟ ବହୁ ଉତ୍ସ ଏବେ ମାଫିଆଙ୍କ କବଜାରେ ରହିଛି। ବିଶେଷ କରି ବାଲିଆପାଳ ତହସିଲ ବିଷ୍ଣୁପୁର ପଞ୍ଚାୟତର ଇକଡପାଳ ନଦୀଶଯ୍ୟାରୁ ପଶ୍ଚିମବଙ୍ଗ ମାଫିଆମାନଙ୍କ ଦ୍ୱାରା ଦିନରାତି ବାଲି ଚୋରି କରି ଶହ ଶହ ଦେଶୀ ଡଙ୍ଗାରେ ନିଆଯାଉଛି। ଏହି ବାଲି ବୋଝେଇ ଡଙ୍ଗା ଭୋଗରାଇ ଲକ୍‌ଠାରେ ପହଞ୍ଚିବା ପରେ ସେଠାରେ ବାଲି ଅନଲୋଡ କରାଯାଉଛି। ପରେ ଏହି ଚୋରାବାଲିକୁ ଟ୍ରାକ୍ଟର, ଡମ୍ପର ଓ ଟ୍ରକ୍ ମାଧ୍ୟମରେ ପଶ୍ଚିମବଙ୍ଗ ଚାଲାଣ ହେଉଛି। ଫଳରେ ଏହି ବେଆଇନ ଉତ୍ସ ନିକଟସ୍ଥ ବିଷ୍ଣୁପୁର ପଞ୍ଚାୟତର ୧୦ରୁ ଅଧିକ ଗାଁ ଏବେ ନଦୀଗର୍ଭରେ ଲୀନ ହେବାକୁ ବସିଛି। ଗାଁର ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟ ବିପଦମୁହଁରେ ରହିଛି। ଗତ କିଛି ବର୍ଷ ପୂର୍ବରୁ ବାଲି ଉତ୍ତୋଳନ ସମସ୍ୟା ଯୋଗୁ ଏହି ପଞ୍ଚାୟତର ବହୁ ଘର ସ୍କୁଲ, ମନ୍ଦିର ନଦୀଗର୍ଭରେ ଲୀନ ହୋଇଯାଇଥିଲା। ସବୁ ଜାଣି ପ୍ରଶାସନ ନୀରବଦ୍ରଷ୍ଟା ପାଲଟିଥିଲା। ଏନେଇ ଉଭୟ ବାଲିଆପାଳ ଓ ଭୋଗରାଇ ତହସିଲ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ବାଲିଆପାଳ ତହସିଲଦାର ଦୀପକ ଦାସଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।



ଦେଶୀ ଡଙ୍ଗା ସାହାଯ୍ୟରେ ନଦୀରୁ ବାଲି ଚୋରି କରାଯାଉଛି।

# ବିଧାୟକ ପ୍ରଦୀପଙ୍କୁ ଇଡିର ୯ ଘଣ୍ଟା ଜେରା

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ଚାକିରି ନାଁରେ ଠକେଇ ମାମଲା

**ଭୁବନେଶ୍ୱର,୨୯।୧୧(ବ୍ୟୁରୋ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଏବଂ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ଜେଲ ଯାଇ ଜାମିନରେ ଆସିଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ଏହି ଦୁଇ ମାମଲାରେ ହୋଇଥିବା କୋଟି କୋଟି ଟଙ୍କା ବେଆଇନ୍ ଅର୍ଥ କାରବାର ସମ୍ବନ୍ଧରେ ଇଡି ତଦନ୍ତ କରୁଛି। ଇଡିର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ପ୍ରଦୀପଙ୍କୁ ପୂର୍ବାହ୍ନ ପ୍ରାୟ ୧୦ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ୯ଘଣ୍ଟା ଧରି ମାରାଥନ ଜେରା କରାଯାଇଛି।

ଭାବୀ ଜ୍ୱାଇଁ ଆକାଶ ପାଠକଙ୍କ ଆକାଉଣ୍ଟରୁ ପ୍ରଦୀପଙ୍କ ଆକାଉଣ୍ଟକୁ ବିପୁଳ ପରିମାଣର ଟଙ୍କା ଟ୍ରାନ୍ସଫର୍ ହୋଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଦୁଇ ପରିବାରର ସଦସ୍ୟଙ୍କ ମଧ୍ୟରେ କୋଟି କୋଟି ଟଙ୍କା ନେଣଦେଣ ମଧ୍ୟ ହୋଇଥିଲା। ତେବେ ଏହି ଟଙ୍କା କେଉଁଠୁ ଆସିଥିଲା, ଟଙ୍କାର ଉତ୍ସ କ'ଣ ପ୍ରଭୃତି ବିଭିନ୍ନ ଦିଗକୁ ନେଇ ତାଙ୍କୁ ପ୍ରଶ୍ନ ପଚାରି ଇଡି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା ସୂଚନା ମିଳିଛି। ଏହାପୂର୍ବରୁ ଅକ୍ଟୋବର ୫ରେ ପ୍ରଥମ ଓ ଗତ ଗୁରୁବାର ଦ୍ୱିତୀୟ ଥର ପାଇଁ ପ୍ରଦୀପଙ୍କ ଭାବୀ ଶ୍ୱଶୁର ପୂର୍ବତନ ଆଇଏଫ୍ଏସ୍ ଅଧିକାରୀ ☞ପୃଷ୍ଠା-୩



ପ୍ରଦୀପ ପାଣିଗ୍ରାହୀ

## ସଂକ୍ଷେପରେ

### ବଳାତ୍କାରୀଙ୍କୁ ୨୦ବର୍ଷ ଜେଲ

ବଲାଙ୍ଗୀର ଅଫିସ, ୨୯।୧୧: ସମ୍ପର୍କୀୟ ନାବାଳିକା ଦୁଇ ଭଉଣୀଙ୍କୁ ବଳାତ୍କାର କରିବା ଅପରାଧରେ ଦୋଷୀସାବ୍ୟସ୍ତ ହୋଇ ଜଣେ ଯୁବକଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ହୋଇଛି। ବଲାଙ୍ଗୀର ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ ପୋକ୍ସୋ ଏବଂ ଆଡିଶନାଲ ସେସନସ ଜଜ୍ ବିରଞ୍ଚି ନାରାୟଣ ମିଶ୍ର ଏହି ମାମଲାର ବିଚାର କରି ରାୟ ଶୁଣାଇଛନ୍ତି। ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ ପାନିମୁରା ଗ୍ରାମର ଅଭିଯୁକ୍ତ ସୁମିତ୍ ମଲ୍ଲିକ ବଲାଙ୍ଗୀରର ତାଙ୍କର ସମ୍ପର୍କୀୟ ଦୁଇ ନାବାଳିକା ଭଉଣୀଙ୍କୁ ବଳାତ୍କାର କରିଥିବା ନେଇ ୨୦୧୬ ମସିହାରେ ଅଭିଯୋଗ ହୋଇଥିଲା। ପୀଡିତାଙ୍କ ତରଫରୁ ସ୍ପେଶାଲ ପିପି ନିତ୍ୟାନନ୍ଦ ବରେଇ ମାମଲା ପରିଚାଳନା କରିଥିଲେ।

### ବର୍ଷୀୟାନ ସାମ୍ବାଦିକ, ସିନେ ଅଭିନେତା ସତ୍ୟନାରାୟଣ ବେହେରାଙ୍କ ପରଲୋକ



ବଲାଙ୍ଗୀର ଅଫିସ, ୨୯।୧୧: ବର୍ଷୀୟାନ ସାମ୍ବାଦିକ, ସିନେ ଅଭିନେତା, ବରିଷ୍ଠ ମଞ୍ଚ କଳାକାର ତଥା ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ ପ୍ରତିଷ୍ଠାତା ସଭାପତି ସତ୍ୟନାରାୟଣ ବେହେରା(୮୩)ଙ୍କ ସୋମବାର ପରଲୋକ ଘଟିଛି। ସେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ୧୯୩୯ରେ ଜନ୍ମଗ୍ରହଣ କରିଥିବା ବେହେରା ଛାତ୍ର ଜୀବନରୁ ସାଙ୍ଗଠନିକ ଓ ସାହିତ୍ୟିକ କାର୍ଯ୍ୟକ୍ରମରେ ସକ୍ରିୟ ରହିଥିଲେ। ସାମ୍ବାଦିକତାକୁ ବୃତ୍ତି କରି ଦୀର୍ଘ ୬୦ବର୍ଷରୁ ଉର୍ଦ୍ଧ୍ୱ କାଳ ସେ ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ଖବର କାଗଜରେ ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ପ୍ରେସ୍ ପରାମର୍ଶଦାତାଭାବେ ସେ କାର୍ଯ୍ୟ କରିଥିଲେ। ବଲାଙ୍ଗୀରରେ ନାଟକ ଶତବାର୍ଷିକୀ, ଜିଲା ଲେଖକ ସମ୍ମିଳନୀ, ପୃଥ୍ୱୀରାଜ ହାଇସ୍କୁଲ ଶତବାର୍ଷିକୀ ଆୟୋଜନରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ଭୁଖାରେ ସେ ନିଖୁଣ ଅଭିନୟ କରିଥିଲେ। ଏହା ସହିତ ଟେଲିଫିଲ୍ମ ଓ ବହୁ ମଞ୍ଚ ନାଟକରେ ସେ ଅଭିନୟ କରି ନିଜର କଳାଦକ୍ଷତା ପ୍ରଦର୍ଶନ କରିଥିଲେ। ତାଙ୍କ ପରଲୋକ ଖବର ପାଇ ଜିଲାପାଳ ଚଞ୍ଚଳ ରାଣା ତାଙ୍କ କଂସାରୀପଡା ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସନ୍ଧ୍ୟାରେ ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ସାମ୍ବାଦିକ ଭବନକୁ ନିଆଯାଇଥିଲା। ସେଠାରୁ ବିଭୂତିପଡା ଶ୍ମଶାନକୁ ନିଆଯାଇ ଅନ୍ତିମ ସତ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ସୁଧାକର ବେହେରା ମୁଖାଗ୍ନି ଦେଇଥିଲେ।

# ସୁନା ଅଳଙ୍କାର ବନ୍ଧକ ନାଁରେ ୩୮ ଲକ୍ଷ ଠକେଇ

ଉଦଳା,୨୯।୧୧(ଡି.ଏନ.ଏ.)

ସୁନା ଅଳଙ୍କାର ବନ୍ଧକ ନାଁରେ ମୟୂରଭଞ୍ଜ ଜିଲା ଉଦଳାସ୍ଥିତ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କରୁ ୩୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ହେବା ଚର୍ଚ୍ଚାର ବିଷୟ ହୋଇଛି। ସୁନା ନ ଦେଇ ମଧ୍ୟ କେତେଜଣଙ୍କ ନାଁରେ ଋଣ ଉଠାଣ ହୋଇଥିବା ବେଳେ ଆଉ କେତେକଙ୍କଠାରୁ କାଗଜପତ୍ରରେ ଦସ୍ତଖତ ନିଆଯାଇ ଗୋଲ୍ଡଲୋନ ଦିଆଯାଇଛି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଚକ୍‌ମା ଦେଇ ଲକ୍ଷାଧିକ ଟଙ୍କା ଠକି ନେଇଥିବା ମୁଖ୍ୟ କାର୍ପଟଦାର କୁହାଯାଉଥିବା ଲୋନ୍ ଭାଲ୍ୟୁଅର ଫେରାର ହୋଇଯାଇଛନ୍ତି। ଯେଉଁମାନଙ୍କ ନାମରେ ଋଣ ମଞ୍ଜୁର ହୋଇଛି ସେମାନେ ଏବେ ବ୍ୟାଙ୍କର ତାଗିଦ୍ ଶୁଣି ଚିନ୍ତାରେ ପଡ଼ିଛନ୍ତି। ଏ ସଂକ୍ରାନ୍ତରେ ବ୍ୟାଙ୍କ ଶାଖା ପରିଚାଳକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୩୭୫/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଉଦଳା ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କରେ ବିଜୟ କୁମାର ରଣା ନାମକ ଜଣେ ଯୁବକ ଗୋଲ୍ଡ ଲୋନ ଭାଲ୍ୟୁଅର ଭାବେ କାର୍ଯ୍ୟ କରୁଥିଲେ। ବ୍ୟାଙ୍କକୁ ଗୋଲ୍ଡଲୋନ୍ କରିବାକୁ ଯାଉଥିବା ହିତାଧିକାରୀଙ୍କ ସୁନାର ମାନ ସେ ଯାଞ୍ଚ କରିଥାନ୍ତି। ଏହାର ସୁଯୋଗ ନେଇ ବିଜୟ ନିଜର ସାଙ୍ଗସାଥୀ ଏବଂ ଚିହ୍ନା ପରିଚୟ ବ୍ୟକ୍ତିଙ୍କୁ ବ୍ୟାଙ୍କରୁ ଗୋଲ୍ଡଲୋନ୍ କରାଇ ଦେବା ପାଇଁ ପ୍ରବର୍ତ୍ତାଇ ଆସୁଥିଲେ। ଗତ ଅକ୍ଟୋବରରେ ୭ ଜଣଙ୍କ ୧୧ଟି ବ୍ୟାଙ୍କ ଆକାଉଣ୍ଟରେ ଗୋଲ୍ଡ ଲୋନ ବାବଦକୁ ମୋଟ ୩୮ଲକ୍ଷ ୫୨ହଜାର ଟଙ୍କା ବ୍ୟାଙ୍କ ଜରିଆରେ ଡିପୋଜିଟ୍ କରାଇଥିଲେ। ଉଦଳା ଅଞ୍ଚଳର ଯୁବକ ହିମାଂଶୁ ମହାନ୍ତିଙ୍କର ଦୁଇଟି ଆକାଉଣ୍ଟରେ ୭ ଲକ୍ଷ ୪୩ ହଜାର, ରଜତ କୁମାର ବାରିକଙ୍କ ନାମରେ ୩ ଲକ୍ଷ ୧୯ ହଜାର, ଆଶିଷ ପରିଡ଼ାଙ୍କ ଦୁଇଟି ଆକାଉଣ୍ଟରେ ୭ ଲକ୍ଷ ୧୯ ହଜାର, ବିଶ୍ୱଜିତ୍ ବେହେରାଙ୍କର ୪ ଲକ୍ଷ ୯୬ ହଜାର, ଏସ୍.କେ. ନସିମଙ୍କର ଦୁଇଟି ଆକାଉଣ୍ଟରେ ୬ଲକ୍ଷ ୬୮ହଜାର, ଏସ୍.କେ. ମେହେରାଜଙ୍କର ୩ ଲକ୍ଷ ୪୧ ହଜାର, ହିରେନ୍ଦ୍ର ପାଣିଗ୍ରାହୀଙ୍କ ଦୁଇଟି ଆକାଉଣ୍ଟରେ ୩ ଲକ୍ଷ ୬ ହଜାର ଏବଂ ୨ ଲକ୍ଷ ୬୦ ହଜାର ଟଙ୍କା ଜମା କରିଥିଲେ।

ତେବେ ଆଶ୍ଚର୍ଯ୍ୟର କଥା ଯେଉଁମାନଙ୍କ ନାମରେ ଗୋଲ୍ଡ ଲୋନ୍ ହୋଇଛି ସେମାନଙ୍କ ଆକାଉଣ୍ଟରେ ଟଙ୍କା ଡିପୋଜିଟର ମାତ୍ର କେଇ ଘଣ୍ଟା ପରେ ଏହା ଉଠାଣ ହୋଇଛି। ଉପରୋକ୍ତ ୭ଜଣ ଟଙ୍କା ଉଠାଇ ନ ଥିବା ବେଳେ ସେମାନଙ୍କ ଆକାଉଣ୍ଟରୁ ଟଙ୍କା ଉଠିଯାଇଥିବା କହିଛନ୍ତି। ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ଗୋଲ୍ଡ ଭାଲ୍ୟୁଅର ବିଜୟଙ୍କ ଆକାଉଣ୍ଟରେ ଲକ୍ଷ ଲକ୍ଷ ଟଙ୍କାର ଟ୍ରାଞ୍ଜାକ୍ସନ ହୋଇଥିବା ଜାଣି ସନ୍ଦେହ ପ୍ରକାଶ କରିଥିଲେ। ବନ୍ଧକ ଥିବା ସୁନାର ମାନ ବିଶେଷଜ୍ଞଙ୍କ ଦ୍ୱାରା ଯାଞ୍ଚ କରିବା ପରେ ତାହା ନକଲି ବୋଲି ଜାଣିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ ବ୍ୟାଙ୍କ ମ୍ୟାନେଜର ଦୀପକ କୁମାରଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ବୋଲି କହିବା ସହ ଅନ୍ୟ କିଛି ମତାମତ ଦେବାକୁ ମନା କରି ଦେଇଛନ୍ତି।

# ନ୍ୟାୟ ପାଇଁ ବୋହୂଙ୍କ ଧାରଣା ଅବ୍ୟାହତ



ଧାରଣାସ୍ଥଳରେ ବୋହୂ ତପସ୍ୱିନୀ ଦାସ ଓ ନାରୀ ନେତ୍ରୀ

ବ୍ରହ୍ମପୁର ଅଫିସ,୨୯।୧୧

ନ୍ୟାୟ ପାଇଁ ଶ୍ୱଶୁର ଘର ଆଗରେ ଧାରଣାରେ ବସିଛନ୍ତି ବୋହୂ ତପସ୍ୱିନୀ ଦାଶ। ଗତ ଶନିବାର ତାଙ୍କ ପିଟିଶନ (ଏମସି ନମ୍ବର ୩୪୪/୨୧)ର ଏସ୍‌ଡ଼ିଜେଏମ୍ କୋର୍ଟରେ ଶୁଣାଣି ହୋଇଥିଲା। ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ସୋମବାର ଦିନ ଧାର୍ଯ୍ୟ କରିଥିଲେ। ହେଲେ ତାପସ୍ୱିନୀ କୋର୍ଟରେ ହାଜର ହୋଇନଥିଲେ। ଏନେଇ ତପସ୍ୱିନୀଙ୍କୁ ପଚାରିବାରୁ ସେ କହିଛନ୍ତି, ମତେ କିମ୍ବା ମୋର ଓକିଲଙ୍କୁ କୋର୍ଟରୁ ଏନେଇ କୌଣସି ନୋଟିସ ଆସି ନ ଥିବାରୁ ମୁଁ କୋର୍ଟରେ ହାଜର ହୋଇନାହିଁ। ମୁଁ ମୋର ଅଧିକାର

**କୋର୍ଟ ନୋଟିସ ପାଇ ନ ଥିବାରୁ ହେଲେନି ହାଜର**

ପାଇଁ ଗତ ୮ଦିନ ଧରି ଧାରଣାରେ ବସିଛି। ସୋମବାର ଆନ୍ତର୍ଜାତୀକ ମାନବ ଅଧିକାର ପରିଷଦର ସସ୍ମିତା ଦାସ ଓ ରାଜ୍ୟ ମହିଳା କଂଗ୍ରେସ ଉପ ସଭାନେତ୍ରୀ ସ୍ୱରୂପା ତ୍ରିପାଠୀ ଧାରଣା ସ୍ଥଳକୁ ଆସି ତପସ୍ୱିନୀଙ୍କ ସହ ଆଲୋଚନା କରିଥିଲେ। ଏଭଳି ପଦେକ୍ଷପକୁ ନେଇ ପ୍ରଶଂସା କରିବା ସହ ତାଙ୍କ ସପକ୍ଷରେ ରାଜ୍ୟ ମହିଳା କଂଗ୍ରେସ ରହିଛି ବୋଲି ଉପ ସଭାନେତ୍ରୀ ତ୍ରିପାଠୀ କହିଛନ୍ତି।

# ପଞ୍ଚାୟତ ନିର୍ବାଚନ ସ୍ଥଗିତ ହେବ ନାହିଁ: ମନ୍ତ୍ରୀ

ଭୁବନେଶ୍ୱର,୨୯।୧୧(ବ୍ୟୁରୋ)

କରୋନାର ନୂଆ ଭାରିଆଣ୍ଟ 'ଓମିକ୍ରନ୍'କୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ଚିନ୍ତିତ ଅଛନ୍ତି। ଏହାର ମୁକାବିଲା ପାଇଁ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ ଗାଇଡ୍‌ଲାଇନ ଜାରି କରିଛନ୍ତି। ଯଦି କୋଭିଡ୍ ପ୍ରଥମ ଓ ଦ୍ୱିତୀୟ ଲହର ଭଳି ପରିସ୍ଥିତି ସୃଷ୍ଟି ହୁଏ ତେବେ ଏହା ଓଡ଼ିଶା ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିବ। ୨୦୨୨ ଫେବୃୟାରୀରେ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି। ନିର୍ଦ୍ଧାରିତ ସମୟରେ ନିର୍ବାଚନକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ତେବେ ଏହି ପ୍ରସଙ୍ଗରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ସୋମବାର ଗଣମାଧ୍ୟମକୁ କହିଛନ୍ତି, ଆସନ୍ତା ବର୍ଷ ରାଜ୍ୟରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ସ୍ଥଗିତ ହେବାର କୌଣସି ପ୍ରସ୍ତାବ ନାହିଁ। ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ସରକାର ରାଜ୍ୟ ନିର୍ବାଚନ କମିଶନ(ଏସ୍‌ଇସି)ଙ୍କୁ ରିପୋର୍ଟ ଦେଇ ସାରିଛନ୍ତି। ନିର୍ବାଚନ କମିଶନ ଏ ନେଇ ଖୁବ୍‌ଶୀଘ୍ର ତାରିଖ ଘୋଷଣା କରିପାରନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟ ନିର୍ବାଚନ କମିଶନ ନଭେମ୍ବର ୧୬ରେ ରାଜ୍ୟର ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକ ପାଇଁ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ କରିସାରିଛନ୍ତି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମୋଟ ୮୫୩ ଜିଲା ପରିଷଦ ସଦସ୍ୟ ପଦବୀରୁ ୬୪ଟି ଏସ୍‌ସିଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବା ବେଳେ ୧୦୦ ଆସନ ଏସ୍‌ଟି, ୮୪ ଆସନ ଏସ୍‌ସି ମହିଳା, ୧୧୮ ଏସ୍‌ଟି ମହିଳା, ୪୦ ପଛୁଆ ବର୍ଗ ଏବଂ ୫୫ ଆସନ ପଛୁଆ ବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଅନ୍ୟପକ୍ଷରେ ନିର୍ବାଚନ କମିଶନ ନିର୍ଦ୍ଧାରିତ ସମୟରେ ପଞ୍ଚାୟତ ନିର୍ବାଚନ କରିବାକୁ ପ୍ରସ୍ତୁତି ଜୋରଦାର ଚଳାଇଛନ୍ତି। ବାଲଟ ବାକ୍ସଗୁଡ଼ିକୁ ରଙ୍ଗ ଦେବା ସହ ମରାମତି କରିବାକୁ ପୂର୍ବରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇସାରିଛନ୍ତି । ଜିଲାସ୍ତରରେ ମଧ୍ୟ ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି।

## ଅନ୍ତର୍ଜାତୀୟ ପୁରସ୍କାର ପାଇବ 'ଜାଗା ମିଶନ'

ଭୁବନେଶ୍ୱର, ୨୯।୧୧(ବ୍ୟୁରୋ): ଓଡ଼ିଶା ସରକାରଙ୍କ 'ଜାଗା ମିଶନ' ଯୋଜନା ଏସିଆ ପାସିଫିକ୍ ହାଉସିଂ ଫୋରମ୍ ପକ୍ଷରୁ ଅନ୍ତର୍ଜାତୀୟ ପୁରସ୍କାର ପାଇଁ ମନୋନୀତ ହୋଇଛି। ସରକାରୀ ନୀତିରେ ଅଭିନବତ୍ୱ ପାଇଁ ଏହି ପୁରସ୍କାର ପାଇବାକୁ ଚୟନ ହୋଇଛି। ତେବେ ଏଥିପାଇଁ ଜନସାଧାରଣ https://aphousingforum.org/innovation-awards-vote ୱେବ୍‌ସାଇଟ୍‌କୁ ଯାଇ ଭୋଟ୍ ଦେବାକୁ ପଡ଼ିବ। ଆସନ୍ତା ୩୦ ତାରିଖ ଭୋଟ୍ ଦେବାର ଶେଷ ଦିବସ। ଏ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୋମବାର ଟୁଇଟ୍ କରି ସୂଚନା ଦିଆଯାଇଛି।

# 'ଶ୍ରୀଜଗନ୍ନାଥ ତତ୍ତ୍ୱ ଓ ତଥ୍ୟ' ଲୋକାର୍ପିତ

ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)



ସାଂସ୍କୃତିକ ଅନୁଷ୍ଠାନ 'ଚିନ୍ତା ଓ ଚେତନା'ର ୪୩ତମ ବର୍ଷା ମହୋତ୍ସବ ଉଦ୍‌ଘାଟନୀ ସମାରୋହରେ ଆଧ୍ୟାତ୍ମିକ ପ୍ରବକ୍ତା ଓ ଲେଖକ ଡ. ପ୍ରଦୀପ କୁମାର ଚୌଧୁରୀଙ୍କ ପୁସ୍ତକ 'ଶ୍ରୀଜଗନ୍ନାଥ ତତ୍ତ୍ୱ ଓ ତଥ୍ୟ' ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍‌ଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଡ. ଚୌଧୁରୀଙ୍କ ରଚିତ ଏହି ପୁସ୍ତକ ଶ୍ରୀଜଗନ୍ନାଥଙ୍କ ଚେତନା ଉପରେ ଆଧାରିତ। ସୋମବାର ରାଜଭବନ ଅଭିଷେକ କକ୍ଷରେ ଆୟୋଜିତ ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ବିଧାୟକ ଶଶିଭୂଷଣ ବେହେରା, ମହାସଚିବ ସୁରେନ୍ଦ୍ର ଦାଶ, ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ଆଧ୍ୟାତ୍ମିକ ସନ୍ଥ ରାମ ନାରାୟଣ ଦାଶ ମହାରାଜ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବତୀଯୁବକ ପିଏଲ୍‌ଜିଏରେ ସାମିଲହେବାକୁ ଆହ୍ୱାନ

ରାୟଗଡ଼ା ଅଫିସ,୨୯।୧୧

ରାୟଗଡ଼ା ଜିଲା ନିୟମଗିରି ପାଦଦେଶ ତଥା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତର ବିଭିନ୍ନ ସ୍ଥାନରେ ମାଓବାଦୀମାନେ ବ୍ୟାନର ଓ ପୋଷ୍ଟର ଲଗାଇଛନ୍ତି। ଡିସେମ୍ବର ୨ରୁ ୮ ପର୍ଯ୍ୟନ୍ତ ପିଏଲ୍‌ଜିଏ(ପିପୁଲ୍ସ ଲିବରେଶନ ଗେରିଲା ଆର୍ମି) ସପ୍ତାହ ପାଳନ କରାଯିବ ବୋଲି ଏଥିରେ ଉଲ୍ଲେଖ ରହିଛି। ଅଞ୍ଚଳର ଯୁବତୀଯୁବକମାନେ ପିଏଲ୍‌ଜିଏରେ ସାମିଲହେବା ପାଇଁ ହାତଲେଖା ପୋଷ୍ଟର ଓ ବ୍ୟାନର ମାଧ୍ୟମରେ ଆହ୍ୱାନ କରାଯାଇଛି। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାର ବିକାଶ ନାଁରେ ବିନାଶର ଖେଳ ଖେଳୁଥିବା ଏଥିରେ ଉଲ୍ଲେଖ ରହିଛି। ମାଓବାଦୀ ଜଳ, ଜମି ଓ ଜଙ୍ଗଲ ପାଇଁ ଏକତ୍ରିତ ହେବା ପାଇଁ କୁହାଯାଇଛି। ଅନ୍ୟପକ୍ଷରେ ପୋଷ୍ଟର, ବ୍ୟାନର ଦେଖି ଗ୍ରାମବାସୀଙ୍କ ମଧ୍ୟରେ ଭୟ ଦେଖିବାକୁ ମିଳିଛି। ସୁରକ୍ଷା ଦୃଷ୍ଟିରୁ କଲ୍ୟାଣସିଂହପୁର ଠାରେ ସିଆରପିଏଫ୍ ଯବାନ ମୁତୟନ ହୋଇଛନ୍ତି।



କଲ୍ୟାଣସିଂହପୁର ଅଞ୍ଚଳରେ ଲାଗିଥିବା ହାତଲେଖା ପୋଷ୍ଟର।

# ୮ କି.ମି. ପାହାଡ଼ିଆ ରାସ୍ତାରେ ଚାଲି ଡାକ୍ତରଖାନା ଆସିଲେ ଗର୍ଭବତୀ

ମାଲକାନଗିରି/କୁଡୁମୁଲୁଗୁମ୍ମା, ୨୯।୧୧ (ଡି.ଏନ୍.ଏ.)

ଜନନୀ ସୁରକ୍ଷା ନେଇ ସରକାରୀ ତହବିଲରୁ ବହୁ ଅର୍ଥ ବ୍ୟୟ ହେଉଛି। ମାତ୍ର ଏବେ ମଧ୍ୟ ମାଲକାନଗିରି ଜିଲାର ଉପାନ୍ତ ଅଞ୍ଚଳରେ ଜନନୀ ଯନ୍ତ୍ରଣାର ଦୁଃଖ କମିନାହିଁ। କେଉଁଠି ରାସ୍ତା ଥାଇ ଠିକ୍ ସମୟରେ ଆମ୍ବୁଲାନ୍ସ ପହଞ୍ଚିପାରୁନାହିଁ ତ କେଉଁଠି ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ସୁବିଧା ମିଳୁନାହିଁ। ଫଳରେ ପ୍ରସୂତି ମା'ମାନଙ୍କୁ କେଉଁଠି ଖଟିଆରେ, କେଉଁଠି ଭାରରେ ବୁହାହୋଇ ଡାକ୍ତରଖାନା ଯିବାର ଦୃଶ୍ୟ ଜିଲାରେ ଦେଖିବାକୁ ମିଳୁଛି। ସେଭଳି ଜଣେ ଗର୍ଭବତୀ ମହିଳା ଗର୍ଭ ଯନ୍ତ୍ରଣାରେ ଦୀର୍ଘ ୮ କି.ମି. ପାହାଡ଼ିଆ ଘାଟିରାସ୍ତାରେ ଚାଲି ଚାଲି ଆସି ଡାକ୍ତରଖାନାରେ ସୋମବାର ପହଞ୍ଚିଛନ୍ତି। ଏହା ଯେତିକି ହୃଦୟ ବିଦାରକ ସେତିକି ଆଶ୍ଚର୍ଯ୍ୟଚକିତ କରିଛି ସମସ୍ତଙ୍କୁ।

ଜିଲାର ଖଇରପୁଟ ବ୍ଲକ ରାସବେଡ଼ା ପଞ୍ଚାୟତ ଅନ୍ତର୍ଗତ ବଣ୍ଡାଘାଟିର ତାଗାବେଡ଼ା ଗ୍ରାମର ବୁଦା ସିସାଙ୍କ ସ୍ତ୍ରୀ ଶୁକ୍ରି ସିସା ଗର୍ଭବତୀ ଥିଲେ। ଗର୍ଭ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସ କିମ୍ବା କୌଣସି ଗାଡ଼ି ସୁବିଧା ନ ପାଇ ଶୁକ୍ରିଙ୍କୁ ତାଗାବେଡା ଗ୍ରାମରୁ ୮ କି.ମି. ପାହାଡ଼ିଆ ଘାଟିରାସ୍ତାରେ ଚାଲିଚାଲି ରାସବେଡ଼ା ପଞ୍ଚାୟତର ପାଲକାଗୁଡ଼ାରେ ପହଞ୍ଚିଥିଲେ। ସେଠାରେ ପହଞ୍ଚିବା ପରେ ଆଶାକର୍ମୀ ଆମ୍ବୁଲାନ୍ସ ଡକାଇ ତାଙ୍କୁ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଶୁକ୍ରିଙ୍କ ଏକ ପୁତ୍ରସନ୍ତାନ ଜନ୍ମ ହୋଇଥିଲା। ମା' ଓ ଶିଶୁ ଏବେ ସୁସ୍ଥ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ଆଣିବା ପୂର୍ବରୁ ସେମାନଙ୍କୁ ଆଣି ମା'ଗୃହକୁ ରଖିବା, ସେଠାରେ ସେମାନଙ୍କୁ ମାଗଣା ଖାଦ୍ୟ ସହ ଚିକିତ୍ସା ଯୋଗାଇଦେବାକୁ ସରକାର ବ୍ୟବସ୍ଥା କରିଛନ୍ତି। ଏହାର ପରିଚାଳନା ଦାୟିତ୍ୱ ଜିଲାର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନେଇଛି। ଶୁକ୍ରିଙ୍କ ଘଟଣାରୁ ମା' ଗୃହ କର୍ମକର୍ତ୍ତାମାନେ ଉପାନ୍ତ ଘାଟି ଅଞ୍ଚଳର ଗର୍ଭବତୀ ମହିଳାଙ୍କ ପାଖରେ ପହଞ୍ଚିପାରୁ ନ ଥିବା ସ୍ପଷ୍ଟ ହୋଇଛି। ବିଭାଗୀୟ ଅଧିକାରଙ୍କ କର୍ତ୍ତୃତ୍ୱରେ ଥିବା ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ହେବାକୁ ସାଧାରଣରେ ଦାବି ହେଉଛି।



ପାହାଡ଼ିଆ ଘାଟିରାସ୍ତାରେ ଚାଲିଚାଲି ଆସୁଥିବା ଗର୍ଭବତୀ ମହିଳା ଶୁକ୍ରି।

## ପ୍ରଥମ ପୃଷ୍ଠାରୁ...

### 'ସରକାରୀ ସ୍କୁଲରେ ...

ସହ ଆଗକୁ ବଢ଼ନ୍ତୁ। ଏହା ହିଁ ହେଉଛି ସ୍କୁଲ ରୂପାନ୍ତରର ଲକ୍ଷ୍ୟ। ଓଡ଼ିଶାର ଶିକ୍ଷା ବିକାଶ କ୍ଷେତ୍ରରେ ଆଜି ଦିନଟି ସବୁବେଳେ ସ୍ୱତନ୍ତ୍ର ହୋଇରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ୫ ଜିଲାର ଛାତ୍ରୀଛାତ୍ରମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ବିଦ୍ୟାଳୟ ରୂପାନ୍ତର ସମ୍ପର୍କରେ ନିଜ ମନ କଥା କହିଥିଲେ। କୋରାପୁଟର ତପସ୍ୱିନୀ ମହାପାତ୍ର, ଗଜପତି ମର୍ତ୍ତିକା ରାଇତା, ଢେଙ୍କାନାଳର ଶୁଭସ୍ମିତା ସାହୁ, ଅନୁଗୋଳର ଶ୍ରେୟାଂସା ପ୍ରଧାନ, ବରଗଡ଼ର ସ୍ମୃତିରେଖା ସାହୁ ଓ ଯାଜପୁରର ରଶ୍ମିରେଖା ମିଶ୍ର ପ୍ରମୁଖ କହିଥିଲେ ଯେ, ସ୍କୁଲ ରୂପାନ୍ତରଣ ଆମ ସମସ୍ତଙ୍କ ପାଇଁ ଗୌରବ ଆଣିଛି ଏବଂ ସରକାରୀ ସ୍କୁଲରେ ପାଠ ପଢ଼ିବାର ଗର୍ବ ଆଜି ଆମେ ଅନୁଭବ କରୁଛୁ। ସରକାରୀ ସ୍କୁଲ ପିଲାମାନଙ୍କ ପାଇଁ ଉଚ୍ଚଶିକ୍ଷାରେ ୧୫% ସଂରକ୍ଷଣ ବ୍ୟବସ୍ଥା କରିଥିବାରୁ, ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ରୂପାନ୍ତର କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଅଞ୍ଚଳର ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଶିକ୍ଷକ ଓ ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ।

କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ନିର୍ଦ୍ଧାରିତ ସମୟରେ ପ୍ରଥମ ପର୍ଯ୍ୟାୟ ରୂପାନ୍ତରଣ କାର୍ଯ୍ୟ ଶେଷ ହୋଇଥିବାରୁ ଏଥିସହ ସଂଶ୍ଳିଷ୍ଟ ସମସ୍ତଙ୍କୁ ପାଣ୍ଡିଆନ ଧନ୍ୟବାଦ ଜଣାଇଥିଲେ। ୨୦୨୨ ମାର୍ଚ୍ଚ ସୁଦ୍ଧା ଦ୍ୱିତୀୟ ପର୍ଯ୍ୟାୟରେ ୩୩୦୦ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଶେଷ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ପାଳନ ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସୁଶାନ୍ତ ସିଂ, ସମୀର ରଞ୍ଜନ ଦାଶ, ଜଗନ୍ନାଥ ସାରକା, ପଦ୍ମିନୀ ଦିଆନ ଓ ଏମ୍‌ପି ମହେଶ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସ୍କୁଲର ପୁରାତନ ଛାତ୍ର ଭାବେ ଯାଜପୁର ବିରଜା ହାଇସ୍କୁଲରେ ଉପସ୍ଥିତ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ କୁମାର ଘଡାଇ ରୂପାନ୍ତରଣ କାର୍ଯ୍ୟକ୍ରମକୁ ଏକ ଐତିହାସିକ ଉଦ୍ୟମ ଭାବେ ବର୍ଣ୍ଣନା କରିଥିଲେ। ସରକାରୀ ସ୍କୁଲରେ ପାଠ ପଢ଼ି ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ହୋଇଥିବା ଶକ୍ତି ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ଗୋଇନ୍ଦା ବିଭାଗ ଡିଆଇଜି ଅନୁପ ସାହୁ ସେମାନଙ୍କ ସ୍କୁଲ ଜୀବନର ଅନୁଭୂତି ବଖାଣିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫-ଟି ସ୍କୁଲ ରୂପାନ୍ତରଣ ଉପରେ ଟାସ୍କଫୋର୍ସ ଅନୁମୋଦନର ନଲେଜ ପେପର ଉନ୍ମୋଚନ କରିଥିଲେ। ଏଥିରେ ରୂପାନ୍ତରିତ ସ୍କୁଲଗୁଡିକର ରକ୍ଷଣାବେକ୍ଷଣ ଓ ପରିଚାଳନା ସମ୍ପର୍କରେ ବିଶେଷ ନିର୍ଦ୍ଦେଶାବଳୀ ରହିଛି। କାର୍ଯ୍ୟକ୍ରମରେ ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ସମେତ ବିଭିନ୍ନ ଜିଲାର ବିଧାୟକଗଣ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଉନ୍ନୟନ କମିଶନର ପ୍ରଦୀପ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଲୋକାଯୁକ୍ତଙ୍କଠାରୁ ସ୍ପଷ୍ଟୀକରଣ ...

ସେଭଳି ଆଦେଶ ଦେଇ ନ ଥିଲେ। କିନ୍ତୁ ଜାଲ କରାଯାଇ ତାହାକୁ ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ବିଧାୟକ ପାଣିଗ୍ରାହୀ ଅଭିଯୋଗ କରିଥିଲେ। ତେଣୁ ଲୋକାଯୁକ୍ତଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିବାକୁ ବିଧାୟକ ପାଣିଗ୍ରାହୀ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟଙ୍କ ଜରିଆରେ ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ। ଏହି ମର୍ମରେ ଆଇନଜୀବୀ ଆଚାର୍ଯ୍ୟଙ୍କ ବିବୃତିକୁ ଦୁଇଜଣିଆ ଖଣ୍ଡପୀଠ ଜଷ୍ଟିସ୍ ଅଜୟ ରସ୍ତୋଗୀ ଏବଂ ଅଭୟ ଏସ୍ ଓକା ସୋମବାର ରେକର୍ଡ କରିଛନ୍ତି। ଅନ୍ୟପକ୍ଷରେ ଆଚାର୍ଯ୍ୟଙ୍କ ବିବୃତିକୁ ଲୋକାଯୁକ୍ତଙ୍କ ପକ୍ଷରୁ ମାମଲା ଲଢ଼ୁଥିବା ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ଶ୍ରୀବାସ୍ତବ ତ୍ରୁଟି ଥିବା ଦର୍ଶାଇ ସତ୍ୟପାଠ ଦାଖଲ କରିଛନ୍ତି। ହେଲେ ମୂଳ ମାମଲା ଅର୍ଥାତ୍ ଓଡ଼ିଶା ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ଲୋକାଯୁକ୍ତ କରିଥିବା ରିଭ୍ୟୁ ଆବେଦନର ଶୁଣାଣି ପୂର୍ବରୁ ଏନେଇ ହୋଇଥିବା ମଧ୍ୟବର୍ତ୍ତୀ ଆବେଦନର ଶୁଣାଣି ପ୍ରଥମେ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ସେହିପରି ଜାଲିଆତି ଅଭିଯୋଗ ସଂକ୍ରାନ୍ତରେ ଉତ୍ତର ଦେବାକୁ ଲୋକାଯୁକ୍ତଙ୍କୁ ନିର୍ଦ୍ଦେଶ ଦେବା ସହ ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୭କୁ ଧାର୍ଯ୍ୟ କରିଛନ୍ତି।

ପୂର୍ବରୁ ଲୋକାଯୁକ୍ତଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ପାଇଁ ବିଧାୟକ ପାଣିଗ୍ରାହୀ କରିଥିବା ରିଟ୍ ପିଟିଶନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଥିଲେ। ଖଣ୍ଡପୀଠ ସେତେବେଳେ କହିଥିଲେ ଯେ, ଗୋଟିଏ ପ୍ରସଙ୍ଗରେ ଦୁଇଟି ସମାନ୍ତରାଳ ଶୁଣାଣି ହୋଇପାରିବ ନାହିଁ। ତେଣୁ ମୂଳ ମାମଲାରେ ମଧ୍ୟବର୍ତ୍ତୀ ଆବେଦନ କରିବାକୁ ଖଣ୍ଡପୀଠ ଆବେଦନକାରୀଙ୍କୁ ସ୍ୱାଧୀନତା ଦେଇଥିଲେ।

ସୂଚନାଥାଉ କି ବିଧାୟକ ପାଣିଗ୍ରାହୀଙ୍କ ବିରୋଧରେ ଲୋକାଯୁକ୍ତଙ୍କ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଉପରେ ହାଇକୋର୍ଟ ଯେଉଁ ଅଙ୍କୁଶ ଲଗାଇଥିଲେ, ତାହା ଉପରେ ସୁପ୍ରିମକୋର୍ଟ ଗତ ଏପ୍ରିଲ୍ ୨୩ରେ ସ୍ଥଗିତାଦେଶ ଦେଇଥିଲେ। ଏହାସହ ବିଧାୟକ ପାଣିଗ୍ରାହୀଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗର ଭିଜିଲାନ୍ସ ତଦନ୍ତ ପାଇଁ ନୋଟିସ କରିଥିଲେ। ଉଲ୍ଲେଖଥାଉ କି, ଗଞ୍ଜାମ ଜିଲା ଗୋଳନ୍ଥରା ଥାନାରେ ରୁଜୁ ହୋଇଥିବା ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲାରେ ବିଧାୟକ ପାଣିଗ୍ରାହୀଙ୍କୁ ଗତବର୍ଷ ଡିସେମ୍ବର ୩ରେ ଗିରଫ କରାଯାଇଥିଲା। ହାଇକୋର୍ଟଙ୍କ ଜାମିନ ପରେ ତାଙ୍କୁ ଗତ ଜୁନ୍ ୧୨ରେ ଭୁବନେଶ୍ୱରର ଝାରପଡ଼ା ଜେଲରୁ ମୁକ୍ତ କରାଯାଇଥିଲା।

### ବିଧାୟକ ପ୍ରଦୀପଙ୍କୁ ...

ଅଭୟକାନ୍ତ ପାଠକଙ୍କୁ ଜେରା କରାଯାଇଥିଲା। ନଭେମ୍ବର ୧୧ରେ ତାଙ୍କ ପୁଅ ଆକାଶଙ୍କୁ ଝାରପଡ଼ା ଜେଲରେ ଏବଂ ପ୍ରଦୀପଙ୍କ ଝିଅ ଶ୍ରୁତି ପାଣିଗ୍ରାହୀଙ୍କୁ ଶୁକ୍ରବାର ଇଡି ଜେରା କରିଥିଲା। ଜେରା ବେଳେ ପାଠକ ଓ ପାଣିଗ୍ରାହୀଙ୍କ ପରିବାର ମଧ୍ୟରେ ଆର୍ଥିକ କାରବାର ନେଇ ଇଡିକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିଲା। ଉକ୍ତ ତଥ୍ୟ ଆଧାରରେ ପ୍ରଦୀପଙ୍କୁ ଇଡି ଜେରା କରିଛି। ଏନେଇ ପ୍ରଦୀପ ଗଣମାଧ୍ୟମକୁ କହିଛନ୍ତି, ମୁଁ ଓଡ଼ିଆ ପୁଅ, ଶେଷ ପର୍ଯ୍ୟନ୍ତ ଲଢ଼ିବି। ନ୍ୟାୟପାଳିକା ଉପରେ ମୋର ଭରସା ଅଛି। ଇଡି ଯେଉଁ ପ୍ରଶ୍ନ ପଚାରିଲେ ତା'ର ଉତ୍ତର ରଖିଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଅଭୟକାନ୍ତ ପାଠକଙ୍କୁ ଗତ ନଭେମ୍ବରରେ ଭିଜିଲାନ୍ସ ଗିରଫ କରିଥିଲା। ଏହାପରେ ବେଆଇନ୍ ଅର୍ଥ କାରବାରର ଖିଅ ଖୋଜିବାକୁ ଇଡି ନିଜ ପକ୍ଷରୁ ଏକ ମାମଲା ରୁଜୁ କରିଥିଲା। ସେହିପରି ଅଭୟକାନ୍ତଙ୍କ ପୁଅ ଆକାଶ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ କୋଟି କୋଟି ଟଙ୍କା ଠକେଇ କରିବା ମାମଲାରେ ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଗତ ଡିସେମ୍ବରରେ ଏହି ମାମଲାରେ ପ୍ରଦୀପଙ୍କୁ ଗିରଫ କରାଯାଇଥିଲା। ପ୍ରଦୀପ ଗତ ଜୁନ୍‌ରେ ଜାମିନରେ ଆସିଥିବାବେଳେ ତାଙ୍କ ଭାବୀ ଜ୍ୱାଇଁ ଆକାଶ ଏବେ ବି ଜେଲରେ ଅଛନ୍ତି। ତେବେ ଏମାନଙ୍କ ଆର୍ଥିକ କାରବାରର ତଦନ୍ତ କରୁଥିବା ଇଡି ପ୍ରଦୀପ ଓ ତାଙ୍କ ଝିଅଙ୍କୁ ହାଜର ହେବା ପାଇଁ ସମନ ପଠାଇଥିଲେ ମଧ୍ୟ ସେମାନେ ଏଥିପାଇଁ ସମୟ ମାଗିଥିଲେ।

### ଚିନ୍ତା ବଢ଼ାଇଲାଣି ...

ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଲଘୁଚାପ ଯୋଗୁ ୩ ତାରିଖରୁ ଶୀତ କମିବ । ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲ୍‌ସିୟସ ଥିବା ବେଳେ ଫୁଲବାଣୀରେ ୧୦ ଡିଗ୍ରୀ, ଟିଟିଲାଗଡ଼ ୧୧.୮, କେନ୍ଦୁଝର ୧୨.୪, ଝାରସୁଗୁଡ଼ା ୧୨.୬, ହୀରାକୁଦ ୧୩.୪, ଭବାନୀପାଟଣା ୧୩.୫, ଅନୁଗୋଳ ୧୩.୬, ସମ୍ବଲପୁର ୧୩.୭ ଓ ରାଜ୍ୟର ଅନ୍ୟାନ୍ୟ ଭାଗରେ ସର୍ବନିମ୍ନ ତାପମାତ୍ରାରେ ୪ରୁ ୫ ଡିଗ୍ରୀ ହ୍ରାସ ପାଇଛି।

### ଟାୟାର ଫାଟି ...

ଦୋକାନ ମାଲିକ ବିକ୍ରମ ଦୁର୍ବଳ ଥିବା ରୋଲର ଚକରେ ପମ୍ପ ଦେବା ବେଳେ ତାହା ଫାଟିଯାଇଥିଲା। ଫଳରେ ସେ ୧୫ ଫୁଟ୍ ଉଚ୍ଚକୁ ଉଠି ତଳେ କଚାଡି ହୋଇ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ବିକ୍ରମଙ୍କୁ ପ୍ରଥମେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାଉରକେଲା ସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି ।

**ଏକଦିବସୀୟ ଫୁଟବଲ: ତେନ୍ତୁଲିଖୁଣ୍ଟି ଚାମ୍ପିୟନ**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢାପଦର ହାଇସ୍କୁଲ ଖେଳପଡିଆରେ ୨ୟ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ଖେଳ ବୁରୋଭାଡି ଏବଂ ତେନ୍ତୁଲିଖୁଣ୍ଟି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨-୦ ଗୋଲରେ ତେନ୍ତୁଲିଖୁଣ୍ଟି ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ହେମଜାର ମହାକୁରଙ୍କ ଅଧ୍ୟକ୍ଷତା ଏବଂ ସୀତାରମ ପଧାନଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । କେଶରିଆ ହିନ୍ଦୁ ବାହିନୀ ରାଜ୍ୟ ସଭାପତି ସନ୍ତୋଷ ଭୋଲ ମୁଖ୍ୟ ଅତିଥି, ବୁଢାପଦର ସରପଞ୍ଚ ଲକ୍ଷ୍ମୀ ପଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଚାମ୍ପିୟନ ଦଳକୁ ୫ ହଜାର ଏବଂ ରନର୍ସ ଅପ ଦଳକୁ ୩ ହଜାର ଟଙ୍କା ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ ।

## ସଂକ୍ଷେପରେ

### ବ୍ଲକ କଂଗ୍ରେସର ଜନଜାଗରଣ ପଦଯାତ୍ରା

ଦେଓଗାଁ,୨୯।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ଓ ଜରାସିଂହା ପଞ୍ଚାୟତରେ ସୋମବାର ବ୍ଲକ କଂଗ୍ରେସ ପକ୍ଷରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ରାମଜୀ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦେଓଗାଁ ବସଷ୍ଟାଣ୍ଡରୁ ଏକ ଶୋଭାଯାତ୍ରା ବାହାରି ଦେଓଗାଁ ଓ କଛାରପାଲି ପରିକ୍ରମା କରିଥିଲା। କଛାରପାଲି ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ସଭାରେ ଉଭୟ ସରକାରଙ୍କ ବିଫଳତା, ଆହେତୁକ ଦରଦାମବୃଦ୍ଧି, ଜିଲାରେ ଅରାଜକତା, ହିଂସା ଦିନକୁ ଦିନ ବୃଦ୍ଧି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ପରେ ଚନ୍ଦ୍ରପୁର ଓ ଜରାସିଂହା ବୁଢ଼ିଆଇ ମନ୍ଦିର ପ୍ରାଙ୍ଗଣରେ ଏ ନେଇ ସଭା ଆୟୋଜନ ହୋଇଥିଲେ। ଏଥିରେ ଆଦିବାସୀ ନେତା ମୟ ପ୍ରଧାନୀ, ଯୁବନେତା ବିଶ୍ୱଜିତ ପାତ୍ର, ସମିତି ସଭ୍ୟ ଜନ୍ମେଜୟ ସାହୁ, କୁନା ସାହୁ, ତାରାକାନ୍ତ ବାଗ, ପ୍ରଦୀପ ପଣ୍ଡା, ପ୍ରଫୁଲ୍ଲ ଦାଶ, ପୂର୍ବତନ ବ୍ଲକ ସଭାପତି ଯୁଗେଶ୍ୱର ସାହୁ, ସମିତି ସଭ୍ୟ ଯୁଗନୁ ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର କାର୍ଯ୍ୟକ୍ରମରେ ଅନେକ କର୍ମକର୍ତ୍ତାଙ୍କ ଅନୁପସ୍ଥିତ ବିଷୟରେ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀଙ୍କ ମତ ଲୋଡିବାରୁ ହଠାତ ଏହି କାର୍ଯ୍ୟକ୍ରମ ହୋଇଥିବାରୁ ଅନେକଙ୍କୁ ଖବର ଦେଇପାରି ନ ଥିଲୁ। ଆଗକୁ କର୍ମୀ ସମ୍ମିଳନୀ ମାଧମରେ ସମସ୍ତଙ୍କୁ ଏକତ୍ରିତ କରାଯିବ ବୋଲି ସେ କହିଥିଲେ ।

### କ୍ଷୟକ୍ଷତି ଆକଳନ ଦାବିକଲେ ଚାଷୀ

ବିନିକା,୨୯।୧୧(ଡି.ଏନ୍.ଏ): ବିନିକା ବ୍ଲକ ବାଙ୍କିଘିର୍ଡି ପଞ୍ଚାୟତ ଅନ୍ତର୍ଗତ କୁକୁଡାଝୋଲି ଗ୍ରାମର ଶତାଧିକ ଚାଷୀଙ୍କ ଧାନ ଫସଲ ଅଦିନିଆ ଝଡ ବର୍ଷାରେ କ୍ଷତିଗ୍ରସ୍ତ ହୋଇଛି। ଖେତରେ ପାଣି ଜମି ରହିବାରୁ ଖେତରେ କଟା ହୋଇ ପଡିଥିବା ଧାନ ଗଜା ହୋଇ ନଷ୍ଟ ହୋଇଛି। ଏହାସତ୍ତ୍ୱେ ବାଙ୍କିଘିର୍ଡି ରାଜସ୍ୱ ନିରୀକ୍ଷକ ଓ ବିନିକା କୃଷି ବିଭାଗ କ୍ଷତିଗ୍ରସ୍ତ ଚାଷୀଙ୍କ ପାଖକୁ ଏ ଯାଏ ଆସି ନାହାନ୍ତି। କ୍ଷୟକ୍ଷତି ଆକଳନ କରି ନ ଥିବାରୁ ସହାୟତା ମିଳିବା ନେଇ ମଧ ସେମାନେ ଆଶଙ୍କାବ୍ୟକ୍ତ କରିଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ କରିବାକୁ କୁକୁଡାଝୋଲି ଗାଁର ମୁନା ଭୁଏ, ମନୋଜ ଭୁଏ, ଫଗୁନୁ ନଇ, ଅଭିମନ୍ୟୁ ଭୁଏ, ରାଧାକାନ୍ତ ନାଗନ୍, ତ୍ରିବିକ୍ରମ ବାଘ ପ୍ରମୁଖ ଚାଷୀ ଦାବି କରିଛନ୍ତି।

### ଆଞ୍ଚଳିକ କୃଷକ ସଂଘ ଗଠନ

ଦେଓଗାଁ,୨୯।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଅର୍ଜୁନପୁର ବନ୍ୟା ଆଶ୍ରୟସ୍ଥଳରେ ସ୍ଥାନୀୟ କୃଷିସେବା ସମବାୟ ସମିତି ଅଧିନ ୧୮ଟି ଗ୍ରାମର କୃଷକଙ୍କୁ ନେଇ ସୋମବାର ଆଞ୍ଚଳିକ କୃଷକ ସଂଘ ଗଠନ କରାଯାଇଛି। ଅଲେଖ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ଧାନମଣ୍ଡି ସମ୍ବନ୍ଧୀୟ ଆଲୋଚନା କରାଯାଇଥିଲା। ଗତ ବର୍ଷ ଧାନକ୍ରୟ ସମୟରେ ୪ଜଣ ଚାଷୀଙ୍କ ବକେୟା ପାଉଣା ଶୀଘ୍ର ପ୍ରଦାନ କରିବା ପାଇଁ ମତପ୍ରକାଶ ପାଇଥିଲା। ସର୍ବସମ୍ମତିକ୍ରମେ କାର୍ଯ୍ୟକାରୀ କମିଟି ସଭାପତି ଭାବେ ଭାଗବତ ପ୍ରସାଦ ସାହୁ, ଉପସଭାପତି ଅଲେଖ ଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ଐବନ ଛତ୍ରିଆ, ସହସମ୍ପାଦକ ଅଜିତ ରଣା ଓ କୋଷାଧକ୍ଷଭାବେ ମୀନକେତନ ନାଗଙ୍କୁ ମନୋନୀତ କରାଯାଇଥିଲା।

### ମଣ୍ଡିରେ ତାଲା ପକାଇଲେ ଚାଷୀ

ସରଣ୍ଡା,୨୯।୧୧(ଡି.ଏନ.ଏ)
ଅତାବିରା ଆରଏମସି ଅଧୀନ ଗୌଡ଼ଟିକିରା ମଣ୍ଡିରେ ହଜାର ହଜାର ବସ୍ତା ଧାନ ଥିଲେ ବି ଆଜି ସୁଦ୍ଧା ତାହା ବିକ୍ରି ହୋଇ ପାରିନାହିଁ। ଏହାର ପ୍ରତିବାଦରେ ଚାଷୀମାନେ ସୋମବାର ମଣ୍ଡି ଗେଟ୍‌ରେ ସକାଳ ୯ଟାରୁ ତାଲା ପକାଇଛନ୍ତି। ଅପରାହ୍ନ ୩ଟା ସମୟରେ ଆରଏମ୍‌ସି ସମ୍ପାଦକ ପ୍ରଦୀପ କୁମାର ବେସନ ମଣ୍ଡିରେ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଖବର ଲେଖାହେବା (ସନ୍ଧ୍ୟା ୬ଟା) ସୁଦ୍ଧା ଆନ୍ଦୋଳନ ଜାରି ରହିଛି। ସୂଚନାଯୋଗ୍ୟ, ବର୍ତ୍ତମାନ ବେସରକାରୀ ଭାବେ ଗୌଡ଼ଟିକିରା ମଣ୍ଡିରେ ପ୍ରାୟ ୧୫ହଜାରରୁ ଊର୍ଦ୍ଧ୍ୱ ବସ୍ତା ଧାନ ପଡ଼ିଛି। ୨୫ତାରିଖରେ ମଣ୍ଡି ଖୋଲା ଯାଇଛି। ୫ ଦିନ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ବସ୍ତାଟିଏ ଧାନ ଉଠିନାହିଁ। ମିଲର୍ସ ଟାର୍ଗେଟ ଆସି ନ ଥିବାରୁ ଧାନ ଉଠୁନାହିଁ ବୋଲି ମଣ୍ଡି କର୍ତ୍ତୃପକ୍ଷ କହିଛନ୍ତି। ତେବେ ତୁରନ୍ତ ଧାନ ନ ଉଠାଇଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

# ୫୪୨୭ ହେକ୍ଟର ଜମିରେ ଧାନ ଚାଷ ହୋଇନି

ବୌଦ୍ଧ,୨୯।୧୧(ସ୍ୱ.ପ୍ର.)



ଜିଲା ପରିଷଦ ବୈଠକରେ ଉପସ୍ଥିତ ଜିଲାପାଳ ଓ ସଭ୍ୟାସଭ୍ୟ ।

**ବୌଦ୍ଧ ଜିଲା ପରିଷଦ ବୈଠକ**

■ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅନୁପସ୍ଥିତ ନେଇ ସଭ୍ୟାସଭ୍ୟଙ୍କ ଉଦ୍‌ବେଗ

ବୌଦ୍ଧ ଜିଲା ପରିଷଦ ବୈଠକ ସୋମବାର ଜିଲା ପଞ୍ଚାୟତ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷା ଜ୍ୟୋତ୍ସ୍ନା ଭୋଇ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ କନ୍ଧମାଳ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ମହୀଧର ରଣା, ଏମ୍‌ପି ପ୍ରତିନିଧି ତାରେଣୀ ମହାପାତ୍ର, ବୌଦ୍ଧ ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ସାହୁ, ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଜିଲା ପରିଷଦ ଓ ପଞ୍ଚାୟତ ସମିତିର ସମସ୍ତ ସଭ୍ୟାସଭ୍ୟ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳ ମିଶ୍ର ଜିଲା ପରିଷଦର ସଭ୍ୟାସଭ୍ୟମାନଙ୍କ ଅକୁଣ୍ଠ ସହଯୋଗ ଯୋଗୁ ଜିଲାରେ ଉନ୍ନୟନମୂଳକ କାର୍ଯ୍ୟ ଠିକ୍ ଭାବରେ ସମ୍ପାଦନ ହୋଇ ପାରିଥିବା କହିଥିଲେ। ତଥାପି ଜିଲାରେ ଆହୁରି ଅନେକ କାର୍ଯ୍ୟ ସମ୍ପାଦନ ଦିଗରେ ସମସ୍ତେ ତତ୍ପରତାର ସହିତ ସହଯୋଗ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ପରେ ପ୍ରତ୍ୟେକ ବିଭାଗର କାର୍ଯ୍ୟ ନେଇ ବୈଠକରେ ସମୀକ୍ଷା କରାଯାଇଥିଲା। ରାଜ୍ୟର ୨୦ ଗୋଟି ବ୍ଲକ ମଧ୍ୟରୁ ଜିଲାର ହରଭଙ୍ଗା ବ୍ଲକରେ ମରୁଡି ଦ୍ୱାରା ଚାଷ ପ୍ରଭାବିତ ହୋଇଥିବା ନେଇ ଜିଲା କୃଷି ଅଧିକାରୀ ଗୃହକୁ ସୂଚନା ଦେଇଥିଲେ। ଜିଲାରେ ପାଣି ଅଭାବରୁ ପ୍ରାୟ ୫୪୨୭ ହେକ୍ଟର ଜମିରେ ଧାନ ଚାଷ ହୋଇପାରିନାହିଁ। ଆଗାମୀ ଦିନରେ କୃଷିକ୍ଷେତ୍ର ପୋଖରି ଜରିଆରେ କ୍ଷତି ଭରଣା କରାଯିବ ବୋଲି ଗୃହକୁ ଜଣାଇଥିଲେ। ସେହିପରି ଉଦ୍ୟାନ ବିଭାଗ ପକ୍ଷରୁ ୨୨ କୁଇଣ୍ଟାଲ ପିଆଜ ବିହନ ଚାଷୀଙ୍କୁ ଯୋଗାଇ ଦିଆଯାଇଥିବା ସୂଚନା ଦିଆଯାଇଥିଲା। କେତେକ ସଦସ୍ୟ ମଧ୍ୟସ୍ଥି ଜରିଆରେ ଆମ୍ବଚାଷ କରାଯାଉଥିବା ନେଇ ଅଭିଯୋଗ କରିବା ପରେ ଏହା ସମ୍ପୂର୍ଣ୍ଣ ବନ୍ଦ କରାଯିବାକୁ ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ। ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟ ଜିଲାରେ ବନ୍ଦ ହୋଇ ଯାଇଥିବା ବେଳେ ଏମଜିଏନଆର ଇଜିଏସ ଯୋଜନାରେ ୨୯୧ ଗୋଟି କୃଷିକ୍ଷେତ୍ର ପୋଖରି ସମ୍ପୂର୍ଣ୍ଣ କରାଯାଇ ଏହି ପ୍ରକଳ୍ପ ଜରିଆରେ ମତ୍ସ୍ୟଚାଷ, ଫଳଚାଷ, କୁକୁଡା ପାଳନ ହିତାଧିକାରୀଙ୍କୁ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଥିବା ପ୍ରକଳ୍ପ ନିର୍ଦ୍ଦେଶକ ସୂଚନା ଦେଇଥିଲେ। ଜିଲା ଶିକ୍ଷାଧିକାରୀ ୬୩୪ ଜଣ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇ ସ୍ଥାନାନ୍ତର କରାଯିବାରୁ ଶିକ୍ଷକ ସମସ୍ୟା ଦେଖାଦେଇଥିବା ସୂଚନା ଦେଇଥିଲେ । ବିଧାୟକ ରଣା କେତୋଟି ବିଦ୍ୟାଳୟର ଛାତ୍ରୀଛାତ୍ର ଜାତୀୟ ରାଜପଥ, ନାଳ ପାର ହୋଇ ଯାଉଥିବା ନେଇ ଉପୁଜିଥିବା ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଏନେଇ ଜିଲା ଶିକ୍ଷା ଅଧିକାରୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ । ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅନୁପସ୍ଥିତ ରହି ତାଙ୍କର ପ୍ରତିନିଧି ପଠାଇ ଥିବାରୁ ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ନିର୍ବାହୀ ଯନ୍ତ୍ରୀ ସାଲୁଙ୍କୀ ନଦୀ ଜଳସେଚନ ପ୍ରକଳ୍ପର ୭୧୬୯ ହେକ୍ଟର ଜମି ମଧ୍ୟରୁ ପ୍ରାୟ ୩ ହଜାର ହେକ୍ଟର ଜମିକୁ ସ୍ୱଳ୍ପ ବୃଷ୍ଟି ଯୋଗୁ ଜଳସେଚନ ହୋଇ ପାରୁ ନ ଥିବା ସୂଚନା ଦେଇଥିଲେ। ସେହିପରି ବାଘ ଜଳସେଚନ ପ୍ରକଳ୍ପ ଦ୍ୱାରା ୧୦୪୦ ହେକ୍ଟର ଜମିକୁ ରବି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି କହିଥିଲେ। ଆଗାମୀ ୪ ମାସ ଧରି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ମାଗଣା ରାସନ ସାମଗ୍ରୀ ପ୍ରଦାନ କରାଯିବା ନେଇ ଜିଲା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱନୀ କୁମାର ମେହେର ଧନ୍ୟବାଦ ଦେଇଥିଲେ। ବୈଠକରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ ଜିଲା ପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ଦାଦନ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଗୁହାରି

ପଦ୍ମପୁର, ୨୯।୧୧(ଡି.ଏନ.ଏ)

ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକ ବ୍ରାହ୍ମଣଡିହ ଗ୍ରାମର କେତେଜଣ ଦାଦନ ଶ୍ରମିକ ତେଲଙ୍ଗାନା ରାଜ୍ୟ ଝଡପଲ୍ଲା ଥାନା ଅଧୀନ ମଛରମକକୁ ଇଟା ଗଢିବାକୁ ଯାଇଛନ୍ତି। ସେଠାରେ ମାଲିକ ସେମାନଙ୍କୁ ଅଟକ ରଖି ନିର୍ଯାତନା ଦେଉଛନ୍ତି। ସେମାନଙ୍କୁ ଉଦ୍ଧାର ପାଇଁ ଇଟାଭାଟି ମାଲିକ କବଳରୁ ଖସିଆସିଥିବା ଶେଷଦେବ ବାରିକ ପଦ୍ମପୁର ଉପଜିଲାପାଳଙ୍କୁ ଗୁହାରି କରିଛନ୍ତି। ବେଲପଡା ଥାନା ବାଗୁଡା ଗ୍ରାମର ଜଣେ ବ୍ୟକ୍ତି ବ୍ରାହ୍ମଣଡିହର ଉକ୍ତ ପରିବାରକୁ ଇଟା ଗଢିବାକୁ ତେଲଙ୍ଗାନା ନେଇଥିଲେ। ସେଠାରେ ୨୦ ଦିନ କାମକଲା ପରେ ଶ୍ରମିକମାନେ ଇଟାଭାଟି ମାଲିକ ମାନଦାଦୀ ମାଧବ ରାଓଙ୍କୁ ରାସନ କିଣିବା ପାଇଁ ଟଙ୍କା ମାଗିଥିଲେ। ମାତ୍ର ସେ ଟଙ୍କା ନ ଦେଇ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଉଛନ୍ତି। ଶେଷଦେବଙ୍କ ଦେଢ ବର୍ଷର ଶିଶୁକନ୍ୟା ଜ୍ୱରରେ ପୀଡିତ ହେବାରୁ ଚିକିତ୍ସା ପାଇଁ ସେ ମାଲିକଙ୍କୁ ଟଙ୍କା ମାଗିଲେ। ମାତ୍ର ମାଲିକ ଟଙ୍କା ଦେବା ପରିବର୍ତ୍ତେ ତାଙ୍କୁ ମାଡ ମାରିଛନ୍ତି ବୋଲି ଶେଷଦେବ ଅଭିଯୋଗ କରିଛନ୍ତି। ଫଳରେ ଚିକିତ୍ସା ଅଭାବରୁ ଶିଶୁକନ୍ୟାର ମୃତ୍ୟୁ ଘଟିଲା ବୋଲି ସେ କହିଛନ୍ତି। କୌଣସି ପ୍ରକାରେ ସ୍ୱାମୀ ସ୍ତ୍ରୀ ସେଠାରୁ ଖସି ପଳାଇ ଆସିଛନ୍ତି। ଅନ୍ୟ କେତେଜଣ ଇଟାଭାଟିରେ ବନ୍ଧକ ଅଛନ୍ତି। ସେମାନଙ୍କୁ ଉଦ୍ଧାର ସକାଶେ ଶେଷଦେବ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ବିଶ୍ୱ ଅଣୁଜୀବ ନିରୋଧୀ ସଚେତନତା ସପ୍ତାହ ପାଳିତ

ସୋନପୁର,୨୯।୧୧(ନି.ପ୍ର.)

ସୋନପୁର କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ମାଇକ୍ରୋ ବାୟୋଲୋଜିଷ୍ଟ ସୋସାଇଟି ଅଫ୍ ଇଣ୍ଡିଆ ୟୁନିଟ୍ ତରଫରୁ ବିଶ୍ୱ ଅଣୁଜୀବ ନିରୋଧି ସଚେତନତା ସପ୍ତାହ ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦୂର ସଞ୍ଚାର ମାଧମରେ ଅନୁଷ୍ଠିତ ଆଲୋଚନାଚକ୍ରରେ କଲେଜର ଅଧକ୍ଷ ପ୍ରଫେସର ରାଜୀବ ଲୋଚନ ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। ମହାବିଦ୍ୟାଳୟ ମାଇକ୍ରୋ ବାୟୋଲୋଜିଷ୍ଟ ସୋସାଇଟି ସଂଯୋଜକ ଡକ୍ଟର କମଳ ହରିପାଲ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ସଚେତନତା ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତାଭାବେ ରାଜ୍ୟ ସଭାପତି ପ୍ରଫେସର ନିରଞ୍ଜନ ବେହେରା ଅଣୁଜୀବ ସମ୍ବନ୍ଧୀୟ ତାତ୍ତ୍ୱିକ ଆଲୋଚନା କରିଥିଲେ। ଏ ସମ୍ବନ୍ଧୀୟ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସୂଚିସ୍ମିତା ମେହେର, କୃପାସିନ୍ଧୁ ବେଶ୍ରା ଓ ସିମରନ ପଟ୍ଟନାୟକଙ୍କୁ ପୁରସ୍କୃତ କରାଯାଇଥିଲା।

## ଏମ୍‌ଏନ୍‌ସିସି ସମ୍ବଲପୁର ଚାମ୍ପିୟନ

ଅମରପାଲି,୨୯।୧୧(ଡି.ଏନ.ଏ)

**ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ଖେଳ ପଡିଆରେ ତିନିଦିନ ଧରି ଚାଲିଥିବା ୮ମ ସୁଧିର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପୁରୀ ଓ ଏମ୍‌ଏନ୍‌ସିସି ସମ୍ବଲପୁର ମୁହାଁମୁହିଁ ହୋଇଥିଲେ। ଏଥିରେ ସମ୍ବଲପୁର ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳ ତିନୋଟି ଫର୍ମାଟରେ ହୋଇଥିଲା। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟରେ ନିର୍ଦ୍ଧାରିତ ୧୦ଓଭରରେ ୪ଉଇକେଟ ହରାଇ ୧୫୧ ରନ କରିଥିଲା। ଜବାବରେ ପୁରୀ ଦଳ ୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୭୩ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ସମ୍ବଲପୁର ୫ ଓଭରରେ ୨ଉଇକେଟ ହରାଇ ୩୯ ରନ କରିଥିଲା।ଜବାବରେ ପୁରୀ ଦଳ ଆବଶ୍ୟକ ୪୦ରନକୁ ୪ ଓଭରରେ ୨ ଉଇକେଟ ହରେଇ ସଂଗ୍ରହ କରି ନେଇଥିଲା। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚରେ ବିଜୟୀ ହେବାରୁ ସୁପର-୨ ଓଭର ମ୍ୟାଚ ଖେଳାଯାଇଥିଲା। ଏଥିରେ ପୁରୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨ ଓଭରରେ ୨୧ ରନ କରିଥିବା ବେଳେ ସମ୍ବଲପୁର ୨୨ରନ କରି ବିଜୟୀ ହୋଇଥିଲା। ଫଳରେ ସମ୍ବଲପୁର ଦଳ ୨-୧ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧକ୍ଷ ସନ୍ତୋଷ ଭୋଇ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ, ବାଗବର ସରପଞ୍ଚ ବ୍ୟୋମକେଶ ପଣ୍ଡା, ପ୍ରିୟବ୍ରତ ସାହୁ, ଶ୍ରମିକ ନେତା କର୍ଣ୍ଣରାଜ ପଧାନ, କ୍ରୀଡାବିତ ସପନ ପଧାନ, ରଘୁବୀର ପାଣିଗ୍ରାହୀ, ପୀତାମ୍ବର ପଧାନ, ପ୍ରଶାନ୍ତ ପଧାନ, ସୁଧାଂଶୁ ଶେଖର ପଧାନ ଅତିଥିଭାବେ ଯୋଗଦେଇଥିଲେ। ଛୋଟୁ ଆକାଶଙ୍କୁ ମ୍ୟାନ ଅଫ ଦି ସିରିଜ, ଆସଲାମଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ହୁସେନଙ୍କୁ ଶ୍ରେଷ୍ଠ ଫିଲଡର, ଅମୂଲ୍ୟଙ୍କୁ ଶ୍ରେଷ୍ଠ ସିକ୍ସର ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ସମ୍ବଲପୁର ଦଳକୁ ନଦଦ ୨୫ ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ ପୁରୀ ଦଳକୁ ନଗଦ ୧୮ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇ ଥିଲା।



ଚାମ୍ପିୟନ ସମ୍ବଲପୁର ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

## ନୂତନ ପରୀକ୍ଷା ବ୍ୟବସ୍ଥାରେ ମୂଲ୍ୟାଙ୍କନ ଆରମ୍ଭ

ବରଗଡ଼ ଅଫିସ୍,୨୯।୧୧



ନୂତନ ବ୍ୟବସ୍ଥାରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି।

ବିଗତ ଦୁଇବର୍ଷ ଧରି କରୋନା ଯୋଗୁ ସ୍କୁଲ ପାଠପଢ଼ା, ପରୀକ୍ଷାରେ ଅସୁବିଧା ପରିଲକ୍ଷିତ ହୋଇଥିବାବେଳେ ମାଧ୍ୟମିକ ଶିକ୍ଷା ପରିଷଦ ପାଇଁ ପରୀକ୍ଷା ପରିଚାଳନା ଏକ ଆହ୍ୱାନ ହୋଇଥିଲା। ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଉଦ୍ୟମ ଆରମ୍ଭ କରି ବିଭିନ୍ନ ପର୍ଯ୍ୟାୟରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପରୀକ୍ଷା ପରିଚାଳନା ଓ ଅଭିଜ୍ଞ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଦ୍ୱାରା ପ୍ରଶ୍ନପତ୍ର ପ୍ରସ୍ତୁତ ଆଦି ପ୍ରଶିକ୍ଷଣ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ନବମ, ଦଶମ ଶ୍ରେଣୀ ପାଇଁ ୪ଟି ଲେଖାଏଁ ଗଠନମୂଳକ ମୂଲ୍ୟାଙ୍କନ (ଫର୍ମେଟିଭ ଆସେସ୍‌ମେଣ୍ଟ) ନିଜ ସ୍କୁଲରେ ଏବଂ ବୋର୍ଡ଼ ଦ୍ୱାରା ସାରାଂଶିତ ମୂଲ୍ୟାଙ୍କନ (ସମେଟିଭ୍ ଆସେସମେଣ୍ଟ) ବ୍ୟବସ୍ଥା କରାଯାଇଛି। ଗତ ୨୬ରୁ ୩୦ତାରିଖ ପର୍ଯ୍ୟନ୍ତ ନବମ ଶ୍ରେଣୀର ପ୍ରଥମ ସମେଟିଭ୍ ପରୀକ୍ଷା ବୋର୍ଡ଼ ଦ୍ୱାରା ପରିଚାଳିତ ହେଉଛି। ସୋମବାରଠାରୁ ବରଗଡ଼ ଜିଲାରେ ଏହାର ମୂଲ୍ୟାଙ୍କନ ଆରମ୍ଭ ହୋଇଛି। ଡିସେମ୍ବର ୬ ପର୍ଯ୍ୟନ୍ତ ଏହା ଚାଲିବାର କାର୍ଯ୍ୟକ୍ରମ ରହିଛି।

ଚଳିତବର୍ଷ ପ୍ରଥମଥର ପାଇଁ ନିଜ ସ୍କୁଲରେ ବୋର୍ଡ଼ ଦ୍ୱାରା ପରୀକ୍ଷା ପରିଚାଳିତ ହୋଇ ନ୍ୟୁଟ୍ରାଲ ସ୍କୁଲରେ ଜମା ହେବ ଏବଂ ଉକ୍ତ ସ୍କୁଲକୁ ଯେଉଁ ସ୍କୁଲ ଛାତ୍ରୀଛାତ୍ରଙ୍କ ଖାତା ଆସି ନ ଥିବ ସେହି ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇ ମେଣ୍ଟର ସ୍କୁଲରେ ମାର୍କ ଅପଲୋଡ୍ କରାଯିବା ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ସ୍କୁଲର ପ୍ରଧାନଶିକ୍ଷକ ସ୍ଥାନୀୟ ନୋଡ଼ାଲ ସ୍କୁଲରୁ ପ୍ରଶ୍ନପତ୍ର ଗ୍ରହଣ କରି ନିଜ ସ୍କୁଲରେ ପରୀକ୍ଷା ପରିଚାଳନା ପାଇଁ ବୋର୍ଡ଼ ପକ୍ଷରୁ ନିର୍ଦ୍ଦେଶ ରହିଥିବାବେଳେ ରୋଷ୍ଟର ଡ୍ୟୁଟି ମାଧ୍ୟମରେ ନ୍ୟୁଟ୍ରାଲ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ବିଭିନ୍ନ ସ୍କୁଲରୁ ଆସିଥିବା ଖାତା ପ୍ରଶ୍ନପତ୍ର ଜଗିବା ପାଇଁ ନିର୍ଦ୍ଦେଶ ରହିଛି। ଶିକ୍ଷୟିତ୍ରୀ, ଶିକ୍ଷକ ପୂର୍ବାହ୍ନ ୯ଟାରୁ ସ୍କୁଲକୁ ଆସି ଦିନ ୧ଟା ୩୦ମିନିଟ୍ ପର୍ଯ୍ୟନ୍ତ ପାଠ ପଢ଼ାଉଛନ୍ତି। ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମୂଲ୍ୟାଙ୍କନ କରିବାକୁ ନିର୍ଦ୍ଦେଶ ରହିଛି। ବୋର୍ଡ଼ ପକ୍ଷରୁ ପରିଚାଳିତ ମୂଲ୍ୟାଙ୍କନ ପ୍ରକ୍ରିୟାରେ ପ୍ରଥମଥର ପାଇଁ ଏହାର ଦାୟିତ୍ୱ ବହନ କରିଥିବା ନିରୀକ୍ଷକଙ୍କ ପାଇଁ କୌଣସି ପାରିଶ୍ରମିକ ବ୍ୟବସ୍ଥା ନାହିଁ। ଫଳରେ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ଉନ୍ନୟନମୂଳକ କାର୍ଯ୍ୟ ଶୀଘ୍ର ଶେଷ କରିବା ଉପରେ ଗୁରୁତ୍ୱ

ବୌଦ୍ଧ,୨୯।୧୧(ସ୍ୱ.ପ୍ର.)

**ଜିଲା ଯୋଜନା ବୋର୍ଡ ବୈଠକ**

ଜିଲା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀକକ୍ଷଠାରେ ଜିଲା ଯୋଜନା ବୋର୍ଡ ବୈଠକ ବିଧାୟକ ମହୀଧର ରଣାଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ୨୦୨୧-୨୨ ପାଇଁ ଯୋଜନା ବୋର୍ଡ ବୈଠକର ଆଭିମୁଖ୍ୟ ଉପରେ ବିଧାୟକ ରଣା ଆଲୋକପାତ କରିବା ସହିତ ପୂର୍ବ ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ନିଷ୍ପତ୍ତି ପ୍ରକାରେ ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ କାମ ତ୍ୱରାନ୍ୱିତ କରି ଶୀଘ୍ର ଶେଷ କରିବାକୁ ପରାମର୍ଶ ଦେଇଥିଲେ। ୨୦୨୦-୨୧ ଆର୍ଥିକ ବର୍ଷରେ ୭୨୧ କୋଟି ବାର୍ଷିକ ଯୋଜନା ଅନୁମୋଦନ ହୋଇଥିବା ବେଳେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୮୯୨ କୋଟି ବାର୍ଷିକ ଯୋଜନା ବୈଠକରେ ଅନୁମୋଦନ କରାଯାଇଥିଲା। ସୂଚନା ମୁତାବକ କୃଷି ବିଭାଗକୁ ୩୩୩୬.୫୩୭ କୋଟି, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ପାଇଁ ୧୬୯୬୦.୨୭୨ କୋଟି, ଗ୍ରାମ୍ୟ ଉନ୍ନୟନ ପାଇଁ ୬୫୫୬.୭୬୦ କୋଟି, ସ୍ୱତନ୍ତ୍ର ଅଞ୍ଚଳ କାର୍ଯ୍ୟକ୍ରମ ପାଇଁ ୧୯୦୬.୦୮୦ କୋଟି, ଶକ୍ତି ବିଭାଗ ପାଇଁ ୧୩୩୩.୬୫୩ କୋଟି, ଶିଳ୍ପ ପାଇଁ ୪୮.୮୨୫ କୋଟି, ବିଜ୍ଞାନ ବୈଷୟିକ ଓ ପରିବେଶ ପାଇଁ ୨୦୭୯.୬୪୬ କୋଟି, ସାମାଜିକ ସେବା ପାଇଁ ୪୬୩୧୯.୯୫୧ କୋଟି, ସାଧାରଣ ଆର୍ଥିକ ସେବା ପାଇଁ ୩୪.୧୨୨ କୋଟି ଓ ସାଧାରଣ ସେବା ପାଇଁ ୮୬୫୧.୫୦୦ କୋଟି ଟଙ୍କା ଖର୍ଚ୍ଚ ପାଇଁ ଯୋଜନା ଅନୁମୋଦନ ଲାଭ କରିଥିବା ଜଣାଯାଇଛି। ବୈଠକରେ ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଇମାନୁଏଲ ସୋରେନ ଗୃହକୁ ଏହି ସୂଚନା ପ୍ରଦାନ କରିଥିଲେ। ବୈଠକରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଜନପ୍ରତିନିଧିମାନଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ତାରେଣୀ ମହାପାତ୍ର, ବୌଦ୍ଧ ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ସାହୁ, ସମସ୍ତ ବିଭାଗୀୟ ଅଧିକାରୀ, ପଞ୍ଚାୟତିରାଜ ପ୍ରତନିଧି, ଜନ ପ୍ରତିନିଧି ଉପସ୍ଥିତ ଥିଲେ।

## ୨୨ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ

ବରଗଡ଼ ଅଫିସ୍,୨୯।୧୧

ବରଗଡ଼ ଜିଲାର ୨୨ ରୂପାନ୍ତରିତ ହାଇସ୍କୁଲକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ପର୍ଯ୍ୟାୟରେ ଲୋକାର୍ପଣ କରିଛନ୍ତି। ସୋହେଲା ସରକାରୀ ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ଏହି ଭର୍ଚୁଆଲ ଉଦଘାଟନୀ ସମାରୋହରେ ଜିଲାପାଳ ମୋନିଷା ବାନାର୍ଜୀ ଅଧ୍ୟକ୍ଷତା କରିଥିଲେ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ସ୍କୁଲ ରୂପାନ୍ତରଣ ପ୍ରକଳ୍ପକୁ ଐତିହାସିକ ଓ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଉଲ୍ଲେଖ କରିଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେପୁର ବିଧାୟିକା ରୀତା ସାହୁ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଲେବିଡ଼ି ସରକାରୀ ହାଇସ୍କୁଲର ଛାତ୍ରୀ ସ୍ମୃତିରେଖା ସାହୁ ମଞ୍ଚରେ ଉପସ୍ଥିତ ଥିଲେ। ଡିଇଓ ମିତ୍ରଭାନୁ କଚ୍ଛପ, ପିଡି କୃତ୍ତିବାସ ରାଉତ, ଏଡିଇଓ ଛତ୍ରପତି ସାହୁ ଉପସ୍ଥିତ ଥିଲେ ।

# ହରଭଙ୍ଗା ଜେଏମ୍‌ଏଫସିର ନୂତନ କୋଠା ଲୋକାର୍ପିତ

ବୌଦ୍ଧ/ପୁରୁଣାକଟକ, ୨୯।୧୧(ସ୍ୱ.ପ୍ର./ଡି.ଏନ.ଏ.)




କୋର୍ଟର ନୂତନ କୋଠା ଲୋକାର୍ପଣ ଉତ୍ସବରେ ମଞ୍ଚାସୀନ ଅତିଥି।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକଠାରେ ଥିବା ଜେଏମ୍‌ଏଫସିର ନୂତନ କୋଠା ଲୋକାର୍ପିତ ହୋଇଛି । ସୋମବାର ଆଭାସୀ ଜରିଆରେ ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ.ଏସ.ମୁରଲିଧର ମୁଖ୍ୟଅତିଥିଭାବେ ଯୋଗଦେଇ ଏହି ନୂତନ କୋଠାକୁ ଲୋକାର୍ପିତ କରିଥିଲେ । ହରଭଙ୍ଗା ବ୍ଲକର ଚାରିଛକଠାରେ ଗତ ତା୩୦।୧।୨୦୨୧ ରିଖରେ ନୂତନ ଜେଏମ୍‌ଏଫସି ଖୋଲିଥିଲା। କୋର୍ଟଟି ବ୍ଲକ ପରିସରରେ ଏକ ଅସ୍ଥାୟୀ ଗୃହରେ ଚାଲୁ ରହିଥିଲା । କୋର୍ଟ ପାଇଁ ନୂତନ କୋଠାର ନିର୍ମାଣ କାର୍ଯ୍ୟ ପୋଲିସ ହାଉସିଂ କୋର୍ଟକୁ ଦିଆଯାଇଥିଲା। ବର୍ଷକ ମଧରେ ନୂତନ କୋଠା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା। ଏହି ନୂତନ କୋଠା ଲୋକାର୍ପିତ ଅବସରରେ ମୁଖ୍ୟ ବିଚାରପତି ଡ.ଏସ,ମୂରଲିଧର ଲୋକମାନେ ଯେପରି ଠିକ୍‌ଭାବେ ତ୍ୱରିତ ନ୍ୟାୟ ପାଇପାରିବେ ସେ ନେଇ ଗୁରୁତାରୋପ କରିଥିଲେ।

ସମ୍ମାନିତ ଅତିଥିଭାବେ ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଯୋଗଦେଇ ବର୍ତ୍ତମାନ ରାଜ୍ୟରେ ଜନସାଧାରଣ ଯେପରି ନ୍ୟାୟ ପାଇପାରିବେ ସେ ନେଇ ମୁଖ୍ୟ ବିଚାରପତି ମୂରଲିଧର ସମସ୍ତ ପଦକ୍ଷେପ ଗ୍ରହଣ କରୁଥିବା କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଚାରପତି ସୁଶ୍ରୀ ସାବିତ୍ରୀ ରଥ ଯୋଗଦେଇ ବର୍ତ୍ତମାନ ଟେକନୋଲଜି ଯୁଗରେ କୋର୍ଟଗୁଡିକରେ ଉପଯୁକ୍ତ ସୁବିଧା ରହିପାରିଲେ ଲୋକମାନେ ସୁଚାରୁ ରୂପେ ନ୍ୟାୟ ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଚାରପତି ଶତ୍ରୁଘ୍ନ ପୂଜାହାରୀ, ବିଚାରପତି ଏ.ସିହ୍ନା, ବିଚାରପତି ଆର.କେ ପଟ୍ଟନାୟକ, ଓଡିଶା ଉଚ୍ଚ ନ୍ୟାୟଳୟର ଅନ୍ୟ ବିଚାରପତି, ଜିଲା ଦୌରାଜଜ୍ ସୁଶ୍ରୀ ପ୍ରତିମା ପଣ୍ଡା, ସିଜେଏମ ହୃଷିକେଶ ଆଚାର୍ଯ୍ୟ, ସବଜଜ୍ ଦୁର୍ବାସା ଦୁର୍ଗା, ରେଜିଷ୍ଟ୍ରାର ପ୍ରୀତିଶ କୁମାର ରାଉତରାୟ, ଜେଏମଏଫସି ସୌମ୍ୟା ରାଓ, ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଜିଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ପରେ ନୂତନ କୋଠା ପରିସରରେ ହରଭଙ୍ଗା ବାର ଆସୋସିଏଶନର ସଭାପତି ଅକ୍ଷୟ କୁମାର ସାହୁଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ଦୌରାଜଜ୍ ସୁଶ୍ରୀ ପ୍ରତିମା ପଣ୍ଡା ଯୋଗ ଦେଇ ନ୍ୟାୟ ସମସ୍ତଙ୍କ ପାଇଁ ସମାନ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜେଏମଏଫସି ସୌମ୍ୟା ରାଓ, ଜିଲାପାଳ ମିଶ୍ର ଓ ଆରକ୍ଷୀ ଅଧୀକ୍ଷକ ମହାନ୍ତି, ଜିଲା ଓକିଲ ସଂଘ ସଭାପତି ତାରେଣୀ କୁମାର ମହାପାତ୍ର ଯୋଗ ଦେଇଥିଲେ। ମଙ୍ଗଳବାର ଜିଲା ଦୌରଜଜ୍ ସୁଶ୍ରୀ ପ୍ରତିମା ପଣ୍ଡା କାର୍ଯ୍ୟରୁ ଅବସର ଗ୍ରହଣ କରୁଥିବାରୁ ଓକିଲ ସଂଘ ପକ୍ଷରୁ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା।

## ଭାରସାମ୍ୟ ହରାଇ ଗଛରେ ପିଟି ହେଲା କାର

ବାଉଁଶୁଣୀ, ୨୯।୧୧(ଡି.ଏନ.ଏ.)

ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ନଂ୫୭ର ବୌଦ୍ଧ ଥାନା ଅନ୍ତର୍ଗତ ଜହ୍ନାପଙ୍କ-ତଲିବନ୍ଧ ମଝିରେ ଏକ କାର ରାସ୍ତାକଡ଼ରେ ଥିବା ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। କାର ବୌଦ୍ଧ ପଟୁ ସୋନପୁର ଯାଉଥିଲା। କାର୍‌ରେ ଥିବା ଜଣେ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ତେବେ କାର୍‌ର ଥିବା ଏୟାର ବେଲୁନ ବାହାରି ଯିବାରୁ ଅନ୍ୟ ଯାତ୍ରୀମାନେ ବର୍ତ୍ତିଯାଇଛନ୍ତି।

## ଛତୁଚାଷ ପାଇଁ ମହିଳାଙ୍କୁ ତାଲିମ

କର୍ଲାମୁଣ୍ଡା,(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ପଞ୍ଚାୟତ ସଭାଗୃହଠାରେ ସୋମବାରଠାରୁ ତିନିଦିନିଆ ଛତୁଚାଷ ତାଲିମ ଶିବିର ଆରମ୍ଭ ହୋଇଛି। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆୟୋଜିତ ତାଲିମ ଶିବିରରେ ବ୍ଲକର ରିଷିଡା, ତେରେସିଙ୍ଗା, କର୍ଲାମୁଣ୍ଡା, ଗଜବାହାଲ ଓ ପୌରକେଲା ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଚାଷୀ ଭାଗ ନେଇଛନ୍ତି। ତାଲିମ ଦାତା ଭାବେ କୃଷି ବିଜ୍ଞାନୀ ମଧୁମିତା ଜେନା, ଭବାନୀପାଟଣା ସହକାରୀ ଉଦ୍ୟାନ ଅଧିକାରୀ ଚିତ୍ତରଞ୍ଜନ ମଲ୍ଲିକ, ଗ୍ରାମ୍ୟ କୃଷି କର୍ମୀ ପୀତାମ୍ବର ମାଝି ପ୍ରମୁଖ ଯୋଗଦେଇ ତାଲିମ ଦେଉଛନ୍ତି। ଶିବିରକୁ ଉଦ୍ୟାନ ବିଭାଗ ଓଭରସିୟର ପୂର୍ଣ୍ଣଚନ୍ଦ୍ର ଭୂଇଁଆ ଓ ଉଦ୍ୟାନ ସମ୍ପ୍ରସାରଣ କର୍ମୀ ଟିକୁନୁ ସାହୁ ପରିଚାଳନା କରୁଛନ୍ତି।

## ସଂକ୍ଷେପରେ

### ଧବଳେଶ୍ୱର ମନ୍ଦିରରେ ଶିବଲିଙ୍ଗ ସ୍ଥାପନ

ଲାଠୋର,୨୯।୧୧(ଡିଏନ.ଏ.): ବଲାଙ୍ଗୀର ଜିଲା ଲାଠୋର ଧବଳେଶ୍ୱର ମନ୍ଦିରରୁ ଗତ ନଭେମ୍ବର ୧୯ ରାତରେ ଶିବଲିଙ୍ଗ ଚୋରି ହୋଇଯାଇଥିଲା। ଲିଙ୍ଗ ଚୋରି ହେବା ଦିନଠାରୁ ମନ୍ଦିରରେ ପୂଜାର୍ଚ୍ଚନା ବନ୍ଦ ରହିଥିଲା। ଗ୍ରାମର ଶଙ୍କରଲାଲ ଅଗ୍ରୱାଲ, ଜଗନ୍ନାଥ ଅଗ୍ରୱାଲ, ଅଲେଖ ଅଗ୍ରୱାଲ ଏବଂ ରାମ ମନ୍ଦିର ପୂଜକ ଶ୍ରୀକାନ୍ତ ପାଢୀ ଅମରକଣ୍ଟକରୁ ଶିବଲିଙ୍ଗ ଗ୍ରାମକୁ ଆଣିଥିଲେ। ସୋମବାର ସକାଳେ ଏକ ଭକ୍ତିମୟ ପରିବେଶରେ ନାମ ସଂକୀର୍ତ୍ତନ ନ ସହ ଗ୍ରାମ ପରିକ୍ରମା କରି ଗ୍ରାମବାସୀ ଶିବଲିଙ୍ଗକୁ ଧବଳେଶ୍ୱର ମନ୍ଦିରରେ ଅଭିଷେକ କରି ସ୍ଥାପନ କରିଥିଲେ। ଏହି ଅବସରରେ ସରପଞ୍ଚ ପ୍ରବିଣ ଅଗ୍ରୱାଲଙ୍କ ସହ ଗ୍ରାମର ହରେକୃଷ୍ଣ ଭଇଁଷାଲ, ଗୌରାଙ୍ଗ ସାହୁ, ହରି ବାରିକ, ରାଧେଶ୍ୟାମ ମେହେର, ଦିନେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ମଠାଧୀଶ ଯୁଗେଶ୍ୱର ଦାସଙ୍କ ପରଲୋକ

ମୁରିବାହାଲ,୨୯।୧୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବଜାରପଡାସ୍ଥିତ ମହିମା ଆଶ୍ରମର ମୁଖ୍ୟ ମଠାଧୀଶ ସାଧୁ ଯୁଗେଶ୍ୱର ଦାସ (୭୨)ଙ୍କର ରବିବାର ମୃତ୍ୟୁ ଘଟିଛି। ସାଧୁ ଶ୍ରୀଦାସ ମୁରିବାହାଲ ଗ୍ରାମରେ ୧୯୯୦ ମସିହାରେ ମଠ ନିର୍ମାଣ କରି ମହିମା ଧର୍ମ ପ୍ରଚାର ପ୍ରସାର ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବାବା ମୁରିବାହାଲ ସରସତୀ ଶିଶୁମନ୍ଦିର ନିର୍ମାଣରେ ନିଜ ଜମିଦାନ କରିଥିଲେ। ଦୀର୍ଘଦିନ ଧରି ଶିଶୁମନ୍ଦିରର ସଭାପତି ଓ ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ବହୁ ଶ୍ରଦ୍ଧାଳୁ ଓ ମାନ୍ୟଗଣ୍ୟ ବ୍ୟକ୍ତି ମୁରିବାହାଲ ମହିମା ଆଶ୍ରମରେ ତାଙ୍କର ଶେଷ ଦର୍ଶନ କରିଥିଲେ। ସୋମବାର ଆଶ୍ରମରେ ଏକ ସ୍ମୃତିସଭା ସ୍ଆୟୋଜନ କରାଯାଇଥିଲା। ପରେ ମହିମା ଧର୍ମ ଅନୁସାରେ ବାବାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ବିନପୁର ଚାମ୍ପିୟନ

ବୋଡେନ,୨୯।୧୧(ଡି.ଏନ.ଏ.): ନୂଆପଡା ଜିଲା ବୋଡେନ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ଅଶ୍ୱନୀ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ବିନପୁର ଓ ଖଇରପଦର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିନପୁର ଦଳ ୨-୦ ଗୋଲରେ ବିଜୟୀ ହୋଇ ଟାଇଟଲ ଅର୍ଜନ କରିଛି। ଚାମ୍ପିୟନ ବିନପୁର ଦଳକୁ ଟ୍ରଫି ସହ ପୁରସ୍କାର ରାଶି ଏବଂ ରନର୍ସଅପ୍ ଖଇରପଦର ଦଳକୁ ଟ୍ରଫି ସହ ରାଶି ପ୍ରଦାନ କରାଯାଇଥିଲା। ଉକ୍ତ ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ମା' ଦ୍ୱରଶନୀ ଫୁଟବଲ କ୍ଲବ ଦ୍ୱାରା ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହମ୍ମଦ ରହେମାନ, ସମ୍ମାନିତ ଅତିଥି ଭାବେ ଦିନେଶ ତିୱାରି, ଯୋଗିନ୍ଦ୍ର ମାଝି, ଆଇଆଇସି ଦିଲୀପ ଲାକ୍ରା, ଏସଆଇ ପର୍ଶୁରାମ ଛତ୍ରିଆ, ସନ୍ତୋଷ ବିଶି, ହେମକାନ୍ତି ଦୁରିଆ, ପର୍ଶୁରାମ ସେଠି, ପୂର୍ବତନ ବରିଷ୍ଠ ଖେଳାଳି ଅବଦୁଲ ରହେମାନ, ପାଟଦରା ଫରେଷ୍ଟର ମେଘନାଥ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ସଂଯୋଜକ ବୈଷ୍ଣବ ଦୁରିଆ ମଞ୍ଚ ପରିଚାଳନା କରିଥିଲେ। କମିଟି ସଭାପତି ସୁବୋଧ ମାଝି, ସମ୍ପାଦକ କାହ୍ନୁଚରଣ ସୁନାନୀ ଓ କମିଟି ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଚାଷୀଙ୍କୁ ଦଳି ମାରିଦେଲା ହାତୀ

ଲୋଇସିଂହା,୨୯।୧୧(ଡି.ଏନ.ଏ.)

■ଉତ୍ତେଜନା, ଫରେଷ୍ଟ ଗାର୍ଡଙ୍କୁ ଆକ୍ରମଣ

■୫ବର୍ଷ ତଳେ ମୃତକଙ୍କ ବାପା ହାତୀ ଆକ୍ରମଣରେ ଗୁରୁତର ହୋଇଥିଲେ

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଭାଲୁପାଲି ଗ୍ରାମରେ ହାତୀ ଆକ୍ରମଣରେ ସୋମବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ଗୋପାଳ ପୋଢ(୪୮)। ବନ ବିଭାଗ ଅବହେଳାରୁ ଜଣେ ଚାଷୀଙ୍କ ଜୀବନ ଯାଇଥିବା ଅଭିଯୋଗ କରି ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକଙ୍କ ଆକ୍ରମଣରେ ଫରେଷ୍ଟ ଗାର୍ଡ ଚିନ୍ମୟ ପଧାନ ଆହତ ହୋଇଥିଲେ। ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରେ ପୋଲିସ ଚାଷୀଙ୍କ ମୃତଦେହ ବ୍ୟବଚ୍ଛେଦ କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା(୨୭/୨୧) ରୁଜୁ ହୋଇଛି। ବନ ବିଭାଗ ପକ୍ଷରୁ ରେଞ୍ଜର ଆଲୋକ ମାଝି ମୃତକଙ୍କ ସ୍ତ୍ରୀ ବାସନ୍ତି ପୋଢଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ବାବଦ ୪ଲକ୍ଷ ଟଙ୍କାରୁ ପ୍ରାରମ୍ଭିକ ଭାବେ ୪୦ହଜାର ଟଙ୍କା ଏବଂ ରେଡକ୍ରସରୁ ତହସିଲଦାର ସଂଘମିତ୍ରା କାଲୋ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

ଗତ କିଛିଦିନ ହେଲା ଭାଲୁପାଲି ଅଞ୍ଚଳରେ ୩୩ଟିକିଆ ହାତୀପଲ ଉପଦ୍ରବ ଚଳାଇଛନ୍ତି। ରବିବାର ରାତିରେ ହାତୀପଲ ବୁର୍ଡା, ଲୁହୁରାପାଲି, ଘୁଷୁରାମୁଣ୍ଡା, ଯୋଗୀସର୍ଡାରେ ଚାଷୀଙ୍କ ଖେତରେ ଥିବା ଧାନ ଖାଇବା ସହ ଦଳିଚକଟି ନଷ୍ଟ କରିଥିଲେ। ଉକ୍ତ ହାତୀପଲ ସୋମବାର ସକାଳ ପ୍ରାୟ ସାଢେ ୬ଟାରେ ଭାଲୁପାଲି ନିକଟ ରମାଇ ପାହାଡକୁ ଫେରୁଥିଲେ। ଏତିକି ବେଳେ ଗୋପାଳ ତାଙ୍କ ଝାଙ୍କରବାହାଲିସ୍ଥିତ ଖେତକୁ ଯାଇଥିବା ବେଳେ ହାତୀପଲ ହାବୁଡରେ ପଡିଯାଇଥିଲେ। ଦୌଡି ପଳାଇବା ଉଦ୍ୟମ କଲାବେଳେ ସେ ଖେତରେ ପଡିଯିବାରୁ ଏକ ହାତୀ ତାଙ୍କୁ ଦଳି ମାରି ଦେଇଥିଲା। ପରେ ହାତୀପଲ ଭାଲୁପାଲି-ଭାଲିଆମୁଣ୍ଡା ପ୍ରଧାନମନ୍ତ୍ରୀ ସଡକ ଦେଇ ପଳାଇ ଯାଇଥିଲେ। ଏହି ରାସ୍ତାରେ ସେତେବେଳେ ଶୌଚ ସାରି ସାଇକେଲରେ ଫେରୁଥିବା ଗ୍ରାମର ପ୍ରଶାନ୍ତ ମିଶ୍ର ହାତୀପଲ ସାମନାକୁ ଆସି ଯାଇଥିଲେ। ହେଲେ ସେ ସାଇକେଲ ଛାଡି ଦୌଡି ପଳାଇବାରୁ କୌଣସିମତେ ଜୀବନ ବଞ୍ଚାଇଥିଲେ। ଏହି ଦୁଇଟି ଖବର ସ୍ଥାନୀୟ ଅଞ୍ଚଳରେ ପ୍ରଚାରିତ ହେବା ପରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏଥିପାଇଁ ବନ ବିଭାଗକୁ ଦାୟୀ କରି ଲୋକେ ଚାଷୀଙ୍କ ମୃତଦେହ ପଡିଥିବା ଖେତ ନିକଟରେ ହୋହଲ୍ଲା କରିଥିଲେ। ସୂଚନା ଦେବାର ୨ଘଣ୍ଟା ପରେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବାରୁ ଲୋକେ ଉତ୍ତେଜିତ ହୋଇ ଫରେଷ୍ଟ ଗାର୍ଡ ପଧାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସେ ଚେତାଶୂନ୍ୟ ହୋଇ ଯାଇଥିଲେ। ଆଇଆଇସି ରମାକାନ୍ତ ଜେନା ଓ ଷ୍ଟାଫ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଖବର ପାଇ ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗ, ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା, ପୂର୍ବତନ ସରପଞ୍ଚ ହୃଦୟାନନ୍ଦ ବେହେରା, ବୀରବଲ ଧରୁଆ ସେଠରେ ପହଞ୍ଚି ହାତୀ ଉପଦ୍ରବର ସ୍ଥାୟୀ ସମାଧାନ, ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା, ମୃତକଙ୍କ ପରିବାରର ଜଣଙ୍କୁ ଚାକିରି ଓ ଅନ୍ୟାନ୍ୟ ସରକାରୀ ସୁବିଧା ଦେବାକୁ ଦାବି କରିଥିଲେ। ସୂଚନାଯୋଗ୍ୟ ଯେ, ପାଞ୍ଚବର୍ଷ ତଳେ ମୃତ ଗୋପାଳଙ୍କ ବାପା ଅଇଁଠୁ ପୋଢ ଯୋଗୀସର୍ଡାରୁ ଫେରୁଥିବାବେଳେ ଗାଁ ସ୍କୁଲ ନିକଟରେ ହାତୀ ଆକ୍ରମଣରେ ଗୁରୁତର ହୋଇଥିଲେ। ମୃତକଙ୍କ ସ୍ତ୍ରୀ ଓ ତିନିପିଲା ଅଛନ୍ତି।



ହାତୀ ଆକ୍ରମଣରେ ଚାଷୀଙ୍କ ମତ୍ୟୁ ପରେ ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ।

## ଫସଲ ନଷ୍ଟ କଲେ ହାତୀପଲ

ବଲାଙ୍ଗୀର ଜିଲା ଲୋଇସିଂହା ବନାଞ୍ଚଳରେ ହାତୀ ଉପଦ୍ରବ ଥମିବାର ନା ନେଉନାହିଁ। ରବିବାର ରାତିରେ ବୁର୍ଡା, ଘୁଷୁରାମୁଣ୍ଡା, ଲୁହୁରାପାଲି, କରନପାଲି, ଯୋଗୀସର୍ଡା, ଭାଲୁପାଲିରେ ହାତୀପଲ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ବୁର୍ଡା-ଲୁହୁରାପାଲି ସୀମାନ୍ତରେ ଥିବା ବୁର୍ଡା ଗ୍ରାମର ବିଦେଶୀ ନାଏକଙ୍କ ଖେତରେ ହାତୀପଲ ଅମଳ ଧାନକୁ ମାଡିଚକଟି ନଷ୍ଟ କରି ଦେଇଛନ୍ତି। ସେହି ସ୍ଥାନରେ ଥିବା ଡିଙ୍ଗର ନାଏକଙ୍କ କୁରୁମାକୁ ବି ହାତୀପଲ ଭାଙ୍ଗି ଦେଇଛନ୍ତି। ତେବେ କୌଣସିମତେ ହାତୀ ଆକ୍ରମଣରୁ ସେ ବର୍ତ୍ତି ଯାଇଥିବା ସେ କହିଛନ୍ତି। ସେହିପରି ଲୁହୁରାପାଲି, କରନପାଲି ଗାଁର ଚାଷୀଙ୍କ ଫସଲ ହାତୀ ଉପଦ୍ରବରେ ନଷ୍ଟ ହୋଇଛି। ଯୋଗୀସର୍ଡା ଗ୍ରାମର ଚନ୍ଦ୍ରକାନ୍ତ ମିଶ୍ରଙ୍କ ଅଢେଇ ଏକର ଫସଲ କ୍ଷତିଗ୍ରସ୍ତ ହୋଇଛି। ଭଲୁପାଲି ମୌଜାରେ ଥିବା ଭାଲିଆମୁଣ୍ଡାର ଚୈତନ୍ୟ କର୍ମୀଙ୍କ ଖେତକୁ ହାତୀପଲ ମାଡିଚକଟି ନଷ୍ଟ କରିଥିବା ସେ ଅଭିଯୋଗ କରିଛନ୍ତି।



## ଗଞ୍ଜେଇ ଜବତ, ୨ ମହିଳା ଗିରଫ

ନୂଆପଡ଼ା ଅଫିସ,୨୯।୧୧

ଗଞ୍ଜେଇ ଚାଲାଣ ଅଭିଯୋଗରେ ନୂଆପଡ଼ା ଜିଲା ସିନାପାଲି ଅବକାରୀ ବିଭାଗ ୨ଜଣ ମହିଳାଙ୍କୁ ଗିରଫ କରିଛି। ଗିରଫ ୨ ମହିଳା ଛତିଶଗଡ ରାଜ୍ୟର ବୋଲି ଜଣାପଡ଼ିଛି। ସୋମବାର ସିନାପାଲି ଅବକାରୀ ବିଭାଗ ପାଟ୍ରୋଲିଂ ଟିମ୍ ସ୍ଥାନୀୟ ବସଷ୍ଟାଣ୍ଡରେ ଜଣେ ମହିଳା ବ୍ୟାଗ ଧରି ଛିଡା ହୋଇଥିବା ଦେଖି ସନ୍ଦେହରେ ପଚାରାଉଚରା କରିଥିଲେ। ତାଙ୍କ ବ୍ୟାଗ ଯାଞ୍ଚ କରିବାରୁ ୪ କି.ଗ୍ରା. ଗଞ୍ଜେଇ ମିଳିଥିଲା। ସେହିପରି ଖଡିଆଳ ଅବକାରୀ ବିଭାଗ ପାଟ୍ରୋଲିଂ ଟିମ୍ ଉଦ୍ୟାନବନ୍ଧ ଜେଠୁପାଲି ଛକଠାରେ ଜଣେ ମହିଳାଙ୍କ ଉପରେ ସନ୍ଦେହରେ ଯାଞ୍ଚ କରିବାରୁ ସେ ରଖିଥିବା ପ୍ଲାଷ୍ଟିକ ଅଖାରୁ ୪ କି.ଗ୍ରା. ଗଞ୍ଜେଇ ଜବତ କରିଥିଲେ।

## ଗୋଣ୍ଡ ସମାଜର ବ୍ଲକସ୍ତରୀୟ ସମାବେଶ

ଖପ୍ରାଖୋଲ, ୨୯।୧୧(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଚଚରାଭଟା ଗାଁରେ ଗୋଣ୍ଡ ସମାଜର ବ୍ଲକସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଦେବଦର୍ଶନ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ନବନିର୍ବାଚିତ ସଭାପତି ଓ ସଭ୍ୟମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତିଥିଭାବେ ଉଗତଜିତ ମାଝି, ବିପ୍ର ବିଶି, ଟିକେଶ୍ୱର ଧାରୁଆ, ଗୋପାଳ ଧରୁଆ, କୁଳମଣି ଧରୁଆ, ଶଶୀରେଖା ଧରୁଆ, ଧରମ ସିଂ ଧରୁଆ ଯୋଗଦେଇଥିଲେ।

## କର୍ଲାମୁଣ୍ଡା ମଣ୍ଡି ଉଦ୍‌ଘାଟିତ

କର୍ଲାମୁଣ୍ଡା,୨୯।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଥିବା ୩ଟି ସମବାୟ ସମିତି ମଧ୍ୟରୁ ସୋମବାର କର୍ଲାମୁଣ୍ଡା ଓ ଜୋରାଡବରା ସମବାୟ ସମିତି ଜରିଆରେ ଧାନ ମଣ୍ଡି ଉଦ୍‌ଘାଟନ ହୋଇଯାଇଛି। କର୍ଲାମୁଣ୍ଡା ମଣ୍ଡିରେ ଆରଏମସି ସମ୍ପାଦକ ସନ୍ତୋଷ କୁମାର ସାହା, ଚାଷୀ ନେତା ଗୋବର୍ଦ୍ଧନ ଭୋଇ, ଶେଷ ଦେବ ସାହୁ, ସମ୍ପାଦକ ଭବାନୀ ଶଙ୍କର ସାହୁ, ଡିଇଓ ଅଚିନ ଅନୁଭବ ଷଡଙ୍ଗୀ ଓ ବିଜୟ କୁମାର ସାହୁ, ଅକ୍ଷୟ ସାହୁ ପ୍ରମୁଖ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏହି ବ୍ଲକରେ କର୍ଲାମୁଣ୍ଡା ସମବାୟ ସମିତିରେ ୨୪୭୦ଜଣ ଚାଷୀ, ରିଷିଡା ସମବାୟ ସମିତିରେ ୧୨୩୬ଜଣ ଓ ଜୋରାଡବରା ସମବାୟ ସମିତିରେ ୧୩୩୯ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ପଞ୍ଜୀକୃତ କରିଥିବା ସମ୍ପାଦକ ଭବାନୀ ଶଙ୍କର ସାହୁ ସୂଚନା ଦେଇଛନ୍ତି।

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସା ହେବ

ଭବାନୀପାଟଣା,୨୯।୧୧(ସ୍ୱ.ପ୍ର.)

ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିବା ଘଟଣା

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ମାଡିଗୁଡା ପଞ୍ଚାୟତ ଚିକିଲି ଗ୍ରାମର ଅନୀଲ ଶିଖା (୩୦) ନାମକ ଜଣେ ଯୁବକ ଏକ ସଡକ ଦୁର୍ଘଟଣାରେ ମେରୁଦଣ୍ଡରେ ଆଘାତ ପାଇଁ ଅର୍କମଣ୍ୟ ହୋଇ ଅସହାୟ ଭାବେ ଜୀବନ ଯାପନ କରୁଥିଲେ। ଏହାକୁ ନେଇ ସେ ଦୁଃଖରେ ଭାଙ୍ଗିପଡି ଇଚ୍ଛାମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କଠାରେ ଆବେଦନ କରିଥିଲେ। ତାଙ୍କ ଏହି ଦୁଃଖଦ ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଘଟଣା ସ୍ଥଳକୁ ସ୍ୱାସ୍ଥ୍ୟବିଭାଗ ଅଧିକାରୀମାନେ ପହଞ୍ଚି ଅନୀଲଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଛନ୍ତି। ସେହିପରି ଅନୀଲଙ୍କ ଚିକିତ୍ସା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହେବ ବୋଲି ଜଣାପଡିଛି। ଏଥିପାଇଁ ତାଙ୍କୁ ବିଶାଖାପାଟଣା ମେଡିକେୟାର ଡାକ୍ତରଖାନାକୁ ସ୍ଥାନାନ୍ତର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ପ୍ରକାଶ ଯେ, ୨୦୧୫ ଡିସେମ୍ବରରେ ଅନୀଲ କୋଚିଂ ସାରି ଭବାନୀପାଟଣାରୁ ଫେରୁଥିବା ବେଳେ ଏକ ସଡକ ଦୁର୍ଘଟଣାରେ ଗୁରୁତର ଆହାତ ହୋଇଥିଲେ। ତାଙ୍କର ମେରୁଦଣ୍ଡ ଭାଙ୍ଗିଯାଇଥିବାରୁ ବସିବା, ଉଠିବା, ଚାଲିବା ସମ୍ଭବ ହୋଇପାରୁ ନ ଥିଲା। ୬ ବର୍ଷ ହେଲା ଶର୍ଯ୍ୟାଶାୟୀ ହୋଇ ଯନ୍ତ୍ରଣା ଦାୟକ ଜୀବନ ବିତାଉଥିଲେ।



ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଅନୀଲଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝୁଛନ୍ତି।

## ଫଲସାଭଦରୀରୁ ଜବରଦଖଲ ଉଚ୍ଛେଦ

ବଲାଙ୍ଗୀର ଅଫିସ, ୨୯।୧୧

ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଅଫିସର୍ସ କଲୋନୀ ନିକଟସ୍ଥ ଫଲସାଭଦରୀ ଅଞ୍ଚଳରୁ ସୋମବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଜିଲା ପ୍ରଶାସନ, ମ୍ୟୁନିସିପାଲିଟି ଏବଂ ତହସିଲ ପକ୍ଷରୁ ମିଳିତଭାବେ ଏଠାରେ ଥିବା ୧୪୫ପରିବାରଙ୍କ ବେଆଇନ ଘର ଭଙ୍ଗାଯାଇଥିଲା। ସରକାରୀ ଜମିରେ ଏହି ଲୋକେ ଘର କରି ମାଡି ବସିଥିଲେ। ଦୁଇଦିନ ପୂର୍ବରୁ ଏହି ପଡାବାସୀଙ୍କୁ ପ୍ରଶାସନ ପକ୍ଷରୁ ଘର ଖାଲି କରିବାକୁ ନୋଟିସ୍ ଦିଆଯାଇଥିଲା। ଏହାର ପ୍ରତିବାଦ କରି ପଡାବାସୀ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତେବେ ପ୍ରଶାସନ ପକ୍ଷରୁ ଗରିବ ଲୋକଙ୍କୁ ଥଇଥାନ କରାଯିବା ପ୍ରତିଶ୍ରୁତି ଦିଆଯାଇଥିଲା। ସୋମବାର ସକାଳୁ ପ୍ରଶାସନ ପକ୍ଷରୁ ଜେସିବିରେ ଏହି ଅଞ୍ଚଳରେ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଥିଲା। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ତହସିଲଦାର ମଘବନ ବାଗ, ନିଜାରତ ଅଫିସର ଗୁରେଶ୍ୱର ଭୋଇ ଉପସ୍ଥିତ ରହି ଉଚ୍ଛେଦ କାର୍ଯ୍ୟ ତଦାରଖ କରିଥିଲେ। ପ୍ରଶାସନ ପକ୍ଷରୁ ଗରିବ ଲୋକଙ୍କୁ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା।



ଫଲସାଭଦ୍ରୀ ଠାରେ ପ୍ରଶାସନ ପକ୍ଷରୁ ଜବରଜଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଛି।

୧୪୫ ପରିବାର ପ୍ରଭାବିତ

## ଘଣ୍ଟାସୁନୀ ଫୁଟ୍‌ବଲ: କଣ୍ଟାବାଞ୍ଜି ଚାମ୍ପିୟନ

ଟିଟିଲାଗଡ଼,୨୯।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ସିହିନି ଗ୍ରାମସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡିଆରେ ଚାଲିଥିବା ଘଣ୍ଟାସୁନୀ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଦିବସ ଖେଳରେ କଣ୍ଟାବାଞ୍ଜି ଦଳ ପ୍ରତିପକ୍ଷ ବଡମାଲକୁ ୨-୦ ଗୋଲରେ ପରାଜିତ କରି ଚାମ୍ପିୟନ ବିବେଚିତ ହୋଇଛି। ଅତିଥିଭାବେ ଚଳଚ୍ଚିତ୍ର ନିର୍ମାତା ଜିତେନ୍ଦ୍ର ମିଶ୍ର, ପୂର୍ବତନ ମିଷ୍ଟର ଇଣ୍ଡିଆ ସନ୍ତୋଷ ମହାନ୍ତି, ଯୁବଦ୍ୟୋଗୀ ସିତମ ବେଦବାକ, ସରପଞ୍ଚ ବୀରବର ସାହୁ, ରାଜ୍ୟ ସଂରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ହରିନାରାୟଣ ମିଶ୍ର, ଦୟାରାମ ଅଗ୍ରୱାଲ, ସଞ୍ଜିବ ସାହୁ, ନରେଶ ଅଗ୍ରୱାଲ ଯୋଗଦେଇଥିଲେ। ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ତଥା ଅର୍ଥରାଶି ପୁରସ୍କୃତ କରିଥିଲେ। ଛବି ନାୟକ, ଚଞ୍ଚଳ ମାଝୀ, ନରେଶ ବିଶି ଖେଳ ପରିଚାଳନା କରିଥିଲେ।



ବିଜେତା ଏବଂ ଉପବିଜେତା ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ବ୍ଲକ ଗାଁ ସାଥୀ ସଂଘ ବୈଠକ

ଲୋଇସିଂହା,୨୯।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗାଁ ସାଥୀ ସଂଘର ଏକ ବୈଠକ ବ୍ଲକ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ହିମାଞ୍ଚଳ ମେହେରଙ୍କ ଅଧ୍ୟକ୍ଷତାରେ ଜିଲା ସଭାପତି ସଞ୍ଜ ଗଡତ୍ୟା ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱରଠାରେ ବିଭିନ୍ନ ଦାବି ନେଇ ସଂଘ ପକ୍ଷରୁ ଚାଲିଥିବା ସତ୍ୟାଗ୍ରହ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ଡିସେମ୍ବର ୬ ତାରିଖରେ ୨ଲକ୍ଷ ଗାଁ ସାଥୀଙ୍କ ସମାବେଶ ରହିଥିବାରୁ ଜିଲାରୁ ବହୁ ସଂଖ୍ୟାରେ ଯୋଗଦାନ କରି ସଂଘର ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ସମ୍ପାଦକ ଆନନ୍ଦ ମିଶ୍ର, କୋଷାଧ୍ୟକ୍ଷ ରମେଶ ବିଶ୍ୱାଳ, ଶମ୍ଭୁ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସତ୍ୟନାରାୟଣ ବେହେରାଙ୍କ ବିୟୋଗରେ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ବଲାଙ୍ଗୀର ଅଫିସ, ୨୯।୧୧

ସିନେ ଅଭିନେତା, ବରିଷ୍ଠ ମଞ୍ଚ କଳାକାର ତଥା ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ ପ୍ରତିଷ୍ଠାତା ସଭାପତି ସତ୍ୟନାରାୟଣ ବେହେରାଙ୍କ ସୋମବାର ପରଲୋକ ଘଟିଛି। ବିଧାୟକ ନରସିଂହ ମିଶ୍ର, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ, ପ୍ରଫେସର ମଧୁସୂଦନ ପତି, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଶିକ୍ଷାବିତ୍ ସନାତନ ଠାକୁର ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ଆଡଭୋକେଟ ଅମରେନ୍ଦ୍ର ମିଶ୍ର, ସୁରୁଲାଲ ମଟାରୀ, ମଦନ ରଥ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଜିଲା ସାମ୍ବାଦିକ ସଂଘ ସଭାପତି ହରିନାରାୟଣ ପୂଜାରୀ, ବଳକରାମ ମିଶ୍ର, ବିଜୟ କୁମାର ଶତପଥୀ, ଡା ବାସୁଦେବ ପତି, ହେମନ୍ତ ପଣ୍ଡା, ରବିଶଙ୍କର ପାଣ୍ଡିଆ ଶୋକବ୍ୟକ୍ତ କରିଛନ୍ତି।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ବିନିକାକୁ ଟାଇଟଲ

ଲୋଇସିଂହା,୨୯।୧୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ପଞ୍ଚାୟତ ଅନ୍ତର୍ଗତ ପାଣ୍ଡେସରା ମା ଚେଲିଆପାଟ ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ବିନକା ଓ ବାଇଗଣଖାରି ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସିତ ରହିବାରୁ ରେଫରି ଟାଇବ୍ରେକରର ସହଯତା ନେଇଥିଲେ। ଏଥିରେ ୫-୪ ଗୋଲରେ ବିନିକା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ ମୁଖ୍ୟ ଅତିଥି, ଭରସୁଜା ସରପଞ୍ଚ ଗଣେଶ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ବିନିକା ଦଳକୁ ୭ ହଜାର ଟଙ୍କା ଓ ରନର୍ସ ଅପ ବାଇଗଣଖାରି ଦଳକୁ ୫ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ।



ଅତିଥିଙ୍କଠାରୁ ପୁରସ୍କୃତ ଚାମ୍ପିୟନ ବିନକା ଦଳର ଖେଳାଳିମାନେ।

## ବିଭିନ୍ନ ସରକାରୀ ଯୋଜନା ପହଞ୍ଚାଇବା ପାଇଁ ସ୍ୱତନ୍ତ୍ର ଶିବିର

ନୂଆପଡ଼ା ଅଫିସ,୨୯।୧୧

ଆରମ୍ଭ ହେଲା ଆଧାର ପଞ୍ଜୀକରଣ, ସଂଶୋଧନ

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମିଛାପାଲି ଆବାସିକ ବାଳକ ବିଦ୍ୟାଳୟଠାରେ ଜିଲା ପ୍ରଶାସନ ପକ୍ଷରୁ ଆଧାର ପଞ୍ଜୀକରଣ ଓ ସଂଶୋଧନ ଶିବିର ସୋମବାରଠାରୁ ଆରମ୍ଭ ହୋଇଯାଇଛି। ଜିଲାପାଳ ସ୍ୱାଧାଦେବ ସିଂ ଶିବିର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, କୋମନା ବିଡିଓ ସୁଶାନ୍ତ କୁମାର ରଣା, ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ ହିମାଂଶୁ ମହାପାତ୍ର, ସୁନାବେଡା ସରପଞ୍ଚ ତିଲସିଂ ଝାଙ୍କର, ମିଛାପାଲି ସରପଞ୍ଚ ରତ୍ନେଦେଇ ମାଝି, ସୋସେଙ୍ଗ ସରପଞ୍ଚ ଦୌପଦୀ ପ୍ରହରିଆ, ସମିତି ସଭ୍ୟ ଗୁଣନିଧି ମାଝି, କାଳିଆ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସୁନାବେଡା ଅଭୟାରଣ୍ୟ ଭିତରେ ଛୋଟବଡ ୫୨ ଗାଁ ରହିଥିବା ବେଳେ ସେଥିମଧ୍ୟରୁ ୨୪ ରାଜସ୍ୱ ଗ୍ରାମ ରହିଛି। ମାଓବାଦୀ ଅଧ୍ୟୁଷିତ ଅଭୟାରଣ୍ୟ ମଧ୍ୟରେ ବାସ କରୁଥିବା ଆଦିମ ଅଧିବାସୀ ଭୋଟଦାନ ପ୍ରକ୍ରିୟାରେ ସାମିଲ ହୋଇ ଆସୁଛନ୍ତି। କିନ୍ତୁ ଏଯାଏଁ ମଧ୍ୟ ସେମାନଙ୍କ ନିଜସ୍ୱ ଆଧାର ପରିଚୟ ପତ୍ର ନାହିଁ। ଅନେକ ଲୋକ ବ୍ୟାଙ୍କ ସୁବିଧା ବିଷୟରେ ଜାଣି ନାହାନ୍ତି। ଜିଲା ପ୍ରଶାସନ ପକ୍ଷରୁ ସୁନାବେଡାରେ କାର୍ଯ୍ୟରତ ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥାଙ୍କ ତତ୍ତ୍ୱାବଧାନରେ ସୁନାବେଡା ଓ ସୋସେଙ୍ଗ ପଞ୍ଚାୟତବାସୀଙ୍କ ଆଧାର ପଞ୍ଜୀକରଣ ହୋଇ ନ ଥିବା ବ୍ୟକ୍ତିଙ୍କ ଆଧାର ପଞ୍ଜୀକରଣ, ବ୍ୟାଙ୍କ ଖାତା ଖୋଲିବା, କୋଭିଡ୍ ଟିକା ନ ନେଇଥିବା ଲୋକଙ୍କୁ ଟିକାକରଣ, କୋଭିଡ୍ ପରୀକ୍ଷା କରିବା ସହିତ ବିଭିନ୍ନ ସରକାରୀ ଯୋଜନା ସେମାନଙ୍କ ପାଖକୁ ପହଞ୍ଚାଇବା ପାଇଁ ମିଛାପାଲିଠାରେ ସ୍ୱତନ୍ତ୍ର ଶିବିର କରି ଆଧାର ପଞ୍ଜୀକରଣ ସହିତ ଡାକ ସେବାର ଶୁଭାରମ୍ଭ କରିଥିଲେ। ଶିବିରରେ ସୁନାବେଡା ପଞ୍ଚାୟତରୁ ୫୬ଜଣ ଓ ସୋସେଙ୍ଗ ପଞ୍ଚାୟତରୁ ୮୭ଜଣ ଆଧାର ପଞ୍ଜୀକରଣ କରିଛନ୍ତି। ଏହି ଶିବିର ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଚାଲିବା କାର୍ଯ୍ୟକ୍ରମ ରହିଛି।




ଆଧାର ପଞ୍ଜୀକରଣ ଶିବିରରେ ଉପସ୍ଥିତ ଅତିଥି ବୃନ୍ଦ।

# ବ୍ରାଇଡାଲ୍ ଆଉଟଫିଟ୍

**ବାହାଘର ସିଜନ୍‌ରେ ୟୁନିକ ଦେଖାଯିବାକୁ କିଏ ନ ଚାହେଁ। ହଳଦୀ ବିଧି, ସଙ୍ଗୀତ, ମେହେନ୍ଦୀଠାରୁ ଆରମ୍ଭ କରି ବାହାଘର ପର୍ଯ୍ୟନ୍ତ ସବୁ କାର୍ଯ୍ୟକ୍ରମରେ ଟ୍ରେଣ୍ଡି ଆଉ ୟୁନିକ ଦେଖାଯିବାକୁ ଚାହୁଁଥିଲେ ଏହିପରି ଷ୍ଟାଇଲିସ୍ ଲୁକ୍‌ରେ ସଜେଇ ହୁଅନ୍ତୁ...**

➤ ହଳଦୀ ବିଧି ସମୟରେ ଅଧିକାଂଶ ହଳଦିଆ ଲୁଗା ପିନ୍ଧିଥାନ୍ତି। ତେବେ ନୂଆ ଲୁକ୍‌ରେ ଦେଖାଯିବାକୁ ଏହି ସମୟରେ ସିଫନ୍ ଶାଢ଼ି କିମ୍ବା ଅଲଗା ଫ୍ୟାବ୍ରିକର ହାଲୁକା ରଙ୍ଗର ଲାଇଟ୍ ଶାଢ଼ି ପିନ୍ଧିପାରିବେ। ଏହାଛଡ଼ା ଚୁନରି ପ୍ରିଣ୍ଟ କିମ୍ବା ଫ୍ଲୋରାଲ୍ ପ୍ରିଣ୍ଟର ଶାଢ଼ି ଏହି ଦିନରେ ଗର୍ଜିୟସ ଲୁକ୍ ଦେବ। ଆପଣ ୟୁନିକ ଦେଖାଯିବା ସହ ସୁନ୍ଦର ଲାଗିବେ।

➤ ମେହେନ୍ଦୀ କାର୍ଯ୍ୟକ୍ରମରେ ଷ୍ଟାଇଲିସ ଦେଖାଯିବା ପାଇଁ ପେପଲମ ବ୍ଲାଉଜ କିମ୍ବା କ୍ରପ୍ ଟପ୍ ସହ ପ୍ଲାଜୋ ପିନ୍ଧି ପାରିବେ। ଏଥେନିକ ଲୁକ ଦେବା ପାଇଁ ସ୍ଲିଭ୍‌ଲେସ୍ କୁର୍ତ୍ତା ସହ ସରାରା ମଧ୍ୟ ଟିମଅପ୍ କରିପାରିବେ। ମେହେନ୍ଦୀରେ ଟ୍ରାଡିଶନାଲ ଗେଟଅପ୍ ସହ ଆପଣ ଟ୍ରେଣ୍ଡି ଦେଖାଯିବେ। ଗ୍ରୀନ, ବ୍ଲୁ କିମ୍ବା ଡାର୍କ କଲର୍‌ର ଡ୍ରେସ୍ ମେହେନ୍ଦୀରେ ପିନ୍ଧନ୍ତୁ।



➤ ବିବାହ ପୂର୍ବରୁ ସଙ୍ଗୀତ ଉତ୍ସବରେ ଆପଣ ହେଭି ଅନାରକଲୀ ସୁଟ, ହାଲ୍‌କା ପ୍ରିଣ୍ଟ ବା ଏମ୍ବ୍ରୋଡରି ଥିବା ଲେହେଙ୍ଗା ପିନ୍ଧିପାରିବେ। ଆପଣ ବେବି ପିଙ୍କ, ମଲ୍ଟି କଲର କିମ୍ବା ବ୍ଲୁ କଲରର ଲେହେଙ୍ଗା ପିନ୍ଧନ୍ତୁ, ବେଶ୍ ସୁନ୍ଦର ଲାଗିବ। ବାହାଘରର ସବୁ ଫଙ୍କସନରେ ଆପଣ ହେଭି ମେକଅପ କରିଲେ ଭଲ ଲାଗିବ ମାତ୍ର ସଙ୍ଗୀତରେ ହାଲ୍‌କା ମେକଅପ ସହ ଅନାରକଲୀରେ ଆପଣ ଷ୍ଟାଇଲିସ୍ ଦେଖାଯିବେ।

➤ ବାହାଘର ଦିନ ଅଧିକାଂଶ ଲେହେଙ୍ଗା କିମ୍ବା ହେଭି ଶାଢ଼ି ପିନ୍ଧିଥାନ୍ତି। ମହିଳାମାନେ ସାଧାରଣତଃ ଏହି ଦିନ ଲାଲ୍ କିମ୍ବା ମେରୁନ୍ ରଙ୍ଗର ଶାଢ଼ି ବା ଲେହେଙ୍ଗା ହିଁ ପିନ୍ଧନ୍ତି । ମାତ୍ର ଆପଣ ୟୁନିକ ଦେଖାଯିବାକୁ ଚାହୁଁଥିଲେ ଅଲଗା କଲର ବାଛନ୍ତୁ। ରାଜସ୍ଥାନୀ, ମହାରାଷ୍ଟ୍ର, ପଞ୍ଜାବୀ ଷ୍ଟାଇଲର ଲୁକ୍‌ରେ ବ୍ରାଇଡାଲ ମେକଅପ୍ ନେଇପାରିବେ।

# ସୁସ୍ଥତା ପାଇଁ...

**କର୍ମଜୀବୀ ମହିଳାମାନେ ଫିଟ୍ ରହିବା ପାଇଁ ପ୍ରତିଦିନ ଯୋଗାସନ କରିବା ନିହାତି ଜରୁରୀ। ତେଣୁ ପ୍ରତିଦିନ ଏଥି ନିମନ୍ତେ କିଛି ସମୟ ବାହାର କରିବା ପାଇଁ ଭୁଲନ୍ତୁ ନାହିଁ।**

## ପଶ୍ଚିମୋତାଶନ

➤ ଭୂମି ଉପରେ ପ୍ରଥମେ ଯୋଗ ମ୍ୟାଟ୍ ପକାଇ ଗୋଡ଼ ଦୁଇଟିକୁ ଆଗକୁ କରି ବସନ୍ତୁ। ଧ୍ୟାନ ରଖିବେ ଯେପରି ଗୋଡ଼ ଦୁଇଟି ଓ ଗୋଇଠି ପରସ୍ପର ସହିତ ଲାଗି କରି ରହିବ।

➤ ପିଠି ତଥା ବେକକୁ ସିଧା କରି ବସନ୍ତୁ। ଏହାପରେ ଦୁଇ ହାତକୁ ଉପରକୁ ଉଠାଇ ନଶ୍ୱାସ ଛାଡ଼ିବା ଅବସ୍ଥାରେ ଧିରେ ଧିରେ ଆଗକୁ ମୁଣ୍ଡ ନୁଆଁଇ ଗୋଡ଼ରେ ଲଗାନ୍ତୁ। ଏହି ସମୟରେ ଗୋଡ଼ ଆଙ୍ଗୁଠିକୁ ହାତରେ ଧରିବା ପାଇଁ ଚେଷ୍ଟା କରନ୍ତୁ।

➤ ଆଗକୁ ନଇଁବା ସମୟରେ ମୁଣ୍ଡକୁ ଏପଟ ସେପଟ କରନ୍ତୁ ନାହିଁ। କିଛି ସମୟ ଏପରି ଅବସ୍ଥାରେ ରହି ସାଧାରଣ ଭାବଲେ ନିଶ୍ୱାସ ନିଅନ୍ତୁ।

➤ ଶେଷରେ ଜୋରରେ ନିଶ୍ୱାସ ନେଇ ଧିରେ ଧିରେ ପୂର୍ବ ଅବସ୍ଥାକୁ ଫେରି ଆସନ୍ତୁ।

## ସାବଧାନତା

➤ ପ୍ରଥମେ ପ୍ରଥମେ କରୁଥିଲେ କମ୍ ସମୟ କରି ଅଭ୍ୟାସ କରି ଧିରେ ଧିରେ ସମୟ ବଢ଼ାନ୍ତୁ।

➤ ଯୋଗାସନ ସମୟରେ ନିଶ୍ୱାସ ନେବା ଏବଂ ଛାଡ଼ିବାର ପ୍ରକ୍ରିୟାକୁ ଭଲ ଭାବେ ବୁଝି ଯୋଗ କରନ୍ତୁ।

➤ ଗର୍ଭବତୀ ମହିଳାମାନେ ଏହି ଯୋଗ କରନ୍ତୁ ନାହିଁ। ଆଜ୍‌ମା, ଅଲସର ଏବଂ ଆଣ୍ଠୁଗଣ୍ଠି ସମସ୍ୟା ଥିବା ରୋଗୀ ଏହି ଯୋଗ କରନ୍ତୁ ନାହିଁ।

## ଫାଇଦା

➤ ଏହି ଆସନ କରିବା ଫଳରେ ପାଚନତନ୍ତ୍ରକୁ ଠିକ୍ ରହେ ଓ ସ୍ପାଇନାଲ୍ କମ୍ପ୍ରେସନରୁ ମୁକ୍ତି ମିଳିଥାଏ।

➤ ଡାଇବେଟିସ୍ ନିୟନ୍ତ୍ରଣ ହୁଏ, ପେଟର ଚର୍ବି କମେ, ମନ ଶାନ୍ତ ରହେ ଏବଂ ଭୋକ ବୃଦ୍ଧି ହୋଇଥାଏ।



ସୌନ୍ଦର୍ଯ୍ୟ

# ମେଥି ହେୟାର ମାସ୍କ

**କେଶକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାରର ଦାମୀ ପ୍ରଡକ୍ଟ ବ୍ୟବହାର କରାଯାଏ। କିନ୍ତୁ ଘରୋଇ ଉପାୟରେ ମେଥି ବ୍ୟବହାର କରି ସୁନ୍ଦର ମୁଲାୟମ କେଶ ପାଇ ହେବ।**



➤ ମେଥି ହେୟାର ମାସ୍କ ଲଗାଇବା ଫଳରେ କେଶ ଝଡ଼ିବା, କେଶ ଧଳା ହୋଇଯିବା ଏବଂ ରୁପି ଆଦି ସମସ୍ୟା ଦୂର ହୋଇଥାଏ।

➤ କେଶକୁ ଅଧିକ ମଜଭୁତ କରିବା ପାଇଁ ମେଥିକୁ ରାତିରେ ଭିଜାଇ ସକାଳୁ ସେହି ପାଣିରେ କେଶ ଧୁଅନ୍ତୁ। ସପ୍ତାହକୁ ଅତି କମ୍‌ରେ ୨ ଥର କରନ୍ତୁ।

➤ ସେହିପରି କେଶ ଅଧିକ ଶୁଷ୍କ ଥିଲେ ମେଥିକୁ ଭିଜାଇ ବାଟି ସେଥିରେ ନଡିଆ କିମ୍ବା ବାଦାମ ତେଲ ମିଶାଇ କେଶରେ ଲଗାନ୍ତୁ।

➤ ମେଥିରେ ଭିଟାମିନ୍ ଏ, କେ, ସି, ଆଇରନ୍, କ୍ୟାଲସିଅମ୍ ଓ ଫଲିକ୍ ଏସିଡ୍ ଭଳି ତତ୍ତ୍ୱ ଥିବାରୁ ତାହା କେଶ ବୃଦ୍ଧି ସହ କେଶର ବିଭିନ୍ନ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ।

➤ ଦୁଇ ଚାମଚ ମେଥିକୁ ରାତିରୁ ଭିଜାଇ ରଖନ୍ତୁ। ସକାଳେ ମେଥିକୁ ବାଟି ସେଥିରେ ଲେମ୍ବୁ ରସ ଓ ନଡିଆ କ୍ଷୀର ମିଶାନ୍ତୁ। ଏହି ପେଷ୍ଟକୁ କେଶ ମୂଳରେ ୨୦ ମିନିଟ ପର୍ଯ୍ୟନ୍ତ ଲଗାଇ ତା' ପରେ ସାମ୍ପୁ କରି ଦିଅନ୍ତୁ।

➤ ମେଥିକୁ ଗୁଣ୍ଡ କରି ନଡିଆ ତେଲରେ ମିଶାଇ କେଶ ମୂଳରେ ଲଗାନ୍ତୁ। ଶୁଖିଗଲା ପରେ ସାମ୍ପୁ କରି ଦିଅନ୍ତୁ।



# ଷ୍ଟ୍ରେସ୍ ଫ୍ରି

**କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ। ପରିବାରରେ ସମସ୍ତଙ୍କୁ ଖୁସିରେ ରଖିବାକୁ ଉଦ୍ୟମ। କର୍ମଜୀବୀ ମହିଳାଙ୍କ ପାଇଁ ସବୁକିଛିକୁ ମ୍ୟାନେଜ କରିବା ଏତେ ସହଜ ନୁହେଁ। ଏଥିପାଇଁ ବେଳେବେଳେ ଚାପଗ୍ରସ୍ତ ହୁଏ ମନ। ଭାରାକ୍ରାନ୍ତ ମନକୁ ନିୟନ୍ତ୍ରଣରେ ରଖି ସଫଳତା ପାଇବାକୁ ଆବଶ୍ୟକ ଷ୍ଟ୍ରେସ ଫ୍ରି ମନ୍ତ୍ର।**



ପରିବାରର ଦାୟିତ୍ୱ ଆଉ କର୍ମକ୍ଷେତ୍ରରେ କାମର ଚାପ, ଏସବୁ ଭିତରେ ଛନ୍ଦି ହୋଇ ବେଳେବେଳେ ଅଣନିଃଶ୍ୱାସୀ ହୋଇଯାଏ ମନ। ଆଉ ଧୀରେ ଧୀରେ



ଏଇ ପରିସ୍ଥିତି ମାନସିକ ଚାପଗ୍ରସ୍ତ ବି କରିଦିଏ। କର୍ମଜୀବୀ ମହିଳାଙ୍କ କ୍ଷେତ୍ରରେ ଏପରି ଲକ୍ଷଣ ଦେଖାଗଲେ ସବୁକିଛି ଓଲଟପାଲଟ ହୋଇଯାଏ। କର୍ମକ୍ଷେତ୍ରରେ ଆଗକୁ ବଢ଼ିବାର ରାସ୍ତା ତ ବନ୍ଦ ହୋଇଯାଏ ତା' ସହ ପରିବାରରେ ବି ସମସ୍ତଙ୍କ ସୁଖ ଶାନ୍ତି ଅନେକାଂଶରେ ପ୍ରଭାବିତ ହୋଇଥାଏ। ତେଣୁ କର୍ମଜୀବୀ ମହିଳାଙ୍କୁ ମାନସିକ ଚାପରୁ ମୁକ୍ତ ରହିବା ପାଇଁ ସଚେତନ ହେବାକୁ ପଡିବ।

**ଆତ୍ମସଂଯମ**

ଚାପମୁକ୍ତ ହୋଇ ସବୁବେଳେ ଖୁସି ମନରେ କାମ କଲେ ସବୁ କ୍ଷେତ୍ରରେ ସଫଳତା ମିଳିପାରିବ। ତେଣୁ ଚାପଗ୍ରସ୍ତ ହେଉଥିବାର ଅନୁଭବ କରିବା ମାତ୍ରେ ନିଜେ ସଚେତନ ହୋଇଯିବା ଉଚିତ୍। ଚାପରୁ ମୁକ୍ତି ପାଇବା ପାଇଁ ହେଲେ ଆତ୍ମ ସଂଯମ ନିହାତି ଆବଶ୍ୟକ। ନିଜ ଉପରେ ସବୁ ସମୟରେ ନିୟନ୍ତ୍ରଣ ରଖିବା ପାଇଁ ହେଲେ ଯୋଗ, ଧ୍ୟାନ ଆଦି କରିବାକୁ ହେବ। ଏହା ସହିତ ସ୍ପା ସେଣ୍ଟରରେ କେବେ କେବେ ମାଲିସ କରାଇଦେଲେ ଶରୀର ତାଜା ରହିବା ସହିତ ମନ ବି ଖୁସି ରହିଥାଏ।

**ସମସ୍ୟାର କାରଣ**

କର୍ମଜୀବୀ ମହିଳା ପ୍ରଥମେ ନିଜ ଚିନ୍ତା ବା ସମସ୍ୟାର କାରଣ କ'ଣ ତାହା ଖୋଜି ବାହାର କରନ୍ତୁ। ସମସ୍ୟା ଜାଣିବା ପରେ ହିଁ ସମାଧାନ ନିମନ୍ତେ ପ୍ରୟାସ କରାଯାଇପାରେ। ତେଣୁ କୌଣସି ପରିସ୍ଥିତିରେ ବି ଭାବପ୍ରବଣ ନ ହୋଇ ନିଜ ସମସ୍ୟା ସମାଧାନର ରାସ୍ତା ବାହାର କରିବା ନିମନ୍ତେ ଚେଷ୍ଟା କରିବା ଉଚିତ୍।

**ସଫାସୁତୁରା**

ସାଧାରଣତଃ ମହିଳାଙ୍କୁ ସଫାସୁତୁରା ପସନ୍ଦ ହୋଇଥାଏ। ତେଣୁ ଘରକୁ ସଜାଡ଼ିବା ଓ ସଫା ରଖିବା ଫଳରେ ସେମାନେ ଏକ ମାନସିକ ଶାନ୍ତି ପାଇଥାନ୍ତି। ଅନେକେ ଏପରି ଭାବିଥାନ୍ତି ଯେ ଘର ଅପରିଷ୍କାର ରହିଲେ ସେମାନେ ଶାନ୍ତିରେ ବସିପାରିବେ ନାହିଁ। ତେଣୁ ରୋଷେଇ ଘର ହେଉ କି ଶୋଇବା ଘର ସବୁ ଘରକୁ ସଫା ରଖିବା ପାଇଁ ଚେଷ୍ଟା କରନ୍ତୁ। ଯଦି ନିଜକୁ ଏସବୁ କାମ ପାଇଁ ସମୟ ହେଉ ନାହିଁ ତେବେ ଅନ୍ୟ କାହା ମାଧ୍ୟମରେ ଘରର ଏସବୁ କାମ କରାଇ ନେଇପାରିଲେ ଅନେକାଂଶରେ ଚିନ୍ତାରୁ ମୁକ୍ତି ମିଳିଥାଏ।



**ଖୁସି ରହିବାର କଳା**

କିଛି ମାତ୍ରାରେ ସ୍ୱାଧୀନତା ବି ଢେର୍ ଖୁସି ଦେଇଥାଏ। ଏଇ ଯେମିତି କ'ଣ ଖାଇବେ କ'ଣ ପିନ୍ଧିବେ ଆଦି ଏମିତି କେତେଗୁଡ଼ିଏ ଛୋଟ ଛୋଟ ନିଷ୍ପତ୍ତି ନିଜେ ନେଇପାରିଲେ ଖୁସି ଲାଗିଥାଏ। କାହିଁକି ନା ନିଜର ସ୍ୱାଧୀନତା ଓ ସ୍ୱାଭିମାନକୁ ଉପଭୋଗ କରିବା ଭଳି ମନେ ହୋଇଥାଏ। ତେଣୁ ଏହି ମାଧ୍ୟମରେ ଖୁସି ରହିବା ଫଳରେ ମାନସିକ ଅବସାଦ ବି କମ୍ ହୋଇଯାଏ।

## ଏମାନେ କ'ଣ କହନ୍ତି

### ସାଙ୍ଗମାନଙ୍କ ସହ ଶେୟାର କରେ



"ନିଜକୁ ଖୁସିରେ ରଖିବା ପାଇଁ ମୁଁ ସବୁବେଳେ ଚେଷ୍ଟା କରେ। ଏଥିପାଇଁ ତ ସପ୍ତାହକୁ ଥରେ ମୁଁ ଅଳ୍ପ କିଛି ସମୟ ପାଇଁ ହେଲେ ବି ସାଙ୍ଗମାନଙ୍କ ସହିତ ଦେଖା କରି କିଛି ସମୟ ଗପସପ କରିଥାଏ। ଘଣ୍ଟାଏ ହେଉ ପଛେ ସାଙ୍ଗମାନଙ୍କ ସହ ଏକାଠି ଗପ କରି ମୁଁ ରିଲାକ୍ସ ହୋଇଥାଏ। ତା' ଛଡ଼ା ଫୋନରେ ଆମ ସାଙ୍ଗମାନଙ୍କ ଗ୍ରୁପରେ ମୁଁ ସବୁଦିନ କଥା ହୁଏ। ମୋର ଯାହା ବି ଟେନସନ୍ ଥାଏ ସମସ୍ତଙ୍କ ସହ କଥା ହେଲେ ସମାଧାନର ବାଟ ବାହାରି ଯାଏ।

**- ରଶ୍ମିତା ପାତ୍ର, ସେଲ୍ଫ ୱିମେନ୍, ନୟାପଲ୍ଲୀ ବ୍ରିଟ କଲୋନୀ, ଭୁବନେଶ୍ୱର**

### ଘର କାମ ସରିଗଲେ ରିଲାକ୍ସ



"ମୋ ଘର କାମ ଠିକ୍ ସମୟରେ ହୋଇଗଲେ ମୁଁ ବହୁତ ରିଲାକ୍ସ ରହିଥାଏ। ଘର ସଫାସୁତୁରା କରିବା, ରୋଷେଇ କରିବା ଆଉ ପିଲାଙ୍କ ପାଠପଢା ଠିକ୍ ସମୟରେ ହୋଇଗଲେ ମୋର ଆଉ କିଛି ଅଭିଯୋଗ ନ ଥାଏ। ସେଥିପାଇଁ ମୁଁ ଆଗରୁ ବ୍ୟବସ୍ଥା କରିଥାଏ। ମୋର ଅଫିସ୍ କାମ ଡେରି ହେଲେ ଘରକୁ ଫୋନ୍ କରି କ'ଣ ରୋଷେଇ କରିବାକୁ ହେବ କହି କରାଇ ନିଏ କିମ୍ବା ବାହାରୁ କିଣି ନେଇଯିବାର ବ୍ୟବସ୍ଥା କରିଥାଏ। ତେଣୁ ଅଫିସରୁ ଫେରି ମୁଁ ଠିକ୍ ସମୟରେ ସମସ୍ତଙ୍କ ଖିଆପିଆ କାମ କରିପାରେ ଆଉ ଠିକ୍ ସମୟରେ ଶୋଇଥାଏ। ତା' ଛଡ଼ା ମୁଁ ନିଜେ ମୋ ଦେହକୁ ସୁସ୍ଥ ରଖିବା ପାଇଁ ସବୁ ସମୟରେ ସଚେତନ ରହିଥାଏ।

**-ନିବେଦିତା ମିଶ୍ର, ଚଳଚ୍ଚିତ୍ର ସମ୍ପାଦିକା, ଗୌରୀ ଗାର୍ଡେନ, ଗ୍ୟାରେଜ ଛକ, ଭୁବନେଶ୍ୱର**

### ଶପିଂ କରେ



"ନିଜକୁ ଚାପ ମୁକ୍ତ ରଖିବା ପାଇଁ ମୁଁ ମାସକୁ ଥରେ ଶପିଂ କରେ। ଶପିଂ କରିବାକୁ ମତେ ବହୁତ ଭଲ ଲାଗେ। ସେଥିପାଇଁ ନିଜ ପାଇଁ ହେଉ କି ଘର ପାଇଁ ହେଉ ଯାହା ସବୁ ଆବଶ୍ୟକ ହୋଇଥାଏ ସେସବୁ ମୁଁ ନିଜେ କିଣାକିଣି କରି ରିଲାକ୍ସ ଅନୁଭବ କରେ। ଏହା ବ୍ୟତୀତ ଘର ଲୋକଙ୍କ ପାଇଁ କିଛି କିଣାକିଣି କରି ସମସ୍ତଙ୍କୁ ଖୁସି କରି ପାରିଥାଏ।

**- ସନ୍ଧ୍ୟାରାଣୀ ନାୟକ, ସ୍ୱାସ୍ଥ୍ୟକର୍ମୀ, ଇରମ ଉପକେନ୍ଦ୍ର, ବାସୁଦେବପୁର, ଭଦ୍ରକ**

### ବୁଲିବାକୁ ଯାଉ



"ମୋ ଫୋନ ହିଁ ମତେ ଚାପ ମୁକ୍ତ କରିବାରେ ସାହାଯ୍ୟ କରେ। କାମ କରି ହାଲିଆ ଅନୁଭବ କଲେ ଫୋନରେ କିଛି ସମୟ ପାଇଁ ଫେସବୁକ୍ ଆଉ ୟୁଟ୍ୟୁବ ଦେଖିଲେ ଭଲ ଲାଗେ। ଆଉ ବେଳେବେଳେ ପରିବାର ସହିତ ମିଶି ବାହାରକୁ ବୁଲିବାକୁ ଯାଇ ଖିଆପିଆ କରି ଆସୁ। ତାପରେ ଘରେ ସମସ୍ତେ ବହୁତ ଖୁସି ହେଇଯାନ୍ତି। ସେଥିପାଇଁ ମୁଁ ରିଲାକ୍ସ ହେଇଯାଏ।

**- ନିର୍ମଳା ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ, ପଣ୍ଡୁ ପ୍ରାଥମିକ ବିଦ୍ୟାଳୟ, ସିମୁଳିଆ, ବାଲେଶ୍ୱର**

ଖାଦ୍ୟ ରୁଚି

# ମଣ୍ଡାପିଠା

**ଆବଶ୍ୟକ ସାମଗ୍ରୀ:-**

ଅରୁଆ ଚାଉଳ- ୨ କପ୍, ନଡ଼ିଆ- ୧ଟି, ଗୁଜୁରାତି ଗୁଣ୍ଡ- ୧ ଛୋଟ ଚାମଚ, ଗୋଲମରିଚ ଗୁଣ୍ଡ- ୧ ଛୋଟ ଚାମଚ, ଅଦା- ଖଣ୍ଡେ, ଚିନି- ୧୦୦ ଗ୍ରାମ୍, ଦହି ଛେନା- ଅଧା କପ୍, ଲୁଣ ଆବଶ୍ୟକ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:-**

ପ୍ରଥମେ ଅରୁଆ ଚାଉଳକୁ ପାଣିରେ ଭିଜାଇ ରଖନ୍ତୁ। ୪-୫ ଘଣ୍ଟା ପରେ ଏହାକୁ ଛାଣି ଅଳ୍ପ ଶୁଖାଇ ଦିଅନ୍ତୁ। ଅଳ୍ପ ଶୁଖି ଆସିଲେ ସେହି ଚାଉଳକୁ ଗ୍ରାଇଣ୍ଡିଂ କରି ଚୂନା କରି ରଖନ୍ତୁ। ନଡ଼ିଆ କୋରି ଦିଅନ୍ତୁ। ଗ୍ୟାସରେ କଡେଇ ବସାଇ ନଡ଼ିଆ କୋରା, ଗୁଜୁରାତି ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ଅଦା, ଚିନି ଏବଂ ଛେନା ପକାଇ ଭାଜନ୍ତୁ। ଅନ୍ୟ ଏକ କଡ଼େଇରେ ପାଣି ଗରମ କରନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ। ପାଣି ଫୁଟିଯିବା ପରେ ସେଥିରେ ଚାଉଳ ଚୂନାକୁ ଅଳ୍ପ ଅଳ୍ପ କରି ପକାଇ ଗୋଳାନ୍ତୁ। ଚୂନା ଭଲଭାବେ ଜନ୍ତି ହୋଇଗଲେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ଜନ୍ତା ଥଣ୍ଡା ହେବା ପରେ ସେଥିରେ ପୁର ଦେଇ ଗୋଲ ଗୋଲ ଗୁଳା କରନ୍ତୁ। ଏହାପରେ କଡ଼େଇରେ ପାଣି ଗରମ କରନ୍ତୁ। ପାଣି ଟିକେ ଗରମ ହୋଇଗଲେ ଗୁଳାକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ସେଗୁଡ଼ିକୁ ସେଥିରୁ କାଢ଼ି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଛେନା ପୁରଦିଆ ମଣ୍ଡା ପିଠା।



# ଓମିକ୍ରନ୍ ବଡ଼ ବିପଦ

■ଅତି ବିପଜ୍ଜନକ ଶ୍ରେଣୀରେ ସାମିଲ
■୧୫ରୁ ଅଧିକ ଦେଶକୁ ବ୍ୟାପିଲାଣି

## ସ୍ୱତନ୍ତ୍ର ଅଧିବେଶନ ଡାକିଲା ଡବ୍ଲ୍ୟୁଏଚ୍ଓ

ନୂଆଦିଲ୍ଲୀ, ୨୯।୧୧

କରୋନା କବଳରୁ ମୁକୁଳି ବିଶ୍ୱ ସଜାଡ଼ି ହେବାକୁ ଅଣ୍ଟା ଭିଡ଼ିଲାବେଳକୁ ନୂଆ ଭାରିଆଣ୍ଟ ଓମିକ୍ରନ୍ ପୁଣି ଚିନ୍ତା ବଢ଼ାଇଛି। ଓମିକ୍ରନ ସଂକ୍ରମଣର ଭୟାବହତାକୁ ଦେଖି ପ୍ରାୟ ସବୁ ଦେଶ ଆଲର୍ଟ ରହିଛନ୍ତି। ବିଭିନ୍ନ ସ୍ଥାନରେ କଡ଼ା କଟକଣା ଫେରିଛି। ଲୋକେ ଆଶଙ୍କା ଭିତରେ ରହିଥିବାବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍ଓ) ଓମିକ୍ରନ୍‌କୁ ଅତି ବିପଦଜନକ ଶ୍ରେଣୀରେ ରଖିଛି। ଏହି ଭାରିଆଣ୍ଟ ସଂକ୍ରମଣ ବ୍ୟାପିଲେ ପରିଣତି ଭୟଙ୍କର ହେବ ବୋଲି ସୋମବାର ଡବ୍ଲ୍ୟୁଏଚ୍ଓ ଚେତାବନୀ ଦେଇଛି। ମହାମାରୀ ବିରୋଧରେ ପ୍ରସ୍ତୁତି ନିମନ୍ତେ ଅଧିକ ଆଲୋଚନା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଭା (ଡବ୍ଲ୍ୟୁଏଚ୍ଏ)ର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହୋଇଛି।



ଓମିକ୍ରନ୍ ଭାରିଆଣ୍ଟର ପ୍ରଥମ ଫଟୋ ଜାରି।

ସାଧାରଣତଃ ଡବ୍ଲ୍ୟୁଏଚ୍ଏର ଅଧିବେଶନ ପ୍ରତି ବର୍ଷ ମେ'ରେ ବସିଥାଏ। ଓମିକ୍ରନ୍ ସଂକ୍ରମଣକୁ ରୋକିବା ପାଇଁ ୧୯୪ ସଦସ୍ୟ ରାଷ୍ଟ୍ର ଏଥିରେ ଆଲୋଚନା କରିବେ।

ଡବ୍ଲ୍ୟୁଏଚ୍ଓ ଜାରି କରିଥିବା ବିବୃତିରେ ମହାମାରୀକୁ ନେଇ ଚିନ୍ତା ପ୍ରକଟ କରିବା ସହ କେତେକ ପରାମର୍ଶ ଦେଇଛି। ଅନ୍ତର୍ଜାତୀୟ ସ୍ତରରେ ଓମିକ୍ରନ ବ୍ୟାପିବାର ଆଶଙ୍କା ଥିବାରୁ ଦେଶଗୁଡ଼ିକ ଟିକାକରଣକୁ ତ୍ୱରିତ କରିବା ସହ ଆଗୁଆ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସୁବିଧାର ବ୍ୟବସ୍ଥା କରିବା ଜରୁରୀ। ଓମିକ୍ରନର ବହୁସଂଖ୍ୟାରେ ସ୍ପାଇକ୍ ମ୍ୟୁଟେଶନ ଥିବାରୁ ଏହା ମହାମାରୀକୁ ଆହୁରି ଗମ୍ଭୀର କରିପାରେ। ପୂର୍ବରୁ କରୋନାରେ ସଂକ୍ରମିତ ହୋଇ ସୁସ୍ଥ ହୋଇଥିବା ଏବଂ ଟିକା ନେଇଥିବା ବ୍ୟକ୍ତିଙ୍କ ରୋଗପ୍ରତିରୋଧକ ଶକ୍ତିରୁ ବର୍ତ୍ତିବା ପାଇଁ ଓମିକ୍ରନର କ୍ଷମତା ଉପରେ ଅଧିକ ଅଧ୍ୟୟନ ଆବଶ୍ୟକ। ଆସନ୍ତା କିଛି ସପ୍ତାହ ମଧ୍ୟରେ ଅଧ୍ୟୟନ ଫଳାଫଳ ଆସିଯିବ ବୋଲି ଡବ୍ଲ୍ୟୁଏଚ୍ଓ କହିଛି। 'ଚିନ୍ତାଜନକ ଭାରିଆଣ୍ଟ' ବର୍ଗରେ ଓମିକ୍ରନକୁ ରଖାଯାଇଥିବାବେଳେ ଟିକା ନେଇ ସାରିଥିବା ଲୋକଙ୍କୁ ମଧ୍ୟ ଏହା ସଂକ୍ରମିତ କରିପାରେ ଡବ୍ଲ୍ୟୁଏଚ୍ଓ କହିଛି। ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଚିହ୍ନଟ ହୋଇଥିବା ଏହି ଭାରିଆଣ୍ଟ ୧୫ରୁ ଉର୍ଦ୍ଧ୍ୱ ଦେଶକୁ ବ୍ୟାପିଲାଣି। ବୋଟ୍ସୱାନା, ଇଟାଲୀ, ହଂକଂ, ଅଷ୍ଟ୍ରେଲିଆ, ବେଲଜିୟମ, ବ୍ରିଟେନ, ଡେନମାର୍କ, ଜର୍ମାନୀ, ସ୍କଟ୍‌ଲାଣ୍ଡ, ନେଦରଲାଣ୍ଡସ, ସୁଇଜରଲାଣ୍ଡ, କାନାଡା, ଇସ୍ରାଏଲ, ଚେକ୍ ରିପବ୍ଲିକରେ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇସାରିଛନ୍ତି। କେତେକ ଦେଶ ଦକ୍ଷିଣ ଆଫ୍ରିକାକୁ ଯାତାୟାତ ଉପରେ କଟକଣା ମଧ୍ୟ ଲଗାଇଛନ୍ତି।



> ଓମିକ୍ରନ୍ ସଂକ୍ରମଣ ବ୍ୟାପିବା ଅର୍ଥ ଭବିଷ୍ୟତର ମହାମାରୀକୁ ରୋକିବା ପାଇଁ ଆମେ ସାମୂହିକ ଭାବେ କେତେ ସକ୍ଷମ ତାହା ଜଣାପଡ଼ିବ। ଏଥିପାଇଁ ଆମକୁ ଏକାଠି ଏକ ଆଇନଗତ ଚୁକ୍ତି କରିବା ସହ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ସାହସୀ, ଦୟାଳୁ ଏବଂ ଏକତ୍ରତା ପାଇଁ ପ୍ରତିବଦ୍ଧ ନେତୃତ୍ୱ ଏହାର ମୌଳିକ ଆବଶ୍ୟକତା। ଦକ୍ଷିଣ ଆଫ୍ରିକାକୁ ସମ୍ପୂର୍ଣ୍ଣ ଏକୁଟିଆ କରିଦେବା ଦ୍ୱାରା ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ଏଥିସହ ଟିକାକରଣରେ ଅସମାନତା ଜାରି ରହିଲେ ମହାମାରୀରୁ ବିଶ୍ୱ ମୁକୁଳିପାରିବ ନାହିଁ।
>
> –ଟେଡ୍ରୋସ୍ ଅଧନୋମ ଘେବ୍ରେୟସ୍, ଡବ୍ଲ୍ୟୁଏଚ୍ଓ ମୁଖ୍ୟ

## ସଂକ୍ଷେପରେ

### କୃଷକଙ୍କ ଅନ୍ୟ ଦାବି ସମ୍ପର୍କରେ ଆଜି ଜବାବ ଦେଉ କେନ୍ଦ୍ର

୧ରେ ଏସ୍‌କେଏମ୍‌ର ଜରୁରୀ ବୈଠକ

ନୂଆଦିଲ୍ଲୀ, ୨୯।୧୧: କୃଷି ଆଇନ ରଦ୍ଦ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହୋଇଥିବାରୁ ଏହା ଆନ୍ଦୋଳନକାରୀମାନଙ୍କର ବିଜୟ ବୋଲି ପଞ୍ଜାବର କୃଷକ ନେତାମାନେ କହିଛନ୍ତି। ତେବେ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଓ ଅନ୍ୟାନ୍ୟ ଦାବି ଉପରେ କେନ୍ଦ୍ର ସରକାର ୩୦ ତାରିଖ ସୁଦ୍ଧା ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ସେମାନେ ଦାବି କରିଛନ୍ତି। ଡିସେମ୍ବର ୧ରେ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍)ର ଜରୁରୀ ବୈଠକ ବସି ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ରହିଛି ଚାଷୀମାନଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର କରିନେବା, ଆନ୍ଦୋଳନ ବେଳେ ପ୍ରାଣ ହରାଇଥିବା ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପ୍ରମୁଖ। ଏହା ଉପରେ ଜବାବ ଦେବାକୁ କେନ୍ଦ୍ର ସରକାରକୁ ମଙ୍ଗଳବାର ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା ବୋଲି ସୋମବାର ସିଙ୍ଘୁ ସୀମାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ପଞ୍ଜାବର ୩୨ ଜଣ ଚାଷୀ ନେତା ଏହା କହିଛନ୍ତି। ସୂଚନାଯୋଗ୍ୟ ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ୪୦ଟି କୃଷକ ସଂଗଠନ ପକ୍ଷରୁ ଦିଲ୍ଲୀ ସୀମାରେ ଗତବର୍ଷ ନଭେମ୍ବର ୨୬ରୁ ଆନ୍ଦୋଳନ ଜାରି ରହିଛି। ଗତ ୨୧ ତାରିଖରେ ଏସ୍‌କେଏମ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଚାଷୀମାନଙ୍କ ୬ଟି ଦାବି ଉପରେ ଆଲୋଚନା ଆରମ୍ଭ କରିବାକୁ ଅନୁରୋଧ କରିଥିଲେ।

### ସ୍ଥିତି ସୁଧୁରିଲେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା

ନୂଆଦିଲ୍ଲୀ, ୨୯।୧୧: ଜମ୍ମୁ-କଶ୍ମୀରରେ କିଛିଦିନ ହେଲା ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କୁ ଟାର୍ଗେଟ କରି ହତ୍ୟା କରାଯାଉଛି। ଏହି ହିଂସା ବନ୍ଦ ହୋଇ ଜନସାଧାରଣ ଅବାଧ ଯାତାୟାତ କରିବାକୁ ସମର୍ଥ ହେଲେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ପ୍ରଦାନ କରାଯିବ ବୋଲି ସୋମବାର ଭାଜପା ରାଜ୍ୟ ଶାଖା ପକ୍ଷରୁ କୁହାଯାଇଛି। ସେଠାରେ ମୁଖ୍ୟତଃ ଭାଜପା କର୍ମୀଙ୍କୁ ଟାର୍ଗେଟ କରାଯାଉଛି ବୋଲି ଦଳର ସାଧାରଣ ସମ୍ପାଦକ ଅଶୋକ କୌଲ କହିଛନ୍ତି। ଅଣ କଶ୍ମୀରୀ ଓ ଅଣମୁସଲିମ୍‌ଙ୍କୁ ହତ୍ୟା କରାଯାଉଛି। ଏପରିକି କେତେକ ମୁସଲମାନ ମଧ୍ୟ ହିଂସାର ଶିକାର ହେଉଛନ୍ତି। ଭାଜପା ଏହାକୁ ବିରୋଧ କରୁଛି।

### ୫୫୭ ମହିଳା ସେନାଧିକାରୀଙ୍କୁ ସ୍ଥାୟୀ କମିଶନ

ନୂଆଦିଲ୍ଲୀ, ୨୯।୧୧: ସୁପ୍ରିମକୋର୍ଟଙ୍କ ଗତବର୍ଷ ଫେବୃୟାରୀର ନିର୍ଦ୍ଦେଶକ୍ରମେ ୫୫୭ ଜଣ ମହିଳା ଅଫିସରଙ୍କୁ ସୈନ୍ୟବାହିନୀ ସ୍ଥାୟୀ କମିଶନ (ପିସି) ପ୍ରଦାନ କରିଛି। ମହିଳା ସେନା ଅଧିକାରୀମାନଙ୍କୁ ପିସି ପ୍ରଦାନରେ ବିଳମ୍ବ କରାଯାଉ ନଥିବା ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଅଜୟ ଭଟ୍ଟ ସୋମବାର ରାଜ୍ୟ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି। ଗତ ୨୫ ତାରିଖରେ ୬୩ ଜଣଙ୍କୁ ପିସି ଦିଆଯାଇଛି। ସୂଚନାଯୋଗ୍ୟ ସେନାରେ ଲିଙ୍ଗଗତ ପକ୍ଷପାତ ଦୂର କରିବା ଲାଗି ଗତବର୍ଷ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।

### କୃଷି ଆଇନ ରଦ୍ଦକୁ ଜାତିସଂଘ ମାନବାଧିକାର ବିଶେଷଜ୍ଞଙ୍କ ସ୍ୱାଗତ


ମିଚେଲ ଫଖ୍‌ରି

ଜାତିସଂଘ, ୨୯।୧୧: ବିବାଦୀୟ ୩ କୃଷି ଆଇନ ରଦ୍ଦ କରିବା ଲାଗି ଭାରତ ସରକାର ନିଷ୍ପତ୍ତି ନେଇଥିବାରୁ ଜାତିସଂଘ ମାନବାଧିକାର ବିଶେଷଜ୍ଞ ଏହାକୁ ସ୍ୱାଗତ କରିଛନ୍ତି। ଭାରତର ସମୁଦାୟ ଖାଦ୍ୟ ବ୍ୟବସ୍ଥାର ସ୍ଥାୟିତ୍ୱ ପ୍ରତି ଉକ୍ତ ଆଇନ ବିପଦ ଆଣିବ ବୋଲି ଆଶଙ୍କା କରାଯାଉଥିଲା। ତେଣୁ ଆଗାମୀ ଦିନରେ କୃଷି ସେକ୍ଟରରେ କୌଣସି ସଂସ୍କାର ପ୍ରକ୍ରିୟା କାର୍ଯ୍ୟକାରୀ କରିବା ପୂର୍ବରୁ ସରକାର ଏନେଇ କୃଷକ ସଂଗଠନ ଓ ଅନ୍ୟମାନଙ୍କ ସହ ସବିଶେଷ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ମାନବାଧିକାର ବିଶେଷଜ୍ଞ ମିଚେଲ ଫଖ୍‌ରି ଆଶାବ୍ୟକ୍ତ କରିଛନ୍ତି।

## କ୍ୱାରାଣ୍ଟାଇନ ହୋଟେଲରେ ନିଆଁ ଲଗାଇଦେଲେ ମହିଳା

କାଇରନ୍ସ, ୨୯।୧୧

ଅଷ୍ଟ୍ରେଲିଆର କାଇରନ୍ସ ସହରରେ ଜଣେ ୩୧ ବର୍ଷୀୟ ମହିଳା ଏକ କୋଭିଡ୍-୧୯ କ୍ୱାରାଣ୍ଟାଇନ ହୋଟେଲରେ ନିଆଁ ଲଗାଇଦେଇଛନ୍ତି। ୧୧ତମ ମହଲାରେ ସେ ଓ ତାଙ୍କ ୨ ପିଲା କ୍ୱାରାଣ୍ଟାଇନରେ ରହିଥିଲେ। ହୋଟେଲ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ କାର୍ଯ୍ୟକୁ ନେଇ ସେ ଅସନ୍ତୁଷ୍ଟ ଥିଲେ। ଅସୁବିଧା ଦୂର ନ ହେବାରୁ ମହିଳା ଜଣକ ହୋଟେଲରେ ନିଆଁ ଲଗାଇ ଦେଇଥିଲେ। ଏଥିରେ କେହି ମୃତାହତ ହୋଇନାହାନ୍ତି। ସେଠାରେ ଥିବା ୧୬୦ ଜଣଙ୍କୁ ସୁରକ୍ଷିତ ଭାବେ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଛି। ଘଟଣାରେ ମହିଳାଙ୍କୁ ଗିରଫ କରାଯାଇଛି।

## କର୍ଣ୍ଣାଟକରେ ଜଣେ ସଂକ୍ରମିତଙ୍କ ଭାରିଆଣ୍ଟ ଡେଲ୍ଟାଠାରୁ ଭିନ୍ନ

ବେଙ୍ଗାଲୁରୁ, ୨୯।୧୧

ଭାରତରେ ଏ ପର୍ଯ୍ୟନ୍ତ ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇ ନ ଥିବାବେଳେ କର୍ଣ୍ଣାଟକ ଆସିଥିବା ଦକ୍ଷିଣ ଆଫ୍ରିକାର ୨ ନାଗରିକଙ୍କ କୋଭିଡ୍ ରିପୋର୍ଟ ପଜିଟିଭ୍ ଆସିଛି। ଜଣେ ଡେଲ୍ଟା ଭାରିଆଣ୍ଟରେ ସଂକ୍ରମିତ ହୋଇଥିବା ସ୍ପଷ୍ଟ ହୋଇଥିବାବେଳେ ଅନ୍ୟଜଣଙ୍କ ଭାରିଆଣ୍ଟ ଡେଲ୍ଟାଠାରୁ ଭିନ୍ନ ଥିବା ଜଣାପଡ଼ିଛି। ତାହା ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଥିବା କର୍ଣ୍ଣାଟକ ସ୍ୱାସ୍ଥ୍ୟମନ୍ତ୍ରୀ ଡ. କେ. ସୁଧାକରନ କହିଛନ୍ତି। ଚଳିତ ମାସ ୨ ସଂକ୍ରମିତ ଦକ୍ଷିଣଆଫ୍ରିକାରୁ ଆସି ବେଙ୍ଗାଲୁରୁ ବିମାନବନ୍ଦରରେ ଓହ୍ଲାଇଥିଲେ। ଦକ୍ଷିଣ ଆଫ୍ରିକା, ବୋଟ୍‌ସ୍ୱାନା, ହଂକଂରୁ ଆସୁଥିବା ଯାତ୍ରୀଙ୍କୁ କେନ୍ଦ୍ର ସରକାର ଦେଶ ମଧ୍ୟରେ ପ୍ରବେଶ ଉପରେ କଟକଣା ଲଗାନ୍ତୁ ବୋଲି ସୁଧାକରନ ଦାବି କରିଛନ୍ତି।

## ୪୪ କୋଟି ପିଲାଙ୍କ ଟିକାକରଣ ଯୋଜନା

୨ ସପ୍ତାହରେ ବୁଷ୍ଟର ଡୋଜ୍ ନେଇ ଘୋଷଣା

ନୂଆଦିଲ୍ଲୀ, ୨୯।୧୧

ଓମିକ୍ରନକୁ ନେଇ ଭୟ ବଢୁଥିବାବେଳେ ଦେଶର ୪୪ କୋଟିରୁ ଉର୍ଦ୍ଧ୍ୱ ପିଲାଙ୍କ ଟିକାକରଣ ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଥିବା କୋଭିଡ୍-୧୯ ଟାସ୍କଫୋର୍ସ ଅଧ୍ୟକ୍ଷ ଡା. ଏନ୍. କେ. ଅରୋରା କହିଛନ୍ତି। ଏଥିସହ ଆସନ୍ତା ୨ ସପ୍ତାହ ମଧ୍ୟରେ ଟିକାର ବୁଷ୍ଟର ଏବଂ ଅତିରିକ୍ତ ଡୋଜ୍ ଦିଆଯିବା ନେଇ ଟିକାକରଣ ଉପରେ ଜାତୀୟ ବୈଷୟିକ ପରାମର୍ଶଦାତା ଗୋଷ୍ଠୀ (ଏନ୍‌ଟିଏଜିଆଇ) ପକ୍ଷରୁ କୁହାଯାଇଛି। କିଏ, କେତେବେଳେ ଏବଂ କିପରି ଟିକାନେବେ ସେ ଉପରେ ଏହି ପଲିସି ଅଣାଯିବ। ଏବେ କରୋନାର ନୂଆ ଭାରିଆଣ୍ଟ ଚିହ୍ନଟ ହୋଇଛି। ଏହା ବିରୋଧରେ ଟିକାର କାର୍ଯ୍ୟକ୍ଷମତା ବାବଦରେ ଜାଣିବା ପାଇଁ ସମୟ ଲାଗିବ ବୋଲି ଡା. ଅରୋରା କହିଛନ୍ତି। ପିଲାମାନେ ଦେଶର ମୂଲ୍ୟବାନ ସମ୍ପତ୍ତି। ତେଣୁ ୧୮ ବର୍ଷରୁ କମ୍ ପିଲାଙ୍କୁ ସୁରକ୍ଷିତ ରଖିବାକୁ ବିସ୍ତୃତ ଯୋଜନା କରାଯାଇଛି। ଖୁବଶୀଘ୍ର ଏହା ସାର୍ବଜନୀନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଯାତ୍ରୀଙ୍କ ହେବ ଆର୍‌ଟି-ପିସିଆର୍ ଟେଷ୍ଟ

ହାଇରିସ୍କ ଦେଶରୁ ଆସୁଥିବା ଲୋକଙ୍କ ଉପରେ ନଜର

ନୂଆଦିଲ୍ଲୀ, ୨୯।୧୧

ଓମିକ୍ରନ୍ ଭାରିଆଣ୍ଟ ଚିହ୍ନଟ ହୋଇଥିବା ଏବଂ ସଂକ୍ରମଣ ଆଶଙ୍କା ଥିବା ହାଇରିସ୍କ ଦେଶରୁ ଆସିଥିବା ଯାତ୍ରୀଙ୍କ ଆର୍‌ଟିପିସିଆର ଟେଷ୍ଟ କରାଯିବ। କରୋନା ପଜିଟିଭ୍ ବାହାରିଲେ ସମସ୍ତ ନମୁନାର ଜିନୋମ ସିକ୍ୱେନ୍ସିଂ ଏବଂ କେନ୍ଦ୍ର ସରକାରଙ୍କ ଗାଇଡଲାଇନ ଅନୁଯାୟୀ ଆଇସୋଲେଶନ ବ୍ୟବସ୍ଥା ବାଧ୍ୟତାମୂଳକ କରାଯିବ ବୋଲି ଦିଲ୍ଲୀ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଡିଡିଏମ୍ଏ) ବୈଠକରେ ସୋମବାର ନିଷ୍ପତ୍ତି ହୋଇଛି। ନିଷ୍ପତ୍ତିକୁ ତ୍ୱରିତ କାର୍ଯ୍ୟକ୍ଷମ କରିବା ନିମନ୍ତେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ଅନ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷା କରିବାକୁ ଦିଲ୍ଲୀ ମୁଖ୍ୟଶାସନ ସଚିବଙ୍କୁ କୁହାଯାଇଛି। ବୈଠକରେ ଉପରାଜ୍ୟପାଳ ଅନିଲ ବୈଜଲ ଅଧ୍ୟକ୍ଷତା କରିଥିଲେ। ସଂକ୍ରମିତଙ୍କ ଚିକିତ୍ସା ପାଇଁ ଯଥେଷ୍ଟ ହସ୍ପିଟାଲ ବେଡ୍, ଅକ୍ସିଜେନ ଓ ଜରୁରୀ ଔଷଧ ମହଜୁଦ୍ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ସମସ୍ତ ୟୁରୋପୀୟ ଦେଶ, ବ୍ରିଟେନ, ଦକ୍ଷିଣଆଫ୍ରିକା, ବ୍ରାଜିଲ, ବାଂଲାଦେଶ, ବୋଟ୍‌ସ୍ୱାନା, ଚାଇନା, ମରିସସ୍, ନ୍ୟୁଜିଲାଣ୍ଡ, ଜିମ୍ବାୱେ, ସିଙ୍ଗାପୁର, ହଂକଂ ଏବଂ ଇସ୍ରାଏଲକୁ ହାଇରିସ୍କ ଦେଶ କାଟାଗୋରିରେ ରଖାଯାଇଛି।

## ଦେଢ଼ ବର୍ଷ ହେଲା ମର୍ଚ୍ଚୁଆରିରେ ରହିଛି କୋଭିଡ୍ ମୃତଦେହ

ବେଙ୍ଗାଲୁରୁ, ୨୯।୧୧

ଗତବର୍ଷ ଜୁଲାଇ ୨ରେ କରୋନାରେ ପ୍ରାଣ ହରାଇଥିବା ୨ ଜଣଙ୍କ ମୃତଦେହ ଏବେ ବି ହସ୍ପିଟାଲର ଶବାଗାରରେ ଗଳିତ ଅବସ୍ଥାରେ ପଡ଼ିରହିଛି। ଏ ସମ୍ପର୍କରେ ବେଙ୍ଗାଲୁରୁର ୨ ପରିବାର ଖବର ପାଇବା ପରେ ବ୍ୟଥିତ ହୋଇଛନ୍ତି। କର୍ମଚାରୀ ରାଜ୍ୟ ବୀମା ନିଗମ ଏବଂ ବେଙ୍ଗାଲୁରୁର ରାଜାଜିନଗର ମଡେଲ ହସ୍ପିଟାଲର ରେକର୍ଡ ଅନୁଯାୟୀ ଦୁର୍ଗା ସୁମିତ୍ରା(୪୦) ଏବଂ ମୁନିରାଜୁ(୫୦) ୨୦୨୦ ଜୁଲାଇ ୨ରେ କୋଭିଡ୍-୧୯ରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ସେତେବେଳେ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ଶୀର୍ଷ ଛୁଇଁଥିବାରୁ ପରିବାର ଲୋକଙ୍କୁ ସେମାନଙ୍କ ଆତ୍ମୀୟ ସ୍ୱଜନଙ୍କ ମୃତଦେହ ଦେଖିବାର ସୁଯୋଗ ମିଳୁ ନ ଥିଲା। ବୃହତ ବେଙ୍ଗାଲୁରୁ ମହାନଗର ପାଳିକା (ବିବିଏମ୍‌ପି) ସେତେବେଳେ ସରକାରୀ ହସ୍ପିଟାଲ ବେଡ୍ ସ୍ଥିତି ତଦାରଖ କରିବା ସହ ଘରୋଇ କୋଭିଡ୍ ହସ୍ପିଟାଲଗୁଡ଼ିକୁ ନିୟନ୍ତ୍ରଣ କରୁଥିଲା। ସଂକ୍ରମଣ ବ୍ୟାପିବା ଆଶଙ୍କାରେ ବିବିଏମ୍‌ପି ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ୨ ରୋଗୀଙ୍କ ମୃତଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର ନ କରି ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଥିବା ଜଣାଇଥିଲେ। ୨ ଜଣଙ୍କ ମୃତଦେହ ମର୍ଚ୍ଚୁଆରିରେ ଶଢୁଥିବା ସମ୍ପର୍କରେ ହସ୍ପିଟାଲର ସଫେଇ କର୍ମଚାରୀ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଖବର ପଦାକୁ ଆସିଛି। ଏଥିପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ସମାଲୋଚିତ ହୋଇଛନ୍ତି। କ'ଣ ପାଇଁ ଏଭଳି ତ୍ରୁଟି ଘଟିଲା ତାହାର କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ ହୋଇଛି।


ଶୀତ ଅଧିବେଶନ ଆରମ୍ଭ ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସୋମବାର ଦଳର ଏମ୍‌ପିମାନେ ପାର୍ଲାମେଣ୍ଟ ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ସମ୍ମୁଖରେ କୃଷି ଆଇନ ପ୍ରତ୍ୟାହାର ଦାବିରେ ବିକ୍ଷୋଭ କରୁଛନ୍ତି।

## ସେଣ୍ଟ୍ରାଲ ଭିଷ୍ଟା କାର୍ଯ୍ୟ ଜାରିକୁ ନେଇ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୨୯।୧୧

ଦିଲ୍ଲୀରେ ଉତ୍କଟ ବାୟୁ ପ୍ରଦୂଷଣ କାରଣରୁ ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖାଯାଇଛି। ଏହା ସତ୍ତ୍ୱେ ସେଣ୍ଟ୍ରାଲ ଭିଷ୍ଟା ନିର୍ମାଣ କାର୍ଯ୍ୟ ଜାରି ରହିଥିବାରୁ ଏଥିପାଇଁ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ନିର୍ମାଣ କାର୍ଯ୍ୟ ଉପରେ ନିଷେଧାଦେଶ ସତ୍ତ୍ୱେ ସେଣ୍ଟ୍ରାଲ ଭିଷ୍ଟା କାର୍ଯ୍ୟ ପୂରା ଦମ୍‌ରେ ଚାଲିଥିବା ବରିଷ୍ଠ ଆଇନଜୀବୀ ବିକାଶ ସିଂ ଅଦାଲତଙ୍କୁ ଜଣାଇଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ଲାଗି ଆମେ ସଂଘର୍ଷ କରୁଛୁ। ସେଣ୍ଟ୍ରାଲ ଭିଷ୍ଟା ହେଉ କି ଶିଳ୍ପସଂସ୍ଥା କିମ୍ବା ଅନ୍ୟ କିଛି। ବନ୍ଦ ନିଷ୍ପତ୍ତି ସମସ୍ତ ନିର୍ମାଣ ପାଇଁ ପ୍ରଯୁଜ୍ୟ। କେନ୍ଦ୍ର ସରକାରଙ୍କୁ ଏଥିପାଇଁ ସ୍ପଷ୍ଟୀକରଣ ମଗାଯିବ। କୌଣସି ପ୍ରସଙ୍ଗର ବାହାନା ଦେଖାଅ ନାହିଁ। ନ ହେଲେ ଉକ୍ତ ପ୍ରସଙ୍ଗକୁ ବଦଳାଇ ଦିଆଯିବ ବୋଲି ପ୍ରଧାନ ବିଚାରପତି ଏନ୍.ଭି. ରମନା କହିଛନ୍ତି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ସୋମବାର ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ଯଦି ଆପଣମାନେ ଶୁଣାଣି ସମୟରେ ଗୋଛାଏ କାଗଜ ଦାଖଲ କରିବେ, ତାକୁ ଆମେ କେତେବେଳେ ପଢ଼ିବୁ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ପ୍ରଦୂଷଣ ରୋକିବା ଲାଗି ନିର୍ଦ୍ଦେଶ ପରେ ନିର୍ଦ୍ଦେଶ ଜାରି ହେଉଛି, ହେଲେ ଫଳ ଶୂନ। ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା ଦିଗରେ କ'ଣ କରୁଛ ବୋଲି ସିଜେଆଇ କହିଥିଲେ। ନିର୍ଦ୍ଦେଶ ଅନୁପାଳନ କରିବା ଲାଗି ସୁପ୍ରିମକୋର୍ଟ ଦିଲ୍ଲୀ, ଉତ୍ତରପ୍ରଦେଶ, ହରିୟାଣା ଓ ପଞ୍ଜାବ ସରକାରଙ୍କୁ କହିଥିଲେ।



## ନୱାବ ମଲିକଙ୍କ ବିରୋଧରେ ୧୦୦୦ କୋଟିର ମାନହାନି ମାମଲା

ମୁମ୍ବାଇ, ୨୯।୧୧

ମହାରାଷ୍ଟ୍ରର କ୍ୟାବିନେଟ ମନ୍ତ୍ରୀ ତଥା ଏନ୍‌ସିପିର ବରିଷ୍ଠ ନେତା ନୱାବ ମଲିକ ଓ ଅନ୍ୟ ୭ ଜଣଙ୍କ ବିରୋଧରେ ବମ୍ବେ ହାଇକୋର୍ଟରେ ୧,୦୦୦ କୋଟି ଟଙ୍କାର ମାନହାନି ମାମଲା ଦାଏର ହୋଇଛି। ମୁମ୍ବାଇ ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପକ୍ଷରୁ ଦାଏର ଏହି ମାମଲା ଉପରେ ୬ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଗତ ଜୁଲାଇ ୧ରୁ ୪ ତାରିଖ ମଧ୍ୟରେ ମୁମ୍ବାଇର ବିଭିନ୍ନ ଛକ ସ୍ଥାନଗୁଡ଼ିକରେ ଉକ୍ତ ବ୍ୟାଙ୍କ ବିରୋଧରେ ହୋର୍ଡିଂମାନ ଲଗାଯାଇଥିଲା। ସେଥିରେ ବ୍ୟାଙ୍କ ବିରୋଧରେ ଭିତ୍ତିହୀନ ଓ ମର୍ଯ୍ୟାଦା ହାନିକାରକ ମନ୍ତବ୍ୟ ଲେଖାଯାଇଥିଲା। ଏହି ହୋର୍ଡିଂ ଯୋଗୁ ବ୍ୟାଙ୍କ ମର୍ଯ୍ୟାଦା ଗୁରୁତର ପ୍ରଭାବିତ ହୋଇଥିବା ଏହାର କର୍ତ୍ତୃପକ୍ଷ ଅଭିଯୋଗ କରିବା ସହ ନୱାବଙ୍କ ସମେତ ଅନ୍ୟମାନଙ୍କୁ ନୋଟିସ ଜାରି କରିଥିଲେ। ତେବେ ବ୍ୟାଙ୍କକୁ କ୍ଷମା ମାଗିବାର ପ୍ରଶ୍ନ ଉଠୁନାହିଁ ବୋଲି ନୱାବ କହିବା ପରେ ତାଙ୍କ ବିରୋଧରେ ମାନହାନି ମାମଲା ଦାଏର କରାଯାଇଥିଲା।

## ଉଚ୍ଚ ତାପମାତ୍ରା ସହିପାରିବ 'ସୁପର ପଟାଟୋ'

ଜଳବାୟୁ ପରିବର୍ତ୍ତନରୁ ଖାଦ୍ୟଯୋଗାଣ ଶୃଙ୍ଖଳକୁ ରକ୍ଷା ପାଇଁ ଉଦ୍ୟମ

ଓରୋନୋ, ୨୯।୧୧

ଜଳବାୟୁରେ ଘାତକ ପରିବର୍ତ୍ତନ ଏବଂ ଏଥିଜନିତ ବିପର୍ଯ୍ୟୟ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ବିଶ୍ୱରେ ଖାଦ୍ୟ ଯୋଗାଣ ଶୃଙ୍ଖଳ ଉପରେ ଏହାର ପ୍ରଭାବକୁ ନେଇ ଚିନ୍ତାରେ ପଡ଼ିଛନ୍ତି ବୈଜ୍ଞାନିକ। ଏପରି ସ୍ଥଳେ ଖାଦ୍ୟ ପ୍ରତି ଦେଖାଦେଇଥିବା ବିପଦରୁ ବର୍ତ୍ତିବା ପାଇଁ କୃଷି ବୈଜ୍ଞାନିକମାନେ ତାପମାତ୍ରା ବୃଦ୍ଧି ଏବଂ ବିଶ୍ୱତାପନକୁ ପ୍ରତିରୋଧ କରି ଫସଲ ଅମଳ କରିବା ନିମନ୍ତେ ପଦ୍ଧତି ବିକାଶ କରିବାରେ ଲାଗିଛନ୍ତି। ନିକଟରେ ଆମେରିକା ସ୍ଥିତ ମେନ୍ ୟୁନିଭର୍ସିଟିର ଗବେଷକମାନେ 'ସୁପର ପଟାଟୋ' ବିକଶିତ କରିଛନ୍ତି, ଯାହା ଉଚ୍ଚ ତାପମାତ୍ରାକୁ ସହ୍ୟ କରିପାରିବ ବୋଲି କ୍ରପ୍ ଇକୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ ପ୍ରଫେସର ଗ୍ରେଗୋରୀ ପୋର୍ଟର କହିଛନ୍ତି।



ଜଳବାୟୁ ପରିବର୍ତ୍ତନ ପ୍ରଭାବ ଯୋଗୁ ପ୍ରବଳ ବୃଷ୍ଟିପାତ, ତାପମାତ୍ରା ବୃଦ୍ଧି ସମେତ ବନ୍ୟା ଭଳି ବିପର୍ଯ୍ୟୟ ସୃଷ୍ଟି ହେଉଛି। ଏପରିସ୍ଥିତିରେ ଆଳୁ ଅଳ୍ପ ସମୟ ମଧ୍ୟରେ ନଷ୍ଟ ହେବାର ଆଶଙ୍କା ରହୁଛି। ତେଣୁ ନୂତନ କିସମର ଆଳୁ ବା ସୁପରପଟାଟୋ ଏ ସମସ୍ତ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିପାରିବ ବୋଲି ପୋର୍ଟର କହିଛନ୍ତି। ଆମେରିକାର ବିଭିନ୍ନ ପ୍ରାନ୍ତରେ ସୁପରଟମାଟୋ ଉତ୍ପାଦନ ନିମନ୍ତେ ପରୀକ୍ଷଣ ଜାରି ରହିଛି। ବିଶେଷ କରି ଭର୍ଜିନିଆ, ଉତ୍ତର କାରୋଲିନା, ଫ୍ଲୋରିଡା ଭଳି ରାଜ୍ୟରେ ଏହି ଟେଷ୍ଟିଂ ଚାଲିଛି। ଆସନ୍ତା ୨ରୁ ୫ ବର୍ଷ ମଧ୍ୟରେ ବ୍ୟବସାୟ ଉଦ୍ଦେଶ୍ୟରେ ବଜାରକୁ ଆସିପାରେ ବୋଲି ଆଶା କରାଯାଉଥିବା ଗବେଷକମାନେ ପ୍ରକାଶ କରିଛନ୍ତି।

## ତ୍ରିପୁରା ହିଂସା: କେନ୍ଦ୍ର, ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ, ୨୯।୧୧

ତ୍ରିପୁରାରେ ସାମ୍ପ୍ରଦାୟିକ ହିଂସା ଘଟଣାର ନିରପେକ୍ଷ ତଦନ୍ତ ଲାଗି ହୋଇଥିବା ଆବେଦନକୁ ଶୁଣାଣି ପାଇଁ ସୁପ୍ରିମକୋର୍ଟ ସୋମବାର ଗ୍ରହଣ କରିଛନ୍ତି। ଉକ୍ତ ମାମଲାର ତଦନ୍ତରେ ରାଜ୍ୟ ପୋଲିସର ନିଷ୍କ୍ରିୟତା ଏବଂ ପକ୍ଷପାତିତା ଅଭିଯୋଗ ହୋଇଥିଲା। ଏନେଇ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏ.ଏସ୍. ବୋପନ୍ନାଙ୍କ ଖଣ୍ଡପୀଠ କେନ୍ଦ୍ର ଓ ତ୍ରିପୁରା ସରକାରଙ୍କୁ ନୋଟିସ୍ ଜାରି କରି ଦୁଇ ସପ୍ତାହ ମଧ୍ୟ ଜବାବ ମାଗିଛନ୍ତି। ଆବେଦନକାରୀ ଇଥେଶାମ ହାଶ୍‌ମୀଙ୍କ ତରଫରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଉପସ୍ଥିତ ରହି କହିଥିଲେ, ତ୍ରିପୁରା ସାମ୍ପ୍ରଦାୟିକ ଦଙ୍ଗାର ନିରପେକ୍ଷ ତଦନ୍ତ ଆବଶ୍ୟକ। ଅପରାଧୀଙ୍କ ସହ ପୋଲିସର ସମ୍ପର୍କ ରହିଥିବା ଅଭିଯୋଗ ହୋଇଥିବାରୁ ଏହାର ମଧ୍ୟ ତଦନ୍ତ ହେବା ଜରୁରୀ ବୋଲି ଭୂଷଣ କହିଥିଲେ। ତ୍ରିପୁରାର ଅନେକ ମାମଲା ଅଦାଲତକୁ ଆସୁଛି। ଖବରଦାତାମାନଙ୍କ ବିରୋଧରେ ୟୁଏପିଏରେ ମାମଲା ରୁଜୁ ହେଉଛି। ହିଂସା ମାମଲାରେ ପୋଲିସ ଗୋଟିଏ ହେଲେ ଏତଲା ଦାଏର କରୁନାହିଁ। ଏସବୁର ତଦନ୍ତ ଅଦାଲତଙ୍କ ତତ୍ତ୍ୱାବଧାନରେ ନିରପେକ୍ଷ କମିଟି ଦ୍ୱାରା କରାଯିବାକୁ ଭୂଷଣ ଦାବି କରିଥିଲେ। ପକ୍ଷମାନଙ୍କୁ ନୋଟିସ୍ ଜାରି କରାଯାଇ ଜବାବ ମଗାଯାଇଛି ଓ ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଖଣ୍ଡପୀଠ କହିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ନଭେମ୍ବର ୩୦/୨୦୨୧ Sambalpur, Tuesday, November 30/ 2021

# କାନପୁର ଟେଷ୍ଟ ଡ୍ର ରଖିଲା ନ୍ୟୁଜିଲାଣ୍ଡ

**କାନପୁର,୨୯।୧୧**

ଭାରତ ଜନ୍ମିତ ଦୁଇ କ୍ରିକେଟର ଭାରତଠାରୁ ବିଜୟ ଛଡ଼ାଇ ନେବା ସହ ପ୍ରଥମ ଟେଷ୍ଟକୁ ରୋମାଞ୍ଚକ ଢଙ୍ଗରେ ଡ୍ର କରାଇଛନ୍ତି। ରଚିନ୍ ରବୀନ୍ଦ୍ର ଓ ଏଜାଜ ପଟେଲ ଅନ୍ତିମ ତଥା ଦଶମ ଉଇକେଟରେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ନ୍ୟୁଜିଲାଣ୍ଡକୁ ପରାଜୟରୁ ରକ୍ଷା କରିବା ସହ ଘରୋଇ ବୋଲରଙ୍କୁ ନିରାଶ କରିଛନ୍ତି। ଭାରତୀୟ ବଂଶୋଦ୍ଭବ ରବୀନ୍ଦ୍ର ଓ ପଟେଲ ଲଢେଇ କରି ୫୨ଟି ବଲ ଖେଳି ଅପରାଜିତ ୧୦ ରନ କରିବା ସହ ଅନ୍ତିମ ଉଇକେଟ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। ଦ୍ୱିତୀୟ ଇନିଂସ ଆରମ୍ଭରେ ସେତେଟା ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ ମଧ୍ୟ ବୋଲରମାନେ ପରେ ପ୍ରତ୍ୟାବର୍ତ୍ତନ କରି ଭାରତର ବିଜୟ ନିଶ୍ଚିତ କରିଥିଲେ। ତେବେ ବିଶ୍ୱସ୍ତରୀୟ ଭାରତୀୟ ସ୍ପିନରମାନଙ୍କୁ ଶେଷରେ ନିରାଶ ହେବାକୁ ପଡ଼ିଛି। ଫଳରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ସୋମବାର ପଞ୍ଚମ ତଥା ଅନ୍ତିମ ଦିବସରେ ରୋମାଞ୍ଚକ ଢଙ୍ଗରେ ଐତିହାସିକ ଭାବେ ଅମୀମାଂସିତ ରହିଛି। ରବୀନ୍ଦ୍ର ୯୧ ମିନିଟ କ୍ରିଜ୍‌ରେ ରହିବା ସହ ୯୧ଟି ବଲ୍ ଖେଳି ୧୮ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେହିପରି ପଟେଲ ୨୩ ବଲ ଖେଳି ୨ ରନକରି ଅପରାଜିତ ରହିଥିଲେ। ମୁମ୍ବାଇ ଜନ୍ମିତ ପଟେଲ ଓ କର୍ଣ୍ଣାଟକ ଜନ୍ମିତ ରବୀନ୍ଦ୍ର ନବମ ଉଇକେଟର ପତନ ପରେ ୮.୪ ଓଭର ବ୍ୟାଟିଂ କରିଥିଲେ। ରବିବାର ନାଇଟ୍ ୱାଚମ୍ୟାନ ଭାବେ ଆସିଥିବା ୱିଲ ସମରଭିଲ୍ ୧୧୦ଟି ବଲ୍ ଖେଳି ୩୬ ରନ କରିଥିଲେ। ସେ ସମ୍ପୂର୍ଣ୍ଣ ଭାବେ ପଞ୍ଚମ ଦିବସର ମର୍ଣ୍ଣିଂ ସେସନ ଖେଳିଥିଲେ। ତେଣୁ ମ୍ୟାଚ୍ ଡ୍ର କରାଇବାରେ ତାଙ୍କର ମଧ୍ୟ ମୁଖ୍ୟ ଭୂମିକା ରହିଛି ବୋଲି କହିଲେ ଭୁଲ୍ ହେବ ନାହିଁ।

ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୩୪୫ ରନକରି ଅଲ୍‌ଆଉଟ ହେବାପରେ ନ୍ୟୁଜିଲାଣ୍ଡ ୧୪୨.୩ ଓଭରରେ ୨୯୬ ରନକରି ଅଲ୍‌ଆଉଟ ହୋଇଥିଲା। ଫଳରେ ଭାରତ ୪୯ ରନର ମହତ୍ତ୍ୱପୂର୍ଣ୍ଣ

**ଆୟାର ପ୍ଲେୟର ଅଫ୍ ଦି ମ୍ୟାଚ୍**

ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ରବିବାର ଚତୁର୍ଥ ଦିବସରେ ୮୧ ଓଭରରେ ୭ ଉଇକେଟ ହରାଇ ୨୩୪ ରନକରି ଇନିଂସ ଘୋଷଣା କରିଥିଲା। ଫଳରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୨୮୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ପଞ୍ଚମ ଦିବସ ଖେଳ ଶେଷ ସୁଦ୍ଧା ୯୮ ଓଭରରେ ୯ ଉଇକେଟ ହରାଇ ୧୬୫ ରନ ସଂଗ୍ରହ କରି ୧୧୮ ରନ ପଛରେ ରହିଥିଲା। ଏବେ ଦୁଇ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ ୦-୦ ସମାନସ୍ଥିତିରେ ରହିଛି। ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ଡିସେମ୍ବର ୩ରୁ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଆରମ୍ଭ ହେବ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୪/୧ରୁ ନ୍ୟୁଜିଲାଣ୍ଡ ରବିବାର ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଟମ୍ ଲାଥମ ୨ ରନରୁ ଖେଳ ଆରମ୍ଭ କରି ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ରବିଚନ୍ଦ୍ରନ ଅଶ୍ୱିନଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ସେହିପରି ୨ରୁ ଖେଳ ଆରମ୍ଭ କରି ନାଇଟୱାଚ୍ ୱିଲିୟମ ସମରଭିଲ ୩୬ ରନ କରିଥିବା ବେଳେ ଲଞ୍ଚ ପରେ ପ୍ରଥମ ବଲ୍‌ରେ ଉମେଶ ଯାଦବଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ସମରଭିଲ ଓ ଲାଥମ ୧୯୪ଟି ବଲ୍ ଖେଳି ୭୬ ରନ ସଂଗ୍ରହ କରିଥିଲେ। ଅଧିନାୟକ କେନ୍ ୱିଲିୟମସନ ୨୪ ରନ କରିଥିବା ବେଳେ ଜାଡେଜାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଦଳର ୭ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ରସ୍ ଟେଲର ୨, ହେନେରୀ ନିକୋଲ୍ସ ୧, ଉଇକେଟକିପର ବ୍ୟାଟର ଟମ୍ ବ୍ଲୁଣ୍ଡେଲ ୨, କାଏଲ ଜେମିସନ ୫, ଟିମ ସୌଦି ୪ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ସର୍ବାଧିକ ୪ ଉଇକେଟ ହାସଲ କରିଥିଲେ। ସେହିପରି ଅଶ୍ୱିନ ୩, ଅକ୍ଷର ପଟେଲ ଓ ଉମେଶ ଯାଦବ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଜାଡେଜା ୱିଲିୟମସନ, ଟେଲର, ଜେମିସନ ଓ ସୌଦୀଙ୍କୁ ଆଉଟ କରି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ।


ଉଇକେଟ ନେବା ପରେ ରବୀନ୍ଦ୍ର ଜାଡେଜାଙ୍କ ପ୍ରତିକ୍ରିୟା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୧୧୧.୧ ଓଭରରେ ୩୪୫ ଅଲ୍‌ଆଉଟ। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୧୪୨.୩ ଓଭରରେ ୨୯୬। ଭାରତ ଦ୍ୱିତୀୟ ଇନିଂସ: ୮୧ ଓଭରରେ ୨୩୪/୭ ଇନିଂସ ଘୋଷଣା। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୯୮ ଓଭରରେ ୧୬୫/୯। (ଟମ୍ ଲାଥମ-୫୨, ୱିଲିୟମ ସମରଭିଲ- ୩୬, କେନ ୱିଲିୟମସନ- ୨୪, ରାଚିନ ରବୀନ୍ଦ୍ର- ୧୮*, ଏଜାଜ ପଟେଲ- ୨*, ରବୀନ୍ଦ୍ର ଜାଡେଜା- ୪/୪୦, ଅଶ୍ୱିନ- ୩/୩୫, ଅକ୍ଷର ପଟେଲ- ୧/୨୩, ଉମେଶ ଯାଦବ- ୧/୩୪)।

# ହରଭଜନଙ୍କୁ ପଛରେ ପକାଇଲେ ଅଶ୍ୱିନ

**କାନପୁର,୨୯।୧୧**

ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଆଉ ଏକ ବଡ଼ ସଫଳତା ହାସଲ କରିଛନ୍ତି। ସେ ଭାରତର ତୃତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ମାନ୍ୟତା ପାଇଛନ୍ତି । କ୍ୟାରିୟରର ୮୦ତମ ଟେଷ୍ଟରେ ସେ ଏହି ସଫଳତା ପାଇଛନ୍ତି। ଏହି କ୍ରମରେ ସେ ପୂର୍ବତନ ସ୍ପିନର ହରଭଜନ ସିଂଙ୍କୁ ପଛରେ ପକାଇଛନ୍ତି।

ରବିବାର ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସର ପ୍ରଥମ ଉଇକେଟ (ଓପନର ୱିଲ ୟଙ୍ଗ) ହାସଲ କରି ସେ ହରଭଜନଙ୍କ ସମକକ୍ଷ ହୋଇଥିଲେ। ହରଭଜନ ୧୦୩ଟି ମ୍ୟାଚ୍ ଖେଳି ୪୧୭ ଉଇକେଟ ହାସଲ କରିଥିଲେ। ଏହାପରେ ସେ ଓପନର ଟମ୍ ଲାଥମଙ୍କୁ ଆଉଟ କରି ୪୧୮ ଉଇକେଟ ହାସଲ କରି ହରଭଜନଙ୍କ ରେକର୍ଡକୁ ପଛରେ ପକାଇଥିଲେ। ପ୍ରଥମ ଇନିଂସରେ ଅଶ୍ୱିନ ୩ ଉଇକେଟ ଅକ୍ତିଆର କରିବା ପରେ ଦ୍ୱିତୀୟ ଇନିଂସରେ ମଧ୍ୟ ୩ ଉଇକେଟ ଅକ୍ତିଆର କରିଥିଲେ। ୩୫ ବର୍ଷୀୟ ଅଶ୍ୱିନ ୪୧୯ଟି ଉଇକେଟ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ଅନିଲ କୁମ୍ବଲେ ୬୧୯ ଉଇକେଟ ହାସଲ କରି ଶୀର୍ଷରେ ଥିବା ବେଳେ କିମ୍ବଦନ୍ତୀ ଦ୍ରୁତ ବୋଲର କପିଳ ଦେବ ୪୩୪ ଉଇକେଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଶ୍ୱିନ ଚତୁର୍ଥ ଭାରତୀୟ ବୋଲର ଭାବେ ୪୦୦ ଉଇକେଟ ହାସଲ କରିଥିଲେ। ସେ ବିଶ୍ୱର ୧୩ତମ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ସାବ୍ୟସ୍ତ


ରବିଚନ୍ଦ୍ରନ ଅଶ୍ୱିନ

**ତୃତୀୟ ଭାରତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର**

ହୋଇଛନ୍ତି। ସେ ପାକିସ୍ତାନ କିମ୍ବଦନ୍ତୀ ଦ୍ରୁତ ବୋଲର ୱାସିମ ଆକ୍ରମ (୪୧୪)ଙ୍କୁ ମଧ୍ୟ ଅତିକ୍ରମ କରିଥିଲେ। ଟେଷ୍ଟ ଫର୍ମାଟ୍‌ରେ ଶ୍ରୀଲଙ୍କା କିମ୍ବଦନ୍ତୀ ସ୍ପିନର ମୁଥିଆ ମୁରଲିଧରନ ସର୍ବାଧିକ ୮୦୦ ଉଇକେଟ ହାସଲ କରି ଶୀର୍ଷରେ ରହିଥିବା ବେଳେ ଅଷ୍ଟ୍ରେଲିଆର ଶେନ୍ ୱାର୍ନ ୭୦୮ ଉଇକେଟ ନେଇ ଦ୍ୱିତୀୟ ସ୍ଥାନରେ ଓ ଇଂଲଣ୍ଡର ଜେମ୍ସ ଆଣ୍ଡରସନ ତୃତୀୟ ସ୍ଥାନରେ ରହିଛନ୍ତି।



ରାଜ୍ୟ ବୋଲିଂ ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ଲନ୍ ବଲ୍‌କୁ ସ୍ୱୀକୃତି ଦାବି କଲା ରାଜ୍ୟ ସଂଘ

**ଭୁବନେଶ୍ୱର,୨୯।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ରାଜ୍ୟ ବୋଲିଂ ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ ସୋମବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ତଥା ପୂର୍ବତନ ସାଂସଦ ଅନଙ୍ଗ ଉଦୟ ସିଂହଦେଓଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଏସୀୟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସମ୍ପୃକ୍ତ ଲନ୍ ବଲକୁ ରାଜ୍ୟ ସରକାରଙ୍କ ସ୍ୱୀକୃତି ପ୍ରଦାନ ସହ ଭିତ୍ତିଭୂମି ଯୋଗାଇ ଦେବାଲାଗି ଦାବି ଉଠିଥିଲା। ଜାତୀୟ ସ୍କୁଲ ଗେମ୍ସରେ ସାମିଲ କରିବା ନେଇ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା। ବିଭିନ୍ନ ଜିଲାରେ ଲନ୍ ବଲ ଖେଳର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏ ସବୁ ଦାବି ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ, କ୍ରୀଡ଼ା ଓ ଯୁବସେବା ବିଭାଗ, ଶିକ୍ଷା ବିଭାଗ ନିକଟରେ ଦୃଢ଼ ଯୁକ୍ତି ଉପସ୍ଥାପନା କରାଯିବ ବୋଲି ସଭାପତି ସିଂହଦେଓ କହିଥିଲେ। ଓଡ଼ିଶା ଅଲିମ୍ପିକ ସଂଘ ଲନ୍ ବଲ୍‌କୁ ସ୍ୱୀକୃତି ପ୍ରଦାନ କରିସାରିଛି। । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଓ ବଲାଙ୍ଗୀରରେ ଲନ୍ ବଲ୍ ଏଫ୍‌ଓପି (ଫିଲ୍ଡ ଅଫ୍ ପ୍ଲେ) ଲାଗି ଯୋଜନା ରହିଛି। ବୈଠକରେ ବରଗଡ଼ ଜିଲା ସଭାପତି ତଥା ପୂର୍ବତନ ସାଂସଦ ପ୍ରଭାସ ସିଂ, କଟକ ଜିଲା ସଭାପତି ଦେବେନ୍ଦ୍ର କୁମାର ସାହୁ, ଖୋର୍ଦ୍ଧା ସଂଘ ସମ୍ପାଦକ ତଥା ରାଜ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟ ସୁରେଶ ସ୍ୱାଇଁ, ସମ୍ବଲପୁର ସମ୍ପାଦକ ରଶ୍ମିତା ପୁରୋହିତ, ଭଦ୍ରକ ସମ୍ପାଦକ ଅଶୋକ ସାହୁ, ବାଲେଶ୍ୱର ସମ୍ପାଦକ ଉମେଶ ବେହେରା, କଳାହାଣ୍ଡି ସମ୍ପାଦକ ଚିରଗ ସିଂଦେଓ, ପୁରୀ ସଭାପତି ରାଜେଶ କୁମାର ମିଶ୍ର, ସୋନପୁର ସମ୍ପାଦକ ସଞ୍ଜୟ ମିଶ୍ରଙ୍କ ସହ ଅନୁବନ୍ଧିତ ୧୫ ଜିଲା ଓ ୨ ଶିକ୍ଷାନୁଷ୍ଠାନରୁ ୩୦ ଜଣ ଅଂଶଗ୍ରହଣ କରିଥିଲେ।

# ଉନ୍ନତ ପ୍ରଦର୍ଶନ ସତ୍ତ୍ୱେ ଚିଲିଠାରୁ ହାରିଲା ଭାରତ


ଭାରତ ଓ ଚିଲି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ମାନାଉସ୍ (ବ୍ରାଜିଲ), ୨୯।୧୧ (ପି.ଟି.)**

ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ସ୍ଥାନୀୟ ଆମାଜନ ଆରେନାଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତ ଚିଲିଠାରୁ ୦-୩ ଗୋଲରେ ପରାସ୍ତ ହୋଇଛି। ପ୍ରଥମାର୍ଦ୍ଧରେ ଷ୍ଟ୍ରାଇକର ମାରିଆ ଉରୁଟିଆ (୧୪ତମ ମିନିଟ) ଚିଲିକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ପ୍ରଥମ ଗୋଲ ସ୍କୋର କରିଥିଲେ। ମ୍ୟାଚର ଶେଷ ଆଡ଼କୁ ୮୪ତମ ଓ ୮୫ତମ ମିନିଟ୍‌ରେ ପଛକୁ ପଛ ଦୁଇଟି ଗୋଲ ସ୍କୋର ସହ ଚିଲି ଭାରତକୁ ପ୍ରତ୍ୟାବର୍ତ୍ତନ ପାଇଁ କୌଣସି ସୁଯୋଗ ଦେଇ ନ ଥିଲା। ପୂର୍ବରୁ ବ୍ରାଜିଲ ବିପକ୍ଷରେ ଖେଳିଥିବା ଦଳରେ ଅଦିତି ଚୌହାନଙ୍କ ସ୍ଥାନରେ ଏମ୍. ଲିନ୍‌ଟୋଇନ୍‌ଗାମ୍ବି ଦେବୀ ଏବଂ କମଳା ଦେବୀ ଓ ଡାଙ୍ଗମେଇ ଗ୍ରେସ୍‌ଙ୍କ ସ୍ଥାନରେ ମାର୍ଟିନା ଥୋକ୍‌ଚୋମ୍ ଓ ମନୀଷା ପାନ୍ନାଙ୍କୁ ନିଆଯାଇଥିଲା।

# ପ୍ରଥମ ଟେଷ୍ଟ: ପାକିସ୍ତାନର ପ୍ରତ୍ୟାବର୍ତ୍ତନ

**ଚଟ୍ଟୋଗ୍ରାମ,୨୯।୧୧**

ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ପାକିସ୍ତାନ ପ୍ରଥମ ଇନିଂସରେ ୪୪ ରନ ପଛରେ ପଡ଼ିଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରି ବିଜୟ ସମ୍ଭାବନା ସୃଷ୍ଟି କରିଛି। ପ୍ରଥମ ଇନିଂସରେ ବାଂଲାଦେଶ ୩୩୦ ରନ ଜବାବରେ ପାକିସ୍ତାନ ୨୮୬ ରନକରି ଅଲଆଉଟ ହୋଇଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ୧୫୭ ରନରେ ଅଲଆଉଟ ହେବା ପରେ ପାକିସ୍ତାନ ସମ୍ମୁଖୀରେ ୨୦୨ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ସୋମବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୩୩ ଓଭରରେ ବିନାକ୍ଷତିରେ ୧୦୯ ରନ ସଂଗ୍ରହ କରିଛି। ମ୍ୟାଚ ଆଉ ଗୋଟିଏ ଦିନ ବାକି ଥିବା ବେଳେ ପାକିସ୍ତାନ ୧୦ ଉଇକେଟ ହାତରେ ରଖି ବିଜୟ ପାଇଁ ଆଉ ୯୩ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଓପନର ଅବିଦ ଅଲି ୫୬ ଓ ଅବଦୁଲ୍ଲା ସାଫିକ୍ ୫୩ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଅପରାଜିତ ରହିଛନ୍ତି। ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୯/୪ରୁ ଖେଳ ଆରମ୍ଭ କରି ବାଂଲାଦେଶ ସୋମବାର ଅଲଆଉଟ ହୋଇଥିଲା। ଓଭରନାଇଟ ସ୍କୋର ୧୨ରୁ ମୁସ୍‌ଫିକର ରହିମ ଓ ୮ରୁ ୟାସିର ଅଲି ବ୍ୟାଟିଂ ଆରମ୍ଭ କରି ଯଥାକ୍ରମେ ୧୬ ଓ ୩୬ ରନକରି ପ୍ୟାଭିଲିୟନ ଫେରିଥିଲେ। ଉଇକେଟକିପର ବ୍ୟାଟର ଲିଟନ ଦାସ ୫୯ ରନ ସଂଗ୍ରହ କରିଥିବା ବେଳେ ମେହିଦି ହାସନ ମିରାଜ ୧୧, ନୁରୁଲ ହାସନ ୧୫ ରନକରି ଆଉଟ ହୋଇଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ଶାହିନ ଶାହା ଆଫ୍ରିଦି ସର୍ବାଧିକ ୫, ସାଜିଦ ଖାଁ ୩ ଓ ହାସନ ଅଲି ୨ଟି ଉଇକେଟ ନେଇଥିଲେ।


ଶତକୀୟ ଭାଗୀଦାରି ଅବସରରେ ଅବିଦ ଅଲୀ ଓ ଅବଦୁଲ୍ଲା ସାଫିକ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୩୩୦ ଅଲଆଉଟ। ପାକିସ୍ତାନ ପ୍ରଥମ ଇନିଂସ: ୨୮୬ ଅଲଆଉଟ। ବାଂଲାଦେଶ ଦ୍ୱିତୀୟ ଇନିଂସ: ୧୫୭ ଅଲଆଉଟ ପାକିସ୍ତାନ ଦ୍ୱିତୀୟ ଇନିଂସ: ୧୦୯/୦।

# ଆନ୍ତଃ ଜିଲା ଜୁନିୟର କ୍ରିକେଟ: ଆଦିତ୍ୟଙ୍କ ଶତକ

**ଭୁବନେଶ୍ୱର, ୨୯।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆନ୍ତଃ ଜିଲା ଜୁନିୟର ବାଳକ (୧୬ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟ ସୁପର ଲିଗ୍ (ଦୁଇଦିନିଆ ଫର୍ମାଟ) ଆରମ୍ଭ ହୋଇଛି। ସୋମବାର କଟକସ୍ଥିତ ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦୁଝର ୩୮.୫ଓଭରରେ ୧୨୩ ରନ କରି ଅଲଆଉଟ ହୋଇଯାଇଛି। ଶିତାଂଶୁ ସାମନ୍ତରାୟ ସର୍ବାଧିକ ୨୭ ରନ କରିଥିଲେ। ଆର୍ଯ୍ୟନନାଥ ତିୱାରୀ, ସାଇ ପି. ପଟ୍ଟନାୟକ ଓ ପୀୟୂଷ ମନ୍ତ୍ରୀ ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଅବଶିଷ୍ଟ ଓଡ଼ିଶା-୩ ଆଦିତ୍ୟ ଜେନା (୧୨୪ ବଲ୍‌ରେ ୧୫୫ରନ)ଙ୍କ ଶତକ ସହାୟତାରେ ସୋମବାର ଖେଳ ଶେଷ ସୁଦ୍ଧା ୪୯ ଓଭରରେ ୪ ଉଇକେଟ ବିନିମୟରେ ୩୦୨ ରନ କରିଥିଲା। ସମର୍ପିତ ଏସ୍. ପଟେଲ ୮୮ରନ କରିଥିଲେ। ଡି. ମହନ୍ତ ୨ଉଇକେଟ ନେଇଥିଲେ।


ସୟଦ ଟି.ଅହମଦ


ଆଦିତ୍ୟ ଜେନା

**ଅବଶିଷ୍ଟ ଓଡ଼ିଶା-୧ର ବ୍ୟାଟିଂ ବିପର୍ଯ୍ୟୟ**

ଏସ୍‌ସିବି ମେଡିକାଲ ଗ୍ରାଉଣ୍ଡରେ ଅନୁଷ୍ଠିତଅନ୍ୟଏକମ୍ୟାଚରେଅବଶିଷ୍ଟ ଓଡ଼ିଶା-୧ର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। ଦଳ ମାତ୍ର ୬୪ରନରେ ଅଲଆଉଟ ହୋଇଯାଇଛି। ଦଳର ଟପ୍ ସ୍କୋରର ଶୁଭ୍ରଜିତ୍ ଜେନା ୧୬ ରନ କରିଥିଲେ। ବିପକ୍ଷ ଭୁବନେଶ୍ୱର ବି'ର ଶୁଭ୍ରକାନ୍ତ ପରିଡ଼ା ୪ ଉଇକେଟ ନେଇଥିବା ବେଳେ ବିଶାଳ କୁମାର ଓ ସ୍ୱରାଜ ରାଉତ ୩ଟି ଲେଖାଏଁ ଉଇକେଟ ସଫଳତା ପାଇଥିଲେ। ଭୁବନେଶ୍ୱର ବି' ବ୍ୟାଟିଂ କରିବାକୁ ଯାଇ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟରେ ୧୭୮ ରନ କରିଛି। ଶ୍ରେୟ ଏ' ପଟ୍ଟନାୟକ ୬୫ ଓ ମୁଡ଼ିୟା କୌଶିକ୍ ୫୫ ରନ କରି ଅପରାଜିତ ରହିଛନ୍ତି। ଅବଶିଷ୍ଟ ଓଡ଼ିଶା-୧ର କରନ ସୋନି ୨ ଉଇକେଟ ଅକ୍ତିଆର କରିଛନ୍ତି।

**ସୁନ୍ଦରଗଡ଼ ୧୩୪ରେ ଅଲଆଉଟ**

ରେଭେନ୍ସା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ସୁନ୍ଦରଗଡ଼ ୧୩୪ରନରେ ଅଲଆଉଟ ହୋଇଯାଇଛି। ପ୍ରିୟାଂଶୁ ସିଂ ସର୍ବାଧିକ ୪୦ରନ ଓ ଅଧିନାୟକ ଅଭିଷେକ ସିଂ ୨୯ରନ କରିଛନ୍ତି। ଅବଶିଷ୍ଟ ଓଡ଼ିଶା-୪ ପକ୍ଷରୁ ଅଭିଷେକ ସେନାପତି ୪, କ୍ରିଷ୍ଣା ମହାନ୍ତି ୩ ଓ ହର୍ଷଦୀପ ସିଂ ୨ ଉଇକେଟ ନେଇଛନ୍ତି। ବ୍ୟାଟିଂ କରିବାକୁ ଯାଇ ଅବଶିଷ୍ଟ ଓଡ଼ିଶା-୪ ସୋମବାର ଖେଳ ଶେଷ ସୁଦ୍ଧା ୫ ଉଇକେଟ ବିନିମୟରେ ୧୦୨ ରନ କରିଛି। ଦେବଜ୍ୟୋତି ଟି' ପଟ୍ଟନାୟକ ସର୍ବାଧିକ ୫୨, କ୍ରିଷ୍ଣା ମହାନ୍ତି ୩୫ ରନ କରିଛନ୍ତି। ବିପକ୍ଷ ଦଳର ସାୟନ ଚକ୍ରବର୍ତ୍ତୀ ୨୭ରନ ବିନିମୟରେ ୩ ଉଇକେଟ ନେଇଛନ୍ତି।

**ଭୁବନେଶ୍ୱର ଏ' ଦଳ ୮୩ ରନରେ ବିଜୟୀ**

ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ଅବଶିଷ୍ଟ ଓଡ଼ିଶା-୨ ବିପକ୍ଷ ମ୍ୟାଚରେ ଭୁବନେଶ୍ୱର ଏ' ଦଳ ୮୩ ରନରେ ବିଜୟ ଲାଭ କରିଛି। ଏଥିରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅବଶିଷ୍ଟ ଓଡ଼ିଶା-୨ ଦଳ ୧୯.୪ ଓଭରରେ ମାତ୍ର ୫୨ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ଅଧିନାୟକ ସ୍ୱାଧୀନ ପାତ୍ର ୨୫ରନ କରିଥିଲେ। ବିପକ୍ଷ ଦଳର ସୟଦ ଟି. ଅହମ୍ମଦ ୬ ଏବଂ ଜଗଦୀଶ ମହାପାତ୍ର ୪ ଉଇକେଟ ନେଇଥିଲେ। ଭୁବନେଶ୍ୱର ଏ' ଦଳ ୪୬.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୫ ରନ କରିଥିଲା। ଅବଶିଷ୍ଟ ଓଡ଼ିଶା-୨ ଦଳର ଚନ୍ଦିପ ଏସ୍. ରିଆର ୪ ଏବଂ ଇଶାନ କେ. ପାତ୍ର ୩ଉଇକେଟ ସଫଳତା ପାଇଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଅଜଣା ବୃଦ୍ଧଙ୍କ ମୃତଦେହ ଜବତ

**ରାଉରକେଲା ଅଫିସ:** ରାଉରକେଲା ରେଳ ଷ୍ଟେଶନ ପରିସରରେ ଜଣେ ବୃଦ୍ଧଙ୍କ ମୃତଦେହକୁ ଆରପିଏଫ ପୋଲିସ ସୋମବାର ଜବତ କରିଛି। ରିପୋର୍ଟ ଲେଖିବା ପର୍ଯ୍ୟନ୍ତ ବୃଦ୍ଧଙ୍କ କୌଣସି ପରିଚୟ ମିଳିନାହିଁ। ପୋଲିସ ସୂଚନା ଅନୁଯାୟୀ, ବୃଦ୍ଧ ଜଣଙ୍କ ବହୁ ଦିନଧରି ରାଉରକେଲା ରେଳ ଷ୍ଟେଶନ ଆଖପାଖରେ ବୁଲୁଥିଲେ। ପ୍ରତିଦିନ ବୃଦ୍ଧ ଜଣଙ୍କ ଷ୍ଟେଶନ ପରିସରରେ ଶୋଇଥିବାବେଳେ ରବିବାର ରାତିରେ ତାଙ୍କର ମୃତ୍ୟୁ ହୋଇଛି। ମୃତ ବୃଦ୍ଧଙ୍କ ବୟସ ପାଖାପାଖି (୬୯) ବୋଲି ଅନୁମାନ କରାଯାଇଛି। ତାଙ୍କର ମୃତ ଶରୀରକୁ ଆର୍‌ଜିଏଚ୍ ମର୍ଗହାଉସ୍‌ରେ ରଖି ପୋଲିସ ତଦନ୍ତ ଜାରି ରଖିଛି।

# ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟରେ ତାଲା ପକାଇଲେ ବସ୍ତିବାସୀ

**ରାଉରକେଲା ଅଫିସ,୨୯।୧୧**

ରାଉରକେଲା ବାସନ୍ତୀ କଲୋନୀ ଅଞ୍ଚଳରେ ଥିବା ଏକ ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟରେ ସ୍ଥାନୀୟ ଲୋକେ ସୋମବାର ତାଲା ପକାଇ ଦେଇଛନ୍ତି। ଏହି ପ୍ଲାଣ୍ଟରେ ଦୀର୍ଘଦିନ ଧରି ଗଦା ହୋଇଥିବା ଅଳିଆଆବର୍ଜନାରୁ ଦୁର୍ଗନ୍ଧ ହେଉଥିଲା। ଫଳରେ ପୂର୍ବତନ ଭାଜପା କାଉନସିଲର ସମର ତନ୍ତୀଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ଉକ୍ତ ପ୍ଲାଣ୍ଟର ଗେଟ୍‌ରେ ତାଲା ପକାଇ ଦେଇଥିଲେ।

ସୂଚନା ଅନୁସାରେ, ଗତ କିଛି ମାସ ତଳେ ମହାନଗର ନିଗମ ପକ୍ଷରୁ ଉକ୍ତ ଅଞ୍ଚଳରେ ଅଳିଆଆବର୍ଜନାକୁ ଏକାଠି କରି ସେଥିରୁ କମ୍ପୋଷ୍ଟ ତିଆରି କରିବା ପାଇଁ ଉକ୍ତ ପ୍ଲାଣ୍ଟ ସ୍ଥାପନ କରାଯାଇଥିଲା। ବାସନ୍ତୀ କଲୋନୀ ବରଫ ଫ୍ୟାକ୍ଟ୍ରି ନିକଟରେ ଥିବା ଏହି କମ୍ପୋଷ୍ଟ ପ୍ଲାଣ୍ଟରେ ପ୍ରତିଦିନ ବିଭିନ୍ନ ଆଡୁ ଅଳିଆଆବର୍ଜନା ଆଣି ପକାଯାଉଥିଲା। କିନ୍ତୁ ପ୍ଲାଣ୍ଟ ବହୁ ଦିନରୁ ବନ୍ଦ ଥିବାରୁ ସେଠାରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିଲା। ଏହି ଅଳିଆଆବର୍ଜନା ଗୁଡ଼ିକ ବହୁଦିନ ଧରି ପଡ଼ି ରହିବାରୁ ପଚି ଗନ୍ଧେଇବା ସହ ବୁଲା ପ୍ରାଣୀ ଏହାକୁ ଗୋଡାରେ ଖେଳାଇ ଦୂଷିତ ପରିବେଶ ସୃଷ୍ଟି କରିଥିଲେ। ଏ ନେଇ ସ୍ଥାନୀୟ ଲୋକେ ଆରଏମ୍‌ସିର ସଫେଇ କର୍ମଚାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଲାଭ ମିଳି ନ ଥିଲା। ଫଳରେ ସୁଇପରବସ୍ତି, ମାଲଗୋଦାମ ବସ୍ତି, ବରଫ ଫ୍ୟାକ୍ଟ୍ରିର ବାସିନ୍ଦା ଏହାର ସମାଧାନ କରିବା ପାଇଁ ପ୍ଲାଣ୍ଟରେ ତାଲା ପକାଇଛନ୍ତି। ଏ ନେଇ ଆରଏମ୍‌ସିର ଅତିରିକ୍ତ କମିଶନର ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ମଙ୍ଗଳବାର ଆରଏମ୍‌ସି ପକ୍ଷରୁ ସଫେଇ ଇନ୍‌ଚାର୍ଜଙ୍କୁ ଉକ୍ତ ସ୍ଥାନକୁ ପଠାଇ ପ୍ରକୃତ ସ୍ଥିତି ସମୀକ୍ଷା କରିଯିବ। ଯଦି ଏଭଳି ପରିସ୍ଥିତି ଉପୁଜୁଥାଏ ତେବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସୂଚନା ଦେଇଥିଲେ।


ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟରେ ତାଲା ପକାଯାଇଛି।

## ୩୫ ଗ୍ରାମ୍ ସୁନା ଜବତ, ୪ ଗିରଫ

**ରାଉରକେଲା ଅଫିସ,୨୯।୧୧**

ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ଅଞ୍ଚଳରେ ଚୋରି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମଧୁସୂଦନପାଲିର ନାରାୟଣ ସାହୁ(୨୦), ମାଲଗୋଦାମର ଶମ୍ଭୁ ଲୋହାର(୧୯), ସାଗର ମାହତୋ(୨୦) ଏବଂ ନଗେନ୍ଦ୍ର ପ୍ରସାଦ ସାହୁ(୩୮)। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଏକ ମାମଲା (ନଂ.୨୬୨/୨୧) ରୁଜୁ ହୋଇଛି।

ବାସନ୍ତୀ କଲୋନୀ ସ୍ଥିତ ମାଲଗୋଦାମ ବସ୍ତିର ଅସଲମ ଖାନ ଗତ ୧୦ ତାରିଖରେ ସପରିବାର କଲିକତା ଯାଇଥିଲେ। ଘରେ କେହି ନ ଥିବା ସୁଯୋଗ ନେଇ ଗତ ୨୦ ତାରିଖରେ କିଛି ଦୁର୍ବୃତ୍ତ ତାଙ୍କ ପଛ କବାଟ ଭାଙ୍ଗି ଘରେ ପଶିଥିଲେ ଏବଂ ଆଲମିରା ଭାଙ୍ଗି ସୁନା ଅଳଙ୍କାର ସହ ୫ ହଜାର ଟଙ୍କା ନେଇ ଫେରାର ହୋଇ ଯାଇଥିଲେ। ଏ ନେଇ ଅସଲମ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ସୋମବାର ମଧୁସୂଦନପାଲିରୁ ୩ ଜଣଙ୍କୁ ଗିରଫ କରିଥିଲା। ସେହିପରି ଚୋରି ସୁନା ଗହଣା ରଖିଥିବା ଶ୍ୱାତୀ ଜୁଏଲର୍ସ ମାଲିକ ନଗେନ୍ଦ୍ରଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୩୫ଗ୍ରାମ୍ ସୁନାଗହଣା ଜବତ କରିଥିଲା।

## ସଂକ୍ଷେପରେ

### ସ୍ତ୍ରୀକୁ ମାଡ଼ ମାରି ସ୍ୱାମୀ ଗିରଫ

**ରାଉରକେଲା ଅଫିସ,୨୯।୧୧:** ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ଆମ୍ବେଦକର ବସ୍ତିରେ ସ୍ତ୍ରୀକୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭୋଲା ଯାଦବ(୩୪)। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୨୬୬।୨୧) ରୁଜୁ କରିଛି। ଗତ ଦୁଇଦିନ ତଳେ ବାସନ୍ତୀ କଲୋନୀ ସ୍ଥିତ ଆମ୍ବେଡ଼କର ବସ୍ତିର ଭୋଲା ଓ ତାଙ୍କ ସ୍ତ୍ରୀ ପୁନମଙ୍କ ମଧରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଭୋଲା ରାଗିଯାଇ ଏକ କାଠ ଫାଳିଆରେ ପୁନମଙ୍କୁ ପିଟିଥିଲେ। ଏଥିରେ ପୁନମ ଗୁରୁତର ହୋଇଥିଲେ। ରବିବାର ପୁନମଙ୍କ ପରିବାର ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଭୋଲାଙ୍କୁ ସୋମବାର ଗିରଫ କରିଥିଲା।

### ସ୍ୱରବ୍ରହ୍ମ ପକ୍ଷରୁ ଗଜଲ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୨୯।୧୧:** ରାଉରକେଲା ସେକ୍ଟର-୫ ସ୍ଥିତ ଆଦର୍ଶ ସାହିତ୍ୟ ଘର ପରିସରରେ ସୋମବାର ସ୍ୱରବ୍ରହ୍ମ ମ୍ୟୁଜିକ ଏକାଡେମୀ ପକ୍ଷରୁ ଗଜଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଜୟ ଭୂୟାଁ ଓ ପ୍ରୀତିରାଣୀ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡ. ମଧୁସୂଦନ ଚୌଧୁରୀ ଓ ସମାଜସେବୀ ଝରଣା ଚୌଧୁରୀ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗୁରୁ ବିଭୂତି ପତି, ଶ୍ୟାମସୁନ୍ଦର ପଟ୍ଟନାୟକ, ଦୁଃଶାସନ ସାହୁ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିବାବେଳେ ଅନୁଷ୍ଠାନର ବହୁ କଳାକାର ଗଜଲ ପରିବେଷଣ କରିଥିଲେ। ଏ. ଆର ଡୋରା, ରତ୍ନାବଳୀ ପଣ୍ଡା, କେ. ସି ମହାରଣା, ଅଶୋକ ପଲେଇ, ଈଶ୍ୱରୀ ମହାରଣା, ସ୍ତୁତିଶ୍ରୀ ପଣ୍ଡା ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ।

### ରାଜପୁତ କ୍ଷତ୍ରିୟ ସମାଜ ବୈଠକ

**ସୁନ୍ଦରଗଡ,୨୯।୧୧(ଡି.ଏନ.ଏ):** ସୁନ୍ଦରଗଡ ରାଜପୁତ କ୍ଷତ୍ରିୟ ସମାଜର ସାଧାରଣ ବୈଠକ ରବିବାର ସନ୍ଧ୍ୟାରେ ସ୍ଥାନୀୟ ରାଜବାଟି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାଜ ସଭାପତି ଦୁଷ୍ମନ୍ତ ପ୍ରତାପ ସିଂଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ଷତ୍ରିୟ ସମାଜର ବନ୍ଧୁମିଳନ ଉତ୍ସବ ପାଳନ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଲାଲନ ପ୍ରତାପ ସିଂଦେଓ, ବିରବିକ୍ରମ ସିଂଦେଓ, ରଞ୍ଜୁ ଠାକୁର, ଚୁଡାମଣି ସିଂ, ସଂଜୟ ଦାନି, ସ୍ୱାଧୀନ ରାଏଙ୍କ ସମେତ ସମାଜର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ସମ୍ପାଦକ ପ୍ରଣବ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

### ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ରାଜଗାଙ୍ଗପୁର,୨୯।୧୧(ଡି.ଏନ.ଏ):** ରାଜଗାଙ୍ଗପୁର ଲମଲୋଇ ଠାରେ ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ। ମଙ୍ଗଳବାର ଯଜ୍ଞ କୁଣ୍ଡ ସ୍ଥାପନା, ବୁଧବାର ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଉତ୍ସବରେ ଗୁରୁଜୀ ଡାକ୍ତର ଚନ୍ଦ୍ରଭାନୁ ସତପଥି ଯୋଗ ଦେଇ ପ୍ରାଣପ୍ରତିଷ୍ଠା ସମ୍ପନ୍ନ କରାଇବେ। ମନ୍ଦିର କମିଟି ସଭାପତି ରଶ୍ମିକାନ୍ତ ଷଡଙ୍ଗୀ, ସମ୍ପାଦକ ରାଜକିଶୋର ବିଶ୍ୱାଳ, କୋଷାଧକ୍ଷ ମାନସ ରଞ୍ଜନ ଆଚାର୍ଯ୍ୟ, ପରୀକ୍ଷିତ ସାହୁ, ଜି ମୋହନ ପାତ୍ର, ସପନ ପଣ୍ଡା, ମହେଶ୍ୱର ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ରାସ୍ତା ଉନ୍ନତୀକରଣର ଶିଳାନ୍ୟାସ

**ଝାରସୁଗୁଡ଼ା ଅଫିସ,୨୯।୧୧:** ଝାରସୁଗୁଡା ଜିଲା ଲଖନପୁର ବ୍ଲକ ତେଲେନପାଲି ପଞ୍ଚାୟତ ବନ୍ଧବାହାଲ-ଇବ୍‌ଥର୍ମାଲ ମୁଖ୍ୟରାସ୍ତାରୁ କଣ୍ଟାଝରିଆପଡାକୁ ସଂଯୋଗ କରୁଥିବା ରାସ୍ତା ଉନ୍ନତୀକରଣ ନିମନ୍ତେ ରବିବାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ମୁଖ୍ୟଅତିଥି , ସ୍ଥାନୀୟ ସରପଞ୍ଚ ବିଶାଖା ମାଝି, ମଙ୍ଗଳା ଲାକ୍ରା, ନାଥିଏ ଲିପି, ସାନାତି ଟାଙ୍ଗା, ଅନିତା ଲାକ୍ରା, ଡାବେଲେନ୍ କୁଜୁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତରଫରୁ ପଞ୍ଚଦଶ ଏସ୍‌ଏଫ୍‌ସି ଯୋଜନାରୁ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତାର ଉନ୍ନତୀକରଣ କରାଯିବ।

## ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ


ଅଭିଭାବକମାନେ ଧାରଣା ପ୍ରତ୍ୟାହାର କରୁଛନ୍ତି।

**ସୁନ୍ଦରଗଡ,୨୯।୧୧ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ବସ୍ ସୁବିଧା ଦାବିରେ ସୋମବାର ଅଭିଭାବକ ମାନଙ୍କ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପ୍ରଶାସନର ପ୍ରତିଶ୍ରୁତି ପରେ ଅଭିଭାବକମାନେ ଧାରଣାରୁ ଓହରିଛନ୍ତି। ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଧାରଣାରତ ଅଭିଭାବକଙ୍କ ସହ ଆଲୋଚନା କରି ମଙ୍ଗଳବାର ଏହି ବିଦ୍ୟାଳୟକୁ ୨ଟି ବସ୍ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅଭିଭାବକମାନେ ଧାରଣାରୁ ଓହରିଥିଲେ। ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ ଉପସ୍ଥିତ ଥିଲେ। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ମଧ୍ୟ ତୁରନ୍ତ ବସ୍ ଯୋଗାଇ ଦେବା ସକାଶେ ଫୋନ୍ ଯୋଗେ ଜିଲା ପ୍ରଶାସନ ନିକଟରେ ଦାବି କରିଥିଲେ।

## ହାତୀ, ମାଙ୍କଡ଼ ଉପଦ୍ରବ ନିୟନ୍ତ୍ରଣ ଦାବି

**ଦେବଗଡ଼,୨୯।୧୧(ଡି.ଏନ.ଏ.)**

ଜିଲାରେ ନରହନ୍ତା ଦନ୍ତା ଗଜରାଜଙ୍କୁ ନିୟନ୍ତ୍ରଣ ସହ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଚାଷୀଙ୍କୁ ଶତପ୍ରତିଶତ କ୍ଷତିପୂରଣ ଓ ସହରରେ ମାଙ୍କଡ଼ ଉପଦ୍ରବ ନିୟନ୍ତ୍ରଣ ଦାବିରେ ଜିଲା କଂଗ୍ରେସ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୋମବାର ପୂର୍ବାହ୍ଣରେ ଜିଲା କଂଗ୍ରେସ ସଭାପତି ଉମା ଶଙ୍କର ସାହୁଙ୍କ ନେତୃତ୍ୱରେ ଦଳୀୟ ପଦାଧିକାରୀ ଓ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିଭିନ୍ନ ସ୍ଲୋଗାନ ଦେବା ସହ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ରରେ ହାତୀ ଓ ମାଙ୍କଡ ଭଳି ବାନ୍ୟଜନ୍ତୁଙ୍କ ଦ୍ୱାରା ଜିଲାବାସୀ ପ୍ରତିଦିନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଯଥାଶୀଘ୍ର ଦାବି ପୂରଣ ନ ହେଲେ ଜିଲା କଂଗ୍ରେସ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଲିଖିତ ଚେତାବନୀ ଦିଆଯାଇଛି। ଏଥିରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଏସ୍‌ଟି ସେଲ ସଭାପତି କ୍ଷେତ୍ର କୁମାର ପାତ୍ର, ଜିଲା ଉପସଭାପତି ସୁବାଷ ଚନ୍ଦ୍ର ଭୋଇ, ସମ୍ପାଦକ ବିନୋଦ ବିହାରୀ ନାଏକ, କ୍ଷିତୀଶ କୁମାର ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ପ୍ରମୋଦ କୁମାର ମିଶ୍ର ଓ ବସନ୍ତ କୁମାର ମିଶ୍ରଙ୍କ ସହ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**ଜିଲା କଂଗ୍ରେସ ପକ୍ଷରୁ ଦାବିପତ୍ର**

## ଡାଲମିଆ ସିମେଣ୍ଟ ପକ୍ଷରୁ ମଧୁମେହ, ଚକ୍ଷୁ ପରୀକ୍ଷା ଶିବିର

**କୁତ୍ରା,୨୯।୧୧(ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଲାଞ୍ଜିବେରନା ଚିକିତ୍ସାଳୟରେ ଡାଲମିଆ ସିମେଣ୍ଟ ପକ୍ଷରୁ ନିଃଶୁଳ୍କ ମଧୁମେହ ଏବଂ ଚକ୍ଷୁ ପରୀକ୍ଷା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କୁତ୍ରା ଚିକିତ୍ସାଳୟର ବରିଷ୍ଠ ଡାକ୍ତର ବିଭୂତି ଭୂଷଣ ପଟ୍ଟନାୟକ ଏବଂ କୁତ୍ରା ବ୍ଲକର ପ୍ରୋଜେକ୍ଟ ପରିଚାଳକ ଭାଦୁଆ ଓରାମ ଯୋଗଦେଇ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଡ଼ଃ ପଟ୍ଟନାୟକ ଉପସ୍ଥିତ ଜନସାଧାରଣଙ୍କୁ ମଧୁମେହ ରୋଗର ଲକ୍ଷଣ, ଚିକିତ୍ସା ଏବଂ ଏହାର ଭୟାବହତା ସମ୍ବନ୍ଧରେ ଅବଗତ କରାଇଥିଲେ । ଶିବିରରେ ୭୧ ଜଣଙ୍କ ରକ୍ତ ଶର୍କରା ପରୀକ୍ଷା କରାଯାଇ ମଧୁମେହ ଲକ୍ଷଣ ଥିବା ଲୋକମାନଙ୍କୁ ଉପଯୁକ୍ତ ପରାମର୍ଶ ସହ ଔଷଧ ବଣ୍ଟନ କରାଯାଇଥିଲା। ଏହାସହିତ ସମସ୍ତ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା।

## ସହର ସେବା ସମିତିର ବାର୍ଷିକୋତ୍ସବ



ଉତ୍ସବରେ କୃତୀ ଜଣେ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରାଉରକେଲା ଅଫିସ,୨୯।୧୧**

ରାଉରକେଲାର ସହରସେବା ସମିତିର ବାର୍ଷିକୋତ୍ସବ ସୋମବାର ଏକ ଘରୋଇ ହୋଟେଲ ପରିସରରେ ପ୍ରତିଷ୍ଠାତା ଶୈଳେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ରାଉରକେଲା ବାର୍ ଆସୋସିଏଶନ ସଭାପତି ରମେଶ ବଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ସର୍ବ ସମ୍ମତିକ୍ରମେ ସଭାପତି ଭାବେ ମନୋରଞ୍ଜନ ଦାଶ, କାର୍ଯ୍ୟକାରୀ ସଭାପତି ସୁନୀଲ କୟାଲ, ଉପସଭାପତି ପୁଷ୍ପା ଲେଙ୍କା, ସାଧାରଣ ସମ୍ପାଦକ ଶ୍ରବଣ ପାରିଖ, ଯୁଗ୍ମ ସମ୍ପାଦକ ଅଞ୍ଜଳି ଦାସ, ନରେନ୍ଦ୍ର ଦାସ, କୋଷାଧ୍ୟକ୍ଷ ଭାବେ ସ୍ମିତା ମିଶ୍ର ମନୋନିତ ହୋଇଥିଲେ। ଶଙ୍କର ପ୍ରସାଦ ସରକାର, ଚନ୍ଦ୍ରଶେଖର ପାଢ଼ୀ, ପ୍ରଫୁଲ୍ଲ ନାୟକ, ରାଜୀବ ସିଂ, ରାଜେଶ ବାନାର୍ଜୀ, ପ୍ରତାପ ପାଢ଼ୀ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନିତ ହୋଇଥିଲେ। ଏହି ଅବସରରେ ସମାଜସେବୀ କ୍ରିଷ୍ଣା ସାହୁ, କଳାକାର ଆସୋସିଏଶନ ସଭାପତି ଶଙ୍କର ଜେନା, ବଂଶୀବାଦକ ବିଜୟ ମୋହିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦିଗମ୍ବର ମହାନ୍ତି, ପ୍ରଶାନ୍ତ ରଥ, କୁମକୁମ ପ୍ରସାଦ, କୁଞ୍ଜବିହାରୀ ରାଉତ, ଅଶେଷ ମଣ୍ଡଳ, ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ

**ସମ୍ବଲପୁର,୨୯।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ କମ୍ପାନୀ ପକ୍ଷରୁ ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଖଣ୍ଡୁଆଳ ବନାମ ପାରୁଆଭାଡି ମଧରେ ହୋଇଥିଲା। ପାରୁଆଭାଡି ଚାମ୍ପିୟାନ ଟ୍ରଫି ହାସଲ କରିଥିଲା। ଉତ୍ତରାଞ୍ଚଳ ପୋଲିସ ଡିଆଇଜି ଡ. ଦୀପକ କୁମାର, ବିଜୁ ଜନତା ଦଳ ଜିଲା ସଭାପତି ସିଦ୍ଧାର୍ଥ ଦାସ, ଜିଲା ସଂପାଦକ ରାଜ କିଶୋର ଦାସ, ସିସିପି ମୁଖ୍ୟ ଘନଶ୍ୟାମ ପରିଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡା କ୍ଷେତ୍ରରେ ଆଦିତ୍ୟ ଆଲୁମିନିୟମ ଉଲ୍ଲେଖନୀୟ କାର୍ଯ୍ୟ କରୁଛି। ଯଦ୍ୱାରା ପ୍ରତିଭାବାନ ଖେଳାଳିମାନେ ସୁଯୋଗ ପାଉଛନ୍ତି ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସତ୍ୟ ପ୍ରସାଦ ଦାଶ, ବୀର ବଜରଙ୍ଗ କ୍ରୀଡା ଓ ସାଂସ୍କୃତିକ ସଂଘ ସଭାପତି ସତ୍ୟ ନାରାୟଣ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ୱେତା ଉପାଧ୍ୟାୟ ଓ ମନୋରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ହୋଇଥିଲା।

## ହକି ପ୍ରତିଯୋଗିତା ଉଦ୍‌ଯାପିତ


ଅତିଥିମାନେ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରି ପରିଚିତ ହେଉଛନ୍ତି।

**ଲହୁଣୀପଡ଼ା,୨୯।୧୧(ଡି.ଏନ.ଏ)**

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ସାନ ରକ୍ସି ସ୍ଥିତ କୁଶଳ ତିର୍କୀ ମିନି ଷ୍ଟାଡିୟମରେ ୮ଦିନ ଧରି ଚାଲିଥିବା ଶହୀଦ ଅମିୟ ଦାସ ସ୍ମାରକୀ ହକି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ନିଖିଳ ପବନ କଲ୍ୟାଣ ମୁଖ୍ୟଅତିଥି, ରାଉରକେଲା ଏସ୍‌ପି ମୁକେଶ ଭାମୁ, ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଉପଜିଲାପାଳ ପ୍ରଦୀପ ଡାଙ୍ଗ, ଆଇଟିଡିଏ ପିଏ ଲଲାଟ କୁମାର ଲୁହା, କୋଇଡ଼ା ତହସିଲଦାର ଡିଏସ୍ ଯୋଶୀ, ସିପିଆଇଏମ୍ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ରାଷ୍ଟ୍ରୀୟ ଉପାଧକ୍ଷ ବିଷ୍ଣୁ ମହାନ୍ତି, ସିପିଆଇଏମ୍ ଜିଲା ସମ୍ପାଦକ ପ୍ରମୋଦ ସାମଲ, ଲହୁଣୀପଡ଼ା ବ୍ଲକ ଅଧକ୍ଷ ପଣ୍ଡିତ ଚରଣ ମୁଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଏସ୍‌ଆର ଅଣ୍ଡର ୧୯ ଦଳ ୨-୦ ଗୋଲରେ ବିଏନ୍‌ଜି ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଆୟୋଜକ କମିଟି ସଭାପତି ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଅଧକ୍ଷତା କରିଥିଲେ। ଏଥିରେ ବଣେଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ, ପିଏ ଆଇଟିଡିଏ ଲଲାଟ କୁମାର ଲୁହା ଅତିଥି ଭାବେ ଯୋଗଦେଇ ଉଭୟ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କମିଟି ଉପସଭାପତି ପ୍ରମୋଦ ସାମଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଜନ ପୂର୍ତ୍ତି, ଜୋହାନ ହରୋ, ନିରନ୍ତର ପୂର୍ତ୍ତି, ଜେମସ କାଣ୍ଡୁଲାନା, ସିପ୍ରିୟନ ମୁଣ୍ଡା, ହେରମାନ ମୁଣ୍ଡା, ଜୋହାନ ମୁଣ୍ଡା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ପୌରାଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ଦାବି

**ଦେବଗଡ଼,୨୯।୧୧(ଡି.ଏନ.ଏ.)**

**ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ପକ୍ଷରୁ ସ୍ମାରକପତ୍ର**

ଦେବଗଡ ପୌରାଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ପକ୍ଷରୁ ସୋମବାର ଦେବଗଡ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜ (ଝୁନୁ), ଉପସଭାପତି ଶିବା ମୁଖି ଓ ସମ୍ପାଦକ ଦେବାନନ୍ଦ ନାଗଙ୍କଙ୍କ ସମେତ ବହୁ କର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟ ଯାଇ ଉପଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ପ୍ରଧାନପାଟ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକମାନଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟ ଦୀର୍ଘବର୍ଷ ହେଲା କାର୍ଯ୍ୟକ୍ଷମ ହୋଇ ନ ପାରି ପଡିରହିଥିବାରୁ ଆସୁଥିବା ପର୍ଯ୍ୟଟନମାନେ ବହୁତ ଅସୁବିଧା ସମ୍ମୁଖିନ ହୋଉଥିବା ଦର୍ଶାଇ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବା, ପୌରାଞ୍ଚଳ ନିଳବେର୍ଣ୍ଣୀସାହି ନିକଟସ୍ଥ ବାଇପାସରେ ପ୍ରତ୍ୟହ ଛୋଟବଡ ଦୁର୍ଘଟଣା ଘଟୁଥିବାରୁ ଏହାକୁ ଏଡାଇବା ପାଇଁ ବାଇପାସ ଛକରେ ଆଲୋକିକରଣ ବ୍ୟବସ୍ଥା କରାଯିବା ସହ ହମ୍ପ ନିର୍ମାଣ କରିବାକୁ ସ୍ମାରକପତ୍ର ଜରିଆରେ ଭାଜପା ଏସ୍‌ସିମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି।


ଜିଲା ଭାଜପା ଏସ୍‌ସିମୋର୍ଚ୍ଚା କର୍ମକର୍ତ୍ତା ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

## ବନବାସୀ କଲ୍ୟାଣ ଆଶ୍ରମର ବାର୍ଷିକ କ୍ରୀଡ଼ା ଉତ୍ସବ

**ଦେବଗଡ଼,୨୯।୧୧(ଡି.ଏନ.ଏ.)**

ବନବାସୀ କଲ୍ୟାଣ ଆଶ୍ରମ ଆନୁକୁଲ୍ୟରେ ତିଲେଇବଣି ବ୍ଲକ ଅନ୍ତର୍ଗତ କଂସର କଲେଜ ପଡିଆଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ବନବାସୀ କଲ୍ୟାଣ ଆଶ୍ରମ ଜିଲା ସଭାପତି ଦିବାକର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବେ ଏକଲବ୍ୟ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧକ୍ଷା ଡକ୍ଟର ବିନିତା ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। କ୍ରୀଡା ଉତ୍ସବରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୧୧୩ ଜଣ ପ୍ରତିଯୋଗୀ ଦୌଡକୁଦ, ଲମ୍ବଡିଆଁ ଓ କବାଡି ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ବନବାସୀ କଲ୍ୟାଣ ଆଶ୍ରମ ଜିଲା ସମ୍ପାଦକ କ୍ଷୀରସିନ୍ଧୁ ଭୋଇ ଓ ସ ସମ୍ପାଦକ ପ୍ରଗଣିଆ କ୍ରୀଡା ସଂଯୋଜନା କରିଥିଲେ। ଏକଲବ୍ୟ କଲେଜ କ୍ରୀଡା ଶିକ୍ଷକ ଟଙ୍କଧର ପ୍ରଧାନ ଓ କଂସର ହାଇସ୍କୁଲ କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ପ୍ରତିଯୋଗିତାରେ ବାଳକ ବର୍ଗରେ ବିଜୁ ମୁଣ୍ଡା ଓ ବାଳିକା ବର୍ଗରେ ରୁକ୍ମିଣୀ ମୁଣ୍ଡା ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବନବାସୀ କଲ୍ୟାଣ ଆଶ୍ରମର ପ୍ରାନ୍ତହିତରକ୍ଷା ପ୍ରମୁଖ ପୁରୁଷୋତ୍ତମ ସାହୁ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଦିବ୍ୟାଙ୍ଗ ଅଙ୍ଗନୱାଡି ସହାୟିକାଙ୍କୁ ମିଳିଲାନି ଭତ୍ତା

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ ୩୮ ନମ୍ବର ୱାର୍ଡ ତକବା ଗ୍ରାମର ଅଙ୍ଗନୱାଡି ସହାୟିକା ବାସନ୍ତି ଭୋଇ ସୋମବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳ ଓ ଏସଏମସି ପାଖରେ ଭତ୍ତା ନ ମିଳିବା ନେଇ ଅଭିଯୋଗ କରିଛନ୍ତି। ସେ ଜଣାଇଛନ୍ତି ଯେ, ପ୍ରାୟ ୧୦ ବର୍ଷ ହେଲା ଭିନ୍ନକ୍ଷମ ଭତ୍ତା ପାଇ ଆସୁଥିଲେ। ୭ ଶହ ଟଙ୍କା ବଦଳରେ ୫ ଶହ ଟଙ୍କା ମିଳୁଥିଲା। ହେଲେ ଗତ ୨୩ ତାରିଖ ଦିନ ଭତ୍ତା ବଣ୍ଟନ ସମୟରେ ତାଙ୍କୁ ଫେରାଇ ଦିଆଯାଇଥିଲା। ସେଠାରେ ଉପସ୍ଥିତ କର୍ମଚାରୀ ଓ ଗ୍ରାମର ଜଣେ ବ୍ୟକ୍ତି ଭତ୍ତା କଟି ଯାଇଛି ଆଉ ମିଳିବ ନାହିଁ ବୋଲି କହିଥିଲେ। ଅଙ୍ଗନୱାଡି ସହାୟିକା ଭାବେ ମାତ୍ର ୩୭୫୦ ଟଙ୍କା ମାସିକ ମିଳିଥାଏ। ଅନ୍ୟ କାମ କରି ରୋଜଗାର କରିବା ସମ୍ଭବପର ନୁହେଁ। ତେଣୁ ଭତ୍ତା ଦେବା ପାଇଁ ସେ ଗୁହାରି କରିଛନ୍ତି।

# ମିଳୁନି ସାମଗ୍ରୀ ପ୍ରାପ୍ୟ, ଅଧାରେ ପ୍ରକଳ୍ପ

**ମନ୍ଥର ଗତିରେ ଏମଜିଏନ୍ଆରଇଜିଏସ ଯୋଜନା**

- ଜିଲାରେ ୭ କୋଟି ୭୦ ଲକ୍ଷ ବକେୟା

ସମ୍ବଲପୁର,୨୯।୧୧(ବ୍ୟୁରୋ)



ସମ୍ବଲପୁରରେ ଏକ ପ୍ରକଳ୍ପ ଅଧାରେ ପଡି ରହିଛି।

କୋଭିଡ୍ ସମୟରେ ସଞ୍ଜିବନୀ ଭଳି କାମ ଦେଇଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବେ ସମ୍ବଲପୁର ଜିଲାରେ ବାଟବଣା ହୋଇଯାଇଛି। ଶ୍ରମିକମାନଙ୍କୁ ରୋଜଗାର ଦେଇଥିବା ଏହି ଯୋଜନା ଅନୁଦାନ ଅଭାବରୁ ମନ୍ଥର ଗତିରେ ଚାଲିଛି। ମୁଖ୍ୟତଃ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପରେ ବ୍ୟବହାର ହେଉଥିବା ସାମଗ୍ରୀର ପ୍ରାପ୍ୟ ନ ମିଳିବା ଯୋଗୁ ବହୁ ପ୍ରକଳ୍ପ ଅଧା ଅପନ୍ତରିଆ ହୋଇ ରହିଥିବା ଅଭିଯୋଗ ହେଉଛି। ଅନ୍ୟପଟେ ପ୍ରକଳ୍ପରେ ନିୟୋଜିତ ଶ୍ରମିକମାନଙ୍କୁ ମଜୁରି ନିୟମିତ ନ ମିଳିବା ଏକ ପ୍ରମୁଖ କାରଣ ହୋଇଛି ବୋଲି ଆଲୋଚନା ହେଉଛି। ଜିଲାରେ ସାମଗ୍ରୀ ବାବଦକୁ ପ୍ରାୟ ୭ କୋଟି ୬୫ ଲକ୍ଷ ବକେୟା ରହିଛି। ପ୍ରକଳ୍ପଗୁଡିକ ପଞ୍ଚାୟତ ସ୍ତରରେ ତଦାରଖ କରାଯାଉଛି। ହେଲେ ପ୍ରକଳ୍ପ ପାଇଁ ବ୍ୟବହାର ହେଉଥିବା ବାଲି, ସିମେଣ୍ଟ, ମେଟାଲ, ଇଟା, ଗେଟି ଭଳି ଉନ୍ନୟନ ସାମଗ୍ରୀ ଯୋଗାଣ କରୁଥିବା ସଂସ୍ଥା ଟଙ୍କା ନ ପାଇ ମୁହଁ ଫେରାଉ ନେଉଛନ୍ତି। ବକେୟା ଟଙ୍କା ଦେଲେ ଆଗକୁ ସାମଗ୍ରୀ ଦେବେ ବୋଲି ରୋକଠୋକ ଶୁଣାଇ ଦେଉଛନ୍ତି। ପ୍ରାୟ ୬ ମାସ ହେଲା ଲକ୍ଷାଧିକ ଟଙ୍କା ବକେୟା ରହିଥିବା ଏକ ଯୋଗାଣକାରୀ ସଂସ୍ଥାର ଜଣେ ମାଲିକ କହିଛନ୍ତି।

ଅନ୍ୟପଟେ ସଂସ୍ଥା ପକ୍ଷରୁ କୁହାଯାଉଛି ଯେ, ଜିଏସଟି ପଇଠ କରାଯାଇଛି। ସାମଗ୍ରୀ କିଣିବା ସମୟରେ ପୂର୍ବରୁ ଟିକସ ମଧ୍ୟ ଦିଆଯାଇଛି। ହେଲେ ସରକାର ପାଖରେ ଆମର ଟଙ୍କା ବକେୟା ରହିଛି ବୋଲି ସଂସ୍ଥାର ମାଲିକ ଅଭିଯୋଗ କରିଛନ୍ତି। ସାମଗ୍ରୀ ନ ହେବାରୁ ଜିଲାରେ ଅଧିକାଂଶ ପ୍ରକଳ୍ପ ବନ୍ଦ ହୋଇ ପଡି ରହିଛି। ଶ୍ରମିକ ଥିଲେ ମଧ୍ୟ ଆବଶ୍ୟକ ସାମଗ୍ରୀ ନ ହେବାରୁ କାମ ଆଗେଇ ପାରୁନାହିଁ। ତେଣୁ ନିର୍ଭର କରୁଥିବା ଶ୍ରମିକମାନେ ରୋଜଗାର ହରାଇ ଘରେ ବସିଛନ୍ତି। ପୋଖରୀ, ରାସ୍ତା, ପାର୍କ, ଗୁହାଳ, ବାଉଣ୍ଡି କାନ୍ଥ ଭଳି ଉନ୍ନୟନମୂଳକ କାମ ଅଧାପନ୍ତରିଆ ହୋଇ ପଡି ରହିଛି। ତେଣୁ ଜନସାଧାରଣ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିସହିତ ଏହି ଯୋଜନାରେ ବ୍ୟକ୍ତିଗତ ଭାବେ ଚାଲିଥିବା ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

ମିଳିଥିବା ରିପୋର୍ଟ ଅନୁସାରେ, ବାମରା ବ୍ଲକରେ ୧ କୋଟି ୯ ଲକ୍ଷ ୩୮ ହଜାର, ଧନକଉଡା ବ୍ଲକରେ ୭୮ ଲକ୍ଷ ୨୪ ହଜାର ୮୫୬ ଟଙ୍କା, ଜମନକିରାରେ ୨୧ ଲକ୍ଷ ୮ ହଜାର ୮୦୬, ଯୁଯୁମୁରାରେ ୧ କୋଟି ୭୫ ଲକ୍ଷ ୮୭ ହଜାର ୫୪୫ ଟଙ୍କା, କୁଚିଣ୍ଡା ବ୍ଲକରେ ୯୮ ଲକ୍ଷ ୧୨ ହଜାର ୦୪୦, ମାନେଶ୍ୱର ବ୍ଲକରେ ୧ କୋଟି ୧୦ ଲକ୍ଷ ୨୦୦୪ ଟଙ୍କା, ନାକଟିଦେଉଳ ବ୍ଲକରେ ୭୭ ଲକ୍ଷ ୩୩ ହଜାର ୨୮୦ ଟଙ୍କା, ରେଢାଖୋଲ ବ୍ଲକରେ ୧ କୋଟି ୮୨ ଲକ୍ଷ ୨୦ ହଜାର ୪୧୪ ଟଙ୍କା, ରେଙ୍ଗାଲି ବ୍ଲକରେ ୧୧ ଲକ୍ଷ ୭୦ ହଜାର ୭୭୬ ଟଙ୍କା ଗତ ଶନିବାର ସୁଦ୍ଧା ବକେୟା ରହିଛି। ସେହିପରି ଶ୍ରମିକଙ୍କ ପ୍ରାପ୍ୟ ବାବଦକୁ ସମସ୍ତ ବ୍ଲକରେ ୩ କୋଟି ୨୭ ଲକ୍ଷ ୭୨ ହଜାର ୨୧୭ ଟଙ୍କା ବକେୟା ରହିଛି। ଏ ସମ୍ପର୍କରେ ଡିଆରଡିଏ ପିଡି ଦିଲୀପ କୁମାର ବଳ କହିଛନ୍ତି ବକେୟା ରହିଛି। ହେଲେ ପ୍ରକ୍ରିୟା ଶେଷ ହୋଇଯାଇଛି। ଖୁବଶୀଘ୍ର ସମସ୍ତ ଟଙ୍କା ରିଲିଜ ହୋଇଯିବ। ପ୍ରକଳ୍ପଗୁଡିକ ନିର୍ମାଣାଧୀନ ରହିଛି। ତେଣୁ ବକେୟା ଥିବା ଟଙ୍କା ମଧ୍ୟ ଦିଆଯାଉଥିବ। ବିଭିନ୍ନ କାରଣରୁ ସାମାନ୍ୟ ବିଳମ୍ବ ହୋଇପାରେ ହେଲେ ଟଙ୍କା ନିଶ୍ଚିତ ଭାବେ ମିଳିଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ବାଲିଘାଟକୁ ବିରୋଧ



ଝାରସୁଗୁଡା ଅଫିସ୍,୨୯।୧୧: ଝାରସୁଗୁଡା ତହସିଲର ଚାନ୍ଦିନୀମାଲ ଆର୍‌ଆଇ ସର୍କଲ ଅନ୍ତର୍ଗତ ଇବ୍‌ନଦୀ ବାଲିଘାଟରୁ ବାଲି ଉଠାଣ ସମ୍ପୂର୍ଣ୍ଣ ବନ୍ଦ କରିବାପାଇଁ ଚାରଭାଟି ଗ୍ରାମବାସୀ ଦାବି କରିଛନ୍ତି। ସୋମବାର ସେମାନେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ଚାରଭାଟି ଗାଁ ନଦୀକୂଳରେ ଅବସ୍ଥିତ। ନଦୀର ଜଳକୁ ଲୋକେ ଚାଷ, ସ୍ନାନଶୌଚ ଓ ପାନୀୟଜଳ ଆଦି କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗାଁ ନିକଟରେ ଥିବା ବାଲିଘାଟକୁ ଲିଜ୍ ଦିଆଯାଇଛି। ଏହାର ପରିଚାଳନ ପାଇଁ ରାଜସ୍ୱ ବିଭାଗ ତରଫରୁ ଗ୍ରାମବାସୀ ଯେମିତି ପ୍ରଭାବିତ ନହେବେ ସେଥିପାଇଁ କେତେକ ସର୍ତ୍ତ ରଖାଯାଇଛି। ହେଲେ ଏହି ସର୍ତ୍ତକୁ ବାଲିଘାଟ ଲିଜ୍‌ରେ ନେଇଥିବା ଠିକାଦାର ଉଲ୍ଲଂଘନ କରିଚାଲିଛନ୍ତି। ଫଳରେ ଗ୍ରାମବାସୀ ଏଥିରେ ପ୍ରଭାବିତ ହେଉଛନ୍ତି। ବାଲିଘାଟରେ ଅହରହ ଜେସିବି ମେଶିନ୍ ଓ ହାଇଓାରେ ବାଲି ଉଠାଯାଉଛି। ଗ୍ରାମର ମହିଳା ଓ ଯୁବତୀମାନେ ନଦୀକୁ ଗାଧେଇବାକୁ ଯିବାପାଇଁ ଅସୁରକ୍ଷିତ ମନେ କରୁଛନ୍ତି। ଏଠାରେ ବିଭିନ୍ନ ସମୟରେ ମହିଳାମାନଙ୍କୁ ଅଶୀଳ ଇଙ୍ଗିତ କରାଯାଉଥିବା ଅଭିଯୋଗ ହେଉଛି। ବାଲି ଉତ୍ତୋଳନ ସର୍ତ୍ତ ଖିଲାପ କରି ଦିବାରାତ୍ର ବାଲି ପରିବହନ ହେଉଥିବାବେଳେ ସରକାରଙ୍କ ରାଜସ୍ୱହାନୀ ଘଟୁଛି। ରାଜସ୍ୱ ବିଭାଗ ଅଧିକାରୀମାନେ ବାଲି ଚାଲାଣକାରୀଙ୍କ ପ୍ରତି ଅହେତୁକ ଅନୁକମ୍ପା ଦେଖାଇ ଚାଲିଛନ୍ତି। ଗାଁ ରାସ୍ତାରେ ଅହରହ ବାଲି ବୋଝେଇ ହାଇଓା ଓ ଟ୍ରକ୍ ଆଦି ଭାରିଯାନ ଯାତାୟତ ଫଳରେ ଖାଲଖମା ହୋଇ ଅବସ୍ଥା ଶୋଚନୀୟ ହୋଇପଡିଲାଣି। ଏସବୁ ଦୃଷ୍ଟିରୁ ବାଲିଘାଟକୁ ଜିଲାପାଳ ସମ୍ପୂର୍ଣ୍ଣ ବନ୍ଦ କରିବାପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଯଦି ଏହାକୁ ବନ୍ଦ କରା ନ ଯାଏ ତାହାଲେ ଆଗାମୀ ଦିନରେ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ବକେୟା ଦରମା ଦାବିରେ ଧାରଣା

ରେଙ୍ଗାଲି,୨୯।୧୧: ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା ୨ ଓ ୩ କୋଇଲା ଖଣି ଖନନ କାର୍ଯ୍ୟ କରୁଥିବା ଏନଏଲସି କମ୍ପାନୀର ମୁଖ୍ୟ ଫାଟକରେ ବକେୟା ଦରମା ଦାବିରେ ଧାରଣା ଦେଇଛନ୍ତି ଶିକ୍ଷୟିତ୍ରୀ ଶିକ୍ଷକ। ସୋମବାର ପୂର୍ବାହ୍ନ ୧୦ଟାରୁ କମ୍ପାନୀ ଦ୍ୱାରା ନିଯୁକ୍ତ ଠିକା ଶିକ୍ଷୟିତ୍ରୀଶିକ୍ଷକ ବକେୟା ଦରମା ପ୍ରଦାନ ଦାବିରେ ଧାରଣାରେ ବସିଥିଲେ। ପରେ କମ୍ପାନୀ କର୍ତ୍ତୃପକ୍ଷ ଆସି ଆଲୋଚନା କରିଥିଲେ। ଆସନ୍ତା ଏକ ମାସ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିବା ପରେ ଶିକ୍ଷୟିତ୍ରୀଶିକ୍ଷକ ଧାରଣାରୁ ଓହରିଥିଲେ। ତଲାବିରା ୨ ଓ ୩ କୋଇଲା ଖଣି ଖନନ କାର୍ଯ୍ୟ କରୁଥିବା ଏନଏଲସି କମ୍ପାନୀର ସିଏସଆର ପାଣ୍ଠିରୁ ୧୭ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଖିଣ୍ଡା ପଞ୍ଚାୟତର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଛନ୍ତି। ସେମାନେ ୨୦୧୧ ମସିହାରୁ କାର୍ଯ୍ୟ କରି ଆସୁଛନ୍ତି। କିନ୍ତୁ ଗତ ଜାନୁୟାରୀ ମାସରୁ ଦରମା ବନ୍ଦ କରି ଦିଆଯାଇଛି। ଫଳରେ ଶିକ୍ଷୟିତ୍ରୀଶିକ୍ଷକମାନେ ବିନା ପାରିଶ୍ରମିକରେ କାମ କରୁଛନ୍ତି।

# ବିଦ୍ୟୁତ୍ ଟାୱାରରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

- ହତ୍ୟା ସନ୍ଦେହ କଲେ ପରିବାର ଲୋକେ
- ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ହତ୍ୟାର କାରଣ ଜଣାପଡିବ: ପୋଲିସ

ଝାରସୁଗୁଡା ଅଫିସ୍,୨୯।୧୧

ଝାରସୁଗୁଡା ଜିଲା ଓରିଏଣ୍ଟ ଥାନା ଅନ୍ତର୍ଗତ ଏମ୍‌ସିଏଲ୍ କଲ୍ୟାଣ ମଣ୍ଡପ ନିକଟରେ ଥିବା ବିଦ୍ୟୁତ୍ ଟାୱାରରୁ ଝୁଲନ୍ତା ଅବସ୍ଥାରେ ସୋମବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଲୁଣିପଡା ଗ୍ରାମର କୈଳାସ ଗୌଡ(୪୦)ବୋଲି ଜଣାପଡିଛି। ସେ ସ୍ଥାନୀୟ ଦୁର୍ଗାନଗର ଏମ୍‌ସିଏଲ୍ କ୍ୱାର୍ଟର୍ସ ନଂ ଏମ୍‌କ୍ୟୁ ୩୩୨ରେ ରହୁଥିଲେ। ଏମ୍‌ସିଏଲ୍ ପ୍ରାଇଭେଟ୍ ସିକ୍ୟୁରିଟ୍ ଗାର୍ଡଭାବେ କାମ କରୁଥିଲେ। ଖବରପାଇ ଓରିଏଣ୍ଟ ଥାନା ଓ ବ୍ରଜରାଜନଗର ଥାନା ପୋଲିସ୍ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ଶଳା ରାଜେଶ ଗୌଡଙ୍କ ଅଭିଯୋଗକୁ ଭିତ୍ତି କରି ଓରିଏଣ୍ଟ ଥାନାରେ ଏକ ଅପମୃତ୍ୟୁ ମାମଲା(୧୧/୨୧) ରୁଜୁ ହୋଇଛି। ମୃତକଙ୍କ ବେକରେ ପ୍ଲାଷ୍ଟିକ୍ ରଶି ଲାଗିଥିବାବେଳେ ତାଙ୍କର ଗୋଡ ୨ଟି ଏକ ମଫଲର୍‌ରେ ବନ୍ଧା ହୋଇଥିଲା। ଏହାସହିତ ତାଙ୍କ ଦୁଇଗୋଡ ତଳେ ଲାଗି ରହିଥିଲା। ପାରିପାର୍ଶିକ ସ୍ଥିତରୁ ଯୁବକଙ୍କୁ କେହି ହତ୍ୟା କରିଥିବା ପରିବାର ଲୋକେ ସନ୍ଦେହ ପ୍ରକାଶ କରି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହା ହତ୍ୟା ନା ଆତ୍ମହତ୍ୟା ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ପୋଲିସ୍ ଅଧିକାରୀ ରବି ଶଙ୍କର ଭଇଁସାଲ କହିଛନ୍ତି। ମୃତ କୈଳାସ ରବିବାର ରାତି ୮ଟାରେ ଘରୁ ବାହାରିଥିଲେ। ଫେରିବା ବିଳମ୍ବ ହେବାରୁ ତାଙ୍କ ଶଳା ଫୋନ୍ କରିଥିଲେ। ସେ ଘରକୁ ଫେରୁଛନ୍ତି ବୋଲି କହିଥିଲେ। ହେଲେ ଦୀର୍ଘ ସମୟ ଧରି ନ ଫେରିବାରୁ ଦ୍ୱିତୀୟଥର ଫୋନ୍ କରିବା ବେଳେ କୈଳାସଙ୍କ ଫୋନ୍ ସୁଇଚ ଅଫ୍ ବତାଇଥିଲା। ସୋମବାର ସକାଳୁ ଲୋକେ ତାଙ୍କ ମୃତଦେହ ଟାୱାରରେ ଝୁଲୁଥିବା ଦେଖିବାକୁ ପାଇଥିଲେ।

# ଓଡ଼ିଆ ସାହିତ୍ୟର ଭୂମିକା ଓ ସମସ୍ୟା ନେଇ ଆଲୋଚନା



ସୁଚିତ୍ରାର ସ୍ୱନକ୍ଷତ୍ର ଦିବସ ଅବସରରେ ଅତିଥି ଓ ଅନ୍ୟମାନେ।

**ସାହିତ୍ୟ ପତ୍ରିକା ସୁଚିତ୍ରା ଉନ୍ମୋଚନ**

ନାକଟିଦେଉଳ,୨୯।୧୧(ଡ଼ି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପରିସରରେ ରବିବାର ସାହିତ୍ୟ ପତ୍ରିକା ସୁଚିତ୍ରାର ଦ୍ୱିତୀୟ ସ୍ୱନକ୍ଷତ୍ର ଦିବସ ସହ ପତ୍ରିକା ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁଚିତ୍ରା ପରିବାର ଏବଂ ମଧୁବନ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ରଘୁନାଥ ପ୍ରଧାନ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ନେତାଜୀ ସୁବାଷ ବୋଷ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼.ଶ୍ୟାମ ଭୋଇ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀ ନାରାୟଣ ହୋତା,ସମ୍ମାନିତ ଅତିଥି ଭାବେ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ସାହୁ, ଦେବଗଡ଼ ତହସିଲଦାର ପଲ୍ଲବୀ ନାୟକ, ଓଡ଼ିଶା ସାହିତ୍ୟ ଏକାଡ଼େମୀର କନ୍ଧମାଳ ଜିଲା ସଦସ୍ୟ ଗିରିଜା ପ୍ରସାଦ ମିଶ୍ର ଯୋଗଦେଇ ଓଡ଼ିଆ ସାହିତ୍ୟର ଭୂମିକା ଏବଂ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଗୀତାରାଣୀ ସାହୁଙ୍କ ପୁସ୍ତକ ଟିକି ଚଢେଇ, କବି ସନ୍ତୋଷ କୁମାର ରଥଙ୍କ ବିନ୍ଦୁରେ ସିନ୍ଧୁ ଏବଂ କବି କିଶୋର ମିଶ୍ରଙ୍କ କବିତା ଫେରାଇ ଦିଅ ମୋ ସବୁ ଶବ୍ଦ ସହିତ ସୁଚିତ୍ରା ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହିତ ଗାୟତ୍ରୀ ଦାସ, ଅଧ୍ୟାପିକା ଡ଼.କ୍ଷୀରୋଦିନୀ ବେହେରା, ଗୋପୀନାଥ ଦଣ୍ଡସେନା, କିଶୋର ଚନ୍ଦ୍ର ମିଶ୍ର ଏବଂ କଳିଙ୍ଗକେଶରୀ ନାଏକଙ୍କୁ ସୁଚିତ୍ରା ସାରସ୍ୱତ ସମ୍ମାନ–୨୦୨୧ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଡ଼.ଦୀପେନ କୁମାର ପଟ୍ଟନାୟକଙ୍କ ପରିଚାଳନା ଏବଂ କୁଳମଣି ମେହେର,ଆକାଶ ସାହୁ ଓ ଦିଲୀପ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ୫୦ ଜଣ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କଣ୍ଠଶିଳ୍ପୀ ଦିଲୀପ ମହାନ୍ତି ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ସଂଗ୍ରାମ କେଶରୀ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଚିତ୍ରାର ସଂପାଦକ କନ୍ଦର୍ପ ବେହେରା ଅତିଥି ପରିଚୟ ପ୍ରଦାନ ସହ ପ୍ରାରମ୍ଭିକ ସୁଚନା ପ୍ରଦାନ କରିଥିଲେ। ପୁଷ୍ପାଞ୍ଜଳୀ ରବଣା ଧନ୍ୟବାଦ ଦେଇଥିଲେ।

# ଲୋକଲଜ୍ଜାରେ ବିଷ ପିଇ ଛାତ୍ର ଗୁରୁତର

ସମ୍ବଲପୁର/କୁଚିଣ୍ଡା,୨୯।୧୧ (ବ୍ୟୁରୋ/ଡି.ଏନ.ଏ.)

**କଲେଜ କ୍ୟାମ୍ପସରେ ମାଡ଼**

- ଚା ଦୋକାନ କରି ମାଆ ପୁଅ ଚଳନ୍ତି

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଭୋଜପୁର କଲେଜରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଅବସରପ୍ରାପ୍ତ ଅଧ୍ୟାପକ କଲେଜ କ୍ୟାମ୍ପସରେ ଯୁକ୍ତ ୨ ଛାତ୍ର ସଜନ ବାରିକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସମସ୍ତଙ୍କ ସମ୍ମୁଖରେ ମାଡ଼ ଖାଇବା ପରେ ଅପମାନିତ ହୋଇ ଲୋକଲଜ୍ଜାରେ ଛାତ୍ର ଜଣକ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ସଜନ ଗୁରୁତର ଅବସ୍ଥାରେ କୁଚିଣ୍ଡା ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ତାଙ୍କ ମାଆ ଝରଣା ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ତାଲମୁଣ୍ଡା ଗ୍ରାମର ସଜନ ଭୋଜପୁର କଲେଜରେ ଯୁକ୍ତ ୨ ବର୍ଷର ଛାତ୍ର ଅଟନ୍ତି। ସୋମବାର ଅପରାହ୍ନ ୧୨ଟା ସମୟରେ ସେ କଲେଜ କ୍ଲାସରୁମରେ ଥିଲେ। ଏହି ସମୟରେ ଅନ୍ୟ ଏକ କଲେଜର ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ ନାଏକ କଲେଜ ପରିସରକୁ ଯାଇ ପୂର୍ବରୁ ଧାର ଦେଇଥିବା ୧୦ ହଜାର ଟଙ୍କାର ଚଳିତ ମାସର କିସ୍ତି ମାଗିଥିଲେ। ପରେ ଏହି ମାସର କିସ୍ତି ୧୩ ଶହ ଟଙ୍କା ଦିଅ ବୋଲି କହି ଗାଳି କରିଥିଲେ। ଟଙ୍କା ଦେବାରେ ଅସମର୍ଥ ଥିବା ସଜନ ପ୍ରକାଶ କରିଥିଲେ। ଏଥିରେ ରାଗି ଯାଇ ଅଧ୍ୟାପକ ନାଏକ ତାଙ୍କୁ ମାଡ ମାରିଥିଲେ। ଏପରି କି ମାଡ ମାରିବା ପରେ ଛାତ୍ରଙ୍କ ଘରକୁ ଯାଇ ମାଆ ଝରଣାଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରେ ଛାତ୍ର ଜଣଙ୍କ ବିଷ ପିଇବା ଜାଣି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ସମ୍ବେଦନଶୀଳ ଘଟଣାରେ ଦୋଷୀ ବିରୋଧରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଝରଣା ନିବେଦନ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ପୁଅ ଯଦି ଟଙ୍କା ଦେଇ ନ ପାରିଲା ତାହାଲେ ପରିବାର ବର୍ଗଙ୍କୁ ଜଣାଇବାର ଥିଲା। କଲେଜକୁ ଯାଇ ମାଡ଼ ମାରିବା ଠିକ ନୁହେଁ। ସେହିପରି ସମସ୍ତଙ୍କ ସମ୍ମୁଖରେ ମାଡ଼ ମାରିବା ପରେ ମୋତେ ଆସି ଟଙ୍କା ମାଗିବା ଘଟଣା ନିନ୍ଦନୀୟ ବୋଲି କହିଥିଲେ। ଅନ୍ୟପକ୍ଷରେ ସମ୍ପୃକ୍ତ ଅଧ୍ୟାପକ ଜଣକ ଅଞ୍ଚଳରେ ଟଙ୍କା ସୁଧରେ ଦେବା ନେବା କାରବାର କରନ୍ତି। ଝରଣା ଓ ସଜନ ଭୋଜପୁର ଛକରେ ଏକ ଚା ଦୋକାନ କରିଛନ୍ତି। ଏଥିରୁ ହେଉଥିବା ରୋଜଗାରରେ ସଜନଙ୍କ ପାଠ ପଢା ଖର୍ଚ୍ଚ ଓ ପରିବାର ଚଳେ। ଏବେ ଚିନ୍ତାରେ ଝରଣା ପଡି ଯାଇଛନ୍ତି।

# ବନ୍ଧକାନି ଫୁଟ୍‌ବଲ: କଟେନପଡ଼ା ଚାମ୍ପିୟନ

କୁଚିଣ୍ଡା,୨୯।୧୧(ଡି.ଏନ.ଏ.)



ଫାଇନାଲ ମ୍ୟାଚ ଖେଳିଥିବା ଉଭୟ ଦଳର ଖେଳାଳିମାନେ।

ସମ୍ବଲପୁର ଜିଲା ବାମରା ବ୍ଲକ କବରିବାହାଲ ପଞ୍ଚାୟତ ଅନ୍ତର୍ଗତ ବନ୍ଧକାନି ଖେଳ ପଡ଼ିଆରେ ଚାଲିଥିବା ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କଟେନପଡ଼ା ଓ ଗୁଣ୍ଡୁରୁଚୁଆଁ ମଧ୍ୟରେ ହୋଇଥିଲା। ପେନାଲଟି ସୁଟ୍‌ଆଉଟରେ କଟେନପଡ଼ା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, ସରପଞ୍ଚ ପଦ୍ମାବତୀ କିସାନ ଓ ସାମାଜିକ କର୍ମୀ ରମେଶ ଚନ୍ଦ୍ର ଚୌଧୁରୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚମ୍ପିୟନ କଟେନପଡା ଦଳକୁ ଟ୍ରଫିସହ ୧୫ ହଜାର ଓ ରନର୍ସ ଅପ ଗୁଣ୍ଡୁରୁଚୁଆଁ ଦଳକୁ କପ ସହ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ବିକେ.ଷ୍ଟାର କ୍ଲବର ସଚିନ ମୁଣ୍ଡା, ମଞ୍ଜୀ ବାଘ, ସମିର ଦର୍କା, ସୁଗେନ ମୁଣ୍ଡା, ବାବୁଲୁ କିସାନ, ଉତ୍କଳ କିସାନ, ମଙ୍ଗଳ ସେଠ, ସୁନାମଣି କଣ୍ଡୁ, ମିତ୍ରଭାନୁ କଣ୍ଡୁ ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ। ଶନିବାର ଟୁର୍ନାମେଣ୍ଟକୁ ପୂର୍ବତନ ସରପଞ୍ଚ ଭଗିନ୍ଦ୍ର କିସାନ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବିକେ ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ମୋଟ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିଲେ।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ସମ୍ବଲପୁର,୨୯।୧୧(ବ୍ୟୁରୋ)

**କୁଚିଣ୍ଡାର ସୌମ୍ୟରଞ୍ଜନ ପ୍ରଥମ**

ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ସୋମବାର ସମ୍ବଲପୁର ସାକ୍ଷୀପଡାସ୍ଥିତ କ୍ୟାଥଲିକ ଚର୍ଚ୍ଚ ଯୁବ କେନ୍ଦ୍ର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ଜିଲା ଯୁବ ଅଧିକାରୀ ମାରିୟାନୁସ ବିଲୁଙ୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେଶ ଭକ୍ତି ଓ ରାଷ୍ଟ୍ର ନିର୍ମାଣ ବିଷୟରେ ପ୍ରତିଯୋଗିତା ହୋଇଥିଲା। ଜିଲାର ବିଭିନ୍ନ ବ୍ଲକରୁ ୧୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କୁଚିଣ୍ଡା କଲେଜର ସୌମ୍ୟରଞ୍ଜନ ପଟେଲ ପ୍ରଥମ, ସମ୍ବଲପୁର ଲଜପତ ରାୟ ଆଇନ କଲେଜ ଛାତ୍ର ଦେବୀ ପ୍ରସାଦ ମିଶ୍ର ଦ୍ୱିତୀୟ ଓ ଲଇଡା ଦୁତିକା ସାହୁ କଲେଜ ଛାତ୍ରୀ ଅଲିଭା ବିନ୍ଧାଣୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ସୌମ୍ୟ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସୂଚିତ କରାଯାଇଛି। ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା, ମାନେଶ୍ୱର କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ଚୌଧୁରୀ, ପୂର୍ବତନ ବାୟୁସେନା ଅଧିକାରୀ ଇନ୍ଦୁଭୂଷଣ ମହାପାତ୍ର ବିଚାରକ ଭାବେ ଯୋଗ ଦେଇଥିଲେ। ଏନଏସଏସ ଜିଲା ଅଧିକାରୀ ଡ.ବିଶ୍ୱମୋହନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।



ସମ୍ବଲପୁର ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

# ୫ ଦଫା ଦାବି ନେଇ ସମବାୟ ସମିତି କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଝାରସୁଗୁଡା ଅଫିସ୍,୨୯।୧୧



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକାରୀମାନେ ଧାରଣାରେ ବସିଛନ୍ତି।

୫ ଦଫା ଦାବି ନେଇ ପଶ୍ଚିମ ଓଡିଶା ସେବା ସମବାୟ ସମିତି କର୍ମଚାରୀ ମହାସଂଘ ନିର୍ଦ୍ଦେଶକ୍ରମେ ପ୍ରତି ଜିଲା ସଙ୍ଗଠନ ତରଫରୁ ଗତ ୭ ତାରିଖରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ୨୦ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ପାଇଁ ମହାସଂଘ ଚେତାବନୀ ଦେଇଥିଲା। ଏହି ସମୟ ସୀମା ମଧ୍ୟରେ ଦାବି ପୂରଣ ନ ହେବାରୁ ପଶ୍ଚିମ ଓଡିଶାର ୧୧ ଜିଲାରେ ସୋମବାରରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଝାରସୁଗୁଡା ଜିଲା ସେବା ସମବାୟ ସମିତିକର୍ମଚାରୀ ସଂଘ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ପୂର୍ବାହ୍ନ ୧୦ଟାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଏହି ଆନ୍ଦୋଳନ ପ୍ରତିଦିନ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ଉପସଭାପତି ଅଜୟ କୁମାର ପଟେଲ କହିଛନ୍ତି।

ଜିଲା ସଂଘର ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ ସାମାଜିକ କର୍ମୀ ବିରଞ୍ଚି ସାହୁ ଓ ଆଇନ୍ ପରାମର୍ଶଦାତା ଜିତେନ୍ଦ୍ର କୁମାର ବେହେରା ପ୍ରମୁଖ ପହଞ୍ଚି ସରକାରଙ୍କ କର୍ମଚାରୀମାରଣ ନୀତିକୁ ବିରୋଧ କରିଥିଲେ। ଆନ୍ଦୋଳନ ପ୍ରଥମ ଦିନରେ ସିଏସ୍‌ଓ ଉମେଶ ଚନ୍ଦ୍ର ସ୍ୱାଇଁ ଓ ଏଆର୍‌ସିଏସ୍ ମୋହନ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅଧିକାରୀମାନେ ଧାରଣା ସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ମଙ୍ଗଳବାର ହେବାକୁ ଥିବା ଆର୍‌ଏମ୍‌ସି ପ୍ରଶିକ୍ଷଣରେ ଯୋଗଦେବା ପାଇଁ କହିଥିଲେ। ଦାବି ପୂରଣ ନହେବା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ଆନ୍ଦୋଳନକାରୀମାନେ ଶୁଣାଇ ଦେଇଥିଲେ। ତାପରେ ଅଧିକାରୀମାନେ ଆନ୍ଦୋଳନ ସ୍ଥଳରୁ ଚାଲି ଯାଇଥିଲେ। ଏହି ଆନ୍ଦୋଳନରେ ଜିଲାର ୩୨ସେବା ସମବାୟ ସମିତିର ୧୨୮ଜଣ କର୍ମଚାରୀ ସାମିଲ ହୋଇଥିବା ଜଣାପଡିଛି। ଦାବିଗୁଡିକ ମଧ୍ୟରେ ନିବନ୍ଧକ ସମବାୟ ସମିତି ସମୁହ ଓଡିଶାଙ୍କ ପତ୍ର ସଂଖ୍ୟା ୧୪୩୯୨ ତାରିଖ ୩୦/୯/୨୧କୁ ସମ୍ପୂର୍ଣ୍ଣ ରୂପେ ରଦ୍ଦ କରି ଉକ୍ତ ପଦବୀରେ ସମସ୍ତ ସେବା ସମବାୟ ସମିତି କର୍ମଚାରୀମାନଙ୍କୁ ଅବସ୍ଥାପିତ କରିବା, ସମବାୟ ବିଭାଗର ଏଚ୍‌ଆର୍ ପଲିସ୍ ୨୦୧୧ଅନୁସାରେ ସେବା ସମବାୟ ସମିତି କର୍ମଚାରୀଙ୍କୁ ପଦୋନ୍ନତି ଦେବା , ଇନକ୍ରିମେଣ୍ଟ ଓ ଅବସର କାଳୀନ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ଆଦି ରହିଛି।